A

DESCRIPTIVE CATALOGUE

OF

ORIYA MANUSCRIPTS

ORIYĀ KĀVYA

(A—KA)

VOLUME, VI

IN THE COLLECTION

OF

THE ORISSA STATE MUSEUM

BHUBANESWAR

Digitized by PPRACHIN, SOA

EDITED

By

Sri Nilamani Mishra

Curator,

Orissa State Museum,

Bhubaneswar.

PUBLISHED

By

Sri H. C. Das, M. A.

Superintendent,

Orissa State Museum,

Bhubaneswar.

1970

PRICE :

Digitized by PPRACHIN, SOA

PREFACE

It was a longfelt need to publish a series of Descriptive Catalogue of Oriya Manuscripts preserved in the Orissa State Museum and I now take the privilege of presenting before the learned scholars the first volume of this series dealing with Oriya Kāvya. Prior to this work, Sri K. N. Mahapatra the versatile scholar of Orissa and the then Curator of Manuscripts Section has compiled four volumes of Descriptive Catalogue of Sanskrit Manuscripts, i. e., Dharmaśāstra (Volume I), Kāvya, Nāṭaka, Alaṁkāra and Saṅgīta (Volume II), Sanskrit Purāṇa (Volume III), Jyotiṣa and Gaṇita (Volume IV) with authentic introductions and Sri M. P. Dash, the succeeding Curator of the section has compiled Volume V which deals with the Tantric manuscripts along with an introduction to Tantra.

Among the pioneers who brought the Orissan manuscripts to the notice of the Oriental scholars, the names of Major M. Kittoe, Rev. J. Long, John Beames, W. W. Hunter and others are worth-mentioning. They devoted most of their valuable time in search of Oriya manuscripts from different corners of Orissa during the last century and Mahā Mahopādhyāya Haraprasād Śāstrī and Professor Mc Donell had also taken great interest in quest of palm-leaf manuscripts during the first decade of the twentieth century. In his report published in the Bihar Orissa Research Journal, Volume I in 1915 M. M. Śāstrī described thus—

Digitized by PPRACHIN, SOA

"In the District of Puri there are thirtytwo Śāsanas of villages granted to Brāhmaṇas in perpetuity by the Hindu Rājās of Orissa. In 1908, I went there with Prof. Mc Donell and we calculated that the number of palm-leaf manuscripts in these Śāsanas is nearly two lakhs. The Gopa-vardhana Matha alone contains more than two thousand manuscripts in various characters."

The Asiatic Society of Bengal, Oriental Manuscripts Library, Madras and others have collected a large number of manuscripts written in Oriya character from different parts of Orissa and the National Archives of India, New Delhi and the Viśvabhāratī University of Śāntiniketana, West Bengal have also collected Oriya manuscripts written in Oriya and Devanāgarī character for their reference.

In 1938 an attempt was made by the then Director of Public Instruction, Orissa to prepare a catalogue of manuscripts preserved in the collection of different institutions and persons by appointing some local Paṇḍits. They have prepared a catalogue of more than twelve thousand manuscripts and the catalogue volumes are available in the Manuscripts Section of the Orissa State Museum.

Before 1st April, 1950, the authorities of Provincial Museum had collected some Oriya and Sanskrit Manuscripts which have now been catalogued along with other manuscripts.

The present Manuscripts Section of Orissa State Museum was established during 1950 and

Digitized by PPRACHIN, SOA

since then thorough search of palm-leaf manuscripts and research work on them have been undertaken. Sri K. N. Mahapatra, the first Curator of the Section published research articles on the unpublished, rare and the valuable manuscripts written by the worthy sons of Orissa.

The present Manuscripts Section contains about 8,000 manuscripts and most of the manuscripts contain more than one subject. Hence the total number of manuscripts is about 16,000. We have classified them into 27 Sections, i. e., *Veda, Tantra, Jyotiṣa, Āyurveda, Dharmaśāstra,* Oriya *Kāvya,* Oriya *Purāṇa,* etc. out of which number of Oriya Kāvya is *1672* and Oriya Purāṇa manuscripts is *1235*.

The Oriya Kāvya is a vast subject which comprises of Nātha literature, Prose literature, *Mālikā* or *Nirguṇa* literature, *Rāma Kāvya, Kṛṣṇa Kāvya*, *Kālpanika Kāvya* or imaginary literature, *Gīti Kāvya* or lyrical poems and others. Further, the lyrical poetry itself consists of *Chautiśā, Chaupadī, Poī, Bolī, Pālā, Bhajana, Mālaśrī, Champū* etc. Oriya manuscripts of the Manuscripts Section contain all the branches of Oriya *Kāvya* literature enumerated above.

The present volume consists of the description of 247 Oriya manuscripts in alphabetical order from A (अ) to Ka (क) and works of 101 poets and 6 poetesses have been included in this volume. The subsequent volumes will cover from Kha (ख) to Ja (ज) and so on.

Digitized by PPRACHIN, SOA

I offer my grateful thanks to Sri B. K. Mishra, I. A. S. the ex-Secretary and Director, Cultural Affairs for without his very kind interest, this volume would not have come out in its present form. I am very grateful to Sri R. K. Rath, I.A.S., the Secretary to Govt., Cultural Affairs Department who has evinced keen interest in early publication of the present volume. I am indebted to Sri K. N. Mahapatra, Superintendent of Archaeology, who spared his valuable time in going through my introduction and rendered me valuable suggestions. My thanks are also due to Sri K. K. Bisoi, the Gallery Assistant of Manuscripts Section, Orissa State Museum who has helped me a lot in preparing the introduction.

ORISSA STATE MUSEUM
Bhubaneswar
June 19, 1970
Snāna Pūrṇṇimā

Nilamani Mishra

Digitized by PPRACHIN, SOA

ଭୂମିକା

ଓଡ଼ିଆ-ସାହିତ୍ୟ-ରତ୍ନାକର ମନ୍ଥନ କଲେ ଚନ୍ଦ୍ର, ସୂର୍ଯ୍ୟ, ଲକ୍ଷ୍ମୀ, ଉଚ୍ଚୈଃଶ୍ରବା, ଐରାବତ ଓ କଳ୍ପବୃକ୍ଷତୁଲ୍ୟ ରାମସାହିତ୍ୟ, କୃଷ୍ଣସାହିତ୍ୟ ତଥା କାଳ୍ପନିକ ଭାବଧାରାତ୍ମକ ଯେଉଁ କାବ୍ୟ, ଖଣ୍ଡକାବ୍ୟ, ଲୀଳା, ଚଉତିଶା, ପୋଇ, ପଦିଆ, ବୋଲି, ଚିଟାଉ ରୂପକ ରତ୍ନ ଆହରଣ କରାଯାଏ, ତାହା ଓଡ଼ିଆର ଜାତୀୟ ଜୀବନ ଗଠନରେ ପ୍ରଭୂତ ସାହାଯ୍ୟ କରେ ।

ଦିନେ ହୁଏତ, ଏ ଜାତିର ବିଷ୍ଣୁଶର୍ମା କଳିଙ୍ଗର ମାଠରବଂଶୀୟ ଅନନ୍ତ ଶକ୍ତିବର୍ମାଙ୍କ ପୃଷ୍ଠପୋଷକତାରେ ରହି ନିଜର ବିଶ୍ୱବିଶ୍ରୁତ ଗ୍ରନ୍ଥ 'ପଞ୍ଚତନ୍ତ୍ର'ର ରଚନା କରି (୧) ବିଶ୍ୱ ସମକ୍ଷରେ ଓଡ଼ିଆ ଜାତିର ଗୌରବ ଗାନ କରିଥିଲେ ଏବଂ ତାଙ୍କ ପରେ ପରେ ପ୍ରସିଦ୍ଧ ନାଟକ 'ଅନର୍ଘ ରାଘବ'ର ପ୍ରଣେତା ମୁରାରି ମିଶ୍ର; 'ଆର୍ଯ୍ୟା ସପ୍ତଶତୀ'ର ପ୍ରଣେତା ଆଚାର୍ଯ୍ୟ ଗୋବର୍ଦ୍ଧନ ଓ ସୁଲଳିତ ଛନ୍ଦଯୋଜନାରେ କାବ୍ୟକବିତା ପ୍ରଣୟନରେ ଧୁରୀଣ ତାଙ୍କ ଅନୁଜ ଆଚାର୍ଯ୍ୟ ଉଦୟନ; ସରସ କୋମଳକାନ୍ତ ପଦାବଳୀପୂର୍ଣ୍ଣ 'ଗୀତଗୋବିନ୍ଦ'ର ପ୍ରଣେତା ଜୟଦେବ; ଅଷ୍ଟାଦଶଭାଷା-ବାରବିଳାସିନୀ-ଭୁଜଙ୍ଗ ବିଶ୍ୱନାଥ କବିରାଜ ଓ ତାଙ୍କର ପୂର୍ବପୁରୁଷ ବିଚକ୍ଷଣ ବିଦ୍ୱାନ୍ କବିରାଜ ଉଲ୍ଲାସ ଦାସ, ମହାମହୋପାଧ୍ୟାୟ ଚଣ୍ଡୀଦାସ, ସାନ୍ଧିବିଗ୍ରହିକ ଚନ୍ଦ୍ରଶେଖର, କୃଷ୍ଣାନନ୍ଦ, ଭୁବନାନନ୍ଦ ପ୍ରଭୃତି; କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ, କବିଚନ୍ଦ୍ରରାୟ ଦିବାକର ମିଶ୍ର, ମନ୍ତ୍ରୀବର ଗୋଦାବର, ବାଜପେୟୀ ଶମ୍ଭୁକର, ବିଦ୍ୟାକର ଓ ଜଗନ୍ନାଥ; ବାଜପେୟୀ ମିଶ୍ର ନରସିଂହ; କବୀନ୍ଦ୍ର ମାର୍କଣ୍ଡେୟ ପ୍ରଭୃତି ଶତ ଶତ ବିଦ୍ୱାନ୍ ବେଦ, ବେଦାନ୍ତ, ତନ୍ତ୍ର, ଜ୍ୟୋତିଷ, ଆୟୁର୍ବେଦ, କାବ୍ୟ, ଅଳଙ୍କାରାଦି ଶାସ୍ତ୍ରରେ ପ୍ରଗାଢ଼ ପାଣ୍ଡିତ୍ୟ ପ୍ରକାଶ କରି ବିଦ୍ୱତ୍ତର

(୧) The Home Land of Vishnū Śarmā by Dr. S. C. Behera, I. H. Q., Vol. XXXVIII, Nos. 2 & 3, P. 160—167.

Digitized by PPRACHIN, SOA

ଚରମ ସୀମାରେ ଉପନୀତ ହେବା ସଙ୍ଗେ ସଙ୍ଗେ ଜନନୀ ଜନ୍ମଭୂମିର ଗୌରବ ପ୍ରଖ୍ୟାପନ ଦିଗରେ ମହନୀୟ କାର୍ଯ୍ୟ ସାଧନ କରିଥିଲେ (୧) ।

ଦିନ ଥିଲା, ଯେତେବେଳେ ଓଡ଼ିଆ ପଣ୍ଡିତମାନେ କେବଳ ସ୍ୱଦେଶରେ ନୁହନ୍ତି; ବିଦେଶରେ ମଧ୍ୟ ନିଜ ବିଚକ୍ଷଣତାର ପରିଚୟ ଦେବା ସଙ୍ଗେ ସଙ୍ଗେ ବିଦେଶୀ ବିଦ୍ୱାନ୍‌ମାନଙ୍କ ପାଣ୍ଡିତ୍ୟାଭିମାନ ଚୂର୍ଣ୍ଣ ବିଚୂର୍ଣ୍ଣ କରି ସଗର୍ବରେ ସ୍ୱଦେଶକୁ ଫେରି ଆସୁଥିଲେ ।

ସଂସ୍କୃତ ସାହିତ୍ୟାକାଶରେ ଓଡ଼ିଶାର ବିଦ୍ୱାନ୍‌ମାନେ ଯେପରି ଦୀପ୍ତିମାନ୍ ଭାସ୍କର ସ୍ୱରୂପ ଥିଲେ, ପ୍ରାଦେଶିକ ଭାଷାର ପ୍ରସାର କ୍ଷେତ୍ରରେ ଅନୁରୂପ ବିଚକ୍ଷଣତା ପ୍ରଦର୍ଶନରେ ମଧ୍ୟ ସେମାନେ ପଶ୍ଚାତ୍‌ପଦ ହୋଇ ନ ଥିଲେ । ସଂସ୍କୃତ ଭାଷାରେ ଯେପରି କାବ୍ୟ, ନାଟକ, ଅଳଙ୍କାର, ପୁରାଣ, ଜ୍ୟୋତିଷ, ତନ୍ତ୍ର, ଦର୍ଶନ ପ୍ରଭୃତି ଗ୍ରନ୍ଥରଚନାରେ ଉତ୍କଳୀୟ ସୁଧୀଗଣ ପାଟବ ଦେଖାଇଥିଲେ; ଓଡ଼ିଆ ଭାଷାରେ ମଧ୍ୟ ସେହିପରି କାବ୍ୟ, ପୁରାଣ ଓ କାବ୍ୟର ବହୁବିଧ ବିଭବ ସମ୍ବନ୍ଧରେ ଗ୍ରନ୍ଥ ପ୍ରଣୟନ କରି ଏ ଦେଶର କବି କୋବିଦମାନେ ପ୍ରାଚୀନ ଉତ୍କଳ ସାହିତ୍ୟର ଗନ୍ତାଘରକୁ ସମୃଦ୍ଧ କରିଥିଲେ । ସେହି ଋଦ୍ଧିମନ୍ତ ଗନ୍ତାଘରର ଦ୍ୱାର ଉନ୍ମୁକ୍ତ କରି ସମସ୍ତ ସମ୍ପତ୍ତିର ତାଲିକା ପ୍ରସ୍ତୁତ କରିବାକୁ ହେଲେ ଓଡ଼ିଶାର ପୁରପଲ୍ଲୀରେ ଅବହେଳିତ ଅବସ୍ଥାରେ ପଡ଼ିଥିବା ତାଳପତ୍ର ପୋଥିଗୁଡ଼ିକର ସଂଗ୍ରହ ଓ ସମୀକ୍ଷା ସର୍ବାଦୌ କାମ୍ୟ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସେହି ଦିଗରେ ଅଗ୍ରସର ହୋଇ ଗତ କେତେ ବର୍ଷ ମଧ୍ୟରେ ଯେତିକି ସଫଳତା ହାସଲ କରିଛି, ତାହାର ବିଧିବଦ୍ଧ ଗ୍ରନ୍ଥସୂଚୀ ପ୍ରସ୍ତୁତ କରିବା ଲାଗି ୧୯୫୭ ମସିହାରୁ ପ୍ରଚେଷ୍ଟା କରାଯାଉଛି । ଧର୍ମଶାସ୍ତ୍ର, ସଂସ୍କୃତକାବ୍ୟ ଓ ସଙ୍ଗୀତ, ପୁରାଣ, ଜ୍ୟୋତିଷ ଓ ଗଣିତ ତଥା ତନ୍ତ୍ରର ଗ୍ରନ୍ଥସୂଚୀ ପ୍ରସ୍ତୁତ ଓ ପ୍ରକାଶିତ ହେବା ପରେ ଏବେ ଓଡ଼ିଆ କାବ୍ୟର ପ୍ରସ୍ତୁତ ଗ୍ରନ୍ଥସୂଚୀ ପ୍ରକାଶ ପାଇଁ ଉଦ୍ୟମ କରାଯାଉଛି ।

---

(୧) ଏ ସମ୍ବନ୍ଧରେ ବିଶେଷ ଅଧ୍ୟୟନ ଲାଗି ଐତିହାସିକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ Descriptive Catalogue of Sanskrit Manuscripts, Vol. I, II, III, IV ର ମୁଖବନ୍ଧ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଓଡ଼ିଆ କାବ୍ୟ କହିଲେ—ରାମ, କୃଷ୍ଣ, ସୀତା ଓ ରାଧା ଆଦି ଦେବଦେବୀ ଓ କାଳ୍ପନିକ ବିଷୟବସ୍ତୁର ଅବଲମ୍ବନରେ ସର୍ଗବନ୍ଧ କାବ୍ୟକୁ ବୁଝାଏ । ତଦ୍‌ବ୍ୟତୀତ କାବ୍ୟର ଅନ୍ୟାନ୍ୟ ବିଭାଗ ଯଥା—ଲୀଳା, ପୋଇ, ପଦିଆ, ବୋଲି, ଚଉତିଶା, କୋଇଲି ଓ ବାରମାସୀ ଆଦି କାବ୍ୟର ସୀମା ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରସ୍ତୁତ ବିବରଣାତ୍ମକ ଗ୍ରନ୍ଥସୂଚୀରେ କେବଳ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂଗୃହୀତ ଓଡ଼ିଆ କାବ୍ୟର 'ଅ' ଠାରୁ 'କ' ପର୍ଯ୍ୟନ୍ତ ଆଦ୍ୟାକ୍ଷରଯୁକ୍ତ ଗ୍ରନ୍ଥଗୁଡ଼ିକ ସ୍ଥାନ ପାଇଛି । ସେହି ଦୃଷ୍ଟିରୁ ଏହି ଗବେଷଣାତ୍ମକ ଗ୍ରନ୍ଥସୂଚୀର ପ୍ରଥମ ଖଣ୍ଡରେ ଓଡ଼ିଆ କାବ୍ୟଗୁଡ଼ିକର ସଂକ୍ଷିପ୍ତ ବିବରଣ ଦେବା ସଙ୍ଗେ ସଙ୍ଗେ ମୁଖବନ୍ଧରେ ପ୍ରାଚୀନ ଓଡ଼ିଆ କାବ୍ୟର ଏକ ଧାରାବାହିକ ସଂକ୍ଷିପ୍ତ ଆଲୋଚନା କରିବା ସମୀଚୀନ । ତେଣୁ ପ୍ରସ୍ତୁତ ମୁଖବନ୍ଧରେ (କ) ଓଡ଼ିଆ ଲିପିର କ୍ରମବିକାଶ, (ଖ) ଓଡ଼ିଆ ଭାଷାର କ୍ରମବିକାଶ, (ଗ) ପ୍ରାଚୀନ ଓଡ଼ିଆ କାବ୍ୟର କ୍ରମବିକାଶ, (ଘ) ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ସମ୍ବନ୍ଧରେ ଆଲୋଚନା କରାଯାଇଛି ।

ଓଡ଼ିଆ ଲିପି :—

ଓଡ଼ିଆ ଲିପିର କ୍ରମବିକାଶ ସମ୍ବନ୍ଧରେ ସଠିକ୍ ଧାରଣା କରିବା ଏକ ଦୁରୂହ ବ୍ୟାପାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ଆଜିସୁଦ୍ଧା ଯେତିକ ଐତିହାସିକ ଉପାଦାନ ମିଳିଛି, ତାହାର ସାହାଯ୍ୟରେ ଓଡ଼ିଆ ଲିପିର କ୍ରମବିକାଶ ସମ୍ବନ୍ଧରେ ଏକ ଧାରଣା ଦିଆଯାଇପାରେ ।

ଭାରତୀୟ ଲିପିର କ୍ରମବିକାଶ ସମ୍ବନ୍ଧରେ ଆଲୋଚନା କରି ବିଶିଷ୍ଟ ଗବେଷକ ସ୍ୱର୍ଗତଃ ଗୌରୀଶଙ୍କର ହୀରାଲାଲ ଝା ଯେଉଁ ମତ ଦେଇଛନ୍ତି; ସେଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ଭାରତରେ ଲିପିର କ୍ରମବିକାଶ ବ୍ରାହ୍ମୀ ଓ ଖରୋଷ୍ଠି ଲିପିରୁ ସମ୍ଭବ ହୋଇଛି । ଏ ସମ୍ବନ୍ଧରେ ସ୍ୱର୍ଗତଃ ଝା ପ୍ରଭୃତି ପୃଥିବୀର ବିଶିଷ୍ଟ ବିଦ୍ୱାନ୍‌ମାନେ ସ୍ୱତନ୍ତ୍ର ମତ ଦେଇ ଅନ୍ୟାନ୍ୟ ସମାଲୋଚକମାନଙ୍କ ମତକୁ ନିରାକରଣ କରିଛନ୍ତି । ତେଣୁ ବ୍ରାହ୍ମୀ ଲିପିରୁ ହିଁ ଆଧୁନିକ ଭାରତବର୍ଷରେ ବ୍ୟବହୃତ ଲିପିଗୁଡ଼ିକର ଉତ୍ପତ୍ତି ସମ୍ଭବ ହୋଇଛି (୩) ।

---

(୩) ସ୍ୱ: ଗୌରୀଶଙ୍କର ହୀରାଲାଲ ଝା ଙ୍କ ପ୍ରଣୀତ ଭାରତୀୟ ପ୍ରାଚୀନ ଲିପିମାଳା, ପୃ. ୧୭—୩୧ ।

Digitized by PPRACHIN, SOA

ଖ୍ରୀ. ପୂ. ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ୍ ଅଶୋକ କଳିଙ୍ଗ ଜୟକର ଧଉଳୀ ଓ ଜଉଗଡ଼ରେ ଯେଉଁ ଲିପିରେ ଧର୍ମାନୁଶାସନ ଖୋଳାଇଥିଲେ, ତାହା ହିଁ ହେଉଛି—ଓଡ଼ିଶାର ପ୍ରାଚୀନତମ ଲିପି । ତାହାକୁ ପଣ୍ଡିତମାନେ 'ବ୍ରାହ୍ମୀଲିପି' ନାମରେ ଅଭିହିତ କରିଛନ୍ତି ।

ଓଡ଼ିଶାରେ ଅଶୋକଙ୍କ ପରବର୍ତ୍ତୀ କାଳରେ ଯେଉଁ ଲିପି ବ୍ୟବହୃତ ହୋଇଛି,—ତନ୍ମଧ୍ୟରେ ଖାରବେଳଙ୍କ ସମୟରେ ଖୋଦିତ ଉଦୟଗିରିର ହାତୀଗୁମ୍ଫା ଲିପି ହିଁ ପ୍ରାଚୀନତମ । ଏହି ଲିପିକୁ ବ୍ରାହ୍ମୀଲିପି ନାମରେ ଅଭିହିତ କରାଯାଇଥିଲେ ହେଁ ଏହାର ଆକୃତି ଅଶୋକକାଳୀନ ଲିପିର ଆକୃତିଠାରୁ କେତେକ ପରିମାଣରେ ଭିନ୍ନ ଥିବାର ସ୍ପଷ୍ଟ ପରିଲକ୍ଷିତ ହୁଏ । (୪) ଗୋଟିଏ ବିଶେଷ ଲକ୍ଷ୍ୟ କରିବାର କଥା ଏହି ଯେ, ଓଡ଼ିଶାରେ ଲିପିର ଆରମ୍ଭ ଯୁଗରୁ ଆଜି ସୁଦ୍ଧା 'ଠ' ଅକ୍ଷରର ଆକୃତିରେ କୌଣସି ପରିବର୍ତ୍ତନ ଘଟିନାହିଁ ।

ଖ୍ରୀ. ଅ. ଚତୁର୍ଥ ଶତାବ୍ଦୀଠାରୁ ଆରମ୍ଭ କରି ୬ଷ୍ଠ ଶତାବ୍ଦୀ ସୁଦ୍ଧା ଓଡ଼ିଶାର ମାଠରବଂଶୀୟ ରାଜାମାନଙ୍କ ଦ୍ୱାରା କେତେଗୁଡ଼ିଏ ଦାନପତ୍ର ଦିଆଯାଇ, ସେଥିରେ ଆଞ୍ଚଳିକ ଲିପିର ବ୍ୟବହାର କରାଯାଇଥିଲା । ସେ ବଂଶର ବିଶାଖ ବର୍ମା, ଭଗ ବର୍ମା ଆଦି ରାଜାମାନେ ଯେଉଁ ଦାନପତ୍ର ଦେଇଛନ୍ତି, ତାହାର ସାହାଯ୍ୟରେ ଖ୍ରୀ. ଅ. ୪ର୍ଥ ଶତାବ୍ଦୀଠାରୁ ୬ମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବ୍ୟବହୃତ ଲିପିର ଆକୃତି ସମ୍ବନ୍ଧରେ ସମ୍ୟକ୍ ଧାରଣା କରି ହୁଏ । ଉକ୍ତ ଲିପି ସହିତ ଗୁପ୍ତବଂଶୀୟ ସମ୍ରାଟ୍ ସମୁଦ୍ରଗୁପ୍ତଙ୍କ ପ୍ରୟାଗ-ସ୍ତମ୍ଭ-ଲିପିର ସାମଞ୍ଜସ୍ୟ ଥିବାରୁ ତାହାକୁ 'ଗୁପ୍ତଲିପି' ନାମରେ ନାମିତ କରାଯାଇପାରେ ।

ମାଠରମାନଙ୍କ ଦ୍ୱାରା ବ୍ୟବହୃତ ଲିପିରେ 'କ' 'ଖ' 'ଗ' 'ଘ' 'ଣ' 'ଥ' 'ଫ' 'ଷ' ଏହି ଆଠୋଟି ଅକ୍ଷରର ଆକୃତି ଆଧୁନିକ ଓଡ଼ିଆ ଲିପିରେ ବ୍ୟବହୃତ ଆକୃତି ସହିତ କେତେକାଂଶରେ ମିଶିଯାଉଛି । (୫) କାଳର ବିବର୍ତ୍ତନ ତଥା ଲେଖା ପ୍ରଣାଳୀର ପରିବର୍ତ୍ତନ ଫଳରେ ଆଧୁନିକ ଅକ୍ଷରଗୁଡ଼ିକର ଆକୃତି ଯାହା ସମ୍ଭବ ହୋଇପାରିଛି ; ଆଜକୁ ପ୍ରାୟ

---

(୪) ଓଡ଼ିଆ ଲିପିର କ୍ରମବିକାଶ, ଶ୍ରୀ ସତ୍ୟନାରାୟଣ ରାଜଗୁରୁ, ପୃ. ୫-୭

(୫) ଶ୍ରୀଯୁକ୍ତ ରାଜଗୁରୁଙ୍କ ଦ୍ୱାରା 'ଓଡ଼ିଆ ଲିପିର କ୍ରମବିକାଶ' ପୁସ୍ତକରେ ପ୍ରଦତ୍ତ ୪ ନମ୍ବର ଚିତ୍ରପଟ (Alphabetical Chart) ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

୧୬୦୦ ବର୍ଷ ପୂର୍ବେ ସେ ଧରଣର ଉନ୍ନତ ଆଶା କରାଯାଇ ନ ପାରେ । ଏଥିରୁ ବେଶ୍ ଅନୁମାନ କରାଯାଇପାରେ ଯେ, ଖ୍ରୀ. ଅ. ଚତୁର୍ଥ ଶତାବ୍ଦୀଠାରୁ ଓଡ଼ିଆ ଲିପିର ଉତ୍ପତ୍ତି ଆରମ୍ଭ ହୋଇଥିଲା ।

ଖ୍ରୀଷ୍ଟୀୟ ୫ମ ଶତାବ୍ଦୀଠାରୁ ଆରମ୍ଭ ହୋଇ ୮ମ ଶତାବ୍ଦୀ ମଧ୍ୟରେ ଦକ୍ଷିଣ କୋଶଳ ଓ କଳିଙ୍ଗରେ 'ପେଟିକାଶୀର୍ଷକ' (Box headed Character) ଲିପିର ପ୍ରଚଳନ ହୋଇଥିଲା । ଏ ଲିପିର ବ୍ୟବହାର ସର୍ବପ୍ରଥମେ ବାକାଟକବଂଶୀୟ ମହାରାଜା ପ୍ରବରସେନ (୨ୟ)ଙ୍କ ପ୍ରଦତ୍ତ ତାମ୍ରଫଳକରେ ଦେଖିବାକୁ ମିଳେ । ତା'ପରେ ନନ୍ଦବଂଶୀୟ ରାଜା ଭଗଦତ୍ତ ବର୍ମା, ଶରଭପୁରୀୟ ରାଜା ମହାସୁଦେବରାଜ ଏବଂ ତାଙ୍କ ପରବର୍ତ୍ତୀ ଯୁଗରେ ଦକ୍ଷିଣ କୋଶଳର ଶ୍ରୀପୁରଠାରେ ଶାସନ କରୁଥିବା ପାଣ୍ଡୁବଂଶୀୟ ରାଜା ମହାଶିବ ଶବର ଦେବଙ୍କ ପ୍ରଦତ୍ତ ତାମ୍ରଶାସନ ଓ ସ୍ୱର୍ଣ୍ଣମୁଦ୍ରାରେ ମଧ୍ୟ ଏ ଧରଣର ଲିପିର ବ୍ୟବହାର ପ୍ରଚଳିତ ହୋଇଥିଲା ।

ପୂର୍ବୋକ୍ତ ଶବର ଦେବଙ୍କ ସମସାମୟିକ କଳିଙ୍ଗର ଗଙ୍ଗାବଂଶୀୟ ରାଜା ଇନ୍ଦ୍ର ବର୍ମା, ସାମନ୍ତ ବର୍ମା ଓ ହସ୍ତି ବର୍ମାଙ୍କ ଦାନପତ୍ରରେ ଏହି ପେଟିକାଶୀର୍ଷକ ଲିପିର ବ୍ୟବହାର ଦେଖାଯାଏ । ଏହି ଯୁଗରେ ଓଡ଼ିଶାର ଦକ୍ଷିଣ-ପଶ୍ଚିମାଞ୍ଚଳ ବ୍ୟତୀତ ଅନ୍ୟ ଅଞ୍ଚଳମାନଙ୍କରେ ଏ ଲିପିର ବ୍ୟବହାର କରାଯାଉଥିବାର ପ୍ରମାଣ ଉପଲବ୍ଧ ହୋଇ ନାହିଁ । (୬)

ଏହି ପେଟିକାଶୀର୍ଷକ ଲିପି ସହିତ ଆଧୁନିକ ଓଡ଼ିଆ ଲିପିର ବିଶେଷ ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଉକ୍ତ ଲିପି ଲେଖନ ପ୍ରଣାଳୀରୁ ଜଣାପଡ଼େ ଯେ ଆଧୁନିକ ଲିପିରେ ବ୍ୟବହୃତ 'ଏ' 'ଘ' 'ଚ' 'ଠ' 'ଧ' 'ନ' 'ବ' ଆଦି ଅକ୍ଷର କେତେକାଂଶରେ ଉକ୍ତ ଲିପିର ଅନୁକରଣରେ ଗଠିତ ହୋଇଛି । (୭)

ଖ୍ରୀଷ୍ଟୀୟ ସପ୍ତମ-ଅଷ୍ଟମ ଶତାବ୍ଦୀ ପରେ ପରେ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରାଦେଶିକ ଭାଷାର ଅଭ୍ୟୁଦୟ ଆରମ୍ଭ ହେଲା । ତେଣୁ ସେ ସମୟରେ ଭାଷାର ଆଞ୍ଚଳିକ ଭେଦ ରହିବା ସଙ୍ଗେ ସଙ୍ଗେ ଲିପି ଉପରେ ମଧ୍ୟ ତାହା ଅଧିକେ ତା'ର ପ୍ରଭାବ ପରିଲକ୍ଷିତ ହେଲା । ତେଣୁ

(୬) ଓଡ଼ିଆ ଲିପିର କ୍ରମବିକାଶ, ପୃ. ୧୩—୧୫

(୭) ଓଡ଼ିଆ ଲିପିର କ୍ରମବିକାଶ ପୁସ୍ତକରେ ପ୍ରଦତ୍ତ ୫ ନମ୍ବର ଚିତ୍ର ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଲିପିଗୁଡ଼ିକ ଭାରତର ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ଭେଦରେ ବିଭକ୍ତ ହୋଇଗଲା । ସେ ସମୟର ଭାରତର ଦକ୍ଷିଣାଞ୍ଚଳରେ ବ୍ୟବହୃତ ଲିପି ଓ ଉତ୍ତରାଞ୍ଚଳରେ ବ୍ୟବହୃତ ଲିପି ମଧ୍ୟରେ ଏତେ ପାର୍ଥକ୍ୟ ଦେଖାଗଲା ଯେ, ତାହା ଗୋଟିଏ ପ୍ରାଚୀନ ଲିପିର ଦୁଇଟି ଆଞ୍ଚଳିକ ଶାଖା ବୋଲି କହିବାକୁ ଏ ଯୁଗର ଲିପିତତ୍ତ୍ୱବିଦ୍‌ମାନେ କୁଣ୍ଠାବୋଧ କଲେ ।

ସେତେବେଳେ କଳିଙ୍ଗ ତଥା ଉତ୍କଳର ଶାସନ କ୍ଷମତା ଅତ୍ୟନ୍ତ ଦୃଢ଼ୀଭୂତ ହୋଇଥିବାରୁ ଭାରତୀୟ ରାଜନୀତି କ୍ଷେତ୍ରରେ ଏ ଦୁଇ ରାଜ୍ୟର ପ୍ରତିପତ୍ତି ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ତେଣୁ ଏହି ଦୁଇ ଅଞ୍ଚଳର ଲିପିରେ ଅନ୍ୟାନ୍ୟ ଅଞ୍ଚଳର ଲିପିଠାରୁ କେତେକ ପାର୍ଥକ୍ୟ ପରିଲକ୍ଷିତ ହେଲା । ଗଙ୍ଗବଂଶୀୟ ରାଜାମାନେ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀ ସୁଦ୍ଧା ଯେଉଁ ଲିପି ବ୍ୟବହାର କରୁଥିଲେ ତାହା ଦକ୍ଷିଣ ଓ ଉତ୍ତର ଭାରତୀୟ ଲିପିର ଏକ ସମ୍ମିଳିତ ରୂପ ବୋଲି ଓଡ଼ିଶାର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ପଣ୍ଡିତ ସତ୍ୟନାରାୟଣ ରାଜଗୁରୁ ମତ ଦିଅନ୍ତି । ଓଡ଼ିଶାରେ ତତ୍କାଳୀନ ଲିପିର ବ୍ୟବହାର ସମ୍ବନ୍ଧରେ ଶ୍ରୀଯୁକ୍ତ ରାଜଗୁରୁ ଯେଉଁ ମତ ଦିଅନ୍ତି; ସେଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ଓଡ଼ିଶାର ପୂର୍ବୋତ୍ତର ଅଞ୍ଚଳରେ ରାଜତ୍ୱ କରୁଥିବା ଭୌମ, ଭୁଙ୍ଗ, ଶୁଳ୍କି ନନ୍ଦୋଦ୍ଭବ-ବଂଶୀୟ ରାଜାମାନେ ଯେଉଁ ଲିପି ବ୍ୟବହାର କରି ନିଜ ନିଜ ବଂଶର ପ୍ରଶସ୍ତିମୂଳକ ଦାନପତ୍ରମାନ ପ୍ରଦାନ କଲେ, ସେ ଲିପିର ବ୍ୟବହାର ଓଡ଼ିଶାର ଦକ୍ଷିଣ-ପଶ୍ଚିମାଞ୍ଚଳରେ ପ୍ରାୟ ଦେଖିବାକୁ ମିଳିଲା ନାହିଁ ଏବଂ ତା' ଉପରେ ପୂର୍ବ-ଭାରତରେ ବ୍ୟବହୃତ ଲିପିର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା । କଳିଙ୍ଗର ରାଜାମାନେ ଯେଉଁ ଲିପି ବ୍ୟବହାର କରି ଦାନପତ୍ରମାନ ପ୍ରଦାନ କଲେ ତାହା ଦକ୍ଷିଣ ଭାରତର 'ବେଙ୍ଗୀ' ଆନ୍ଧ୍ର ରାଜ୍ୟର ରାଜାମାନଙ୍କ ବ୍ୟବହୃତ ଲିପି ସହିତ ଅନେକ ପରିମାଣରେ ସାମଞ୍ଜସ୍ୟ ରକ୍ଷାକରି ପାରିଥିଲା । ଠିକ୍ ସେହିପରି ଓଡ଼ିଶାର ପଶ୍ଚିମାଞ୍ଚଳ ଅର୍ଥାତ୍ ଦକ୍ଷିଣ କୋଶଳର ସୋମ ତଥା ନାଗବଂଶୀୟ ରାଜାମାନଙ୍କ ଦ୍ୱାରା ବ୍ୟବହୃତ ଲିପିରେ ଉତ୍ତର ଭାରତୀୟ ଲିପିର ପ୍ରଭାବ ବିଶେଷ ଭାବରେ ପଡ଼ିଥିଲା ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସେ ସମୟରେ ଯେଉଁ ଲିପିଗୁଡ଼ିକ ବ୍ୟବହୃତ ହେଉଥିଲା, ସେଥିସହିତ ଆଧୁନିକ ବର୍ଣ୍ଣମାଳାର କେଉଁ କେଉଁ ଅକ୍ଷରର ସାମଞ୍ଜସ୍ୟ ଅଧିକ ଥିଲା; ସେ ସମ୍ବନ୍ଧରେ ବିଶେଷ ଅନୁସନ୍ଧାନ

Digitized by PPRACHIN, SOA

କରି ଶ୍ରୀଯୁକ୍ତ ରାଜଗୁରୁ ଗୋଟିଏ ଲିପିମାଳା ପ୍ରସ୍ତୁତ କରିଛନ୍ତି । ଉକ୍ତ ଲିପିମାଳାରୁ ଜଣାଯାଏ ଯେ, ଦକ୍ଷିଣାଞ୍ଚଳରେ ବ୍ୟବହୃତ ଲିପିରେ ଅ, ଆ, ଉ, ଏ, କ, ଖ, ଗ, ଘ, ଜ, ଠ, ଠ, ଥ, ଧ, ପ, ନ, ବ (ଅନ୍ତ୍ୟ) ଆଦିର ଆଂଶିକ ରୂପ ଆଧୁନିକ ବର୍ଣ୍ଣମାଳାରେ ପ୍ରକଟିତ ହୋଇଛି ଏବଂ ବିଶେଷତଃ ଏ, କ, ଗ, ଘ, ଠ, ଥ ଆଦି ବର୍ଣ୍ଣମାଳା ସହିତ ଆଧୁନିକ ବର୍ଣ୍ଣମାଳାର ଅବିକଳ ରୂପ ପ୍ରତିଫଳିତ ହୋଇଛି । ଠିକ୍ ସେହିପରି ଭୌମକର ଆଦି ରାଜବଂଶର ଅମଳରେ ବ୍ୟବହୃତ ହେଉଥିବା ବର୍ଣ୍ଣମାଳା ସହିତ ଆଧୁନିକ ବର୍ଣ୍ଣମାଳାର ଅ, ଆ, ଇ, ଉ, ଘ, ପ, ଫ, ଳ, ବ (ଅନ୍ତ୍ୟ) ସହିତ ଆଂଶିକ ସାମଞ୍ଜସ୍ୟ ଓ ଏ, ଗ, ଠ, ଣ, ଥ, ଷ ସହିତ ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି ।

ସେହିପରି ଭାବରେ ଦେଖିବାକୁ ଗଲେ ଓଡ଼ିଶାର ପଶ୍ଚିମାଞ୍ଚଳରେ ବ୍ୟବହୃତ ଲିପି ସହିତ ଆଧୁନିକ ବର୍ଣ୍ଣମାଳାର ଅ, ଆ, କ, ଖ, ଘ, ଜ, ନ, ର, ଲ, ହ, କ୍ଷ ସହିତ ଆଂଶିକ ସାମଞ୍ଜସ୍ୟ ତଥା ଗ, ଠ, ଣ, ଥ, ପ, ଫ, ଶ, ଷ ସହିତ ଅବିକଳ ସାମଞ୍ଜସ୍ୟ ରହିଛି ।

ପୂର୍ବୋକ୍ତ ଆଲୋଚନା ଅନୁଯାୟୀ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ଷଷ୍ଠ ଶତାବ୍ଦୀର ମଧ୍ୟବର୍ତ୍ତୀ କାଳକୁ ଓଡ଼ିଆ ଲିପିର ଉତ୍ପତ୍ତି ଯୁଗ, ଷଷ୍ଠ ଶତାବ୍ଦୀଠାରୁ ଅଷ୍ଟମ ଶତାବ୍ଦୀର ମଧ୍ୟବର୍ତ୍ତୀ ସମୟକୁ ପ୍ରଗତି ଯୁଗ ତଥା ଅଷ୍ଟମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀର ମଧ୍ୟବର୍ତ୍ତୀ ସମୟକୁ ବିକାଶ ଯୁଗରୂପେ ଗ୍ରହଣ କରାଯାଇପାରେ ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଶା ଗଙ୍ଗବଂଶୀୟ ରାଜାମାନଙ୍କ ସୁଦୃଢ଼ ଶାସନ ବ୍ୟବସ୍ଥାରେ ରହି ଶୃଙ୍ଖଳିତ ରାଜ୍ୟରେ ପରିଚାଳିତ ହେଉଥିଲା । ଗଙ୍ଗବଂଶୀୟ ରାଜାମାନେ ରଣନୀତିରେ ବିଶାରଦ ଥାଇ ଓଡ଼ିଶାର ସୀମାକୁ ସୁଦୂର ଗଙ୍ଗାନଦୀଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କରାଇ ପାରିଥିଲେ ।

ଗଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠାତା ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବ (ଖ୍ରୀ. ଅ. ୧୦୭୭—୧୧୪୭)ଙ୍କ ଠାରୁ ଆରମ୍ଭ କରି ଗଙ୍ଗ ସମ୍ରାଟ୍‌ମାନଙ୍କ ଦାନପତ୍ରରେ ଯେଉଁ ବର୍ଣ୍ଣମାଳାର ବ୍ୟବହାର କରାଯାଇଛି, ସେଥିରୁ ସୁସ୍ପଷ୍ଟ ଭାବରେ ପ୍ରମାଣିତ ହୁଏ ଯେ, ଓଡ଼ିଆ ବର୍ଣ୍ଣମାଳା ସେତେବେଳକୁ ପୂର୍ଣ୍ଣ ବିକଶିତ ଅବସ୍ଥାରେ ଆସି ଉପନୀତ ହୋଇଥିଲା । ଅବଶ୍ୟ ଗଙ୍ଗବଂଶୀୟ

Digitized by PPRACHIN, SOA

ରାଜାମାନେ ନିଜ ସାମ୍ରାଜ୍ୟର ସୁଦୂର ଦକ୍ଷିଣାଞ୍ଚଳରେ ଯେଉଁ ଦାନପତ୍ର-ସମୂହ ପ୍ରଦାନ କରୁଥିଲେ, ସେଗୁଡ଼ିକ ମଧ୍ୟରେ ଅଳ୍ପ କେତୋଟି ଦାନପତ୍ରକୁ ଛାଡ଼ିଦେଲେ ଅଧିକାଂଶ ଦାନପତ୍ର ପ୍ରାଚୀନ ତେଲୁଗୁ ଲିପିରେ ଲିଖିତ କିନ୍ତୁ ସାମ୍ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଯେଉଁ ଲିପି ବ୍ୟବହୃତ ହେଉଥିଲା, ତାହା ବିକଶିତ ଓଡ଼ିଆ ଲିପି ବୋଲି ବେଶ୍ ଧାରଣା କରିହୁଏ ।

ଉକ୍ତ ଗଙ୍ଗ ରାଜବଂଶ ସମୟରେ ଦାନପତ୍ରଗୁଡ଼ିକରେ ବ୍ୟବହୃତ ଲିପିଗୁଡ଼ିକର ବିଶେଷ ଅଧ୍ୟୟନ କରି ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ ଯେଉଁ ବର୍ଣ୍ଣମାଳା ଚିତ୍ର **(Alphabetical Chart)** ପ୍ରସ୍ତୁତ କରିଛନ୍ତି; ସେଥିରୁ ଜଣାଯାଏ ଯେ, ଅନନ୍ତ ବର୍ମା ଚୋଡ଼ଗଙ୍ଗ ଦେବଙ୍କଠାରୁ ଆରମ୍ଭ କରି ଭାନୁଦେବ ତୃତୀୟ (ଖ୍ରୀ. ଅ. ୧୦୭୭—୧୩୭୮)ଙ୍କ ରାଜତ୍ୱ ପର୍ଯ୍ୟନ୍ତ ଦାନପତ୍ରରେ ବ୍ୟବହୃତ ଲିପି ସହିତ ଆଧୁନିକ ଓଡ଼ିଆ ଲିପିର ଅ, ଆ, ଉ, କ, ଘ, ଜ, ଟ, ଡ, ତ, ଦ, ଧ, ନ, ବ (ବର୍ଗୀୟ ଓ ଅନ୍ତ୍ୟ) ଭ, ଯ, ର, ଲ, ସ, ହ ସହିତ ଆଂଶିକ ସାମଞ୍ଜସ୍ୟ ଏବଂ ଏ, ଐ, ଓ, ଔ, ଖ, ଗ, ଠ, ଣ, ଥ, ପ, ଫ, ଶ, ଷ, କ୍ଷ ସହିତ ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି ।

ଗଙ୍ଗବଂଶ ରାଜା ନରସିଂହ ଦେବ (୪ର୍ଥ) (ଖ୍ରୀ. ଅ. ୧୩୭୮—୧୪୧୪) ଅମଳରେ ଯେଉଁ ଲିପି ଦାନପତ୍ରମାନଙ୍କରେ ବ୍ୟବହୃତ ହୋଇଛି ସେଥିମଧ୍ୟରୁ ଚ, ଛ, ଜ, ଭ, ସ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଅକ୍ଷରରେ ଆଧୁନିକ ବର୍ଣ୍ଣମାଳାର ବିଶେଷ ସ୍ପଷ୍ଟରୂପ ପ୍ରକଟିତ ହୋଇଛି ଅର୍ଥାତ୍ ଉକ୍ତ ବର୍ଣ୍ଣମାଳାର ଆକୃତିକୁ ସାମାନ୍ୟ ପରିବର୍ତ୍ତନ କରାଯାଇ ଆଧୁନିକ ବର୍ଣ୍ଣମାଳାର ସୃଷ୍ଟି ହୋଇଛି ।

ଖ୍ରୀ. ଅ. ୧୪୩୫ ପରେ ଅର୍ଥାତ୍ ସୂର୍ଯ୍ୟବଂଶର ରାଜତ୍ୱସମୟରେ ଓଡ଼ିଶାରେ ଯେଉଁ ଓଡ଼ିଆ ଲିପିମାଳାର ବ୍ୟବହାର କରାଯାଉଥିଲା, ତାହା 'ପ୍ରତ୍ନଓଡ଼ିଆ ଲିପି' ବୋଲି ଶ୍ରୀ ରାଜଗୁରୁ ମତ ଦିଅନ୍ତି । ମାତ୍ର ତାତ୍କାଳୀନ ଓଡ଼ିଆ ସାହିତ୍ୟ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଦୃଷ୍ଟିପାତ କଲେ ସେ ପ୍ରକାର ମତର ବାସ୍ତବତା ସମ୍ବନ୍ଧରେ ଟିକିଏ ସନ୍ଦେହ ଜାତ ହୁଏ । କାରଣ ସୂର୍ଯ୍ୟବଂଶର ରାଜତ୍ୱର ପ୍ରଥମ ଭାଗରେ ଅର୍ଥାତ୍ କପିଳେନ୍ଦ୍ର ଦେବଙ୍କ ସମୟରେ ଓଡ଼ିଆ ସାହିତ୍ୟ ଉନ୍ନତିର ଚରମ

Digitized by PPRACHIN, SOA

ସୀମାରେ ଉପନୀତ ହୋଇଥିଲା । କାରଣ ଶୂଦ୍ରମୁନି ସାରଳା ଦାସ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟ (ଖ୍ରୀ. ଅ. ୧୪୩୫-୬୭)ରେ ଓଡ଼ିଆ ସାହିତ୍ୟର ଏକ ବିଶାଳଗ୍ରନ୍ଥ ଓଡ଼ିଆ ଭାଷାରେ ପ୍ରଣୟନ କରିଥିଲେ ଏବଂ ତତ୍‌ପୂର୍ବରୁ ଓଡ଼ିଆରେ 'ନାଥ ସାହିତ୍ୟ'ର ଉତ୍ପତ୍ତି ହୋଇଥିବାର ମଧ୍ୟ ଅନୁମାନ କରାଯାଏ । ଓଡ଼ିଆ ସାହିତ୍ୟରେ ସାରଳା ମହାଭାରତ ପରି ଏକ ବିରାଟ ଗ୍ରନ୍ଥ ଲେଖାଯିବା ସମୟରେ ଓଡ଼ିଆ ଲିପିର ପୂର୍ଣ୍ଣ ବିକାଶ ହୋଇ ନ ଥିବା ବିଷୟ ଧାରଣା କରି ହୁଏ ନାହିଁ । ଯେଉଁ ଅଞ୍ଚଳରେ ସ୍ୱତନ୍ତ୍ର ଲିପିର ପୂର୍ଣ୍ଣ ବିକାଶ ସମ୍ଭବ ହୋଇ ନ ଥାଏ, ସେ ଅଞ୍ଚଳରେ ସାହିତ୍ୟର ଏପରି ଏକ ବିଶାଳ ଗ୍ରନ୍ଥ ରଚନା କିପରି ସମ୍ଭବ ହୋଇ-ପାରିବ ? କାରଣ ଲିପି ହିଁ ଭାଷାର ସମ୍ବାହକ ବୋଲି ଧାରଣା କରାଯାଏ । ସ୍ୱତନ୍ତ୍ର ଲିପି ବ୍ୟତିରେକେ ସାହିତ୍ୟରାଜ୍ୟରେ ଏପରି ବିଶାଳ ସୌଧ ନିର୍ମିତ ହେବା ଆଶା କରାଯାଇ ନ ପାରେ । ତେଣୁ ଖ୍ରୀ. ଅ. ୧୪୩୫ ପୂର୍ବରୁ ଅର୍ଥାତ୍ ଗଙ୍ଗରାଜାମାନଙ୍କ ସମୟରେ ହିଁ ବିକଶିତ ଓଡ଼ିଆ ଲିପିକୁ 'ପ୍ରାକ୍‌ଓଡ଼ିଆ' ଲିପି ବୋଲି ନାମିତ କରାଯିବା ସମୀଚୀନ ହେବ ।

ଯଦିଓ ସେ ସମୟରେ ପୂର୍ଣ୍ଣ ବିକଶିତ ଓଡ଼ିଆ ଲିପିର ପ୍ରମାଣ ତାମ୍ରଶାସନ ଆଦିରେ ମିଳି ନାହିଁ, ତଥାପି ଅନୁମାନ ଦ୍ୱାରା ଏ ପ୍ରକାର ମତକୁ ସ୍ୱୀକାର କରିବାରେ ଦ୍ୱିଧା ବୋଧହୁଏ ନାହିଁ ।

'ଓଡ଼ିଆ ଲିପିର କ୍ରମବିକାଶ' ପୁସ୍ତକର ୧୧ ନମ୍ବର ଚିତ୍ରରେ ଶ୍ରୀଯୁକ୍ତ ରାଜଗୁରୁ ଯେଉଁ ଚିତ୍ର ଉପସ୍ଥାପିତ କରିଛନ୍ତି ତାହା ଅଳ୍ପ କେତୋଟି ତମ୍ବାପଟା ଓ ଶିଳାଲେଖର ଲିପିରୁ ଉଦ୍ଧୃତ ହୋଇଛି । ମାତ୍ର ସେ ସମୟରେ ଓଡ଼ିଆ ଲିପି ଥିବା କୌଣସି ତାଳପତ୍ର ପୋଥି ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇନାହିଁ । କାରଣ ତାଳପତ୍ର ଉପରେ ଲେଖନ ସାହାଯ୍ୟରେ ଲେଖାଯିବା ଅକ୍ଷର ଏବଂ ତାମ୍ରଫଳକ ତଥା ଶିଳାଖଣ୍ଡ ଉପରେ ଖୋଦିତ ହୋଇଥିବା ଅକ୍ଷର ମଧ୍ୟରେ ଅନେକ ତାରତମ୍ୟ ରହିବା ସ୍ୱାଭାବିକ । ସାରଳା ଦାସ ପ୍ରଭୃତି କବିମାନେ ଗ୍ରନ୍ଥ ରଚନା କରିବା ସମୟରେ କେବେହେଲେ ଲେଖନ ପାଠ ନିମିତ୍ତ ତାମ୍ରଫଳକ କିମ୍ବା ଶିଳାଖଣ୍ଡର ବ୍ୟବହାର କରି ନ ଥିବେ । ବରଂ ସେମାନେ ତାଳପତ୍ର ଓ ଲେଖନ ସାହାଯ୍ୟରେ ସେମାନଙ୍କ ମନୋଭାବକୁ ବ୍ୟକ୍ତ କରିବାରେ ସମର୍ଥ ହୋଇଥିବେ ।

Digitized by PPRACHIN, SOA

ତାଳପତ୍ର ପୋଥିରେ ଓଡ଼ିଆ ଲିପି

ଓଡ଼ିଶାରେ ଆଜିସୁଦ୍ଧା ଯେତେ ତାଳପତ୍ର ପୋଥି ମିଳିଛି ସେଗୁଡ଼ିକରେ ବର୍ତ୍ତୁଳାକୃତ ଅକ୍ଷର ବ୍ୟବହୃତ ହୋଇଛି । ଏହି ବର୍ତ୍ତୁଳାକୃତ ଅକ୍ଷରର ଆରମ୍ଭ କେବେ ହେଲା ସେ ସମ୍ବନ୍ଧରେ ଲିପିତତ୍ତ୍ୱବିଦ୍‌ମାନେ କେତେକ ନିଶ୍ଚିତ ଧାରଣା ଦିଅନ୍ତି ।

ସୁଦୂର ଦକ୍ଷିଣ ଭାରତରେ ଅଶୋକୋତ୍ତର ଯୁଗରେ 'ବଟ୍ଟେଲୁତ୍ତୁ' ନାମରେ ଏକ ପ୍ରାଚୀନ ଲିପି ବ୍ୟବହୃତ ହେଉଥିଲା । ଉକ୍ତ 'ବଟ୍ଟେଲୁତ୍ତୁ' ଶବ୍ଦର ଅର୍ଥ 'ବର୍ତ୍ତୁଳଲିଖ୍' । ସେହି ବର୍ତ୍ତୁଳାକୃତ ଅକ୍ଷରଗୁଡ଼ିକୁ ତାଳପତ୍ର ଉପରେ ଲେଖିବା ସହଜସାଧ୍ୟ ବ୍ୟାପାର ଥିଲା । କାରଣ ବ୍ରାହ୍ମୀ ଲିପିର କୋଣଯୁକ୍ତ ଅକ୍ଷରଗୁଡ଼ିକ ତାଳପତ୍ର ଉପରେ ଲେଖିବା ଆଦୌ ସହଜ ନୁହେଁ; ବିଶେଷତଃ ତାଳପତ୍ର ଉପରେ କୋଣଯୁକ୍ତ ଅକ୍ଷର ଲେଖାଗଲେ ପତ୍ରଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯିବାର ସମ୍ଭାବନା ଥାଏ । ସେହି ଦୃଷ୍ଟିରୁ ଦାକ୍ଷିଣାତ୍ୟର ବର୍ତ୍ତୁଳାକୃତ ଅକ୍ଷରଗୁଡ଼ିକୁ ଲେଖିବା ଲାଗି ତାଳପତ୍ରର ମାଧ୍ୟମ ଗ୍ରହଣ କରାଯାଇଥିଲା । ବିଶେଷତଃ ଦାକ୍ଷିଣାତ୍ୟରେ ତାଳପତ୍ରର ସୁଲଭତା ଏ ପ୍ରକାର ଉଦ୍ୟମକୁ ଅଧିକ ସାହାଯ୍ୟ କରିଥିଲା ।

ଓଡ଼ିଶାରେ ଲେଖନର ଆଧାରରୂପେ ତାଳପତ୍ର କେବେ ଗୃହୀତ ହେଲା, ସେ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳି ନାହିଁ । ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁଙ୍କର ଏକ ଆଲୋଚନାରୁ ଜଣାଯାଏ ଯେ, ଓଡ଼ିଶାରେ ଶୈଳୋଦ୍ଭବ ରାଜାମାନଙ୍କ ସମୟ ବେଳକୁ ତାଳପତ୍ରର ବହୁଳ ବ୍ୟବହାର ପରିଲକ୍ଷିତ ହେଲଣି । କାରଣ ଶ୍ରୀଯୁକ୍ତ ରାଜଗୁରୁ ଶୈଳୋଦ୍ଭବ ବଂଶର ଏକ ପ୍ରଶସ୍ତି, କୌଣସି ଗୋଟିଏ ତାଳପତ୍ର ପୋଥିରୁ ଉଦ୍ଧୃତ ହୋଇଥିବାର ଅନୁମାନ କରିଛନ୍ତି । (୮) ଅନ୍ୟାନ୍ୟ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ଆପାତତଃ ଏହା ଉପରେ ଆସ୍ଥା ସ୍ଥାପନ କରାଯାଇପାରେ ।

ଖ୍ରୀ. ଅ. ପଞ୍ଚଦଶ ଶତାବ୍ଦୀର ଶେଷ ଦଶକରୁ ଆରମ୍ଭ କରି ବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧ ମଧ୍ୟରେ ଲିଖିତ ସହସ୍ର ସହସ୍ର ତାଳପତ୍ର ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି । ଉକ୍ତ ତାଳପତ୍ରରେ

(୮) Inscriptions of Orissa, Vol. I, P. 248—53

Digitized by PPRACHIN, SOA

ବ୍ୟବହୃତ ଲିପି ଏବଂ ଆଧୁନିକ ମୁଦ୍ରାଯନ୍ତ୍ର ସାହାଯ୍ୟରେ କାଗଜ ଉପରେ ଲିଖିତ ଲିପି ମଧ୍ୟରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ ।

ବର୍ତ୍ତମାନ ସୁଦ୍ଧା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ତାଳପତ୍ର ପୋଥିମଧ୍ୟରେ କଟକ ଜିଲ୍ଲାର ଧର୍ମଶାଳା ଅଞ୍ଚଳରୁ ସଂଗୃହୀତ 'ଅଭିନବ ଗୀତଗୋବିନ୍ଦ' ନାମକ ତାଳପତ୍ର ପୋଥିଟି ପ୍ରାଚୀନତମ ବୋଲି ଐତିହାସିକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର ମତ ଦିଅନ୍ତି । ଉକ୍ତ ପୋଥିରେ ପ୍ରଦତ୍ତ ପୁଷ୍ପିକାର ଆଲୋଚନା କରି ଶ୍ରୀଯୁକ୍ତ ମହାପାତ୍ର ତାହାକୁ ଗଜପତି ପୁରୁଷୋତ୍ତମ ଦେବଙ୍କ ୩୪ ଅଙ୍କ ଅର୍ଥାତ୍ ଖ୍ରୀ. ଅ. ୧୪୯୩ର ନକଲ ବୋଲି ମତ ଦେଇଛନ୍ତି । (୯)

ଉକ୍ତ 'ଅଭିନବ ଗୀତଗୋବିନ୍ଦ' ପୋଥିରେ ଯେଉଁ ଓଡ଼ିଆ ଅକ୍ଷରମାନ ବ୍ୟବହୃତ ହୋଇଛି ସେଥିରୁ ସ୍ପଷ୍ଟଭାବରେ ଜଣାଯାଏ ଯେ, ଆଧୁନିକ ଓଡ଼ିଆ ଅକ୍ଷର ଏବଂ ତତ୍କାଳୀନ ବର୍ଣ୍ଣମାଳା ମଧ୍ୟରେ ବିଶେଷ ତାରତମ୍ୟ ରହିଛି । ବିଶେଷତଃ ଅ, ଆ, ଧ, ନ୍ତ, ଦୁ, ରୁ, ଦ୍ୟ, କୃ, ତୁ, ତ୍ତ, କ୍ତ, ଜ ଆଦି କେତୋଟି ଅକ୍ଷର ସହିତ ଆଧୁନିକ ଅକ୍ଷରର କୌଣସି ସାମଞ୍ଜସ୍ୟ ନାହିଁ । (୧୦)

ଅନ୍ୟାନ୍ୟ ତାଳପତ୍ର ପୋଥିଗୁଡ଼ିକରେ ମଧ୍ୟ ଓଡ଼ିଆ ଅକ୍ଷରର ଲେଖନ ପ୍ରଣାଳୀରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ବିଶେଷତଃ ଅ, ଋ, ଌ, ଏ, ଆ, କ, ଟ, ଧ, ଭ, ହ ତଥା ତ୍ୟ, ତ୍ତ୍ୱ, ଦ୍‌ଗ, ଦ୍‌ବ, ଛ, କ୍ତ, କ୍ଷ ଆଦି ପୋଥି ଅକ୍ଷର ସହିତ ଆଧୁନିକ ଅକ୍ଷରର ବିଶେଷ ସମ୍ପର୍କ ଥିବାର ଜଣାଯାଏ ନାହିଁ ।

ପୋଥି ଲେଖନ ପ୍ରଣାଳୀରେ ଗୋଟିଏ ବିଶେଷ ପାର୍ଥକ୍ୟ ପ୍ରତି ବୋଧହୁଏ ସାଧାରଣ ପାଠକଙ୍କର ଦୃଷ୍ଟି ପଡ଼େ ନାହିଁ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇ ସଂରକ୍ଷିତ ହଜାର ହଜାର ପୋଥିର ଅକ୍ଷର ସମ୍ପର୍କରେ ଆଲୋଚନା କଲେ ବେଶ୍ ଭଲଭାବରେ ଜଣାଯାଏ ଯେ, ଅଞ୍ଚଳଭେଦରେ ମଧ୍ୟ ଅକ୍ଷରର ଆକୃତିରେ କେତେକ ଭେଦ ପରିଲକ୍ଷିତ ହୁଏ । ଆହୁରି ମଧ୍ୟ ସିଦ୍ଧହସ୍ତ ଲେଖକ

(୯) O. H. R. J., Vol. IX, Nos. 3 & 4, P. P. 52
(୧୦) ଅଭିନବ ଗୀତଗୋବିନ୍ଦ, L/211, ଓଡ଼ିଶା ମ୍ୟୁଜିୟମ୍ ପୋଥି

Digitized by PPRACHIN, SOA

ଓ ନବୀନ ଲେଖକଙ୍କ ଲେଖାରେ ମଧ୍ୟ ଅକ୍ଷରର ଆକୃତ ପରିବର୍ତ୍ତିତ ହୋଇଥିବାର ଦୃଷ୍ଟାନ୍ତ ବହୁଳ ଭାବରେ ଦେଖାଯାଏ ।

ସାଧାରଣତଃ ଘସ୍‌ଣ୍ଡକ ଲିପିକାରଙ୍କ ଲେଖାରେ ଲେଖନଗତ ପ୍ରମାଦ ଆଦୌ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ଅନ୍ୟାନ୍ୟ ଲେଖକଙ୍କ ଲେଖାରେ ବର୍ଣ୍ଣାଶୁଦ୍ଧିର ମାତ୍ରା ବହୁଳ ଭାବରେ ଦେଖାଯାଏ ।

କେବଳ ରୁ, ରୂ ଅକ୍ଷରର ଲେଖନରେ ସିଦ୍ଧହସ୍ତ ଲେଖକ ତଥା ସାଧାରଣ ଲେଖକଙ୍କ ମଧ୍ୟରେ କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । 'ର' ଅକ୍ଷରରେ ହ୍ରସ୍ୱ ଉକାର ଓ ଦୀର୍ଘ ଉକାର ନ ଦେଇ ପ୍ରାୟ ସବୁ ଧରଣର ଲେଖକ ସ୍ୱର 'ଋ' ଓ ଦୀର୍ଘ 'ୠ' ର ବ୍ୟବହାର କରିଛନ୍ତି । ତେଣୁ ବର୍ଣ୍ଣାଶୁଦ୍ଧି ଦୃଷ୍ଟିରୁ 'ଋଷି' ଓ 'ରୁଚି' ମଧ୍ୟରେ ଋ ଓ ରୁ ର ପାର୍ଥକ୍ୟ ଥିଲେ ମଧ୍ୟ ଅଧିକାଂଶ ପୋଥି ଅକ୍ଷରରେ ଗୋଟିଏ ପ୍ରକାର 'ଋ' ଋଷି ଓ ରୁଚିର ଆଦ୍ୟାକ୍ଷରରୂପେ ବ୍ୟବହୃତ ହୋଇଛି ।

ଖ୍ରୀଷ୍ଟାବ୍ଦ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରୁ ଓଡ଼ିଶାରେ 'କରଣୀ ଅକ୍ଷର' ନାମରେ ଆଉ ଗୋଟିଏ ଲିପିର ସୃଷ୍ଟି କରାଯାଇଥିଲା । ଏହି ଲିପି ଓଡ଼ିଶାରେ ଇଂରେଜ ରାଜତ୍ୱର ଆରମ୍ଭ ସମୟରୁ ଅଦ୍ୟାବଧି କଚେରୀରେ ଥିବା ମୋହରିରଙ୍କ ଦ୍ୱାରା ବ୍ୟବହୃତ ହେଉଛି । ଖୁବ୍ ସମ୍ଭବତଃ ଓଡ଼ିଆ ଅକ୍ଷରଗୁଡ଼ିକୁ ଶୀଘ୍ର ଲେଖିବାର ଉଦ୍ୟମରେ ଏ ପ୍ରକାର ଲିପିର ସୃଷ୍ଟି ହୋଇଛି । ଓଡ଼ିଶାର ପ୍ରାୟ ଅଧିକାଂଶ ସାକ୍ଷର ବ୍ୟକ୍ତି ଏ ଲିପି ସହିତ ଆଦୌ ପରିଚିତ ନୁହନ୍ତି । କେବଳ ଜମିଦାରୀ ସିରସ୍ତା ତଥା କଚେରୀରେ ଏହି ଲିପିର ବ୍ୟବହାର ବହୁଳ ଭାବରେ ଦେଖାଯାଏ । କିନ୍ତୁ ପୋଥିଗୁଡ଼ିକରେ କରଣୀ ଅକ୍ଷରର ବ୍ୟବହାର ଅତି ଅଳ୍ପମାତ୍ରାରେ ହୋଇଛି ।

ଓଡ଼ିଆ ଭାଷା :—

'ଓଡ଼ିଆ ଲିପିର କ୍ରମବିକାଶ' ସମ୍ବନ୍ଧରେ ଆଲୋଚନା କରାଯିବା ପରେ 'ଓଡ଼ିଆ ଭାଷାର ଇତିବୃତ୍ତ' ସମ୍ବନ୍ଧରେ ଆଲୋଚନା କରିବା ପ୍ରସଙ୍ଗକ୍ରମେ ସମୀଚୀନ ବୋଲି ମନେ ହୁଏ । କିନ୍ତୁ ଗୋଟିଏ ଦେଶ ବା ଜାତିର ଭାଷା ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଓଡ଼ିଶାର

Digitized by PPRACHIN, SOA

ଅବସ୍ଥିତି ତଥା ପର୍ଯ୍ୟାୟକ୍ରମେ ଏ ଜାତି ଓ ଦେଶର ଉତ୍‌ଥାନ ପତନ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା କରିବା ଅତ୍ୟନ୍ତ ଆବଶ୍ୟକ ।

ପ୍ରସିଦ୍ଧ ଆଲୋଚକ ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି ଇତିହାସ ଓ ସାହିତ୍ୟର ଭିନ୍ନତା ପ୍ରତିପାଦନ କରିବାକୁ ଯାଇ ଗୋଟିଏ ପଂକ୍ତିରେ ଲେଖିଛନ୍ତି— "ଯେଉଁଠାରେ ଇତିହାସର ଶେଷ, ସେହିଠାରୁ ସାହିତ୍ୟର ଆରମ୍ଭ"(୧୧) କିନ୍ତୁ ପ୍ରକୃତ ଆଲୋଚନା କଲେ ଜଣାଯାଏ ଇତିହାସ ଓ ସାହିତ୍ୟ ଅଙ୍ଗାଙ୍ଗୀଭାବେ ଜଡ଼ିତ ଏବଂ କାହାର ଆରମ୍ଭରେ କାହାର ଶେଷ ନୁହେଁ । ଉଭୟ ଇତିହାସ ଓ ସାହିତ୍ୟ ସମାନ୍ତରାଳ ଭାବରେ ଅଗ୍ରସର ହୋଇ ଜନସାଧାରଣଙ୍କ ଭାବରାଜ୍ୟରେ ଯୁଗ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି । ସାହିତ୍ୟର ବ୍ୟାପକ ସଂଜ୍ଞା ଦୃଷ୍ଟିରୁ ବିଚାର କଲେ ମଧ୍ୟ ଇତିହାସ ସାହିତ୍ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ ।

ମହାମହିମ ସମ୍ରାଟ୍ ଅଶୋକଙ୍କ କଳିଙ୍ଗ ଅଭିଯାନ ପୂର୍ବରୁ ଓଡ଼ିଶା ସମ୍ବନ୍ଧରେ କୌଣସି ଐତିହାସିକ ତଥ୍ୟର ସନ୍ଧାନ ମିଳନାହିଁ, ତେଣୁ ସେହି ଯୁଗରେ ଓଡ଼ିଶାର ଅବସ୍ଥିତି ସମ୍ବନ୍ଧରେ କେବଳ ପୁରାଣର ତଥ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ।

କଳିଙ୍ଗ ଭୂମିର କକ୍ଷୀବନ୍ତ ନାମକ ବ୍ୟକ୍ତି ବୈଦିକ ସମାଜରେ ବିଶେଷ ପ୍ରତିଷ୍ଠାଲାଭ କରିଥିବାର ପ୍ରମାଣ 'ଋଗ୍‌ବେଦ'ରୁ ମିଳୁଛି ।(୧୨)

"ସୋମାନଂ ସ୍ୱରଣଂ କୃଣୁହି ବ୍ରହ୍ମଣସ୍ପତେ
କକ୍ଷୀବନ୍ତଂ ଯଃ ଔଶିଜଃ ।"

ଋଗ୍‌ବେଦର ଏହି ସୂକ୍ତଟିର ଉଲ୍ଲେଖ କରି ସମାଲୋଚକ ଶ୍ରୀଯୁକ୍ତ ମହାନ୍ତି ଯେଉଁ ଆଲୋଚନା କରିଛନ୍ତି ତାହା ଏଠାରେ ଉଦ୍ଧୃତ ହେଲା—

"କଳିଙ୍ଗରାଜ ଅପୁତ୍ରିକ ଥିଲେ । ତେଣୁ ପୁତ୍ରସନ୍ତାନ କାମନାରେ ସେ ନିଜ ମହିଷୀଙ୍କୁ ଆର୍ଯ୍ୟଋଷି ଦୀର୍ଘତମାଙ୍କ ସହିତ ସହବାସ କରିବା ପାଇଁ ବ୍ୟବସ୍ଥା କଲେ । ମହିଷୀ କିନ୍ତୁ ନିଜେ ଦୀର୍ଘତମାଙ୍କ ନିକଟକୁ ନ ଯାଇ ନିଜ ଦାସୀଙ୍କୁ ପଠାଇଦେଲେ । ଏହି ଦାସୀର ନାମ ଉଶିକ୍ ।

(୧୧) ଓଡ଼ିଆ ସାହିତ୍ୟର ଆଦିପର୍ବ, ପୃ. ୨
(୧୨) ତତ୍ରୈବ, ପୃ. ୧୨

Digitized by PPRACHIN, SOA

ଋଷି ଦୀର୍ଘତମା ବୈଦିକ ଅନାସକ୍ତିରେ ଏହି ଦାସୀ ସହିତ ସହବାସ କରିବା ପରେ ଦାସୀ ଉଶିକ୍ ଗର୍ଭରୁ କକ୍ଷୀବନ୍ତ ଜନ୍ମଲାଭ କରିଥିଲେ । ସେଥିପାଇଁ ବୈଦିକ ସାହିତ୍ୟରେ କକ୍ଷୀବନ୍ତ ଔଶିକ ନାମରେ ପରିଚିତ ।”

ସଂସ୍କୃତ ମହାଭାରତରେ ମଧ୍ୟ ‘କଳିଙ୍ଗ’ ଦେଶର ବର୍ଣ୍ଣନା କମ୍ ମିଳେନାହିଁ । ମହାଭାରତରୁ ଜଣାଯାଏ ଯେ, ସେ ଯୁଗରେ କଳିଙ୍ଗର ରାଜଧାନୀ ‘ରାଜପୁରୀ’ରେ ଅବସ୍ଥିତ ଥିଲା । ଦୁର୍ଯ୍ୟୋଧନ କଳିଙ୍ଗରାଜ ଚିତ୍ରାଙ୍ଗଦଙ୍କ କନ୍ୟାର ପାଣିଗ୍ରହଣ କରିଥିଲେ । ଦ୍ରୌପଦୀଙ୍କ ସ୍ୱୟମ୍ବର-ବେଳେ ଦୁର୍ଯ୍ୟୋଧନଙ୍କ ସହଣରେ କଳିଙ୍ଗରାଜା ଥିଲେ । ମହାଭାରତ ଯୁଦ୍ଧରେ ଉଭୟ କଳିଙ୍ଗ ଉଡ୍ରରାଜ୍ୟର ରାଜା ନିଜର ସୈନ୍ୟସାମନ୍ତଙ୍କ ସହିତ ଯୋଗ ଦେଇଥିଲେ । କଳିଙ୍ଗ ରାଜା ଶ୍ରୁତାୟୁ ତାଙ୍କର ପ୍ରସିଦ୍ଧ ଗଜବାହିନୀ ଓ ନିଜର ପୁତ୍ରମାନଙ୍କ ସହିତ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୋଗଦାନ କରି ମହାବୀର ଭୀମଙ୍କ ହସ୍ତରେ ପ୍ରାଣତ୍ୟାଗ କରିଥିଲେ । ତଦ୍‌ବ୍ୟତୀତ ମହାଭାରତର ଅନ୍ୟାନ୍ୟ ବହୁ ପ୍ରସଙ୍ଗରେ କଳିଙ୍ଗ ଓ ଉଡ୍ର ରାଜାଙ୍କ ନାମ ଓ ଏ ଦେଶର ଖ୍ୟାତି ସମ୍ପର୍କରେ ବର୍ଣ୍ଣିତ ହୋଇଛି । (୧୩)

କେବଳ ମହାଭାରତରେ କାହିଁକି, ଆଦିପୁରାଣ ରାମାୟଣ, ହରିବଂଶ, ସ୍କନ୍ଦ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ନୃସିଂହ ପୁରାଣ, ଶିବ ପୁରାଣ, ବୃହତ୍ ସଂହିତା, କୂର୍ମ ପୁରାଣ (୧୪) ଓ ଚରକ ସଂହିତା (୧୫) ଆଦି ପ୍ରାଚୀନ ‘ପୁରାଣ ଗ୍ରନ୍ଥ’ରେ ଉତ୍କଳ, ଉଡ୍ର ଓ କଳିଙ୍ଗର ନାମ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ତୀର୍ଥ, କ୍ଷେତ୍ର, ଦେବାୟତନ, ନଦୀ, ପର୍ବତ, ରାଜା, ରାଜଧାନୀ ଓ ଏ ଜାତିର ଗୌରବାବହ ଆଚରଣର ଭୂୟସୀ ପ୍ରଶଂସା କରାଯାଇଛି । ‘ପୁରାଣ ସାହିତ୍ୟ’ ବ୍ୟତୀତ ‘ତନ୍ତ୍ର ସାହିତ୍ୟ’ରେ ଓଡ଼ିଶାର ‘ଉଡ୍‌ଡୀୟାନ’ ପୀଠ ସମ୍ବନ୍ଧରେ ବହୁଳ ପ୍ରମାଣ ଥିବାର ପରିଲକ୍ଷିତ ହୁଏ । ଆଜିସୁଦ୍ଧା ଯେତିକି ପ୍ରମାଣ ଆଲୋଚକମାନଙ୍କ ହସ୍ତଗତ ହୋଇଛି, ସେଥିରୁ ସ୍ପଷ୍ଟତଃ ଜଣାଯାଏ ଯେ, ‘ହେବଜ୍ରତନ୍ତ୍ର’, କୁବ୍‌ଜିକା ତନ୍ତ୍ର, ପ୍ରାଣତୋଷିଣୀ ତନ୍ତ୍ର, ଜ୍ଞାନାର୍ଣ୍ଣବ ତନ୍ତ୍ର, ବୃହନ୍ନୀଳ ତନ୍ତ୍ର ଆଦି ଗ୍ରନ୍ଥରେ ଉଡ୍‌ଡୀୟାନ ପୀଠର ମହତ୍ତ୍ୱ ପ୍ରକାଶ ପାଇବା ସଙ୍ଗେ

(୧୩) ଡକ୍ଟର ମହତାବଙ୍କ ଓଡ଼ିଶା ଇତିହାସ, ପୃ. ୪-୫
(୧୪) ପ୍ରାଚୀନ ଉତ୍କଳ, ଲେଖକ—ଡ଼ ଜଗବନ୍ଧୁ ସିଂହ, ପୃ. ୧୨—୧୪
(୧୫) ଓଡ଼ିଆ ଭାଷାର ଇତିହାସ, ଲେଖକ—ପଣ୍ଡିତ ବିନାୟକ ମିଶ୍ର, ପୃ. ୨୦

Digitized by PPRACHIN, SOA

ସଙ୍ଗେ ଓଡ଼ିଶାର ବଡ଼ ଠାକୁର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ତନ୍ତ୍ରୋକ୍ତ ଭୈରବ ଓ ବିରଜା ତଥା ବିମଳା ଦେବୀଙ୍କୁ ଭୈରବୀ ରୂପେ ବର୍ଣ୍ଣନା କରାଯାଇଛି । (୧୬) ତଦ୍‌ବ୍ୟତୀତ 'ତନ୍ତ୍ରଯାମଳ', 'ଶକ୍ତିସଙ୍ଗମ ତନ୍ତ୍ର' ଆଦି ଗ୍ରନ୍ଥରେ ମଧ୍ୟ କଳିଙ୍ଗ, ଉଡ୍ର ଓ ଉତ୍କଳର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । (୧୭)

ବେଦ, ପୁରାଣ ଓ ତନ୍ତ୍ରରେ ଓଡ଼ିଶାର ଅବସ୍ଥିତି ସମ୍ପର୍କରେ ପ୍ରମାଣ ଥିବା ସଙ୍ଗେ ସଙ୍ଗେ ବୌଦ୍ଧଜାତକ ଗୁଡ଼ିକରେ ମଧ୍ୟ କଳିଙ୍ଗ ଓ ଉତ୍କଳ ଦେଶର ରାଜା ଓ ପ୍ରଜାମାନଙ୍କ ସମ୍ବନ୍ଧରେ ଅନେକ ଆଖ୍ୟାୟିକା ବର୍ଣ୍ଣିତ ହୋଇଛି । (୧୮)

ବେଦ, ପୁରାଣ, ତନ୍ତ୍ର ଓ ଜାତକ ଯୁଗ ଅତିକ୍ରମ କରି ଓଡ଼ିଶା, ବିଦ୍ୱାନ୍‌ମାନଙ୍କ ଦ୍ୱାରା ଅଧିକ ପ୍ରାମାଣିକ, ଇତିହାସ ଯୁଗରେ ପଦାର୍ପଣ କରି ବହୁବିଧ କୀର୍ତ୍ତିରାଜିରେ ମଣ୍ଡିତ ହେବା ସଙ୍ଗେ ସଙ୍ଗେ ସମଗ୍ର ଭାରତରେ ଏକ ସମ୍ମାନଜନକ ସ୍ଥାନ ଲାଭ କରି ପାରିଥିଲା ।

ସମ୍ରାଟ୍ ଅଶୋକଙ୍କ କଳିଙ୍ଗ ବିଜୟ ସମୟରେ କଳିଙ୍ଗ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ ଏକ 'ଗଣରାଜ୍ୟ' ଥିବାର ଅନୁମାନ କରାଯାଏ । ଉତ୍ତରାଞ୍ଚଳରେ 'ମଦ୍ର' ଓ 'କଠ' ଆଦି ରାଜ୍ୟ ପରି କଳିଙ୍ଗ ମଧ୍ୟ ପୂର୍ବ-ଭାରତରେ ଏକ ଶକ୍ତିଶାଳୀ ଗଣରାଜ୍ୟ ଥିବାର ଅନୁମାନ ଐତିହାସିକମାନେ କରିଛନ୍ତି । ଅନ୍ୟଥା ଅଶୋକଙ୍କ ପ୍ରଦତ୍ତ ବିବରଣୀରେ 'କଳିଙ୍ଗରାଜା'ଙ୍କ ନାମ ନିଶ୍ଚୟ ଉଲ୍ଲେଖ ଥା'ନ୍ତା । ଗୋଟିଏ ଗଣରାଜ୍ୟର ଦେଶପ୍ରୀତିରେ ଉଦ୍‌ବୁଦ୍ଧ ଜନତାଙ୍କ ବ୍ୟତୀତ ଶତ୍ରୁ କବଳରୁ ସ୍ୱଦେଶକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ବଳିଷ୍ଠ ଯୁବକ ଯୁଦ୍ଧାଗ୍ନିରେ ଆତ୍ମାହୁତି ଦେବା ଦୃଷ୍ଟାନ୍ତ ବିରଳ । ସେହି ଲୋମହର୍ଷଣକାରୀ ଯୁଦ୍ଧ ଅଶୋକଙ୍କ ପରି ଏକ ନିଷ୍ଠୁର ଶାସକଙ୍କୁ ଧର୍ମାଶୋକରେ ପରିଣତ କରାଇ ପାରିଥିଲା ।

---

(୧୬) ୧୯୬୭ ମସିହା ଦୁର୍ଗାପୂଜା ସଂଖ୍ୟା 'ପ୍ରଜାତନ୍ତ୍ର'ରେ ପ୍ରକାଶିତ 'ଉଡ୍‌ଡୀୟାନ ପୀଠ' ଶୀର୍ଷକ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

(୧୭) ୰ ଜଗବନ୍ଧୁ ସିଂହ ପ୍ରଣୀତ 'ପ୍ରାଚୀନ ଉତ୍କଳ', ପୃ. ୧୩, ୧୬ ଓ ୨୦

(୧୮) ଓଡ଼ିଶା ଇତିହାସ, ଲେଖକ—ଡକ୍ଟର ହରେକୃଷ୍ଣ ମହତାବ, ପୃ. ୬

Digitized by PPRACHIN, SOA

କଳିଙ୍ଗ ବିରୁଦ୍ଧରେ ଅଶୋକଙ୍କ ଜୈତ୍ରଯାତ୍ରା ପରେ ଚେଦିବଂଶ ତିଳକ ମହାମେଘବାହନ ଖାରବେଳଙ୍କ ନେତୃତ୍ୱରେ କଳିଙ୍ଗ ତା'ର ପୂର୍ବ ଅପମାନର ପ୍ରତିଶୋଧ ନେଇଥିଲା । ଖାରବେଳଙ୍କ ରାଜତ୍ୱରେ କଳିଙ୍ଗର ଧର୍ମ, ରାଜନୀତି, ଶିଳ୍ପ, କଳା ଓ ସଂସ୍କୃତିର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ତତ୍ପରେ ମାଠର, ଶୈଳୋଦ୍ଭବ, ଭୌମକର, ସୋମ ବା କେଶରୀ, ଗଙ୍ଗ, ସୂର୍ଯ୍ୟବଂଶ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ଏଗାର ଶହ ବର୍ଷରୁ ଅଧିକ କଳିଙ୍ଗର ଯୋଦ୍ଧାମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡରେ ନିଜ ଗୌରବର ବିଜୟ ବୈଜୟନ୍ତୀ ଉଡ଼ାଇ ଭାରତୀୟ ଜନତାର ଆଦରର ପାତ୍ର ହୋଇ ପାରିଥିଲେ । ଖ୍ରୀଷ୍ଟାବ୍ଦ ଦଶମ-ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଜାତିର ଗୌରବ ଯେତିକି ସମୃଦ୍ଧ ହୋଇଥିଲା, ଓଡ଼ିଶାର ଭାଗ୍ୟାକାଶ ଗଙ୍ଗବଂଶର ରାଜତ୍ୱ ସମୟରେ ତତୋଽଧିକ ସମୁଜ୍ଜ୍ୱଳ ହୋଇ ଉଠିଲା । ବିଶାଳ କଳିଙ୍ଗର ଅଧିପତି-ରୂପେ ଏହି ରାଜବଂଶର ଦାୟାଦଗଣ ପ୍ରାଚୀନ ପରମ୍ପରା ତଥା ଗୌରବକୁ ଅକ୍ଷୁଣ୍ଣ ରଖିବା ସଙ୍ଗେ ସଙ୍ଗେ କଳା, ଶିଳ୍ପ, ସାହିତ୍ୟ ଓ ସଂସ୍କୃତିର ଉନ୍ନତିକଳ୍ପେ ଅନେକ କାର୍ଯ୍ୟ କରିବାରେ ମନ ଦେଇଥିଲେ । ମାଠର, ଶୈଳୋଦ୍ଭବ, ଭୌମକର ଓ ସୋମବଂଶ ସମୟରେ ଯେଉଁ ଓଡ଼ିଶୀ କଳାର ଅଭ୍ୟୁତ୍ଥାନ ସମ୍ଭବ ହୋଇଥିଲା ତାର ଚରମୋତ୍କର୍ଷ ପ୍ରକଟିତ ହେଲା କୋଣାର୍କ ମନ୍ଦିରର କାରୁକାର୍ଯ୍ୟରେ । ଗ୍ରନ୍ଥ ନିର୍ମାଣ କ୍ଷେତ୍ରରେ ମଧ୍ୟ ପଞ୍ଚମ ଶତାବ୍ଦୀର ବିଶ୍ରୁତ ଓଡ଼ିଆ ପଣ୍ଡିତ 'ପଞ୍ଚତନ୍ତ୍ର'ର ପ୍ରଣେତା ବିଷ୍ଣୁଶର୍ମା (୧୯) ଅଷ୍ଟମ ନବମ ଶତାବ୍ଦୀର ଭଟ୍ଟନାରାୟଣ, ମୁରାରି ମିଶ୍ର, ଏକାଦଶ ଶତାବ୍ଦୀର ପ୍ରସିଦ୍ଧ 'ପ୍ରବୋଧଚନ୍ଦ୍ରୋଦୟ' ନାଟକର ପ୍ରଣେତା କୃଷ୍ଣ ମିଶ୍ର, ନୈଷଧୀୟ ଚରିତର ପ୍ରଣେତା ଶ୍ରୀହର୍ଷ (୨୦) ଆଦି କବିମାନଙ୍କ ପଦଚିହ୍ନର ଅନୁସରଣ କରି ଗଙ୍ଗ ରାଜାମାନଙ୍କ ପୃଷ୍ଠ-ପୋଷକତାରେ ବହୁ କବି କୋବିଦ ଗ୍ରନ୍ଥ ରଚନାରେ ପ୍ରବୃତ୍ତ ହୋଇଥିଲେ ।

---

(୧୯) The Homeland of Vishnusharma by Dr. S. C. Behera, I. H. Q., Vol. XXXVIII, Nos. 2-3, P. 160—167.

(୨୦) The Descriptive Catalogue of Sanskrit Manuscripts of Orissa, Vol. II, Edited by Sri K. N. Mahapatra, P. 12—27.

Digitized by PPRACHIN, SOA

ସେମାନଙ୍କ ମଧ୍ୟରେ 'ଭାସ୍ୱତୀ'ର ପ୍ରଣେତା ଶତାନନ୍ଦ, 'ସ୍ମୃତି ସମୁଚ୍ଚୟ'ର ପ୍ରଣେତା ଶଙ୍ଖଧର, ବାଜପେୟୀ ଶମ୍ଭୁକର ମିଶ୍ର, ବାଜପେୟୀ ବିଦ୍ୟାକର ମିଶ୍ର, ରାମଚନ୍ଦ୍ର ବାଜପେୟୀ, ଆର୍ଯ୍ୟାସପ୍ତଶତୀର ପ୍ରଣେତା ଗୋବର୍ଦ୍ଧନାଚାର୍ଯ୍ୟ, କବିରାଜ ଜୟଦେବ, କବି ବିଦ୍ୟାଧର, କାବ୍ୟ ପ୍ରକାଶ ଦୀପିକା, କଳାସମଞ୍ଜରୀ, ଧ୍ୱନିସିଦ୍ଧାନ୍ତସଂଗ୍ରହ ଆଦି ଗ୍ରନ୍ଥର ପ୍ରଣେତା ମହାମହୋପାଧ୍ୟାୟ ଚଣ୍ଡୀଦାସ ତଥା ସାହିତ୍ୟଦର୍ପଣ, କୁବଳୟାଶ୍ୱ ଚରିତ, ଚନ୍ଦ୍ରକଳା ନାଟିକା, ପ୍ରଭାବତୀ ପରିଣୟ, ନରସିଂହ ବିଜୟ ଆଦି ଗ୍ରନ୍ଥର ପ୍ରଣେତା ବିଶ୍ୱନାଥ କବିରାଜ ପ୍ରଭୃତି ପ୍ରସିଦ୍ଧ ବିଦ୍ୱାନ୍ ଭାରତୀୟ ପଣ୍ଡିତମଣ୍ଡଳୀରେ ଓଡ଼ିଶାର ଯଶଃ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଓଡ଼ିଶାରେ ଗ୍ରନ୍ଥ ରଚନାର ଏକ ମହିମାମୟ ପରମ୍ପରା ସୃଷ୍ଟି କରିଥିଲେ ।

ଗଙ୍ଗ ରାଜାମାନଙ୍କ ପରେ, ସୂର୍ଯ୍ୟବଂଶର ଗଜପତି ରାଜାମାନଙ୍କ ପୃଷ୍ଠପୋଷକତାରେ ମଧ୍ୟ କବିଚନ୍ଦ୍ର ରାୟ ଦିବାକର ମିଶ୍ର, କବିଡିଣ୍ଡିମ ଜୀବଦେବାଚାର୍ଯ୍ୟ, ମନ୍ତ୍ରୀବର ରାଜଗୁରୁ ଗୋଦାବର ମିଶ୍ର, କବୀନ୍ଦ୍ର ମାର୍କଣ୍ଡେୟ ଆଦି ବିଖ୍ୟାତ ପଣ୍ଡିତମାନେ ସେହି ଶାଶ୍ୱତ ଧାରାକୁ ଅବ୍ୟାହତ ରଖି ପାରିଥିଲେ ।

ଭୌମ ଓ ସୋମବଂଶୀ ରାଜତ୍ୱ କାଳରେ 'ବଜ୍ରଯାନ'ର ସିଦ୍ଧାଚାର୍ଯ୍ୟମାନେ ପ୍ରାଚୀନ ଓଡ଼ିଆ ଭାଷାରେ ବହୁ ଗୀତ ରଚନା କରିଥିଲେ । ତେଣୁ ଓଡ଼ିଆ ଭାଷାର ବିକାଶଯୁଗ ଅନ୍ୟୂନ ଖ୍ରୀ. ଅ. ୭ମ ଶତାବ୍ଦୀରୁ ଦଶମ ଶତାବ୍ଦୀ ବୋଲି ଗ୍ରହଣ କରିବା ସମୀଚୀନ ହେବ । ଅନ୍ୟଥା ସେହି ସମୟ ମଧ୍ୟରେ 'ଚର୍ଯ୍ୟାଗୀତିକା' ଓ 'ନାଥ ସାହିତ୍ୟ'ର ବିକାଶ ଏବଂ ତତ୍‌ପରବର୍ତ୍ତୀ କାଳରେ 'ଶିଶୁବେଦ' ଓ ବତ୍ସାଦାସଙ୍କ କଳସା ଚଉତିଶା ତଥା ପଞ୍ଚଦଶ ଶତାବ୍ଦୀରେ ସାରଳା ସାହିତ୍ୟର ରଚନା ସମ୍ଭବପର ହୋଇ ନ ଥା'ନ୍ତା ! ଗୋଟିଏ ଭାଷାର ପ୍ରାରମ୍ଭିକ ଅବସ୍ଥାଠାରୁ ଦୀର୍ଘ ପାଞ୍ଚ ଛଅ ଶହ ବର୍ଷ ଅତିବାହିତ ନ ହେଲେ, 'ସାରଳା ମହାଭାରତ' ପରି ଏକ ବିରାଟ ପୁରାଣଗ୍ରନ୍ଥ ରଚିତ ହେବା ସମ୍ଭବ ହେବ ନାହିଁ ।

ଓଡ଼ିଆ ଭାଷାର ପ୍ରାଚୀନତା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ଜନ୍ ବିମ୍ସ୍ 'Comparative Grammer of Indo

Digitized by PPRACHIN, SOA

Aryan Language' ପୁସ୍ତକରେ; ଓଡ଼ିଆ ଭାଷା, ବଙ୍ଗଳା ଓ ହିନ୍ଦୀ ଭାଷା ଅପେକ୍ଷା ପ୍ରାଚୀନତର ବୋଲି ମତପ୍ରକାଶ କରିଛନ୍ତି—

"Looked at from purely the linguistic side, there is no doubt that Oriya has ample proof of its indivisuality × × × × It retains unchanged forms which are older than the oldest Bengali or Hindi and others which can only be compared with Bengali forms of three centuries ago, but which long since have died out of that language."

ଓଡ଼ିଆ ଭାଷାର ଉତ୍ପତ୍ତି ସମ୍ବନ୍ଧରେ ଗବେଷକ ପଣ୍ଡିତ ବିନାୟକ ମିଶ୍ରଙ୍କ ମତ ନିମ୍ନରେ ଉଦ୍ଧାର କରାଗଲା । "ସୁତରାଂ ପ୍ରାଚୀନ ଓଡ୍ରେସ ଜାତି ଦ୍ରାବିଡ଼ୀ ଭାଷା ବ୍ୟବହାର କରୁଥିଲେ ବୋଲି ଅନୁମାନ କରିବା ଅସଙ୍ଗତ ନୁହେଁ । ଆଧୁନିକ ଓଡ଼ିଆଭାଷୀ ଜାତି ପ୍ରାଚୀନ ଓଡ୍ରେସ ଜାତି ରୂପେ ନିଃସନ୍ଦେହରେ ଚିହ୍ନିତ ହୋଇ ପାରନ୍ତି । × × × ଆହୁରି ମଧ୍ୟ ଗୋତ୍ର ଓ ସାମାଜିକ ରୀତିନୀତିର ଆଲୋଚନା କଲେ ଜଣାଯାଏ ଯେ, ଓଡ଼ିଶାର ଶୂଦ୍ରମାନେ ଦ୍ରାବିଡ଼ ଜାତିର ଅନ୍ତର୍ଗତ । ଅନେକ ଆର୍ଯ୍ୟ ଓଡ଼ିଶାର ଶୂଦ୍ରମାନଙ୍କ ମଧ୍ୟରେ ମିଶି ଯାଇଥିବାର ପ୍ରମାଣ ଥିଲେ ମଧ୍ୟ ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ, ଓଡ଼ିଶାର ଆଦିମ ଶୂଦ୍ରମାନେ ଦ୍ରାବିଡ଼ ଥିଲେ ଓ ପ୍ରାଚୀନ କାଳରେ ଓଡ଼ିଶାରେ ଦ୍ରାବିଡ଼ୀ ଭାଷା ବ୍ୟବହୃତ ହେଉଥିଲା । କିନ୍ତୁ ଓଡ଼ିଶାର ଆଦିମ ଅଧିବାସୀମାନେ ଦ୍ରାବିଡ଼ୀ ଭାଷାର ବ୍ୟବହାର କରୁଥିଲେ ମଧ୍ୟ ଆର୍ଯ୍ୟମାନଙ୍କ ବହୁଳ ବସତି ଯୋଗେ ସେମାନଙ୍କ ଉଚ୍ଚାରଣ ରୀତି ଅନେକ ପରିବର୍ତ୍ତିତ ହୋଇଯାଇଛି ଓ ଦ୍ରାବିଡ଼ୀ ଶବ୍ଦର ବଦଳରେ ଅନେକ ପାଲୀ ଓ ସଂସ୍କୃତ ଶବ୍ଦ ଓଡ଼ିଆ ଭାଷାରେ ମିଶିଯାଇଛି । (୨୧)

ପଣ୍ଡିତ ମିଶ୍ରଙ୍କ ଉକ୍ତ ଆଲୋଚନାରୁ ଜଣାଯାଏ ଯେ, ଓଡ଼ିଶାରେ ବହୁ ପୂର୍ବରୁ ଦ୍ରାବିଡ଼ୀ ଭାଷା ବ୍ୟବହୃତ ହେଉଥିଲା ଏବଂ ପରେ ପରେ ଆର୍ଯ୍ୟମାନଙ୍କ ସମ୍ପର୍କରେ ଆସିବା ଫଳରେ ଦ୍ରାବିଡ଼ୀ ଭାଷା ସହିତ ସଂସ୍କୃତ ଓ ପ୍ରାକୃତ ଭାଷା ମିଶି ତାହା ଓଡ଼ିଆ ଭାଷାରେ ପରିଣତ

(୨୧) ଓଡ଼ିଆ ଭାଷାର ଇତିହାସ, ଲେଖକ—ପଣ୍ଡିତ ବିନାୟକ ମିଶ୍ର, ପୃ. ୧୭

Digitized by PPRACHIN, SOA

ହେଲା ଏବଂ ଭାଷାକ୍ଷେତ୍ରରେ ଏ ପ୍ରକାର ବିବର୍ତ୍ତନର ସୂତ୍ରପାତ ଖୁବ୍ ସମ୍ଭବତଃ ଖ୍ରୀ. ପୂ. ତୃତୀୟ ଶତାବ୍ଦୀ ପୂର୍ବରୁ ସମ୍ଭବ ହୋଇଥିଲା । ତା' ହୋଇ ନ ଥିଲେ ସମ୍ରାଟ ଅଶୋକଙ୍କ ଶିଳାଲିପିରେ କେବେହେଲେ ପାଲୀ ଭାଷାର ବ୍ୟବହାର କରାଯାଇ ନ ଥାନ୍ତା ।

ଏ ସମ୍ବନ୍ଧରେ ଆହୁରି ମଧ୍ୟ କୁହାଯାଇପାରେ ଯେ, ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ପ୍ରଣୟନ ବେଳକୁ 'ଓଡ୍ରଭାଷା' ଏକ ବିଭାଷାରେ ପରିଣତ ହୋଇ ସାରିଥିଲା, ଯଥା—

"ଶବରାଭୀର-ଚଣ୍ଡାଳସଚର-ଦ୍ରାବିଡୋଡ୍ରଜାଃ ।
ହୀନା ବନେଚରାଣାଂ ଚ ବିଭାଷା ନାଟକେ ସ୍ମୃତାଃ ।"

ହୁଏନ୍‌ସାଂଙ୍କ ଭାରତଭ୍ରମଣ ବୃତ୍ତାନ୍ତରୁ ଜଣାଯାଏ ଯେ, ତାଙ୍କ ଆଗମନ ସମୟକୁ କଳିଙ୍ଗର ଅଧିବାସୀମାନଙ୍କର ଏକ ସ୍ୱତନ୍ତ୍ର ଭାଷା ଥିଲା ଏବଂ ତାହାର ଉଚ୍ଚାରଣ ପଦ୍ଧତି ମଧ୍ୟ ଭାରତ ବା ଆର୍ଯ୍ୟାବର୍ତ୍ତର ଅନ୍ୟାନ୍ୟ ଅଞ୍ଚଳରେ ପ୍ରଚଳିତ ଭାଷା ଓ ଉଚ୍ଚାରଣ ପଦ୍ଧତିଠାରୁ ସ୍ୱତନ୍ତ୍ର ରୂପ ଗ୍ରହଣ କରିଥିଲା ।

ଭାଷା ବିଜ୍ଞାନର ଗବେଷକମାନେ ମାଗଧୀ ଅପଭ୍ରଂଶରୁ ଓଡ଼ିଆ, ବଙ୍ଗଳା, ଆସାମିୟା ଓ ମୈଥିଳୀ ଭାଷାର ଉତ୍ପତ୍ତି ହୋଇଛି ବୋଲି ମତ ଦିଅନ୍ତି । ବସ୍ତୁତଃ ପୂର୍ବ-ଭାରତର ଏହି ଚାରୋଟି ଭାଷା ମଧ୍ୟରେ ସମ୍ପର୍କ ଏତେ ଘନିଷ୍ଠ ଯେ, ପଣ୍ଡିତମାନଙ୍କର ସେହି ସିଦ୍ଧାନ୍ତ ସମ୍ବନ୍ଧରେ ସନ୍ଦେହର ଅବକାଶ ରହେ ନାହିଁ । ଓଡ଼ିଆ ଭାଷାର ମୂଳ ଉତ୍ସ ଯେଉଁ ଅପଭ୍ରଂଶରୁ ହେଉ ନା କାହିଁକି, ତାହା ଖ୍ରୀ. ପୂ. ତୃତୀୟ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇ ସପ୍ତମ, ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ କେବଳ କ୍ରମବିକାଶ ପଥରେ ଅଗ୍ରସର ହୋଇଥିଲା । ସେତେବେଳେ ପ୍ରାଚୀନ ଓଡ଼ିଆର ସ୍ମୃତିସମ୍ବଳିତ ପୁସ୍ତକମାନ ଯେ ପ୍ରଣୀତ ହୋଇ ନ ଥିବ; ଏ କଥା ନୁହେଁ, ମାତ୍ର ଯେ ପର୍ଯ୍ୟନ୍ତ ତାହା ଆଲୋଚକମାନଙ୍କ ହସ୍ତଗତ ନ ହୋଇଛି, ସେ ପର୍ଯ୍ୟନ୍ତ ତାହା କେବଳ ଗବେଷଣାର ବିଷୟ ହୋଇ ରହିଥିବ ।

ଖ୍ରୀଷ୍ଟୀୟ ସପ୍ତମ, ଅଷ୍ଟମ ଶତାବ୍ଦୀଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚୌରାଶି ସିଦ୍ଧଙ୍କ ଯୁଗ ବୋଲି ଐତିହାସିକମାନେ ମତ ଦିଅନ୍ତି । ସେମାନଙ୍କ ମଧ୍ୟରେ ମତ୍ସ୍ୟେନ୍ଦ୍ର ନାଥ, ଗୋରକ୍ଷ ନାଥ

Digitized by PPRACHIN, SOA

ପ୍ରଭୃତଙ୍କ ସମ୍ବନ୍ଧରେ ଓଡ଼ିଶାରେ ଅନେକ କିମ୍ବଦନ୍ତୀ ରହିଛି; ଏପରିକି ଗୋରକ୍ଷ ନାଥ, ମତ୍ସ୍ୟେନ୍ଦ୍ର ନାଥ ଆଦିଙ୍କ ନାମରେ ମଠବାଡ଼ି ଓ ସେମାନଙ୍କ ନାମରେ ଗ୍ରନ୍ଥାଦିର ପ୍ରଚଳନ ଅଦ୍ୟାପି ରହିଛି ।

ସିଦ୍ଧ କବିଗଣଙ୍କ ମଧ୍ୟରେ ଶବର, ଲୁଇ, କାହ୍ନୁ ପ୍ରମୁଖ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ଯେଉଁ ପଚାଶଟି ଗୀତ-କବିତା ମିଳୁଛି, ତନ୍ମଧ୍ୟରେ ସରହପା, ଲୁଇପା, ଦାରିକପା, କମ୍ବଳପା, କାହ୍ନୁପା ଆଦିଙ୍କ ରଚିତ ଗୀତଗୁଡ଼ିକରେ ବହୁଳ ଭାବରେ ଓଡ଼ିଆ ପଦାବଳୀ ଓ କ୍ରିୟାପଦର ଆଭାସ ମିଳୁଛି । ସେମାନଙ୍କ ଗୀତରୁ "ତୋହୋରି, ଛଇ ଛଇ, ଯାଇ, ଆଲୋ, ତହିଂ, ବାପୁଡ଼ୀ, ପରାଣ (୨୨), ଭଣଇ, ପୁଚ୍ଛଅ, ବଇଠା, ଏଡ଼ି, ସଅଳ, ପଇଠା (୨୩), ତୋହୋର, ଟାଳି, ଛିନାଳୀ, ନାହି, ମେଳଇ, ମୋହଅଇ, ବସ୍ତୁଇ, ପୋହାଇ, ଲେଇ, ଗାଇ, ଜାଇ, ଏଥୁ, ଫୁଟିଲା, ଅନ୍ଧାରି, ଫୁଲିଆ, ତହିଂ, ଦେହେ, ଫିଟିଲା, ଉପାଡ଼ି, କୁରାଡ଼ି, ଜାଗନ୍ତେ, ମୋରି, ଭଇଲା, ପାସେରି, ପାକେଲା, ଉଛୁଁ, ଘରିଣୀ, ବସଇ, ଦାରିହିଣ, ପାଡ଼ିଲା, ପୋହାଇଲୀ, ଖାଇ (୨୪), ଆଦି ବହୁ ଓଡ଼ିଆ ଶବ୍ଦ ମିଳୁଛି ।

ଏକାଦଶ-ଦ୍ୱାଦଶ ଶତାବ୍ଦୀରେ ପ୍ରଦତ୍ତ ସିଂହଳର 'ଅଂବଲତୋଟ' ଡାକବଙ୍ଗଳାଠାରୁ ପ୍ରାୟ ଦେଡ଼ମାଇଲ ଦୂରରେ 'ବନ୍ଦରୂପ-ବିହାର' ନାମକ ସ୍ଥାନରୁ ୧୮୭୯ ମସିହାରେ ଡକ୍ଟର ମୁଲ୍ଲର (Dr. Muller)ଙ୍କ ଦ୍ୱାରା ପ୍ରକାଶିତ ଗୋଟିଏ ଶିଳାଲିପିର ପାଠରୁ ଓଡ଼ିଆ ଭାଷାର ଯେଉଁ ଉଦାହରଣ ହସ୍ତଗତ ହୁଏ ସେଥିରୁ ପରିଷ୍କାର ଜଣାପଡ଼ୁଛି ଯେ, ଓଡ଼ିଆ ଭାଷା ସେତେବେଳକୁ ଓଡ଼ିଶାରେ ପ୍ରଭୂତ ପ୍ରଚଳନ ହେବା ସଙ୍ଗେ ସଙ୍ଗେ ସୁଦୂର ସିଂହଳ ପର୍ଯ୍ୟନ୍ତ ମଧ୍ୟ ପ୍ରସାରିତ ହୋଇ ପାରିବାର ଗୌରବ ଅର୍ଜନ କରିଥିଲା । ଉକ୍ତ ଶିଳାଲିପି ସମ୍ବନ୍ଧରେ ଆଲୋଚନା କରି ପଣ୍ଡିତ ଶ୍ରୀ ସତ୍ୟନାରାୟଣ ରାଜଗୁରୁ ଗୋଟିଏ ଗବେଷଣାମୂଳକ ଲେଖା ପ୍ରକାଶ କରିଛନ୍ତି । (୨୫) ହୁଏତ କେହି ସନ୍ଦେହ କରି ପାରନ୍ତି ଯେ,

---

(୨୨) ଓଡ଼ିଆ ଭାଷାର ଇତିହାସ, ଲେଖକ—ପଣ୍ଡିତ ବିନାୟକ ମିଶ୍ର, ପୃ. ୧୫୭ ।

(୨୩) ଓଡ଼ିଆ ସାହିତ୍ୟର ଆଦି ପର୍ବ, ଲେଖକ—ସୁରେନ୍ଦ୍ର ମହାନ୍ତି, ପୃ. ୫୩ ।

(୨୪) ଚର୍ଯ୍ୟାଗୀତି, ଲେଖକ—ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ଦ୍ୱିତୀୟ ଭାଗ ।

(୨୫) ଝଙ୍କାର, ନବମ ବର୍ଷ—୪ର୍ଥ, ୫ମ, ୬ଷ୍ଠ ସଂଖ୍ୟା, ଅକ୍ଟୋବର ୧୯୬୮, ପୃ. ୭—୧୪ ।

Digitized by PPRACHIN, SOA

ସେହି ଶବ୍ଦଗୁଡ଼ିକର ଅର୍ଥ ସିଂହଳୀ ଭାଷାରେ ଅନ୍ୟ ଅର୍ଥ ଓ ଓଡ଼ିଆ ଭାଷାରେ ଅନ୍ୟ ଅର୍ଥ ହୋଇପାରେ । ମାତ୍ର ତାହାର ଯେଉଁ ଇଂରାଜୀ ଅନୁବାଦ ଦିଆଯାଇଛି, ସେଥିରୁ ବେଶ୍ ଜଣାଯାଏ ଯେ, ସେଗୁଡ଼ିକ ବିଶୁଦ୍ଧ ଓଡ଼ିଆ ଶବ୍ଦ । ଉକ୍ତ ଶିଳାଲିପିରେ ପ୍ରଦତ୍ତ କେତେଗୁଡ଼ିଏ ଓଡ଼ିଆ ଶବ୍ଦ ଓ ଓଡ଼ିଆ ଭାଷାରେ ବିଶେଷ ଭାବରେ ବ୍ୟବହୃତ ସର୍ବ-ଭାରତୀୟ ସଂସ୍କୃତ ଶବ୍ଦ ନିମ୍ନରେ ପ୍ରଦତ୍ତ ହେଲା—

ବଂଶ ରାଜା, ଶିବ ପରମଣି ଦେବ, ଏକ ପ୍ରସିଦ୍ଧ ସ୍ଥାନ, ଏହା ଜଳଦୁର୍ଗ, ଦଶ ଦିଗନ୍ତର, ଯେହ୍ନ ହେତୁ, ଅନେକ, ପଟ୍ଟଣ (ପାଟଣା), ଏକ, ସାର ଗାମ (ସାର ଗ୍ରାମ), ଯେହ୍ନଙ୍କୁଂ (ଏ ହେତୁ) ଯେହ୍ନ, ବିସୋବରୁଣଙ୍କସେ (ବିଶ୍ୱ ବରୁଣଙ୍କଶେ), କଂ ଯାଏ, କଏର ଏବୁ (କରଇବୁ) ଯେବେହେ, କରବା (କରିବା), ଲଙ୍କା ବାସିନ୍ତ, ଦୁସ୍ତକାଳ (ଦୁଷ୍ଟକାଳ), ଯାଚକଯୂନ୍ତ (ଯାଚକମାନଙ୍କୁ) ।

ଏତଦ୍‌ବ୍ୟତୀତ ଓଡ଼ିଶାରେ ମିଳୁଥିବା ଅନେକ ଶିଳାଲେଖ ଓ ତାମ୍ର ଶାସନରେ ମଧ୍ୟ ଓଡ଼ିଆ ଭାଷାର ପ୍ରୟୋଗ ସମ୍ବନ୍ଧରେ ଯେଉଁ ପ୍ରମାଣମାନ ମିଳୁଛି, ତାହା ମଧ୍ୟ ଏଠାରେ ଆଲୋଚନା କରିବା ସମୀଚୀନ ହେବ ।

ପ୍ରାଚୀନ ଓଡ଼ିଆ ଅଭିଲେଖରେ ପ୍ରୟୋଗ କରାଯାଇଥିବା ଭାଷାରୁ ଓଡ଼ିଆ ଭାଷାର ବିକାଶକ୍ରମ ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା କରିହୁଏ । ବାଲେଶ୍ୱର୍ ଜିଲ୍ଲାର ଗନ୍ଧରାଡ଼ି ଗ୍ରାମରୁ ମିଳିଥିବା ଖଣ୍ଡିଏ ପ୍ରସ୍ତର ଫଳକରେ ଖୋଦିତ କେତୋଟି ଓଡ଼ିଆ ଶବ୍ଦ ଓ ଅକ୍ଷର ଲିଖନ ପ୍ରଣାଳୀରୁ ଉକ୍ତ ଶିଳାଲେଖଟି ଦଶମ–ଏକାଦଶ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି ।

"ଦେବ କହ୍ନୀ ଭଗତ କରୁଣ ଆଛନ୍ତି ଭେ କୁମାରସେଣ ।" (୨୬)

ଗଙ୍ଗବଂଶର ନରସିଂହ ଦେବ ୧ମ (ଖ୍ରୀ. ଅ. ~~୧୨୧୧—~~୩୮) 1238 — ଙ୍କ ସମୟରେ କପିଳାସ ପର୍ବତର ଶିଖରେଶ୍ୱରଙ୍କ ମନ୍ଦିରର କଳସରେ ଖୋଦିତ ଅଭିଲେଖରୁ ଜଣାଯାଏ ଯେ, ସେ ସମୟକୁ ଓଡ଼ିଆ ଭାଷା ପୂର୍ଣ୍ଣରୂପରେ ବିକଶିତ ହୋଇ ସାରିଥିଲା । ଅନ୍ୟଥା ଗୋଟିଏ ଶିଳାଲେଖରେ ଏତେ ମାର୍ଜିତ ଭାଷା ବ୍ୟବହୃତ ହେବା ଆଦୌ ସମ୍ଭବପର ନୁହେଁ ।

---

(୨୬) O. H. R. J., vol. II, No. 2, P. P. 21

Digitized by PPRACHIN, SOA

"ଶ୍ରୀବୀର ନରସିଂହ ଦେବ ରାଜ୍ୟେ ୧୮ ଶ୍ରାହ୍ମ କୈଳାସ ଦେବ ଙ୍କେ ଭୁଳସୀ ସେନାପତି ରଂପାଗ୍ରାମ ଚତୁଃସୀମାନ୍ତ ଦତ୍ତ ।"

ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ 'ସୀମାଚଳ'ର ଶ୍ରୀଲକ୍ଷ୍ମୀନୃସିଂହଙ୍କ ମନ୍ଦିରରେ ଖୋଦିତ ଗଙ୍ଗବଂଶର ଅନ୍ୟତମ ରାଜା ଭାନୁଦେବ ୧ମଙ୍କ ସମୟର ଗୋଟିଏ ଶିଳାଲେଖରୁ ଓଡ଼ିଆ ଭାଷାର ଆହୁରି ବିକଶିତ ସ୍ୱରୂପର ସୂଚନା ମିଳେ । ଉକ୍ତ ଶିଳାଲେଖରେ ଓଡ଼ିଆ ଭାଷା ଦକ୍ଷିଣାଞ୍ଚଳର ଆଞ୍ଚଳିକ ପ୍ରଭାବରେ ପ୍ରଭାବିତ ହୋଇଥିବାର ପ୍ରମାଣ ମିଳୁଛି ।

"ତିନ ଭାଗ ଶତେକ ମୋଖଣେ ଅର୍ଜିଲ୍ ନ୍ୟାୟେ ଏହାକୁ ଅଧିକ ଭାଗେ ସଏନେ କରି ଏହାକୁ ଦୁଇଭାଗ ଏ ପାଞ୍ଚଭାଗ ବ ଯେ ସବୁହି ଜେ ଜାହାର ଭାଗେ ସ୍ରାହ୍ମ ସ୍ରାହ୍ମ ସଜବାଏ । ଏହାଙ୍କର ମୁଖରେପଣ ବ୍ରିତି ଏ ପଂଚରି ମଧ୍ୟେ ଖଦି ଶୋଧୃିବେ ଚନ୍ଦ୍ରାର୍କ ନ ଭୋଗ କରିବା·····" । (୨୭)

ପଣ୍ଡିତ ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ସମ୍ପାଦିତ କେନ୍ଦୁଳୀ ତାମ୍ର ଶାସନରୁ ଜଣାଯାଏ ଯେ, ପୂର୍ବୋକ୍ତ ଶିଳାଲେଖ ଅପେକ୍ଷା ଓଡ଼ିଆ ଭାଷା ଆହୁରି ଉନ୍ନତ ଅବସ୍ଥାକୁ ଆସିଲାଣି । ଅବଶ୍ୟ ସଂସ୍କୃତର ପ୍ରଭାବ ବାକ୍ୟଗଠନ ପ୍ରଣାଳୀକୁ ଅନେକାଂଶରେ ପ୍ରଭାବିତ କରିଥିଲେହେଁ ଓଡ଼ିଆ ଭାଷା ଯେ, ସମୃଦ୍ଧିର ସୋପାନରେ ଆରୋହଣ କଲାଣି, ଏଥିରେ କାହାରି ସନ୍ଦେହ ରହେ ନାହିଁ ।

"ଚୈତ୍ରମାସି ଶୁକ୍ଳପକ୍ଷେ ତ୍ରୟୋଦଶ୍ୟାଂ ରବିବାରେ ବାରାଣସୀ କଟକେ ବିଶ୍ୱକ୍ ଶୁର୍ଭା ବେଦିକ ସମୟେ ଶ୍ରୀଚରଣେ ଭିତର କନ୍ୟା-ମଣ୍ଡପ ବାର୍କି ଆଏ ବିଜୟ ସମୟେ ଦୁଆର ପରୀକ୍ଷ ଗଡ଼େଶ୍ୱର ଜେନାଂ ବୁଢ଼ା ଲେଙ୍କା ଲଣ୍ଡୁ ସନମିଶ୍ର ଭଣ୍ଡୁ ଜିଆ ଆଉଃ ପୌର ପରୀକ୍ଷ ମହାପାତ୍ର ନରେନ୍ଦ୍ର ଦେବ ଚକ୍ରବର୍ତ୍ତି ମହାପାତ୍ର ନରହରି ଦାସ ପ୍ରଡ଼ରାଜ ମହାପତ୍ର ଶ୍ରୀପତି ମଙ୍ଗଳରାଜ ଗୋଚରରେ ଆବଧାରିଲା ନ୍ୟାଏ ପୋଗ୍ରେ ଶ୍ରୀକରଣ ସପନେଶ୍ୱର ମାହାସେନାପତି ବଇଘ ମାହାସେନାପତି

---

(୨୭) An Early Inscriptions of the 15th, 16th century A. D. By Dr. K. B. Tripathy, O. H. R. J., Vol. I, No. 3, P. P. 202.

Digitized by PPRACHIN, SOA

ମୁଦଲେଖ ମହାପାତ୍ର ନରହରି ଦାସ ପ୍ରହରାଜଙ୍କଠାରୁ କନର ଗ୍ରାମର ନାମ ବଜସ୍ତ୍ର ନରସିଂହ ଚତୁଃସୀମା ସମାହାଂକ କରଦେସ୍ୟା । କଳାସ୍ତୁର ଉତ୍ତର ଶୁଭୁସୀମା କନର ଗ୍ରାମର ନାମ ବଜସ୍ତ୍ର ନରସିଂହପୁର" । (୨୮)

ଉପରୋକ୍ତ ଶିଳାଲେଖ ବ୍ୟତୀତ ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରଥମ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟର ଗୋଟିଏ ଶିଳାଲେଖରୁ ଓଡ଼ିଆ ଭାଷାର ସ୍ୱରୂପ ସମ୍ବନ୍ଧରେ ସୁସ୍ପଷ୍ଟ ପ୍ରମାଣ ମିଳେ । ସେତେବେଳକୁ ଓଡ଼ିଆ ଭାଷା ପୂର୍ବୋକ୍ତ ଦୁଇଟି ଉଦାହରଣ ଅପେକ୍ଷା ଆହୁରି ଉନ୍ନତ ଅବସ୍ଥାରେ ଆସି ପହଞ୍ଚିଲାଣି ବୋଲି କହିଲେ ଅତିଶୟୋକ୍ତି ହେବ ନାହିଁ । ସ୍ୱର୍ଗତଃ ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ସମ୍ପାଦିତ କପିଳେନ୍ଦ୍ର ଦେବଙ୍କର ଗୋଟିଏ ଶିଳାଲେଖରୁ ନିମ୍ନୋକ୍ତ ଉଦ୍ଧୃତାଂଶଟି ପ୍ରଦତ୍ତ ହେଲା ।

"ବୀର ଶ୍ରୀ ପ୍ରତାପ କପିଳେଶ୍ୱର ଦେବ ମହାରାଜାଙ୍କର ବିଜସ୍ତ୍ର ରାଜ୍ୟେ ସମସ୍ତ ୪ ଅଙ୍କ ଶାସ୍ତ୍ରୀ ଧନୁ ଅମାବୈ ସୌରିବାରେ ଶ୍ରୀ ପୁରୁଷୋତ୍ତମ କଟକେ ପରମେଶ୍ୱରଂକ ଦର୍ଶନ ସମୟେ ମହାପାତ୍ର କଳାଇ ସାନ୍ତରା ମହାପାତ୍ର, ଜଳସର ସେନ ନରେନ୍ଦ୍ର ମହାପାତ୍ର, ଗୋପୀନାଥ ମଙ୍ଗରାଜ ମହାପାତ୍ର, କାଶୀ ବିଦ୍ୟାଧର ମହାପାତ୍ର, ବେଲଶ୍ୱର ପ୍ରହରାଜ ମହାପାତ୍ର ଲଖନ ପୁରୋହିତ ପଟନାୟକ, ଦାମୋଦର ସେନାପତି ଥାଇ ପରମେଶ୍ୱରଂକ ଶ୍ରୀଚରଣଅଗ୍ରତେ ଭୋଗ ପସଷା ପାତ୍ର ଅଗ୍ନିସର୍ମା ମୁଦ୍ରହସ୍ତର ଗୋଚରରେ ବୋଇଲା ମୁଦଲେ ଶ୍ରୀ ପୁରୁଷୋତ୍ତମ ଦେବଂକ ଦେଉଳ ଦ୍ୱାରେ ଲେଖନ କରିବା ଆମ୍ଭର ଓଡ଼ିଶା ରାଜ୍ୟର ଲୋଣ କଉଡ଼ି ମୂଳକର ନ୍ୟାଯ୍ୟ ଗୁଡ଼ଲ ଗୁଡ଼ଲ ଗୁଡ଼ଲ, ଏହା ରାଜ୍ୟ ହୋଇ ଯେ ଲଙ୍ଘଇ ସେ ଜଗନ୍ନାଥ ଦେବଂକୁ ଦ୍ରୋହ କରନ୍ତି (୨୯) ।

---

(୨୮) The Kenduli Copper Plate Grant. Edited by S. N. Rajaguru, O. H. R. J., Vol. V. No. 1 P. 42.

(୨୯) Oriya Inscriptions of the 15th, 16th Century A. D. by Sri M. M. Chakravarty, J. A. S. B., —1893.

Digitized by PPRACHIN, SOA

ଏତଦ୍‌ବ୍ୟତୀତ ଆନ୍ଧ୍ରର ଅନେକ ଶିଳାଲେଖରେ ପ୍ରାଚୀନ ଓଡ଼ିଆ ଭାଷାର ବିକାଶ ସମ୍ବନ୍ଧରେ ପ୍ରମାଣ ମିଳୁଛି । ସେଗୁଡ଼ିକୁ ଏହି ସୀମିତ ଆଲୋଚନାର ପରିସର ମଧ୍ୟରେ ଲିପିବଦ୍ଧ କରିବା ସମ୍ଭବ ନୁହେ । ତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ଓଡ଼ିଆ ଶିଳାଲେଖ-ଗୁଡ଼ିକୁ 'ଓଡ଼ିଆ ଗଦ୍ୟ ସାହିତ୍ୟ'ର ମୂଳ ଉତ୍ସ ବୋଲି କୁହାଯାଇପାରେ । ଯଦିଓ ସାହିତ୍ୟିକ ମୂଲ୍ୟବୋଧ ଦୃଷ୍ଟିରୁ ପ୍ରୋକ୍ତ ଶିଳାଲେଖ ଗୁଡ଼ିକର ଅବଦାନ ଯଥେଷ୍ଟ ନୁହେଁ; ତଥାପି ଭାଷାର କ୍ରମବିକାଶ ଦିଗରେ ଏହାର ମୂଲ୍ୟ ଅତୁଳନୀୟ ।

ପ୍ରସଙ୍ଗକ୍ରମେ, ଓଡ଼ିଆ ଭାଷାରେ ପ୍ରଚଳିତ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାର ଶବ୍ଦ ଓ ବୈଦେଶିକ ଶବ୍ଦ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରାଯାଇପାରେ । କାରଣ ଏପରି କେତେକ ଶବ୍ଦ ରହିଛି, ଯାହା ଓଡ଼ିଆ ଭାଷାର ରକ୍ତମାଂସ ସହିତ ମିଶିଯାଇଛି । ତେଣୁ ସେହି ଶବ୍ଦଗୁଡ଼ିକୁ ବାଦ୍‌ଦେଇ, ତାହାର ଓଡ଼ିଆ ପ୍ରତିଶବ୍ଦ ଅଭିଧାନରୁ ଖୋଜିବା ନିରର୍ଥକ ଅନୁସନ୍ଧାନ ବୋଲି ମନେହୁଏ । ଅଧ୍ୟାପକ ସ୍ୱର୍ଗତ ଗିରିଜାଶଙ୍କର ରାୟ ତାଙ୍କ ଆଲୋଚନା ପ୍ରସଙ୍ଗରେ କହିଛନ୍ତି—

"ଇଂରାଜୀ ଜଜ୍ ଶବ୍ଦ ବହୁପ୍ରଚଳିତ, ଏଣୁ ଏହା ଓଡ଼ିଆ ଶବ୍ଦ ଓ ଏହି ଶବ୍ଦରୁ ଜାତ 'ଜଜୟତି' ଶବ୍ଦ ନିଶ୍ଚୟ ଓଡ଼ିଆ ।" (୨୦)

ଏହି ଭାବରେ ଦେଖିବାକୁ ଗଲେ, ଇଂରାଜୀ ଭାଷାର ସ୍ଲେଟ୍, ଗ୍ଲାସ୍, ପ୍ଲାଟ୍‌ଫର୍ମ, ସ୍କୁ, ବୋଲ୍‌ଟ୍, ନଟ୍, ପେନ୍‌ସିଲ୍, ବଲ୍, ପୋଷ୍ଟକାର୍ଡ଼, ଟର୍ଚ୍ଚ ଲାଇଟ୍, ନୋଟ୍ ବୁକ୍, ବ୍ଲେଡ୍, ହେଣ୍ଡ୍‌ନୋଟ୍, କୋରମ୍, ଆସେମ୍ବ୍ଲି, ପାଇପ୍, ଚକୋଲେଟ୍, ପେଣ୍ଟ୍, କମ୍ପାନି ଆଦି ବହୁ ଶବ୍ଦ ଓଡ଼ିଆ ଭାଷାରେ ଏପରି ଭାବରେ ମିଶିଯାଇଛି ଯେ, ସେଗୁଡ଼ିକର ପରିବର୍ତ୍ତନ କରି, ନୂତନ ପ୍ରତିଶବ୍ଦ ଥୋଇବା ଅର୍ଥ—ଭାଷାକୁ ବିକୃତ ତଥା ଅବୋଧ କରିବା । ସେହି ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ବହୁ ଭାରତୀୟ ତଥା ପୃଥିବୀର ବିଭିନ୍ନ ଅଞ୍ଚଳର ଶବ୍ଦ ଓଡ଼ିଆରେ ମିଶି-ଯାଇଛି । ଉଦାହରଣସ୍ୱରୂପ—ଓଡ଼ିଆ ଭାଷାରେ ଓତପ୍ରୋତ ଭାବରେ ମିଶିଯାଇଥିବା କେତେକ ଶବ୍ଦ ଏଠାରେ ପ୍ରଦତ୍ତ ହେଲା—

(୩୦) କୋଣାର୍କ, ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା, ପୃଷ୍ଠା ୧୦

Digitized by PPRACHIN, SOA

"ଉପେୟା, ଆଲ୍‌ମିରା, ଦଲାଲ୍, ଦସ୍ତାବେଜ୍, କଚେରୀ, ମହକଲ୍, ଦରଖାସ୍ତ, ଜବାବ୍ ସୁଆଲ୍, ହର୍‌ତନ୍, ରୁଇତନ୍, ଇସ୍ତାପାନ୍, ତୁରୁପ୍, ବାଲ୍‌ଡ, ମିସ୍ତି, ନଲମ୍, ଫିତା, କାମିଜ୍, ପରାତ୍, ଆଲ୍‌ପିନ୍, ଇର୍କ, ରକସା, ଗୋଦାମ୍, ଡଗିର୍, ଖାରଜ୍, ଶତରଞ୍ଜି, ଚଦର୍, ପାଓଁରୋଟି" ଆଦି ।

ଏହି ଶବ୍ଦଗୁଡ଼ିକ ଭିନ୍ନ ଭିନ୍ନ ସମୟର ରାଜନୈତିକ, ସାମାଜିକ ତଥା ବାଣିଜ୍ୟିକ ଉତ୍‌ଥାନ ପତନର ମଧ୍ୟଦେଇ ଓଡ଼ିଆ ଭାଷାର ଅଙ୍ଗୀଭୂତ ହୋଇଯାଇଛି । ଏଥିଲାଗି କେହି କୌଣସି ସମୟରେ ଚେଷ୍ଟା ଚଳାଇ ନାହିଁ କିମ୍ବା କେହି ମଧ୍ୟ ଏହି ଶବ୍ଦଗୁଡ଼ିକୁ ଭାଷାରୁ ପୃଥକ୍ କରିପାରିବ ନାହିଁ । ଶହ ଶହ ବର୍ଷର ପାରିପାର୍ଶ୍ୱିକ ଅବସ୍ଥାର ସୁଯୋଗରେ, ବୈଦେଶିକ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାର ଶବ୍ଦଭଣ୍ଡାରରେ ମିଶି, ଭାଷାକୁ ଋଦ୍ଧିମନ୍ତ କରୁଛି ବୋଲି କହିଲେ, ଅବଶ୍ୟ କେତେକ ରକ୍ଷଣଶୀଳ ସମାଲୋଚକ ନାସିକା କୁଞ୍ଚନ କରିପାରନ୍ତି; କିନ୍ତୁ ପୃଥିବୀର କେତୋଟି ସଭ୍ୟଦେଶର ଭାଷାବିଜ୍ଞାନ ଓ ଭାଷାର ଅଗ୍ରଗତି ପ୍ରତି ଦୃଷ୍ଟି ଦେଲେ ଏହାର ପ୍ରମାଣ ସ୍ପଷ୍ଟଭାବରେ ମିଳିପାରିବ । ଏପରିକି, ଗୁଣ୍ଡାଇଜିମ୍, ଘେରାଓ, ଜଙ୍ଗଲ୍ ଆଦି ଶବ୍ଦକୁ ମଧ୍ୟ ଇଂରାଜୀ ଭାଷାରେ ବେଶ୍ ଆଗ୍ରହରେ ଗ୍ରହଣ କରାଯାଉଛି ।

ଏତଦ୍‌ବ୍ୟତୀତ ଅନ୍ୟ କେତେକ ବୈଦେଶିକ ଶବ୍ଦ ବିକୃତ ଭାବରେ ଉଚ୍ଚାରିତ ହୋଇ ଓଡ଼ିଆ ଭାଷାରେ ବେଶ୍ ସ୍ଥିର ମୀର ସମ୍ପର୍କ ରକ୍ଷା କରିପାରିଛି । ଏ ସମ୍ବନ୍ଧରେ ସ୍ୱର୍ଗତଃ ରାୟ 'ଓଡ଼ିଆ ଶବ୍ଦତତ୍ତ୍ୱ' ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି—

"ଓଡ଼ିଆ ଭାଷା ସୁପ୍ରତିଷ୍ଠିତ ହେବା ପରେ ଓ ଏହି ଭାଷାଭାଷୀ ଲୋକେ ବିଦେଶୀୟଙ୍କ ସହିତ ସଂପୃକ୍ତ ହେବା ଫଳରେ ନାନା ବିଦେଶୀ ଶବ୍ଦ ଓଡ଼ିଶାରେ ଅନୁପ୍ରବିଷ୍ଟ ହୋଇଛି । କିଛିକାଳ କଳିଙ୍ଗ ଏସିଆର ଦକ୍ଷିଣପୂର୍ବ ଭୂଭାଗରେ ସାମ୍ରାଜ୍ୟ ସ୍ଥାପନ କରିଥିଲା; ନାନା ପର୍ଯ୍ୟାୟରେ ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କର ସଂସ୍ପର୍ଶରେ ଆସି ଆରବୀ ଓ ଫାରସୀ ଭାଷା ସହିତ ଓଡ଼ିଶାବାସୀ ପରିଚିତ ହୋଇଥିଲେ; ମୋଗଲ ରାଜଧାନୀରେ ଉର୍ଦ୍ଦୁ ଭାଷା ପ୍ରଚଳିତ ହୋଇଥିବାରୁ ସେ ଭାଷାର ଅନୁଶୀଳନ କରିଥିଲେ; ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କଠାରୁ କେତେକ ତୁର୍କୀ ପ୍ରଭୃତି ଶବ୍ଦ

Digitized by PPRACHIN, SOA

ସ୍ୱୀକାର କରି ନେଇଥିଲେ । ଇଂରାଜ, ଫରାସୀ, ପୋର୍ତ୍ତୁଗୀଜ୍‌ମାନଙ୍କ ସହିତ ସଂସ୍ପର୍ଶରେ ଆସି ନାନା ଇଉରୋପୀୟ ଶବ୍ଦ ଦ୍ୱାରା ଭାବପ୍ରକାଶ କରିବାରେ ଅଭ୍ୟସ୍ତ ହେଲେ । ମରହଟ୍ଟା, ବଙ୍ଗଳା ପ୍ରଭୃତି ନାନା ପ୍ରଦେଶର କଥିତ ଭାଷାରୁ କେତେକ ଶବ୍ଦ ଓ ପ୍ରୟୋଗ ମଧ୍ୟ ସ୍ୱୀକାର କରି ନିଜ ଭାଷାକୁ ସମୃଦ୍ଧ କରି ପାରିଥିଲେ ।" (୩୧)

ବିଶେଷଭାବରେ ପ୍ରଚଳିତ ବହୁ ବୈଦେଶିକ ଶବ୍ଦ ସର୍ବସାଧାରଣଙ୍କ ଧ୍ୱନିଯନ୍ତ୍ରରେ ଅନୁରୂପ ଉଚ୍ଚାରିତ ହୋଇ ନ ପାରି, ଧୀରେ ଧୀରେ ବିକୃତ ଭାବରେ ଉଚ୍ଚାରିତ ହୋଇ; ପରେ ତାହା ଏକ ଆଞ୍ଚଳିକ ଭାଷାର ଶବ୍ଦ-ରୂପେ ବ୍ୟବହୃତ ହେବାକୁ ଲାଗିଲା ଏବଂ କେତେକ ସ୍ଥଳରେ ଅନ୍ୟ ଭାଷାର ଶବ୍ଦଗୁଡ଼ିକ ମଧ୍ୟ ଓଡ଼ିଆ ଭାଷାରେ ଅବିକଳରୂପେ ବ୍ୟବହୃତ ହେଲା ।

ଇଂରାଜୀ—ଫର୍ମ > ଫାରମ୍, ସିଗ୍‌ନାଲ୍ > ସିଗଲ୍, ଟିକେଟ୍ > ଟିକଟ୍, କଲେକ୍ଟର > କଲଟର୍, ଡେପୁଟୀ > ଡିପଟୀ, ଚେୟାର୍ > ଚଆର୍, ଟେବୁଲ > ଟେବିଲ୍, ପେଣ୍ଟାଲୁନ୍ > ପଟଲୁନ୍, ମେନ୍‌ଓ୍ୱାର୍ > ମନୋହାରୀ, ପେରେଡ୍ > ପରେଡ୍, ପ୍ଲେଟ୍ > ପିଲେଟ୍, ଡ୍ରାଇଭର୍ > ଡାଇଭର ଇତ୍ୟାଦି ।

ଉର୍ଦ୍ଦୁ ହିନ୍ଦୀ—ଚିଟ୍‌ଖଣ୍ଡ > ଚିଟିକଣୀ, ଜୁଗାଡ୍ > ଯୋଗାଡ଼, ତୁଲ୍‌ସୀ ଚୌରା > ତୁଳସୀ ଚଉରା, ପୀଢ଼ା > ପିଢ଼ା, ବୟାର୍ > ବୟାର, ଝୋର୍ > ଝୋର, ଅଗୁଆ > ଆଗୁଆ, ଅଁଗୋଛା > ଗାମୁଛା, ଅଧକପାଲୀ > ଅଧକପାଳୀ, ଅଧସେରା > ଅଧସେର, ଅଚଁନା > ଆଞ୍ଚୋଇବା, ଅନ୍ଦାଜ୍ > ଆନ୍ଦାଜ୍, ଅମ୍ବାର୍ > ଅମାର, ଇଖ୍‌ତିଆର୍ > ଅକ୍ତିଆର, ଇଜମାଲୀ > ଇଜମାଇଲ୍, ଇତ୍ତିଲା > ଏତାଲା, ଇନ୍‌ସାଫ୍ > ନସାପ, ଉସ୍ତାଦ୍ > ଓସ୍ତାଦ୍, କଳସୂ > କଳଆ (କଳ), କମୀଜ୍ > କମିଜ୍, କର୍ଜ୍ > କରଜ, କସାଈ > କଂସେଇ, କସୂର୍ > କସୁର୍, କାୟଦା > କାଇଦା, କାରସାଜୀ > କାରସାଦି, କସ୍ତ୍ > କସ୍ତି, ଖାରିଜ୍ > ଖାରଜ, ଖୈରାତ୍ > ଖଇରାତ, ଗରଜ୍ > ଗରଜ (ଦରକାର), ଗାଲୀଚ୍ > ଗାଲିଚ୍, ଗୁମ୍ବଦ୍ > ଗମ୍ବୁଜ, ଚୌଗୋଶା > ଚୌଗାଛି, ଜାଗୀର୍ > ଜାଗିରୀ, ଚୈୟାର୍ > ତିଆର୍, ଦରଓ୍ୱାଜା > ଦରଜା ଆଦି ଶହ ଶହ ଶବ୍ଦ ।

(୩୧) ଓଡ଼ିଆ ଶବ୍ଦତତ୍ତ୍ୱ, ଲେଖକ—ସ୍ୱ: ଗିରିଜାଶଙ୍କର ରାୟ
କୋଣାର୍କ, ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା, ପୃ. ୧୫

Digitized by PPRACHIN, SOA

ମରାଠୀ—ଆପଣ > ଆଁପଣ, କୁଠୂନ୍ > କେଉଁଠୁ, ହୁକ୍‌କା > ହୁକା, ହାତକଡ଼ୀ > ହାତକଡ଼ି, ଅଫୁ > ଆପୁ (ଅଫିମ), ଚଷ୍ମା > ଚଷମା, କୁଠେ > କେଉଁଠି, ଉପାସ୍ > ଉପାସ, ଶହର୍ > ସହର୍, ଲେଖ୍ > ଲେଖା, ରାସ୍ତା > ରାସ୍ତା, ଜିଲ୍ଲା > ଜିଲ୍ଲା, ପୂଲ୍ > ପୋଲ, ପର୍ଯ୍ୟନ୍ତ > ପର୍ଯ୍ୟନ୍ତ, ମଧ୍ୟେଂ > ମଧ୍ୟେ, ମଧ୍ୟରେ, ତାଲୁକା > ତାଲୁକା, ଘାଟ > ଘାଟ, ଲସୂଣ > ରସୁଣ, ପଂଜା > ପଂଝା, ଫଣା > ଫଣା, ଶିଙ୍ଗ > ଶିଙ୍ଗ, ସୋଂଡ > ଶୁଣ୍ଢ, ଫାଉଡେଂ > ଫାଉଡ଼ା, ସାଂଡଶୀ > ସଣ୍ଢଆସି, **ନଖ** > ନଖ, ଦୁଧ > ଦୁଧ (ସ୍ତନ), ହାଡ଼ > ହାଡ଼, ହାତ > ହାତ, ଓଠ > ଓଠ, ଔଷଧ > ଔଷଧ, ଶେକ > ସେକ, ବାଣ୍ଠୀ > ବାଣ୍ଟି (ଗିନା, ଡାଟିଆ), ଗାଳିଚ୍ଚ > ଗାଳିଚ୍ଚ, ଘଡ଼ା > ଘଡ଼ା, ଚୁଲଣୀ > ଚୁଲୁଣୀ, ଡବା > ଡବା, ଆରସା > ଆରସୀ, ପଙ୍ଖା > ପଙ୍ଖା, ମୁସଳ > ମୂଷଳ, ମେଜ > ମେଜ; ଇତ୍ୟାଦି ।

ତେଲଗୁ—ମସୁର > ମସୁର (ଡାଲି), ମୋହମ୍ମ > ମୁହଁ, କୋରଡ଼ା > କୋରଡ଼ା, କଉରେ > କଉରି, ସୀସମୁ > ସୀସା, ଚଟନି > ଚଟଣୀ, ସୋଜ୍ଜି > ସୁଜି, ଅଟକ > ଆଟୁ, ପୁନାଦି > ପୁନାଦି (ମୂଳଦୁଆ), ଗିନ୍ନି > ଗିନା, ପେଟ୍ଟେ > ପେଟରା (ପେଡ଼ି), ସାକ୍ଷି > ସାକ୍ଷୀ, ପିଲ୍ଲି > ପିଲା; ଇତ୍ୟାଦି ।

ବଙ୍ଗଳା, ଅସମୀୟା ଓ ଓଡ଼ିଆ ମଧ୍ୟରେ ଭାଷାଗତ ଯେଉଁ ସାମଞ୍ଜସ୍ୟ ରହିଛି, ସେ ସମ୍ବନ୍ଧରେ ଆଲୋଚନା କରିବା ନିରର୍ଥକ ବୋଲି ମନେ ହୁଏ । ଅବଶ୍ୟ ଏହି ତିନିଗୋଟି ଭାଷା ମଧ୍ୟରେ କିଏ ପ୍ରାଚୀନତମ ଭାଷା, ସେ ସମ୍ବନ୍ଧରେ ପ୍ରତ୍ୟେକ ରାଜ୍ୟରେ ନିଜ ନିଜ ଭାଷାର ମାହାତ୍ମ୍ୟ ଗାନ କରାଯାଉଛି ସିନା, କିନ୍ତୁ ପ୍ରକୃତ ସତ୍ୟର ଉଦ୍‌ଘାଟନ ହେବା ଲାଗି ଆଦୌ ଚେଷ୍ଟା କରାଯାଉ ନାହିଁ । କିନ୍ତୁ ସାହିତ୍ୟର ପ୍ରାଚୀନତା ଦୃଷ୍ଟିରୁ, ଓଡ଼ିଆ ସାହିତ୍ୟ ଯେ ଉନ୍ନତ କୋଟିରେ ଅବସ୍ଥିତ, ତାହା ଯେ କୌଣସି ନିରପେକ୍ଷ ସମାଲୋଚକ ହିଁ ସୁସ୍ପଷ୍ଟ ଅଭିମତ ଦେଇପାରିବ ।

ଏହି ବିଦେଶୀ ଶବ୍ଦଗୁଡ଼ିକୁ କିପରି ନିତ୍ୟପ୍ରତି ଆତ୍ମସାତ୍ କରି ବ୍ୟବହାର କରାଯାଉଛି, ସେ ସମ୍ବନ୍ଧରେ ସ୍ୱର୍ଗତଃ ଅଧ୍ୟାପକ ରାୟ ଲେଖିଛନ୍ତି—

Digitized by PPRACHIN, SOA

"ଆଜକାଲ 'କେଣ୍ଟାଇମ୍'ରେ କାହାର ଦେଖା ମିଳେନାହିଁ, 'ହାଇକୋର୍ଟିଆ' ଲୋକଙ୍କଠାରୁ ସାବଧାନ ରହନ୍ତୁ, ଫିହସ୍ତା ମଜୁରି ଓ ଭଡ଼ା ଛୁଣ୍ଡାଇ ନ ଦେଲେ 'ଗୋଦାମ' ବାଲା 'ବେହାଲ' ହୋଇଯାଆନ୍ତି, 'ମାମଲାବାଜ୍' ଲୋକଙ୍କୁ ସମସ୍ତେ ଡରନ୍ତି ।"

ଓଡ଼ିଆ ଭାଷା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ବ୍ୟକ୍ତି; ଭାଷା ସମ୍ବନ୍ଧରେ ମତ ଦେଇ ନିଜର ଅଜ୍ଞତାର ପରିପ୍ରକାଶ କରିଛନ୍ତି । ତାହା ସେମାନଙ୍କର ଅଜ୍ଞତାବଶତଃ ହେଉ କିମ୍ବା ଅନ୍ୟାନ୍ୟ ଅଳ୍ପଜ୍ଞ ଈର୍ଷ୍ୟାପରିପୂର୍ଣ୍ଣ ଲୋକଙ୍କ ମତାମତକୁ ପ୍ରାମାଣିକ ମତରୂପେ ଗ୍ରହଣ କରି ସେ ପ୍ରକାର ମତାମତ ପୋଷଣ କରିଛନ୍ତି, ତାହା ଜାଣିବା ସମ୍ଭବ ନୁହେଁ ।

ହିନ୍ଦୀ ଜଗତର ଜନୈକ ପ୍ରସିଦ୍ଧ ଭାଷାତତ୍ତ୍ୱବିତ୍ ସ୍ୱର୍ଗତଃ ଶ୍ୟାମସୁନ୍ଦର ଦାସ ନିଜ 'ଭାଷା ରହସ୍ୟ' ନାମକ ପୁସ୍ତକରେ ଓଡ଼ିଆ ଭାଷା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ଲେଖିଛନ୍ତି—

"ଓଡ୍ରୀ, ଉତ୍କଳୀ ଅଥବା ଉଡ଼ିଆ ଉଡ଼ିସାକୀ ଭାଷା ହୈ । ଇସମେଂ କୋଈ ବିଭାଷା ନହୀଂ ହୈ । ଇସକୀ ଏକ ଖିଚଡ଼ୀ ବୋଲୀ ହୈ, ଜିସେ ଭତ୍ରୀ କହତେ ହୈଂ । ଭତ୍ରୀ ମେଂ ଉଡ଼ିଆ, ମରାଠୀ, ଦ୍ରାବିଡ଼ ତୀନୋଂ ଆକର ମିଲଗଈ ହୈ ।"

ଓଡ଼ିଆ ଭାଷା ସମ୍ବନ୍ଧରେ ସ୍ୱର୍ଗତଃ ଦାସଙ୍କ ମତ ପାଠ କଲେ ହାସ୍ୟ ସମ୍ବରଣ କରି ହୁଏ ନାହିଁ । ତାଙ୍କର ଅନ୍ୟାନ୍ୟ ଅବାନ୍ତର ମତକୁ ଛାଡ଼ିଦେଇ କେବଳ "ଏଥିରେ କୌଣସି ବିଭାଷା ନାହିଁ" ସମ୍ବନ୍ଧରେ ଏଠାରେ ଆଲୋଚନା କରିବା ସଙ୍ଗତ ହେବ ।

ଓଡ଼ିଆ ଭାଷାର 'ବିଭାଷା' ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ଭାରତବର୍ଷରେ ଯେତେଗୋଟି ଭାଷାର ପ୍ରଚଳନ ରହିଛି ତନ୍ମଧ୍ୟରେ ଖୁବ୍ ସମ୍ଭବତଃ ହିନ୍ଦୀ ଭାଷାକୁ ଛାଡ଼ିଦେଲେ ଓଡ଼ିଆ ଭାଷାରେ ସବୁଠାରୁ ଅଧିକ ବିଭାଷା ଥିବାର ଦେଖାଯାଏ ।

ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୁନ୍ଦରଗଡ଼ ଆଦି ଓଡ଼ିଶାର ପଶ୍ଚିମାଞ୍ଚଳରେ ଯେଉଁ ଓଡ଼ିଆ ଭାଷା ସର୍ବସାଧାରଣରେ ବ୍ୟବହୃତ ହୁଏ; ତାହା ଲିଖିତ ଓଡ଼ିଆ ଭାଷା ନୁହେଁ । କେବଳ କଥିତ ଭାଷା

Digitized by PPRACHIN, SOA

ଉପରେ ହିନ୍ଦୀ (ଛତିଶଗଡ଼ୀ), ମରାଠୀ ଓ ଆଦିବାସୀମାନଙ୍କ ଭାଷାର ସମିଶ୍ରଣରେ ଓଡ଼ିଆ ଭାଷାର ଯେଉଁ 'ଉପଭାଷା'ର ପ୍ରଚଳନ ସେହି ଅଞ୍ଚଳରେ ରହିଛି ; ତାହା ହିନ୍ଦୀ ଜଗତର 'ବ୍ରଜବୋଲି' ଅବଧୀ ଓ ରାଜସ୍ଥାନୀ (ଡିଙ୍ଗଲ) ଉପଭାଷାଠାରୁ ଅଧିକ ଉନ୍ନତ ଉପଭାଷା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉଦାହରଣସ୍ୱରୂପ ପଶ୍ଚିମ ଓଡ଼ିଶାର କଥିତ ଓଡ଼ିଆ ଭାଷାର ଉପଭାଷାରୁ ଗୋଟିଏ ଉଦାହରଣ ଏଠାରେ ପ୍ରଦତ୍ତ ହେଲା—

"ସମରି କରି ବସିଲା ଉଠି ନାକର ସିଙ୍ଘନ୍ ପୁଛିପୁଛି
ଗୁନ୍ ସୁମରି ରହେଲା,
ଆଉରିଠାନେ ଯା ପାଏବୁ ଭରସି ଏତ୍କି କହେଲା ।
ଲଙ୍କଦେବୀକେ ଜଲ୍ଖିଆ ଦେଇ ହନୁମନ୍ତ ବୀର ଭାଗଲେ ।
କାହାକେ କେନ୍ତା ଶନ୍‌ସି ବଲି ମନେ ମନେ ଭାବଲେ ॥

× × × ×

ଗଛର ଉପରେ ଲହରୁଛନ୍,
ଫୁଲ୍ ଫୁଲଆ ଧୁଁକାବାଜି ଗୁଲକୁଚ କହଁରୁଛନ୍ ॥
ଧାଡ଼ି କେ ଧାଡ଼ି ଚଉଁରା ଲମ୍ବିଛେ ଚଉଁରା ଉପରେ ତୁଲସୀ ।
ସୁନାର୍ କଲସ୍ ଯୁଡ଼ିକେ ଯୁଡ଼ି ବଏଠା ଉପରେ ଜଲସି ।" (୩୨)

ପଶ୍ଚିମ ଓଡ଼ିଶାର ଏହି ମୁଖ୍ୟ ଉପଭାଷା ବ୍ୟତୀତ ଓଡ଼ିଆ ଓ ବଙ୍ଗଳା ଭାଷାର ସମିଶ୍ରଣରେ ଉତ୍ତର ବାଲେଶ୍ୱରର ଉପଭାଷା ; ଓଡ଼ିଆ ବଙ୍ଗଳା ହିନ୍ଦୀ ଓ ଆଦିବାସୀ ଭାଷା (ମୁଖ୍ୟତଃ କୋହ୍ଲ ଭାଷା)ର ସମିଶ୍ରଣରେ ମୟୂରଭଞ୍ଜ ଅଞ୍ଚଳର ଉପଭାଷା ; ଓଡ଼ିଆ, ହିନ୍ଦୀ ଓ ଆଦିବାସୀ ଭାଷାର ସମିଶ୍ରଣରେ କେନ୍ଦୁଝର ଅଞ୍ଚଳର ଉପଭାଷା ; ଓଡ଼ିଆ ଓ ଆଦିବାସୀ ଭାଷାର ସମିଶ୍ରଣରେ ଢେଙ୍କାନାଳ ଅଞ୍ଚଳର ଉପଭାଷା ତଥା ଓଡ଼ିଆ, ତେଲୁଗୁ ତଥା ଆଦିବାସୀ ଭାଷାର ସମିଶ୍ରଣରେ ଗଞ୍ଜାମ, କୋରାପୁଟ ଅଞ୍ଚଳର ଉପଭାଷା ; ଓଡ଼ିଶା ରାଜ୍ୟର କଥିତ ଉପଭାଷାରୂପେ ପରିଗୃହୀତ ହୁଏ । ଏତଦ୍‌ବ୍ୟତୀତ ସାନ୍ତାଳ, କନ୍ଧ, କୋହ୍ଲ, ଗଣ୍ଡ, ହୋ, ପରଜା ଆଦି ଆଦିବାସୀମାନଙ୍କର ମୁଣ୍ଡାରୀ, ସାନ୍ତାଳୀ, ଭୂମିଜ, ହୋ, ଜୁଆଙ୍ଗ ଆଦି କଥିତ ଭାଷାକୁ ମଧ୍ୟ ଓଡ଼ିଆ ଭାଷାର ଗୋଟିଏ ଗୋଟିଏ ଉପଭାଷା ବା ଉପଭାଷା ବୋଲି ଗ୍ରହଣ

(୩୨) ପଲ୍ଲୀଗୀତ ସଞ୍ଚୟନ, ଲେ—ଡା: କୁଞ୍ଜବିହାରୀ ଦାଶ, ପୃ. ୧୦୧ ଓ ୧୦୩

Digitized by PPRACHIN, SOA

କରିବା ଆଦୌ ଅଯୁକ୍ତିକର ନୁହେଁ । ଏହି ଭାଷାଗୁଡ଼ିକ ମୁଖ୍ୟତଃ ଆଦିବାସୀବହୁଳ ଅଞ୍ଚଳ—ପୂର୍ବତନ ଗଡ଼ଜାତ, କନ୍ଧମାଳର ପାର୍ବତ୍ୟ ଅଞ୍ଚଳରେ ଓଡ଼ିଆ ଭାଷା ସହିତ ମିଶି ଲୋକମାନଙ୍କ ମଧ୍ୟରେ ବ୍ୟବହୃତ ହୁଏ । (୨୩) ଉଦାହରଣସ୍ୱରୂପ କେବଳ ଆଦିବାସୀମାନଙ୍କ କଥିତ ଭାଷାରୁ କେତୋଟି ଉଦ୍ଧୃତ ଏଠାରେ ସମାଲୋଚକମାନଙ୍କ କୌତୂହଳର ଉପଶମ ନିମିତ୍ତ ଦିଆଯାଇପାରେ ।

ଜୁହାର୍ ଜୁହାର ସିଂଗ୍‌ବୋଁଗା ଜୁହାର ଚେଲଞ୍ଜନ୍‌ବେନ୍ । (କୋହ୍ଲ)
(ହେ ଭଗବାନ୍, ହେ ଜନ୍ମଦାତା ! ମୋର ପ୍ରଣାମ ଗ୍ରହଣ କର !)

× × × ×

ବଣା ଗୋ ଡାପେ ଜାଆଜ ଲେଖା
ନଣା ଗୋ ରେଦ ବିଜଳୀ ବାଞ୍ଚ ।
ଦୁଆର ପରମ କେସ୍ ବାଞ୍ଚ...... । (କୋହ୍ଲ)

(ତୁମର ଅଗଣା ଖଳାବାଡ଼ ପରି ବଡ଼, ତୁମ ଦୁଆରେ ବିଜୁଳୀ ବତ୍ତି ପରି ଗେସ୍ ବତି ଜଳୁଛି ।)

ନମିନ୍ ସୁନ୍ଦର ଦିଶୁମ୍ ନମିନ୍ ବୁଗିନ୍ ଦିଶୁମ୍,
ତାବୁ ଜନମ୍ ଦିଶୁମ୍ ଶଲ୍ ମାଲ୍ ।
ଲଅର୍ ଲଗର୍ କେତେ କର୍ ବୁର୍ କେତେ,
ଦାଦ୍ ହାଡ଼ ଚେନା ତାଲ୍ ମାଲ୍ ।
ସୁନା ରୂପା ବଂଗ୍ନ କାଂସା ପିତଲ ଢାଁବା...... । (କୋହ୍ଲ)

(ଆମର ଦେଶ ସୁନ୍ଦର, ଆମର ରାଜ୍ୟ ସୁନ୍ଦର, ଆମର ଜନ୍ମଭୂମି ସୁନ୍ଦର । ଆମ ପାହାଡ଼ର ଗୁମ୍ଫା, ଆମ ନଦୀର ଜଳ ସବୁ ସୁନ୍ଦର ! ସୁନା ରୂପା ତମ୍ବା ପିତଳ ଆମ ଦେଶରେ ଭରପୂର୍...... ।)

ଜାମ୍‌ନା ଗାଡ଼ା ଡ଼ପାରେ ସାଂକେ ଦାରୁ ସୁବାରେ ।
ଶ୍ରୀକୃଷ୍ଣବଳୟୁ କଙ୍ଗେ କାଠା ପାଟେଠ କେଡ଼ା ॥
ଶତ୍ତୁ ଅରଂ କେଡ଼େ ଶୟୁ ଶୟୁ ।

(୨୩) Provincial Geographies of India by L. S. S. O' Malley, P. P. 224.

Digitized by PPRACHIN, SOA

ସୋଲସ ଗୋପୀନ୍ କେ ବାରଶ କୌରବ କେ
ଶାଢ଼ୀ ଧୁଙ୍ଗ ଯୁକୋଂ ଗିୟୁାଲ୍ ଗପଲ୍
ଶାଢ଼ୀ ମାଁଗାଓ ତେରେ, ଧୁଙ୍ଗ ମାଁଗାଓ ତେରେ
(୨୪) ଗଙ୍ଗା ବୁଦନାରେ ଜୁହାର ନ୍ନାନା । (କୋଲ୍ହ)

(ଯମୁନା ନଦୀ କୂଳରେ ଶ୍ରୀକୃଷ୍ଣ ହାତରେ ବଂଶୀଧର ସୁସ୍ୱରରେ ବଜାଉଛନ୍ତି, ଷୋଳଶହ ଗୋପୀ ଓ ବାରଶହ କୌରବ ଶାଢ଼ୀ ଧୋତି ଫର୍‌ଫର୍ କରି ନୃତ୍ୟ କରୁଛନ୍ତି ଓ ପ୍ରଣାମପୂର୍ବକ ଅଭୀଷ୍ଟ ପ୍ରାର୍ଥନା କରୁଛନ୍ତି ।)

ଗା ଗାଇଲି କାଉ,
ନାଚ ଗୀତ କରିବାରେ ଆର୍‌ଦନକେ ଥାଉ ।
ଫୁଟିଗଲି କାଶୀ !
ଭୁମର୍ ଆମର ଭାଇ, ଫୁଲ ବାରିବା ଆସି । (ଭୂୟାଁ)

× × × ×

"ଆଇଲାରେ ବୁଢ଼ା ଭାଲୁ, ଭେରିରେ ଖାଇଲି ହାଲୁ ହାଲୁ ।
ରୁମେ ଝୁମେ ଭାଲୁ, ପଳାଇଲି ବନ୍‌କୁ
ଛାଡ଼ିଥିଲି ବାଇଶି ଠେଙ୍ଗା ଭାଲୁକେ ପିଟିତେ ।
ରୁମେ ଝୁମେ ଭାଲୁ ପଳାଇଲି ବନ୍‌କୁ" ॥ (୨୫) (ଭୂୟାଁ)

ଆଦିବାସୀ ଓରାଂମାନଙ୍କ ଭାଷାକୁ ମଧ୍ୟ ଓଡ଼ିଆ ଭାଷାର ଏକ ଉପଭାଷା ବୋଲି କୁହାଯାଇପାରେ । ଏହି ଭାଷାରେ ବ୍ୟବହୃତ ଶବ୍ଦଗୁଡ଼ିକ ମଧ୍ୟରୁ ଅନେକ ଶବ୍ଦ ଓଡ଼ିଆରେ କେତେକ ସ୍ଥଳରେ ସାମାନ୍ୟ ପରିବର୍ତ୍ତିତ ହୋଇ ଓ ଅନ୍ୟ କେତେକ ସ୍ଥଳରେ ଅବିକଳ ବ୍ୟବହୃତ ହୁଏ ।

"ଇନା > ଏଇନେ, ରାକସସ > ରାକ୍ଷସ, ରାଣ୍ଡୀ > ରାଣ୍ଡୀ (ବିଧବା), ବାବୁ > ବାବୁ (ସ୍ତ୍ରୈଟପିଲା), ଧରମ > ଧର୍ମ, ସୋନା > ସୁନା, ରୁପା > ରୁପା, ଭାଇ > ଭାଇ, ବାହୋ > ବାର, ତେରେ > ତେର, ଭୋଗ୍ > ଭୋଗ,

---

(୨୪) "କୋଲ୍‌ହୋଂକେ ଉଲ୍ଲାସମୟ ତେୌହାର", ସପ୍ତର୍ଷିରଶ୍ମି, ୧୯୭୩ ସେପ୍‌ଟେମ୍ବର ସଂଖ୍ୟା, ପୃ. ୬୪୫ ।

(୨୫) The Hill Bhūiyas of Orissa by S. C. Roy Page—294.

Digitized by PPRACHIN, SOA

ଜାମ୍ବୁ > ଜାମ (କୋଳ), ଧରତି > ଧରଣୀ, ହୁଇଖାଇ > ଦୁଇଖାଇ ଇତ୍ୟାଦି । (୩୭)

ଓଡ଼ିଆ ଭାଷାର ଉପଭାଷା ବା ବିଭାଷା ସମ୍ବନ୍ଧରେ ଏହି ସୀମିତ ଆଲୋଚନାରେ କେବଳ ଦିଗ୍‌ଦର୍ଶନ କରାଇବା ବ୍ୟତୀତ ବିସ୍ତୃତ ବିବରଣୀ ଦେବା ସମ୍ଭବ ନୁହେଁ ।

ପ୍ରସ୍ତୁତ ଆଲୋଚନାରୁ ସ୍ପଷ୍ଟ ଆଭାସ ମିଳେ ଯେ ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା ଏବଂ ତଥାକଥିତ ପ୍ରଚାରକମାନଙ୍କ ଭାଷାରେ ଏହା ବଙ୍ଗଳା ଭାଷାର ପୁତ୍ରୀ ନୁହେଁ ; ବରଂ 'ଭାରୋପୀୟ କୁଳ'ର ପୂର୍ବ-ଭାରତରେ ପ୍ରଚଳିତ ଭାଷାମାନଙ୍କ ମଧ୍ୟରେ ପ୍ରାଚୀନତମ ଭାଷା ।

---

(୩୭) The Oraons by S. C. Roy, P. P. 444—463

Digitized by PPRACHIN, SOA

ଓଡ଼ିଆ ସିଦ୍ଧ ଓ ନାଥ ସାହିତ୍ୟ

ବୌଦ୍ଧ ତାନ୍ତ୍ରିକମାନଙ୍କ ଦ୍ୱାରା ସମର୍ଥିତ ଉଡ୍ଡିୟାନ ବା ଓଡ୍ରଯାନ ପୀଠ ଅର୍ଥାତ୍ ଓଡ଼ିଶାରୁ; ସମ୍ବଲପୁରର ରାଜା ଇନ୍ଦ୍ରଭୂତି ଓ ତାଙ୍କ ଭଗିନୀ ତଥା ସୋନପୁରର ରାଣୀ ଲକ୍ଷ୍ମୀଙ୍କରାଙ୍କ ଦ୍ୱାରା, ବୌଦ୍ଧଧର୍ମର ବଜ୍ରଯାନ ଓ ସହଜଯାନ ନାମକ ଦୁଇଟି ଶାଖା ପ୍ରବର୍ତ୍ତିତ ହୋଇଥିଲା ।* ସେହି ବୌଦ୍ଧଯାନର ପରମ୍ପରାର କାର୍ଯ୍ୟରେ ବହୁ ସିଦ୍ଧାଚାର୍ଯ୍ୟ ଯୋଗଦାନ କରିଥିଲେ । ଉକ୍ତ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ଅଦ୍ୟାପି ସମାଲୋଚକଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଂଖ୍ୟା ନିର୍ଣ୍ଣିତ କରାଯାଉଥିଲେ ହେଁ, ସେମାନଙ୍କ ସଂଖ୍ୟା ଚଉରାଅଶୀ ଥିବାର ପ୍ରମାଣ ଅନେକ ଗ୍ରନ୍ଥରୁ ମିଳେ ।† ଏହି ଆଚାର୍ଯ୍ୟମାନଙ୍କ ମଧ୍ୟରୁ ଅନେକ ସିଦ୍ଧାଚାର୍ଯ୍ୟ ଓଡ଼ିଶାରେ ଜନ୍ମଗ୍ରହଣ କରି ଭାରତ ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ତନ୍ତ୍ରଯାନର ପ୍ରଚାର ଉଦ୍ଦେଶ୍ୟରେ ପରିଭ୍ରମଣ କରିଥିଲେ । ସେହି ସମୟ ମଧ୍ୟରେ ସିଦ୍ଧାଚାର୍ଯ୍ୟଗଣ ଅନେକ 'ଦୋହା' ରଚନା କରି, ତତ୍କାଳୀନ ସାହିତ୍ୟର ସମୁନ୍ନତି କରିଛନ୍ତି । ଏହି 'ଦୋହା'ଗୁଡ଼ିକ ଖ୍ରୀ. ଅ. ସପ୍ତମ ଶତାବ୍ଦୀରୁ ଆରମ୍ଭ କରି ଖ୍ରୀଷ୍ଟୀୟ ଦଶମ-ଏକାଦଶ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିବାର ପ୍ରମାଣ ମିଳେ ।

ସିଦ୍ଧାଚାର୍ଯ୍ୟମାନଙ୍କର ରଚନାକାଳ ସମ୍ବନ୍ଧରେ ସମାଲୋଚକ ଶ୍ରୀ ଖଗେଶ୍ୱର ମହାପାତ୍ର ତାଙ୍କ 'ଚର୍ଯ୍ୟା ଗୀତିକା' ନାମକ ପୁସ୍ତକରେ ନିମ୍ନଲିଖିତମତେ ମତ ପ୍ରକାଶ କରିଛନ୍ତି—

"ଚର୍ଯ୍ୟା ଗୀତିକାର ରଚନା କାଳରେ ପୂର୍ବ-ଭାରତର ପ୍ରାଦେଶିକ ଭାଷାସମୂହର ଜନ୍ମ ହୋଇ ନ ଥିଲା । ସେତେବେଳେ ଏହି ଭୂଖଣ୍ଡରେ ଏକ ଆଞ୍ଚଳିକ ସ୍ୱତନ୍ତ୍ରତା ସତ୍ତ୍ୱେ ଏକ ସାଧାରଣ ଭାଷା ଚଳୁଥିଲା ।

---

* ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ, ଲେଖକ—ଡକ୍ଟର କରୁଣାକର କର, ପୃ. ୮ ଓ ୧୭

† (୧) ହିନ୍ଦୀ ସାହିତ୍ୟ କା ଇତିହାସ, ଲେଖକ—ରାମଚନ୍ଦ୍ର ଶୁକ୍ଳ, (୨) ନାଥ ସମ୍ପ୍ରଦାୟ, ଲେଖକ—ଡକ୍ଟର ହଜାରୀ ପ୍ରସାଦ ଦ୍ୱିବେଦୀ ଆଦି ସମାଲୋଚକମାନଙ୍କ ଗ୍ରନ୍ଥ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଏହାକୁ ପ୍ରାଚ୍ୟ ଅପଭ୍ରଂଶ କୁହାଯାଇପାରେ । ଚର୍ଯ୍ୟାଗୀତିକାରଗଣ କେହି ଓଡ଼ିଆ, କେହି ବଙ୍ଗାଳୀ କେହି ବିହାରୀ ହେଲେ ମଧ୍ୟ ପୂର୍ବାଞ୍ଚଳରେ ସେହି ସାଧାରଣ ଭାଷାରେ ହିଁ ଗୀତିକାମାନ ରଚନା କରିଯାଇଛନ୍ତି ।" †

କିନ୍ତୁ ଏହି ସିଦ୍ଧାଚାର୍ଯ୍ୟମାନଙ୍କ ଭାଷା ସମ୍ବନ୍ଧରେ ମତ ଦେବାକୁ ଯାଇ ଆଲୋଚକ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି—

"ସେ ଯାହାହେଉ, ସହଜଯାନରେ ସିଦ୍ଧିଲାଭ କରିଥିବା କବିଗଣ ନିୟମିତରୂପରେ ସର୍ବପ୍ରଥମେ ଓଡ଼ିଆ ଭାଷାରେ କବିତା ରଚନା ଆରମ୍ଭ କରିଥିଲେ । ତିବ୍ବତ ଓ ନେପାଳୀ ଭାଷାରେ ଏସବୁ ପରେ ଅନୁଦିତ ହୋଇଥିଲା । × × × × ଉକ୍ତ ପଚାଶ ଜଣ କବିଙ୍କ ମଧ୍ୟରୁ ଅନେକ ଓଡ଼ିଶାବାସୀ ଅଷ୍ଟମ-ନବମ ଶତାବ୍ଦୀବେଳେ ଜନ୍ମଭୂମି ଓଡ଼ିଶାରୁ ଧର୍ମପ୍ରଚାର ଉଦ୍ଦେଶ୍ୟରେ ସମଗ୍ର ପୂର୍ବୋତ୍ତର ଭାରତକୁ ଓ ନେପାଳ, ତିବ୍ବତ ପର୍ଯ୍ୟନ୍ତ ଚାଲିଗଲେ । ସେସବୁ ଅଞ୍ଚଳରେ ସେମାନେ ସହଜ ଧର୍ମ ସହିତ ସହଜ ତତ୍ତ୍ୱସମ୍ବଳିତ ଗାନ ଓ ଦୋହାଗୁଡ଼ିକ ପ୍ରଚାର କରିଥିଲେ ; ତାହାପରେ ତିବ୍ବତ ଓ ନେପାଳରେ ବିଶେଷ ଆଦୃତ ହୋଇ ସେଠାର ଭାଷାରେ ଅନୁଦିତ ହୋଇଥିଲା ।"*

ସ୍ୱର୍ଗତଃ ଡକ୍ଟର କରୁଣାକର କର ସିଦ୍ଧାଚାର୍ଯ୍ୟମାନଙ୍କ ଜାତୀୟତା ତଥା ଭାଷା ସମ୍ବନ୍ଧରେ ଆଲୋଚନା କରି ନିମ୍ନଲିଖିତମତେ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି—

"ମୁଁ ମୁଖବନ୍ଧରେ ଇତିହାସ ଦୃଷ୍ଟିରୁ, ଭାଷାତତ୍ତ୍ୱ ଦୃଷ୍ଟିରୁ ଏବଂ ଧର୍ମଦୃଷ୍ଟିରୁ ମଧ୍ୟ ଏହି ସମସ୍ତ ବିଷୟ ଆଲୋଚନା କରିଅଛି ଏବଂ ସିଦ୍ଧାନ୍ତ କରିଅଛି ଯେ, ଏହି ଗ୍ରନ୍ଥର ଭାଷା ଓଡ଼ିଆ ଥିଲା ଏବଂ ତହିଁର ଲେଖକ ସିଦ୍ଧାଚାର୍ଯ୍ୟମାନେ ଓଡ଼ିଆ ଥିଲେ ଏବଂ ସେମାନଙ୍କ ପ୍ରଚାରିତ ଧର୍ମ ମଧ୍ୟ ଓଡ଼ିଶାରୁ ଜାତ ହୋଇଥିଲା ।+

---

† ଚର୍ଯ୍ୟା-ଗୀତିକା, ଲେଖକ—ଶ୍ରୀ ଖଗେଶ୍ୱର ମହାପାତ୍ର, ପୃ. ୨୮-୨୯

* ଓଡ଼ିଆ ସାହିତ୍ୟର ଇତିହାସ, ଲେଖକ—ଶ୍ରୀ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ପୃଷ୍ଠା ୧୧୨-୧୧୩ ।

+ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ, ଲେଖକ—ଡ଼ ଡକ୍ଟର କରୁଣାକର କର, ମୁଖବନ୍ଧ ପୃ. ୩ ।

Digitized by PPRACHIN, SOA

ସିଦ୍ଧାଚାର୍ଯ୍ୟମାନଙ୍କ ଭାଷାକୁ ଧ୍ୱନିତତ୍ତ୍ୱର ଦୃଷ୍ଟିକୋଣରୁ ବିଚାର କରି ଶବ୍ଦଗଠନ, ପଦ ବିଚାର, କାରକ, ସର୍ବନାମ, କାଳ, କୃଦନ୍ତପ୍ରତ୍ୟୟ, ଅବ୍ୟୟ, ଛନ୍ଦ ଓ ରାଗ ଆଦି ଦୃଷ୍ଟିରୁ ସେଗୁଡ଼ିକ ଓଡ଼ିଆ ଭାଷାରେ ରଚିତ ବୋଲି ଆଲୋଚକ ଡକ୍ଟର କରୁଣାକର କର ମତ ଦେଇଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ମଧ୍ୟ ସିଦ୍ଧାଚାର୍ଯ୍ୟମାନଙ୍କ ପଦାବଳୀର ପ୍ରଭାବରେ ପରବର୍ତ୍ତୀ କାଳରେ ରଚିତ ଓଡ଼ିଆ କବିମାନଙ୍କ କବିତାବଳୀର ଉଦାହରଣ ଦେଇ ସେଗୁଡ଼ିକ ଓଡ଼ିଶାର ଭାବଧାରା ଓ ଓଡ଼ିଆ ଶୈଳୀ ଆଦିର ଗ୍ରନ୍ଥରେ ପ୍ରାଚୀନ କାଳରେ ରଚିତ ହୋଇଥିବାର ଦୃଢ଼ ମତବ୍ୟକ୍ତ କରିଛନ୍ତି ।

ତାନ୍ତ୍ରିକ ମତବାଦର ପରିପୋଷକ ସିଦ୍ଧାଚାର୍ଯ୍ୟମାନଙ୍କ ପ୍ରଚାରର ମୁଖ୍ୟ ଉଦ୍ଦେଶ୍ୟ ଥିଲି ମହାସୁଖ । ସେହି ମହାସୁଖର ସାଧନା ଅପେକ୍ଷାକୃତ ସହଜ ବୋଲି ସିଦ୍ଧାଚାର୍ଯ୍ୟମାନେ ତହିଁର ଉପାଦେୟତା ସମ୍ବନ୍ଧରେ ସ୍ୱ ସ୍ୱ ଦୋହାରେ ଉଲ୍ଲେଖ କରିଛନ୍ତି । ସେମାନଙ୍କ ଧାରଣା ଯେ, ସଂସାରର ପ୍ରାଣୀମାନେ ସାଧାରଣ ଜୀବନଚର୍ଯ୍ୟା ମଧ୍ୟରେ, ନିବୃତ୍ତି-ମାର୍ଗର ଅନୁସରଣ ନ କରି, ପ୍ରବୃତ୍ତିମାର୍ଗର ମାଧ୍ୟମରେ ବିନା କଷ୍ଟରେ ଏହି ମହାସୁଖର ସନ୍ଧାନ ପାଇପାରନ୍ତି । ଆହୁରି ମଧ୍ୟ "ପ୍ରଜ୍ଞା, ଉପାୟ-ଶୂନ୍ୟତା, କରୁଣା ବା ଶ୍ୱାସ-ପ୍ରଶ୍ୱାସବାହୀ ନାଡ଼ିଦ୍ୱୟର ମିଳନରେ ନାଭିମଣ୍ଡଳସ୍ଥ ନିର୍ମାଣଚକ୍ରରେ ସଂଜାତ ବୋଧିଚିତ୍ତକୁ ମଧ୍ୟମନାଡ଼ି ଅବଧୂତିକା ମାର୍ଗରେ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରି ଶୀର୍ଷଦେଶସ୍ଥ ଉଷ୍ଣୀଷ କମଳରେ ଅବସ୍ଥାପିତ କରିବା ଦ୍ୱାରା ସାଧକ ମହାସୁଖ ଲଭ କରେ । × × × ବୋଧିଚିତ୍ତକୁ ଊର୍ଦ୍ଧ୍ୱକୁ ଉତ୍ତୋଳିତ କରିବା ସମୟରେ ସାଧକ କ୍ରମାନ୍ୱୟରେ ଆନନ୍ଦ, ପରମାନନ୍ଦ, ବିରମାନନ୍ଦ, ସହଜାନନ୍ଦ ଉପଲବ୍ଧି କରେ । ସହଜାନନ୍ଦ ମହାସୁଖ-ସ୍ୱରୂପ-ପ୍ରଜ୍ଞା ଓ ଉପାୟ ଯୋଗମଣ୍ଡଳ ସାଧନାରେ ମହାମୁଦ୍ରା ସହ ସାଧକର ଯୌନଯୋଗ ମାଧ୍ୟମରେ ସଂଘଟିତ ହୁଏ । କିନ୍ତୁ ଏହି ଅବସ୍ଥାରେ ବିନ୍ଦୁ ରୂପ ବୋଧିଚିତ୍ତର ନିମ୍ନଗତି ପରିହାର କରି ସ୍ଥୂଳ ଯୌନସୁଖ ପରିବର୍ତ୍ତେ ମହାସୁଖ ଲଭ ନିମିତ୍ତ ସାଧକର ସଂଯମ ଓ ଚିତ୍ତସ୍ଥିରତା ଏକାନ୍ତ ଆବଶ୍ୟକ । ଏଥିପାଇଁ କାୟସାଧନା ବା ଷଡ଼ଙ୍ଗ ଯୋଗ ସାଧନାର ସାହାଯ୍ୟ ଗ୍ରହଣୀୟ । ତଦ୍ଦ୍ୱାରା ସାଧକ ଶ୍ୱାସ-ପ୍ରଶ୍ୱାସ ରୁଦ୍ଧକରି ପ୍ରାଣବାୟୁକୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ସ୍ଥୂଳ ଇନ୍ଦ୍ରିୟସୁଖ ବିନିମୟରେ ମହାସୁଖର ଅଧିକାରୀ ହୁଏ ।"*

* ଚର୍ଯ୍ୟା ଗୀତିକା, ପୃ. ୧୦୦-୧୦୧

Digitized by PPRACHIN, SOA

ଏହି ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରେ ସରହପା ବା ସରହପାଦ, ସବରୀପାଦ, ଲୁଇପା, କାହ୍ନୁପା, ଦାରିକପାଦ, ଶାନ୍ତିଦେବ, ଢାଡ଼କପାଦ, କୁକ୍କୁରୀପାଦ, ବିରୂପପାଦ, ବୀଣାପାଦ, କମ୍ବଳପାଦ, କଙ୍କଣପାଦ, ଘଣ୍ଟିଳପାଦ, ଜୟନନ୍ଦୀପାଦ, ଚୈଲଣପାଦ, ଡୋମ୍ବୀପାଦ, ଧାମପାଦ, ଭାଦେପାଦ, ମହୀଧରପାଦ, ଶାନ୍ତିପାଦ ଆଦି ଓଡ଼ିଆ ଥିଲେ ଏବଂ ତାଙ୍କ ଦୋହାରେ ଓଡ଼ିଆ ପଦାବଳୀର ସନ୍ଧାନ ମିଳୁଥିବାର ଡକ୍ଟର କରୁଣାକର କର ବହୁ ପ୍ରମାଣ ସହକାରେ ଉଲ୍ଲେଖ କରିଛନ୍ତି ।

ସେଥିମଧ୍ୟରୁ ଆଦି ସିଦ୍ଧାଚାର୍ଯ୍ୟ ସରହପାଦ, କାହ୍ନୁପା ଓ ଲୁଇପାଙ୍କ କବିତାରୁ କେତୋଟି ପଦ ଏଠାରେ ଉଦାହରଣସ୍ୱରୂପ ଉଲ୍ଲେଖ କରାଗଲା—

ସରହପାଦ—

"ଅପଣେ ରଚି ରଚି ଭବ ନିର୍ବାଣା ।
ମିଛେଁ ଲୋଅ ବନ୍ଧାବଏ ଅପଣା ॥
ଅମ୍ଭେଣ ଜାଣହୁଁ ଅଚିନ୍ତ ଜୋଇ ।
ଜାମ ମରଣ ଭବ କଇସଣ ହୋଇ ॥
ଜଇସୋ ଜାମ ମରଣ ବି ତଇସୋ ।
ଜୀବନ୍ତେ ମଲେ ନାହିଁ ବିଶେସୋ ॥

× × ×

ଜେ ସଚରାଚର ତିଅସ ଭ୍ରମନ୍ତି ।
ତେ ଅଜରାମର କିମପି ନ ହୋନ୍ତି ॥
ଜାମେ କାମ କି କାମେ ଜାମ ।
ସରହ ଭଣନ୍ତି ଅଚିନ୍ତ ସୋ ଧାମ ॥"

କାହ୍ନୁପାଦ—

ନଗର ବାହାରି ରେ ଡୋମ୍ବି ତୋହୋରି କୁଡ଼ିଆ ।
ଛୋଇଁ ଛୋଇ ଜାଇସୋ ବ୍ରାହ୍ମଣ ନାଡ଼ିଆ ॥
ଆଲୋ ଡୋମ୍ବି ତୋଏ ସମ କରିବ ମ ସାଙ୍ଗ ।
ନିଘିଣ କହ୍ନ କାପାଳି ଜୋଇ ଲାଙ୍ଗ ॥

Digitized by PPRACHIN, SOA

ଲୁଇପାଦ—

ଭାବ ନ ହୋଇ ଅଭାବ ଣ ଜାଇ ।
ଅଇସ ସଂବୋହେ କୋ ପତିଆଇ ॥
ଲୁଇ ଭଣଇ ବଢ଼ ଦୁଲକ୍ଖ ବିଣାଣା ।
ତିଅଧାଏ ବିଳସଇ ଉହ ଲାଗେ ନା ॥ †

ସିଦ୍ଧାଚାର୍ଯ୍ୟମାନଙ୍କ 'ଦୋହା'ଗୁଡ଼ିକ ଅଧିକାଂଶ ଶ୍ଳେଷମୂଳକ । ତେଣୁ ବାଚ୍ୟାର୍ଥ ଯୋଗେ ଯେଉଁ ଅର୍ଥ ପ୍ରକାଶିତ ହୁଏ ତାହା ସେଗୁଡ଼ିକର ମୌଳିକ ଅର୍ଥ ନୁହେଁ ।

ଯାହାହେଉ, ଓଡ଼ିଆ ସାହିତ୍ୟର ଆଦିଯୁଗରେ ଏହି ସିଦ୍ଧାଚାର୍ଯ୍ୟଙ୍କର 'ଦୋହା' ରଚନା ଯେ ସାହିତ୍ୟକୁ ଅଭିନବ ରୂପରେ ବିଭୂଷିତ କରିଛି, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ନାଥ ସାହିତ୍ୟ—ଓଡ଼ିଆରେ ନାଥ ସାହିତ୍ୟ ସମ୍ପର୍କୀୟ ଆଲୋଚନା କରିବା ପୂର୍ବରୁ ନାଥ ଧର୍ମର ଉତ୍ପତ୍ତି ସମ୍ବନ୍ଧରେ ସମ୍ୟକ୍ ଆଲୋଚନା କରିବା ଅତ୍ୟନ୍ତ ସମୀଚୀନ । ଅନ୍ୟଥା ନାଥ-ସାହିତ୍ୟ ସମ୍ପର୍କୀୟ ଆଲୋଚନା ଅସମ୍ପୂର୍ଣ୍ଣ ହେବ ।

ଏହି ନାଥ ଶବ୍ଦର ଉତ୍ପତ୍ତି ସମ୍ବନ୍ଧରେ 'ରାଜଗୁହ୍ୟ' ଓ 'ଶକ୍ତି ସଙ୍ଗମ ତନ୍ତ୍ର'ରେ ଉଦ୍ଧୃତମାନ ରହିଛି—

'ନାକାରୋଽନାଦିରୂପଂ ଚ ଥକାରଃ ସ୍ଥାପ୍ୟତେ ସଦା ।
ଭୁବନତ୍ରୟ ମେବୈକଃ ... ... ॥'

ଏଥିରୁ ଜଣାଯାଏ ଯେ, 'ନା'କାର ହେଉଛି—ଅନାଦିରୂପ ଓ 'ଥ'କାର ହେଉଛି—ତ୍ରିଭୁବନର ସ୍ଥାପନା; ଅର୍ଥାତ୍ ନାଥ ଧର୍ମ ଅନାଦି ଧର୍ମ ଓ ତାହା ତ୍ରିଭୁବନ ସ୍ଥିତିର କାରଣ ଅଟେ ।

ପ୍ରସିଦ୍ଧ ତନ୍ତ୍ରଗ୍ରନ୍ଥ 'ଶକ୍ତି ସଙ୍ଗମ ତନ୍ତ୍ର'ରେ ମଧ୍ୟ କୁହାଯାଇଛି—

ଶ୍ରୀ ମୋକ୍ଷଦାନଦକ୍ଷତ୍ଵାତ୍ ନାଥବ୍ରହ୍ମାନୁବୋଧନାତ୍ ।
ସ୍ଥଗିତାଜ୍ଞାନବିଭବାତ୍ ଶ୍ରୀନାଥ ଇତି ଗୀୟତେ ॥

---

† ବିଶେଷ ଆଲୋଚନା ଲାଗି **ସ୍ଵର୍ଗତଃ ଡକ୍ଟର କରୁଣାକର କରଙ୍କ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ପୁସ୍ତକ ଦ୍ରଷ୍ଟବ୍ୟ ।**

Digitized by PPRACHIN, SOA

ଏହି ଉଦ୍ଧୃତାଂଶରୁ ଜଣାଯାଏ ଯେ, 'ନା' ଶବ୍ଦର ଅର୍ଥ ମୋକ୍ଷଦାନରେ ଦକ୍ଷ ଓ ଏହି 'ଥ' ଶବ୍ଦର ଅର୍ଥ ହେଉଛି—ଅଜ୍ଞାନତାର ଦୂରୀକରଣ । ଏହି ଶ୍ଲୋକଟିକୁ ବ୍ୟାଖ୍ୟା କରିବାକୁ ଯାଇ ହିନ୍ଦି ଜଗତର ପ୍ରସିଦ୍ଧ ଆଲୋଚକ ହଜାରୀପ୍ରସାଦ ଦ୍ୱିବେଦୀ ତାଙ୍କ 'ନାଥ ସମ୍ପ୍ରଦାୟ' ପୁସ୍ତକରେ ଲେଖିଛନ୍ତି— "ନା ଶବ୍ଦର ଅର୍ଥ, ଯାହା ମୋକ୍ଷଦାନରେ ଦକ୍ଷ; ଯାହା ମୋକ୍ଷପ୍ରାପ୍ତି ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ କରାଏ ଏବଂ 'ଥ' ଶବ୍ଦର ଅର୍ଥ ହେଉଛି— ଅଜ୍ଞାନର ସାମର୍ଥ୍ୟ ଦୂରୀକରଣ, ଅର୍ଥାତ୍ 'ନାଥ'ର ଆଶ୍ରୟରେ ନାଥ ବ୍ରହ୍ମର ସାକ୍ଷାତ୍କାର ହୋଇଥାଏ ଏବଂ ଅଜ୍ଞାନର ମାୟା ଅବରୁଦ୍ଧ ହୁଏ । ଏଣୁ 'ନାଥ' ଶବ୍ଦର ବ୍ୟବହାର କରାଯାଇଛି ।"

ନାଥମାନେ ଶୈବ ଶାକ୍ତ କାପାଳିକ ବୌଦ୍ଧ ଓ ଜୈନମତର ପରିପୋଷକ ବୋଲି ବିଭିନ୍ନ ଶାସ୍ତ୍ରର ଆଲୋଚନାରୁ ଜଣାଯାଏ । 'ସିଦ୍ଧ-ସିଦ୍ଧାନ୍ତ-ପଦ୍ଧତି'ରୁ ଜଣାଯାଏ ଯେ, ଦେଦୀପ୍ୟମାନ ତନ୍ତ୍ରର କର୍ତ୍ତା ହେଉଛନ୍ତି ସାକ୍ଷାତ୍ ଶିବ । ଯେଉଁ ଧୀର ପୁରୁଷମାନେ ସେମାନଙ୍କର ଅପାର ଜ୍ଞାନ ସିଦ୍ଧିବଳରେ ବିଶ୍ୱର ସଂରକ୍ଷଣ କରିଥିଲେ ସେମାନେ ହେଉଛନ୍ତି ସିଦ୍ଧ ବା ନାଥ ।

ଦେଦୀପ୍ୟମାନତନ୍ତ୍ରସ୍ୟ କର୍ତ୍ତା ସାକ୍ଷାତ୍ ସ୍ୱୟଂ ଶିବଃ ।
ସଂରକ୍ଷନ୍ତୋ ବିଶ୍ୱମେବ ଧୀରାଃ ସିଦ୍ଧମତାଶ୍ରୟାଃ ॥

(ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ ନାଥ ସମ୍ପ୍ରଦାୟର ତୃତୀୟ ପୃଷ୍ଠାରୁ ଉଦ୍ଧୃତ ।)

କାପାଳିକମାନଙ୍କ ମଧ୍ୟରେ ଯେଉଁ ବାର ଜଣ ଆଚାର୍ଯ୍ୟଙ୍କ ନାମ ଦେଖିବାକୁ ମିଳେ, ସେମାନଙ୍କ ମଧ୍ୟରେ ପ୍ରଥମ ହେଉଛନ୍ତି—ଆଦିନାଥ । ତଦ୍‌ବ୍ୟତୀତ ସେହି ବାର ଜଣ ଆଚାର୍ଯ୍ୟଙ୍କ ମଧ୍ୟରେ ଆଦିନାଥଙ୍କ ପରେ ଅଛନ୍ତି କାଳଭୈରବନାଥ, ବଟୁକ ନାଥ, ବୀର ନାଥ ପ୍ରମୁଖ ତିନି ଜଣ ନାଥଙ୍କ ନାମ ଦେଖିବାକୁ ମିଳେ ଏବଂ ସେହି ଆଚାର୍ଯ୍ୟମାନଙ୍କର ବାର ଜଣ ଶିଷ୍ୟଙ୍କ ମଧ୍ୟରେ ସତ୍ୟନାଥ, ଭୀମନାଥ ଓ ଗୋରକ୍ଷ (ଗୋରଖ ନାଥ ବୋଧହୁଏ)ଙ୍କ ନାମ ମଧ୍ୟ ଦେଖିବାକୁ ମିଳେ ।

'ଷଟ୍-ସାମ୍ଭବ-ରହସ୍ୟ' ନାମକ ଗ୍ରନ୍ଥରୁ ମତ ଉଦ୍ଧାର କରି ଉକ୍ତର ଦ୍ୱିବେଦୀ ଲେଖିଛନ୍ତି ଯେ, ବୈଦିକ ଆଗମର ମଧ୍ୟରେ ବୈଷ୍ଣବ ଶ୍ରେଷ୍ଠ । ସେଥିରୁ ଗାଣପତ୍ୟ, ଗାଣପତ୍ୟରୁ ସୌର, ସୌରରୁ ଶୈବ ଏବଂ

Digitized by PPRACHIN, SOA

ଶୈବାଗମଠାରୁ ଶାକ୍ତାଗମ ଶ୍ରେଷ୍ଠ ଅଟେ । ଶାକ୍ତାଗମରୁ ବାମାଗମ, ଦକ୍ଷିଣାଗମ ଓ କୌଳାଗମ; ପ୍ରତ୍ୟେକ ପ୍ରତ୍ୟେକଠାରୁ ଉନ୍ନତ ମାର୍ଗରୂପେ ପରିଗଣିତ । କୌଳମାର୍ଗକୁ ହିଁ 'ଅବଧୂତମାର୍ଗ' କୁହାଯାଏ । ତେଣୁ ତନ୍ତ୍ର ଗ୍ରନ୍ଥ ଗୁଡ଼ିକ ମତରେ କୌଳ ବା ଅବଧୂତ ମାର୍ଗ ଶ୍ରେଷ୍ଠ । ଏଣୁ ଅବଧୂତ ମାର୍ଗ ଓ ନାଥପନ୍ଥର ମାର୍ଗ ମଧ୍ୟରେ ପାର୍ଥକ୍ୟ ନ ଥିବାରୁ ଶାକ୍ତତନ୍ତ୍ର ମଧ୍ୟ ନାଥାନୁଯାୟୀ ଅଟେ ।

'ଜ୍ଞାନେଶ୍ୱର ପୀଠ ଚରିତ' ନାମକ ଗ୍ରନ୍ଥରୁ ପାଠୋଦ୍ଧାର କରି ଲକ୍ଷ୍ମଣ ରାମଚନ୍ଦ୍ର ପାଠଗାରକର ନାମକ ଗବେଷକ ନାଥମାନଙ୍କ ସମ୍ବନ୍ଧରେ ଯେଉଁ ବଂଶବୃକ୍ଷ ପ୍ରସ୍ତୁତ କରିଛନ୍ତି; ସେଥିରୁ ଜଣାଯାଏ ଯେ, ଗୁରୁ ପରମ୍ପରାକ୍ରମେ ଆଦିନାଥ, ମତ୍ସ୍ୟେନ୍ଦ୍ର ନାଥ, ତଥା ମତ୍ସ୍ୟେନ୍ଦ୍ର ନାଥଙ୍କ ଶିଷ୍ୟ ଗୋରକ୍ଷ ନାଥ ବା ଗୋରଖ ନାଥ ହୋଇଥିଲେ ହେଁ, ସମଗ୍ର ଭାରତ ତଥା ନେପାଳ ଓ ତିବ୍ବତ ପ୍ରଭୃତି ଅଞ୍ଚଳରେ ଗୋରଖ ନାଥଙ୍କର ଯେତେ ପ୍ରସିଦ୍ଧି ରହିଛି; ବୋଧହୁଏ, ନାଥପନ୍ଥୀ ଅନ୍ୟ ସାଧୁମାନଙ୍କର ସେତେ ପ୍ରସିଦ୍ଧି ନାହିଁ । ଏହି ଗୋରଖ ନାଥ ସମଗ୍ର ଭାରତରେ ଏତେ ଲୋକପ୍ରିୟ 'ନାଥ'ରୂପେ ପରିଚିତ ଥିଲେ ଯେ, ବିଭିନ୍ନ ଅଞ୍ଚଳର ଲୋକେ ତାଙ୍କୁ ନିଜ ନିଜ ଅଞ୍ଚଳର ନିବାସୀ ବୋଲି ନାନାପ୍ରକାର ଯୁକ୍ତି କରନ୍ତି । ବିଭିନ୍ନ ଆଲୋଚକଙ୍କ ମତରେ ଗୋରକ୍ଷ ନାଥ 'ପେଷାଓ୍ୱାର', ଦ୍ୱାରକା ନିକଟବର୍ତ୍ତୀ 'ହୁରମୁଜ୍', କାଠିଆଓ୍ୱାଡ଼ ଅନ୍ତର୍ଗତ 'ଗୋରଖମଢ଼ି' ଆଦି ସ୍ଥାନ ଗୋରଖ ନାଥଙ୍କର ଜନ୍ମସ୍ଥାନରୂପେ ପରିଚିତ । ବଙ୍ଗୀୟ ସମାଲୋଚକମାନଙ୍କ ମତରେ ସେ ବଙ୍ଗଳାରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ଆଚାର୍ଯ୍ୟ ହଜାରୀ ପ୍ରସାଦ ଦ୍ୱିବେଦୀଙ୍କ 'ନାଥସମ୍ପ୍ରଦାୟ' ନାମକ ପୁସ୍ତକରେ ଗୋରଖନାଥଙ୍କ ସମୟ ନବମ ସମ୍ଭବତଃ ଦଶମ ଶତାବ୍ଦୀ ଓ ଦକ୍ଷିଣାଞ୍ଚଳର 'ବଡ଼ବ' ନାମକ ସ୍ଥାନରେ ସେ ଜନ୍ମଗ୍ରହଣ କରିଥିଲେ ବୋଲି (ଗୋରକ୍ଷ ସହସ୍ରନାମ ଶୀର୍ଷକ ଖଣ୍ଡିଏ ପୁସ୍ତିକାର ଗୋଟିଏ ଶ୍ଲୋକ ଅନୁସାରେ) ଉଲ୍ଲେଖ ରହିଛି ।

"ଅସ୍ତିଯାମ୍ୟାଂ ଦକ୍ଷିଣକଶ୍ଚିଦ୍ ଦେଶଃ ବଡ଼ବ ସଞ୍ଜ୍ଞକଃ ।
ତତ୍ରାଜନି ମହାବୁଦ୍ଧି ର୍ମହାମନ୍ତ୍ରପ୍ରସାଦତଃ ।"

ଡକ୍ଟର ଦ୍ୱିବେଦୀ ଆହୁରି ମଧ୍ୟ 'ଯୋଗିସମ୍ପ୍ରଦାୟାବିଷ୍କୃତି' ନାମକ ଗ୍ରନ୍ଥର ପ୍ରମାଣାନୁସାରେ ଗୋରକ୍ଷ ନାଥ ଗୋଦାବରୀ ତୀରବର୍ତ୍ତୀ 'ଚନ୍ଦ୍ରଗିରି'

Digitized by PPRACHIN, SOA

ନାମକ ସ୍ଥାନରେ ଆବିର୍ଭୂତ ହୋଇଥିଲେ ବୋଲି ମତ ପ୍ରକାଶ କରନ୍ତି । ଡକ୍ଟର ଦ୍ୱିବେଦୀ 'ବଡ଼ବ' ଶବ୍ଦ 'ଗୋଦାବରୀ'ବାଚକ ବୋଲି ମତ ଦେଇଛନ୍ତି । ତେଣୁ ଉକ୍ତ ଉଭୟ ଗ୍ରନ୍ଥର ମତାନୁସାରେ ଗୋରକ୍ଷ ନାଥ ଯେ ପ୍ରାଚୀନ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ, ଏଥିରେ ସନ୍ଦେହ ନାହିଁ । କାରଣ ଓଡ଼ିଶାର ପ୍ରଖ୍ୟାତ ଗଙ୍ଗବଂଶଠାରୁ ସୂର୍ଯ୍ୟବଂଶର ରାଜାମାନଙ୍କ ଶାସନକାଳରେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ 'ଚନ୍ଦ୍ରଗିରି'ଠାରେ ଓଡ଼ିଶାର ଦିଗ୍‌ବିଜୟୀ ରାଜାମାନଙ୍କ ଦ୍ୱାରା ଏକ ପ୍ରଖ୍ୟାତ ଦୁର୍ଗ ସୁରକ୍ଷିତ ହୋଇଥିଲା । କର୍ଣ୍ଣାଟରାଜ (ଆନ୍ଧ୍ର) କୃଷ୍ଣଦେବ ରାୟଙ୍କ ସମୟରେ 'ଚନ୍ଦ୍ରଗିରି' ଅଞ୍ଚଳ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଛି । ତେଣୁ ପୂର୍ବୋକ୍ତ ଉଭୟ ପ୍ରାମାଣିକ ପୁସ୍ତକରେ ବର୍ଣ୍ଣିତ ଗୋରଖ ନାଥଙ୍କ ଜନ୍ମସ୍ଥାନ ପ୍ରକୃତରେ ଓଡ଼ିଶାରେ ଥିଲା ଏବଂ ଅଦ୍ୟାପି ମଧ୍ୟ ଓଡ଼ିଶାରେ ଗୋରଖ ନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ମଠ 'ଗୋରେଖ ଗାଦି', 'ଗୋରଖ ମଠ' ନାମରେ ସୁପରିଚିତ ।

କଟକ ଜିଲ୍ଲାର ଜଗତ୍‌ସିଂହପୁର ମହକୁମା ଅନ୍ତର୍ଗତ ତିର୍ତ୍ତୋଲ ଥାନାର 'ଛପଡ଼ା' ନାମକ ଗ୍ରାମରେ ଏକ ଗୋରେଖ ଗାଦି ରହିଛି । ସେହି ଅଞ୍ଚଳରେ ତାହା 'ଗୋରେଖାଗାଦି' ନାମରେ ବିଖ୍ୟାତ । ପ୍ରତି ବର୍ଷ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମାଦିନ ଗୋରଖ ନାଥଙ୍କ ତିରୋଧାନ ଦିବସରୂପେ କେଉଁ କାଳରୁ ଆରମ୍ଭ କରି ଅଦ୍ୟାପି ପାଳିତ ହୋଇଆସୁଛି । ଓଡ଼ିଆ ନାଥପନ୍ଥୀ ଓ ସାଧାରଣ ସାଧୁସନ୍ଥମାନେ ଉକ୍ତ ଦିବସରେ ସେଠାରେ ଉପସ୍ଥିତ ହୋଇ ରାତି ଉଜାଗରପୂର୍ବକ ଗୋରଖ ନାଥଙ୍କ ମହିମାଗାନରେ ଉତ୍ସବଟିକୁ ପାଳନ କରନ୍ତି । ପୂର୍ବୋକ୍ତ 'ଛପଡ଼ା'ରେ ଅବସ୍ଥିତ ଗୋରେଖାଗାଦିର ଅଳ୍ପ ଦୂରରେ 'ବିଦ୍ୟାଧର ଗାଦି', 'ବେଲି ବିହାରୀ ଗାଦି' ଓ 'ମୁନି ଗୋସେଇଁ ମଠ' ଆଦି ପ୍ରାଚୀନ କାଳରେ ନାଥ-ସମ୍ପ୍ରଦାୟର ସନ୍ନ୍ୟାସୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଅସମ୍ଭବ ନୁହେଁ । ଓଡ଼ିଶାରେ 'ନାଥ'ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକର ପୂର୍ଣ୍ଣ ବିବରଣୀ ମିଳି ନାହିଁ । ହୁଏତ କେତେକ ସ୍ଥାନରେ ପ୍ରତିଷ୍ଠିତ ମଠ କାଳର କବଳରେ ଧ୍ୱଂସପ୍ରାପ୍ତ ହୋଇଥିବ କିମ୍ବା ସ୍ଥଳବିଶେଷରେ କେତେକ ମଠ ଭିନ୍ନ ସମ୍ପ୍ରଦାୟଭୁକ୍ତ ହୋଇଥିବା ଅସମ୍ଭବ ନୁହେଁ । ତଥାପି ବର୍ତ୍ତମାନ ସୁଦ୍ଧା ଯେତେଗୋଟି ନାଥପନ୍ଥୀ ମଠ ଦୃଷ୍ଟିଗୋଚର ହୁଏ, ସେ ସମ୍ବନ୍ଧରେ ସମାଲୋଚକ ଡକ୍ଟର ବଂଶୀଧର ମହାନ୍ତି ତାଙ୍କ 'ଓଡ଼ିଶାରେ ନାଥ

Digitized by PPRACHIN, SOA

ସମ୍ପ୍ରଦାୟ ଓ ନାଥ ସାହିତ୍ୟ' ନାମକ ପୁସ୍ତକରେ ବିବରଣୀ ପ୍ରଦାନ କରିଛନ୍ତି । ସେଥିରୁ ଜଣାଯାଏ ଯେ, କଟକ ଜିଲ୍ଲାର (କେନ୍ଦ୍ରାପଡ଼ା ମହକୁମା ଅନ୍ତର୍ଗତ) କଆରବାଙ୍କ ମଠ, ଦୀଗସ୍ୱଣ୍ଡି, ହରିହରପୁର, ଆଳି (ବାର ମହାନ୍ତିଆ ଗାଦି), ଚଉଦକୁଲାଟ, ପଦ୍ମପୁର ; ପୁରୀ ଜିଲ୍ଲାର ଭୁବନେଶ୍ୱରସ୍ଥ କପାଳୀ ମଠ ବା ବଡ଼ ମଠ, ପୁରୀ ସହରର ସତ୍ୟନାଥ ମଠ, ପିପିଲି ଥାନା ଅନ୍ତର୍ଗତ ପାଣିଦୋଳ ମଠ ଓ ଢେଙ୍କାନାଳ ଜିଲ୍ଲାର କପିଳାସ ପୀଠ ଆଦି ନାଥମାନଙ୍କର ପ୍ରଧାନ ପୀଠସ୍ଥଳରୂପେ ଖ୍ୟାତ ।* ଏତଦ୍‌ବ୍ୟତୀତ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ନାଥ ସମ୍ପ୍ରଦାୟ ବା ଯୋଗୀମାନଙ୍କର ସଂଖ୍ୟା ଆଦୌ ନଗଣ୍ୟ ନୁହେଁ । ଏହି ନାଥମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଭିକ୍ଷାବୃତ୍ତି କରି ଜୀବିକା ନିର୍ବାହ କରନ୍ତି । ଲଉଡ଼ିଭୂମ୍ବା ଥାଳି ଧରି କେନ୍ଦରା ବଜାଇ ଗୋବିନ୍ଦଚନ୍ଦ୍ର ଗୀତ ଓ ଅନ୍ୟାନ୍ୟ ପୌରାଣିକ ଆଖ୍ୟାୟିକାମାନ ଗାନ କରି ଏମାନେ ଭିକ୍ଷା ମାଗି ବୁଲନ୍ତି ।

ଏତଦ୍‌ବ୍ୟତୀତ ନାଥମାନଙ୍କର ସତ୍ୟନାଥୀ, ଧର୍ମନାଥୀ, ରାମପନ୍ଥ, ନାଟେଶ୍ୱରୀ ବା ଲକ୍ଷ୍ମଣନାଥୀ ଆଦି ଦ୍ୱାଦଶପନ୍ଥ ମଧ୍ୟରୁ ଆଦିପନ୍ଥ ଅର୍ଥାତ୍ ସତ୍ୟନାଥୀ ଶାଖାର ମୂଳ ପ୍ରବର୍ତ୍ତକ ଥିଲେ ସତ୍ୟନାଥ ଏବଂ ସେ ଓଡ଼ିଶାର ଭୁବନେଶ୍ୱରରେ ଅବସ୍ଥାନ କରୁଥିଲେ । ଏହିସବୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ନାଥ ସମ୍ପ୍ରଦାୟ ସହିତ ଓଡ଼ିଶାର ଘନିଷ୍ଠ ସମ୍ପର୍କ ଥିଲା ଏବଂ ତନ୍ମଧ୍ୟରେ ଆଦିନାଥ, ମତ୍ସ୍ୟେନ୍ଦ୍ର ନାଥ ଓ ଗୋରଖ ନାଥଙ୍କ ଚରିତ ଓ ସେମାନଙ୍କ ନାମରେ ଭଣିତ କବିତା ଓ ସ୍ୱତନ୍ତ୍ର ପୁସ୍ତକ ଆଦି ଓଡ଼ିଆ ସାହିତ୍ୟରେ ଦେଖିବାକୁ ମିଳେ ।

ସାରଳା ଦାସଙ୍କ ମହାଭାରତର ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ ଆଦିରେ ମତ୍ସ୍ୟେନ୍ଦ୍ର ନାଥ ଓ ଗୋରଖ ନାଥଙ୍କର ବର୍ଣ୍ଣନ ଦେଖିବାକୁ ମିଳେ । ତେଣୁ ଓଡ଼ିଆ ସାହିତ୍ୟ ଓ ସମାଜରେ ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀ ବେଳକୁ ନାଥ ସମ୍ପ୍ରଦାୟର ସିଦ୍ଧମାନେ ପ୍ରସିଦ୍ଧି ଲାଭ କରି ସାରିଥିଲେ । ଏତଦ୍‌ବ୍ୟତୀତ ସପ୍ତାଙ୍ଗ, ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତା, ଅମରକୋଷ ଗୀତା, ସପ୍ତାଙ୍ଗ ଯୋଗସାର ଟୀକା, ଯଶୋବନ୍ତ ଦାସଙ୍କ ଗୋବିନ୍ଦଚନ୍ଦ୍ର, ଚନ୍ଦ୍ରଶେଖର ନାଥଙ୍କ ଗୋରେଖ ସଂହିତା, ଅଷ୍ଟାଙ୍ଗ ଯୋଗ ଧାରଣ, ଯୋଗୀନ୍ଦ୍ର ଦୈବଜ୍ଞଙ୍କ ଟୀକାଗୋବିନ୍ଦଚନ୍ଦ୍ର, ଦାସବର୍ତ୍ତି ଦାସଙ୍କ

---

* ଓଡ଼ିଶାରେ ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ, ପୃ. ୮ । ୯

Digitized by PPRACHIN, SOA

ଗୋବନ୍ଦଚନ୍ଦ୍ର, ଦ୍ୱାରକା ଦାସଙ୍କ ପରଚେଗୀତା ଓ ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ ଆଦି ବହୁ ଓଡ଼ିଆ ଗ୍ରନ୍ଥରେ ମତ୍ସେନ୍ଦ୍ର ନାଥ, ଗୋରଖ ନାଥ ଆଦି ସିଦ୍ଧ ଓ ନାଥ ଯୋଗୀମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା ଥିବାର ଜଣାଯାଏ ।

ଆହୁରି ମଧ୍ୟ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ 'ଅମରକୋଷ ଗୀତା' (O.L./938-A) ର ପ୍ରଣେତା ହେଉଛନ୍ତି ଆଦିନାଥ (ଗ୍ରନ୍ଥ ବିବରଣୀର ପୃ. ୪୬-୪୭ ରେ ବର୍ଣ୍ଣିତ) । ଉକ୍ତ ପୁସ୍ତକରେ ମଧ୍ୟ ନାଥ ସମ୍ପ୍ରଦାୟର ଗ୍ରନ୍ଥଗୁଡ଼ିକର ବର୍ଣ୍ଣିତ ଶବ୍ଦର ଅର୍ଥ ଓ ବ୍ରହ୍ମଜ୍ଞାନ ସମ୍ବନ୍ଧୀୟ ବିଷୟର ସନ୍ନିବିଷ୍ଟ ହୋଇଛି ।

"ଶୂନ୍ୟେଣ ଜାତ ପୁତା ଜନମ କାଳହିଂ ମଲି ।
କଛି ମିଛ ଲତାପ୍ୟେ ଅଲଖରଙ୍ଗ ଦେଖିଲି ॥
ସେ ରଙ୍ଗ ଦେଖିବୁ ପୁତା ଗୈରିକଇଂ ଜଗି ।
ତାହା ଚିହ୍ନିଲେ କେବେହେଂ ନୋହିବୁଟି ଭୋଗୀ ॥

× × ×

ଯେତ୍ହା ଯେବେ ପୁତା ନତ୍ୟହେଂଣ ପଡ଼ି ।
ଆଦିନାଥେ କହିଲେ ଗୋରଖ ନାଥକଂ ଆଗରେ ଅବଧାରି ॥"

ନାଥ ସିଦ୍ଧମାନଙ୍କ ମଧ୍ୟରେ ସିଦ୍ଧାଚାର୍ଯ୍ୟ ଜାଳନ୍ଧରୀ ନାଥଙ୍କ ଜନ୍ମ ସମ୍ବନ୍ଧରେ ବିଭିନ୍ନ ମତବାଦ ପ୍ରଚଳିତ ଥିଲେ ହେଁ, 'ଉଡ୍ଡୀୟାନପୀଠ ବା ଓଡ଼ିଶାରେ ସେ ଅନେକକାଳ ଅତିବାହିତ କରିଥିଲେ । ସେ ଉଡ୍ଡୀୟାନ-ପୀଠସ୍ଥ ଲଙ୍କାପୁରୀରେ ଜାଳେନ୍ଦ୍ରଂ ନାମକ ସ୍ଥାନରେ ରାଜା ଥିଲେ ଓ ସମ୍ବଲପୁରର ରାଜା ଇନ୍ଦ୍ରଭୂତିଙ୍କର ଭଗିନୀପୁ ଥିଲେ । ଏହି ଜାଳେଂନ୍ଦ୍ରଙ୍କୁ ଜାଳନ୍ଧରୀ ନାଥ ଓ ପ୍ରସିଦ୍ଧ ସିଦ୍ଧାଚାର୍ଯ୍ୟ କାହ୍ନୁପା ବା କୃଷ୍ଣାଚାର୍ଯ୍ୟଙ୍କ ଗୁରୁରୂପେ ଆଲୋଚକମାନେ ମତ ଦଅନ୍ତି ।

ନାଥ ସାହିତ୍ୟରେ 'ଶିଶୁବେଦ' ନାମକ ଗ୍ରନ୍ଥର ମହତ୍ତ୍ୱ ଯଥେଷ୍ଟ ରହିଛି । ଡକ୍ଟର ବଂଶୀଧର ମହାନ୍ତିଙ୍କ ଆଲୋଚନାରୁ ଜଣାଯାଏ ଯେ, ସାରଳା ମହାଭାରତ, ବିଷ୍ଣୁଗର୍ଭପୁରାଣ, ଯୋଗାନ୍ତସୂତ୍ର, ସିଦ୍ଧାନ୍ତଚନ୍ଦ୍ରିକା, ଯୋଗୀନ୍ଦ୍ର ଦାଣ୍ଡଧୂଆ, ଅଚ୍ୟୁତ ଭଜନ, ବ୍ରହ୍ମକୁଣ୍ଡଳୀ, ଉପାସନା ପଦ୍ଧତି, ବ୍ରହ୍ମଗୀତା, ମଣିବନ୍ଧଗୀତା, ଲୋଇଗୀତା, ଘଣ୍ଟିସାରଗୀତା, ପରଚେଗୀତା,

Digitized by PPRACHIN, SOA

ନାମବ୍ରହ୍ମଗୀତା, ଛତିଶଗୁପ୍ତଗୀତା, ଅଣାକାର ସଂହିତା, ବ୍ରହ୍ମଣାଙ୍କୋଳି, ଜ୍ଞାନସାଗର, ଗରୁଡ଼ଗୋବିନ୍ଦମାଳିକା ଆଦି ଓଡ଼ିଆ ଗ୍ରନ୍ଥରେ 'ଶିଶୁବେଦ'ର ଉଲ୍ଲେଖ ତଥା ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଉକ୍ତର ମହାନ୍ତଙ୍କ ସମ୍ପାଦିତ 'ଶିଶୁବେଦ'ରୁ କେତେକାଂଶ ଏଠାରେ ଉଦ୍ଧୃତ ହେଲା—

"ପ୍ରେକ ନୁହଇ ଦୁଇ ଅଲଗ ବଲଗ ।
ନିରହଂ ନିରନ୍ତରେ ସେହୁ ଅଲଗ ॥
ସିଶୁମୁନା ମଧ୍ୟେ ସଯୋତ ପ୍ରକାଶ ।
ବଦନ୍ତ ନାଥ ଏହି ସିଦ୍ଧକଂର ନିଶୁଆସ ॥

ପ୍ରେକ ନୁହଇଂ ଦୁଇନାଗି ଅଛି, ଯେସେ ଚକ୍ଷୁର ପିଙ୍ଗୁଳହି ହୋଇ ଜଣେଂ । ସେ ଦୁଇ ଚକ୍ଷୁଧୁନିରୁ ବାହାର ହୋଇ ଅକ୍ଷୀ । ଧୁନି ଘରେ ମନ ପଶିଲେ ସମାଧି ହୁଅଇ ହି ।

କାଳକମଳ ନିରଂଜନ ପ୍ରେକଇ ଘରେ ।
ବାସା ପ୍ରେହା ଯେ ପ୍ରତ ପ୍ରତ କରି ବୁଝାବଇଂ ॥
ସେ ମୋର ଗୁରୁ ମୁହିଂ ତାର ଦାସର ଦାସ ।

କାଳ ଯାହା କହି ସେ ଚକ୍ଷୁହି । ତାହାର ଯେ ପିଙ୍ଗୁଳା ତାଙ୍କୁଣି ଅଛି ସେ ଯମର କଟାକ୍ଷହି । ପ୍ରେହାକୁ କାଳ କହି । କମଳ ଯାହାକୁ ବୋଲି ସେ ପ୍ରେହି ରହିଅଛି । କଳାଡୋଳା ସ୍ଥିର କରି ଉଦେ କଲେ ନିରଂଜନ କହହି । ତେଣୁଂ କରି ତନହେଂ ପ୍ରେକଇ ଘରେ ବାସ ।" *

ଶିଶୁବେଦର ରଚୟିତା ସ୍ୱୟଂ ଗୋରଖ ନାଥ ବୋଲି ଆଲୋଚକ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଅନୁମାନ କରିଛନ୍ତି । †

ଅଧ୍ୟାପକ ଶ୍ରୀ ବ୍ରହ୍ମାନନ୍ଦ ଦାସଙ୍କ ଆଲୋଚନାରୁ 'ମତ୍ସ୍ୟେନ୍ଦ୍ର ଗୀତା' ନାମକ ଏକ ପୁସ୍ତକର ନାମ ଶୁଣିବାକୁ ମିଳେ । ଅଧ୍ୟାପକ ତାଙ୍କ ମତରେ ଉକ୍ତ ଗ୍ରନ୍ଥର ରଚନାକାଳ ଖ୍ରୀ: ଅ: ତ୍ରୟୋଦଶ ଶତାବ୍ଦୀ ଓ 'ବୌଦ୍ଧଗାନ ଦୋହା' ପରେ ତାହା ହେଉଛି ପ୍ରଥମ ଓଡ଼ିଆ ରଚନା । +

---

* ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ, ପୃ. ୨୯୭—୩୦୫

† ଓଡ଼ିଆ ସାହିତ୍ୟର ଇତିହାସ, ଲେଖକ—ଶ୍ରୀ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ. ପୃ. ୧୭୯

\+ ନବଜୀବନ, ୯ମ ବର୍ଷ, ନବମ ସଂଖ୍ୟା

Digitized by PPRACHIN, SOA

ସିଦ୍ଧ ଓ ନାଥ କବିମାନଙ୍କୁ ଭାରତର ପ୍ରତ୍ୟେକ ଅଞ୍ଚଳର ଆଲୋଚକ ନିଜ ନିଜ ଅଞ୍ଚଳର କବି ଏବଂ ଉକ୍ତ ପ୍ରାନ୍ତୀୟ ଭାଷାର ତାହା ପ୍ରଥମ ରଚନା ବୋଲି ଦାବି କରନ୍ତି । ଏ ପ୍ରକାର ଯୁକ୍ତି ମଧ୍ୟ ଅଯୌକ୍ତିକ ବୋଲି ମନେ ହୁଏ ନାହିଁ । କାରଣ ସିଦ୍ଧ ଓ ନାଥ କବିମାନେ ଯେଉଁ ସମୟରେ ପ୍ରସିଦ୍ଧି ଲାଭ କରିଥିଲେ ସେତେବେଳେ ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାର ପ୍ରାୟ ଅଭ୍ୟୁଦୟ ସମୟ । ଉକ୍ତ କବିମାନେ ସଂସ୍କୃତରେ ପ୍ରଖ୍ୟାତ ପଣ୍ଡିତ ଥିଲେ ହେଁ ନିଜର ମତବାଦର ପ୍ରଚାର ତଥା ଜନସାଧାରଣଙ୍କ ସହିତ ଅତ୍ୟଧିକ ମିଳାମିଶା ହେତୁରୁ, ସାଧାରଣ ଜନତାର ବୋଧଗମ୍ୟ ଭାଷାରେ 'ଦୋହା' ରଚନା କରିଥିଲେ ଏବଂ ତାହା ପ୍ରାଦେଶିକ ଭାଷାଭାଷୀ ଭକ୍ତ ଜନତାଙ୍କ ମୁଖରେ ପାଠ ହେବାବେଳେ ସେହି ସେହି ଅଞ୍ଚଳର ଭାଷାଗତ ଉଚ୍ଚାରଣ ଓ ସ୍ଥଳ ବିଶେଷରେ ଆଞ୍ଚଳିକ ପ୍ରଭାବ ମଧ୍ୟ ମୂଳଲେଖାରେ ପ୍ରବେଶ କରିଥିବା ଅସମ୍ଭବ ନୁହେଁ । ସେ ଯୁଗରେ ସମଗ୍ର ଭାରତରେ ସେମାନଙ୍କ ମତବାଦର ଅଖଣ୍ଡ ସାମ୍ରାଜ୍ୟ ବିସ୍ତୃତ ହୋଇଥିବାରୁ ପ୍ରତ୍ୟେକ ଅଞ୍ଚଳରେ ତାଙ୍କର ଭକ୍ତ ଶିଷ୍ୟ ଓ ଗୁରୁ ପରମ୍ପରା କ୍ରମେ ମତବାଦର ପରିପୋଷକ ବହୁଳ ଭାବରେ ଥିଲେ ଏବଂ ସିଦ୍ଧ ଓ ନାଥ ସାହିତ୍ୟକୁ ନିଜ ନିଜ ଅଞ୍ଚଳରେ ପ୍ରଖ୍ୟାତ କରିଥିଲେ । ତେଣୁ ସିଦ୍ଧ ଓ ନାଥ ସାହିତ୍ୟର ମୂଳ ରୂପ କ'ଣ ଥିଲା, ସେ ସମ୍ବନ୍ଧରେ ବର୍ତ୍ତମାନ ମତ ଦେବା ମଧ୍ୟ ସହଜସାଧ୍ୟ ବ୍ୟାପାର ନୁହେଁ । ତେଣୁ ଅଞ୍ଚଳଭେଦରେ ସେମାନଙ୍କୁ ଯେ, ନିଜ ସାହିତ୍ୟର ପ୍ରଥମ ପ୍ରବର୍ତ୍ତକରୂପେ ଆଲୋଚନା କରାଯାଉଛି, ତାହା ଆଦୌ ବର୍ତ୍ତମାନର ପରିପ୍ରେକ୍ଷୀରେ ଅଯୌକ୍ତିକ କିମ୍ବା ଅସମୀଚୀନ ବୋଲି ମନେ ହୁଏ ନାହିଁ ।

ଓଡ଼ିଆ ଗଦ୍ୟ ସାହିତ୍ୟ

ଓଡ଼ିଆ ଲିପି, ଓଡ଼ିଆ ଭାଷା, ସିଦ୍ଧ ଓ ନାଥ ସାହିତ୍ୟର ଆଲୋଚନା ପରେ ପ୍ରସଙ୍ଗକ୍ରମେ ଓଡ଼ିଆ ଗଦ୍ୟ ସାହିତ୍ୟର ଆଲୋଚନା କରିବା ସମୀଚୀନ ହେବ । ଭାରତର ପ୍ରାଚୀନତମ ଭାଷା ବୈଦିକ, ପ୍ରାକୃତ, ସଂସ୍କୃତ ଓ ଅପଭ୍ରଂଶ * ଆଦି ଭାଷା ଆଲୋଚନା କଲେ

* ଓଡ଼ିଆ ସାହିତ୍ୟର ଇତିହାସ, ଲେଖକ—ପଣ୍ଡିତ ବିନାୟକ ମିଶ୍ର, ପ୍ରଥମ ଅଧ୍ୟାୟ, ପୃ. ୪ ।

Digitized by PPRACHIN, SOA

ଜଣାଯାଏ ଯେ, ଗଦ୍ୟ ଓ ପଦ୍ୟ ସାହିତ୍ୟର ବିକାଶ ପ୍ରାରମ୍ଭିକ କାଳରୁ ଏକସଙ୍ଗରେ ହୋଇଆସୁଛି । ଅବଶ୍ୟ ଗଦ୍ୟ ସାହିତ୍ୟର ବିକାଶ ସେ ସମୟରେ ଯେତିକ ହୋଇଛି ତାହାର ପରିମାଣ ଏତେ ନଗଣ୍ୟ ଯେ, ପ୍ରାଚୀନ ଆଲୋଚକମାନେ ସେ ସମ୍ବନ୍ଧରେ ବିଶେଷ ଆଲୋକପାତ କରିନାହାନ୍ତି । ଅବଶ୍ୟ ପ୍ରାଚୀନ ଭାରତରେ ଗଦ୍ୟର ବିକାଶ ବହୁ ପୂର୍ବକାଳରୁ ହୋଇଥିବାର ପ୍ରମାଣ ବୌଦ୍ଧ, ଜୈନ ତଥା ସଂସ୍କୃତରେ ଲିଖିତ ପଞ୍ଚତନ୍ତ୍ରାଦିରୁ ମିଳେ । କିନ୍ତୁ ଓଡ଼ିଆରେ ନାଥ ସାହିତ୍ୟ ପରେ ପରେ ଗଦ୍ୟ ସାହିତ୍ୟର ବିକାଶ ଏକ ମୁଖ୍ୟ ସ୍ଥାନ ଗ୍ରହଣ କରିଥିଲା । ତେଣୁ ପ୍ରସ୍ତୁତ ଆଲୋଚନାରେ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ସମ୍ବନ୍ଧରେ ସମ୍ୟକ୍ ଆଲୋଚନା ଯୁକ୍ତିଯୁକ୍ତ ତଥା ସମୀଚୀନ ବୋଲି ମନେହୁଏ ।

ଓଡ଼ିଆ ଗଦ୍ୟର ବିକାଶ ସମ୍ବନ୍ଧରେ ବାସ୍ତବରେ ଦଶମ-ଏକାଦଶ ଶତାବ୍ଦୀରେ ଖୋଦିତ ଓଡ଼ିଆ ଅଭିଲେଖମାନଙ୍କରୁ ପ୍ରମାଣ ମିଳୁଥିଲେହେଁ, ସେଗୁଡ଼ିକର ଆଲୋଚନା ଓଡ଼ିଆ ଭାଷା ଅନୁଚ୍ଛେଦରେ କରାଯାଇଛି । କାରଣ ଭାଷାର ବିକାଶ ଦୃଷ୍ଟିରୁ ପ୍ରୋକ୍ତ ଅଭିଲେଖ ଗୁଡ଼ିକର ମୂଲ୍ୟବୋଧ ଯେତେ, ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ଦୃଷ୍ଟିରୁ ସେଗୁଡ଼ିକର ମୂଲ୍ୟାଙ୍କନ ସେତେ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ ନାହିଁ । ତେଣୁ ଗଙ୍ଗବଂଶ ରାଜତ୍ୱକାଳରୁ ଉକ୍ତ ବଂଶର ରାଜାମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରାଚୀନ ଓଡ଼ିଆ ଅଭିଲେଖ ଓଡ଼ିଆ ଭାଷାର କ୍ରମବିକାଶ ଦିଗରେ ଯେତେ ଉପାଦାନ ଯୋଗାଏ, ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ଦିଗରେ ସେଗୁଡ଼ିକ ସେତେ ସହାୟକ ହୁଏ ନାହିଁ । ତେଣୁ ପ୍ରାଚୀନ ଓଡ଼ିଆ ଅଭିଲେଖ ଗୁଡ଼ିକ ସମ୍ବନ୍ଧରେ ପ୍ରସ୍ତୁତ ଆଲୋଚନାରେ ଉଲ୍ଲେଖ କରିବା ନିଷ୍ପ୍ରୟୋଜନ ବୋଲି ମନେହୁଏ ।

ନାଥ ସାହିତ୍ୟର ଆଲୋଚନା ପ୍ରସଙ୍ଗରେ 'ଶିଶୁବେଦ'ର ଉଲ୍ଲେଖ କରାଯାଇଥିଲେହେଁ ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶରେ ଶିଶୁବେଦର ଦାନ ଅତୁଳନୀୟ । ଅଧ୍ୟାପକ ଡକ୍ଟର ବଂଶୀଧର ମହାନ୍ତିଙ୍କ 'ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ' ପୁସ୍ତକର ପରିଶିଷ୍ଟାଂଶରେ ପ୍ରଦତ୍ତ 'ଶିଶୁବେଦ'ର ଉଦ୍ଧୃତାଂଶରେ ଶିଶୁବେଦର ଗଦ୍ୟ ଓ ପଦ୍ୟାଂଶ ଉଦ୍ଧୃତ ହୋଇଛି । ଉକ୍ତ ଗଦ୍ୟାଂଶର ଭାଷା ପ୍ରାଚୀନ ଓ ଡକ୍ଟର ମହାନ୍ତିଙ୍କ ଆଲୋଚନାରୁ ତାହାର ସମୟ ତ୍ରୟୋଦଶ ଶତାବ୍ଦୀ ବୋଲି ନିର୍ଣ୍ଣୀତ

Digitized by PPRACHIN, SOA

ହୋଇଛି । ଉକ୍ତ ପୁସ୍ତକରେ ଶବ୍ଦର ଅର୍ଥ ବ୍ରହ୍ମଜ୍ଞାନ ସମ୍ପର୍କୀୟ ଆଲୋଚନା କରାଯାଇଛି ଏବଂ ପଦ୍ୟାଂଶ ତଳେ ଅର୍ଥରୂପେ ପ୍ରଦତ୍ତ ଗଦ୍ୟାଂଶ ଓଡ଼ିଆ ସାହିତ୍ୟର ପ୍ରାଚୀନତମ ଗଦ୍ୟର ଉଦାହରଣରୂପେ ଗ୍ରହଣ କରାଯିବା ଯୁକ୍ତିଯୁକ୍ତ ବୋଲି ମନେହୁଏ । ତେଣୁ ଉକ୍ତ ଗଦ୍ୟାଂଶରୁ କେତୋଟି ଉଦାହରଣ ଏଠାରେ ପ୍ରଦତ୍ତ ହେଲା—

"ଜୀବ ଅନ୍ତେ ତାହାର ଘର ପରମ ଶୂନ୍ୟ ଯେ ସେ ଆକାଶରେ ମଧ୍ୟେଁ ଅଛଇ । ସେ ପରମ ଘରେ ପଶି ଦେଖୁଅଛୁଂ । ସେ ଘରେ ଜାଗ୍ରତ କଳା ଯେବେ ରହିଲେ ମନ ପବନ ସୁସୁପ୍ତିରେ ରହିଲେ ଏହାକୁ ସପନଧିଆ ପରଚେ ସମାଧ ଯୋଗ ବୋଲି ।

× × ×

ଡାହାଣ ବ୍ରତେକ ଫଖ ଉଇଂଲେ ଦନେ ଦନେ ବଢ଼ଇ କାୟେ ମହାରସ ଶୋଷିବେ ଗୁଂଜନ ନ ଖସିବେ । ନାଥେ ବଦନ୍ତି କର ଅକ୍ଷୁ ଜୀବନକୁ ଉପାୟେ ।

× × ×

ଡାହାଣ ବ୍ରତେକ ଯୋ ଯାହାକୁ ବୋଲି ସେ ଦକ୍ଷିଣ ପିଙ୍ଗଳା ନାଡ଼ି ଉର୍ଦ୍ଧମୁଖ ହୋଇଲେ । ଆପଚନ୍ଦ୍ର ଝରଇ । ଆକାଶରୁ ଅମୃତ ଝରଇ । ଅମନା ଗଗନରେ ଶତ୍ତ ରହଇ । ଗୁଞ୍ଜର ଦୃଷ୍ଟି ନ ଖସଇ । ମନହସ୍ତୀ ଶାଳରୁ ବାହାର ନୁହଇ । ନ ଖସଇ ଯେତକ ଯାଇ । ଏହାକୁ ସହଜ ସମାଧ ବୋଲି ।"

ଶିଶୁବେଦପରେ ଓଡ଼ିଶାରେ ପ୍ରଚଳିତ ଗୁଣି, ଗାରେଡ଼ି, ଝଡ଼ା, ଫୁଙ୍କା ଆଦିର ସାହିତ୍ୟିକ ମହତ୍ତ୍ୱ ଯଥେଷ୍ଟ ବୋଲି ମନେକରାଯାଏ । ପ୍ରାଚୀନ କାଳର ଲୋକମାନେ ଏହି ଝଡ଼ା, ଫୁଙ୍କା ଓ ମନ୍ତ୍ର ସାହାଯ୍ୟରେ ନିଜକୁ ରକ୍ଷାକରିବା ସଙ୍ଗେ ସଙ୍ଗେ ସମାଜକୁ ରକ୍ଷାକରୁଥିଲେ ଏବଂ ତା'ଫଳରେ ଏହି ଝଡ଼ା, ଫୁଙ୍କା ମନ୍ତ୍ରର ପ୍ରଚ୍ଛର ସମାଜରେ ବିଶେଷ ଭାବରେ ହୋଇଥିବାର ଜଣାଯାଏ । ଓଡ଼ିଆ-ଗଦ୍ୟସାହିତ୍ୟର ବିକାଶ କାଳରେ ଏହି ମନ୍ତ୍ରଗୁଡ଼ିକର ବିକାଶ ଓଡ଼ିଶାର ସାଧାରଣ ଜନତାଙ୍କଠାରୁ ସମ୍ଭବ ହୋଇଥିବା ଅସମ୍ଭବ ନୁହେଁ । ତେଣୁ କେତେକ ଗୁଣି, ଗାରେଡ଼ି ମନ୍ତ୍ର ଉଲ୍ଲେଖ ଏଠାରେ ସମୀଚୀନ ବୋଲି ମନେହୁଏ ।

Digitized by PPRACHIN, SOA

"ଶ୍ରୀରାମ ବୁଲନ୍ତିଂ ପାବଂଶ ମୁଖ ଗୃହ୍ନଂ । ଆଗେ ଜମଙ୍କ ଭୁଲତେ ଧୂଳ ପଡ଼ନ୍ତେ କାହାର ଆଗ୍ୟାଂ । ଶ୍ରୀରାମ ସୀତ୍ୟାଙ୍କର ମୁହାବର ଲଖ୍ୟଣଙ୍କର ଈସର ପାବଂଶଙ୍କର କୁଟୀଏ ଆଗ୍ୟାଂ ।

× × ×

ଗୃଲେ ଅନନ୍ତ ଦୁଇପାଖେ ନଗାଇବୁ ମୁଖ । ବାଣୁଆକୁ ନ ଦେବୁ ଧର । ଗୃଲିଲ ଅନନ୍ତ ଚଳନ୍ତୁ ପର । ଗୃଲେ ଗୃଲେ ଅନନ୍ତ ଗୃଳେ ନ ଗୃଲେ ବଲ କାହାର ଆନ ନରକାରଙ୍କର କୁଟୀଏ ଆନ । କାହାର ଆନ ବ୍ରହ୍ମା ବିଷ୍ଣୁଙ୍କର କୁଟିଏ ଆନ । କାହାର ଆନ ପାତାଳ ବାସୁକ ଶ୍ରୀଚନ୍ଦ୍ରଂ ସୂର୍ଯଙ୍କର ଶ୍ରୀଧରମ ଦେବତାଙ୍କ ମା ଦୁର୍ଗାଙ୍କ ମା ସୀତ୍ୟାକଂ ଗୁରୁ ଦୁର୍ଗାଙ୍କ କୁଟୀ କୁଟୀ ଆନ । ଗୃଲେ ଗୃଲେ ଅନନ୍ତ ଚଳନ୍ତୁ ପର ମୁଖଚେଙ୍କ ଖେଦନ୍ତୁ ପର ଭୁ ଯମକ ; ଅନନ୍ତରୂପୀ ଖେଦ ଖା, ବାଣୁଆକୁ ଦେଖୀ ପୁଣି ଖା ଖେଦ । ଦେଖା ଦେଖୀ ଖେଦ ଖା । ବାଣୁଆରଃ ଓଳେ ଉଡ଼ିଯାଇ । କପୁଳରେ ଚଟୁ ମାରବୁ ଯାଇ । ଇତ୍ୟାଦ ।

× × ×

ଘର୍ ବାହାରୁ ଗୃଳେବାଟ । ସହସ୍ର ଯୁଗୁନ ନବକୁଟୀ କନ୍ଯାନ୍ ଡାଆଣୀ ମସାଣୀ ଚଉଡ଼ିଂ ଶରଗୁଣୀ ଭୂତପ୍ରେତ ମୁଖ ପଡୀଲ୍ ବଜ୍ର କପାଟ ତଳେ ଧରଣୀ ଉପରେ ଆକାଶ ଏବାରେ କୁମରକୁ ରକ୍ଷାକରସୀ ।"

ଏହି ପ୍ରସଙ୍ଗରେ ଡାହାଣୀ, ଚରୁକୁଣୀ, ଭୂତପ୍ରେତ, ନରସିଂହ, ହନୁମାନ, ରାମସୀତା, ବ୍ରହ୍ମନରଞ୍ଜନ, ହରପାବଂଶ, ବେତାଳ, ନଟେଇ-ଧୋବଣୀ, ପିତେଇ ସଉରୁଣୀ, ଧର୍ମଦେବତା, ଗଙ୍ଗାଯମୁନାସରସ୍ୱତୀ, ଶ୍ୱେତଗଙ୍ଗା ଆଦିର ଉଲ୍ଲେଖ ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏହାର ପରବର୍ତ୍ତୀକାଳରେ ସାରଳା ଦାସଙ୍କ ସମୟରେ ଲିଖିତ 'ଲକ୍ଷ୍ମୀନାରାୟଣ ବଚନିକା' ବା 'ନତ୍ୟାନ ଗୁରୁବାର' ପୋଥିର ଭାଷା ସାହିତ୍ୟିକ ମୂଲ୍ୟବୋଧ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ । ଖୁବ୍ ସମ୍ଭବତଃ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ରଚନା ପୂର୍ବରୁ 'ଲକ୍ଷ୍ମୀ-ନାରାୟଣ ବଚନିକା'ର ରଚନା ହୋଇଥିଲା । ଭାଷାଦୃଷ୍ଟିରୁ ମଧ୍ୟ ବିଚାର କଲେ ଏହାର ତାତ୍ପର୍ଯ୍ୟ ସୁସ୍ପଷ୍ଟ ହୁଏ ।

Digitized by PPRACHIN, SOA

"ସାସୁ ନା ଶ୍ରୀସୂ୍ୟା ବହୁନା ପ୍ରସୂ୍ୟା, ସାହୁ ନା ଶ୍ରୀଧର । ପୁଅନା ଶ୍ରୀକର । ଘୃଣ ଶ୍ରୀବକ୍ତ ସେକାଘରେ ଥାନ୍ତି । ଗୁରୁବାର ଦିନ ବହୁ ବୋଇଲା ସାସୁଏ ମୁଁ ପଦ୍ଧଟୋଳ ଜିବ । ସାସୂ ବୋଇଲା କିଏ ମାଏ ସେତେ ଦିନ ଥାଇ ଥାଏ ସେହା କଲୁ । ଆଦ୍ୟ ଗୁରୁବାର ଆଜ ମୋ ଲକ୍ଷ୍ମୀ ସାଙ୍ଗେ ଅଷ୍ଟବେତାଳେ ଅଷ୍ଟଅପସର ଥାନ୍ତି । ସସୁରଂ ଭୁଲେ ଅଷ୍ଟ ମହାଜ ଭୁଜନ୍ତି । ମୁ ଜାଇ ନ ପାରବ । ଜଦ ଜିବୁ ଖରେ ଜିବୁ ଘରେ ଆସିବୁ । ବଡ଼ଲୋକ ଦେଖିଲୁ ମାନ୍ୟଧର୍ମ କରିବୁ । ସରଲୋକ ଦେଖି କୋଳ ସମ୍ଭାସଣ କରିବୁ । ବାଳକ ଦେଖି ସୁଖେ ଚୁମ୍ବନ ଦେବୁ । ବଣ୍ଡୁଠେ ଦେଖି ଭୁଠେ ବାହାରିବୁ ।

× × ×

ପାଟେ ପିନ୍ଧି ପାଟେ ଉପୁରଣ ଦେଲା । ଗନ୍ଧ ଅଏଳା ଘେନ ସ୍ନାହାନ କଲା । ସାସୁ ଯେତେକ କହିଥିଲା ସେରୂପେ କଲା ।"*

ଏହି ଯୁଗରେ ବହୁ ଲୋକଗଳ୍ପ ଓ କାହାଣୀ ସମାଜରେ ପ୍ରଚଳିତ ହୋଇଥିବାର ଦେଖାଯାଏ । ଓଡ଼ିଆ ଘରର 'ଆଈମା' ଓ 'ବୁଢ଼ୀମା'ମାନେ ଛୋଟ ଛୋଟ ପିଲାମାନଙ୍କୁ ଆକଟ କରିବା ଓ ଭୁଲେଇ ରଖିବା ଲାଗି ନାନାପ୍ରକାର ମନଗଢ଼ା କାହାଣୀ ଓ ଦେଶବିଦେଶର ଗପ ଶୁଣାଇ-ଥାନ୍ତି । ସେହି ଗପଗୁଡ଼ିକ ମଧ୍ୟରେ ଦେବତା, ଭୂତ, ପ୍ରେତ, ବେତାଳ, ଯକ୍ଷ, ଅପ୍ସରା ପ୍ରଭୃତି ଦୈବିକ; ଅସୁର ଅସୁରୁଣୀ, ଐନ୍ଦ୍ରଜାଲିକ, ତାନ୍ତ୍ରିକ, କୁହୁକକେଳା ପ୍ରଭୃତି ଭୌତିକ ତଥା ରାଜାମନ୍ତ୍ରୀ, ସାଧବ, କଟୁଆଳ, ପଶୁ, ପକ୍ଷୀ, ସାପ, କୁହୁକ ଘୋଡ଼ା, ପକ୍ଷୀରାଜ ଘୋଡ଼ା, ମନପବନ କଠାଉ, ମାର ମାର ଠେଙ୍ଗା, ବାନ୍ଧ ବାନ୍ଧ ଦଉଡ଼ି, କେଶବତୀ କନ୍ୟା ଆଦି ସାମାଜିକ ପରିପ୍ରେକ୍ଷୀରେ ଗଳ୍ପଗୁଡ଼ିକର କଳ୍ପନା କରାଯାଇଛି । କାହାଣୀ ଗୁଡ଼ିକ ମଧ୍ୟରୁ ଅଧିକାଂଶ ନୀତି ଓ ଆଦର୍ଶମୂଳକ ଏବଂ ଗଳ୍ପଗୁଡ଼ିକର କଥନଭଙ୍ଗୀ ଚିତ୍ତାକର୍ଷକ । ଭାଷାର ସରଳତା, ବର୍ଣ୍ଣନାର ଚମତ୍କାରିତା, ବିଷୟବସ୍ତୁର ଅଲୌକିକ ସନ୍ନିକରଣ ଗଳ୍ପଗୁଡ଼ିକର ପ୍ରଧାନ ଉପଜୀବ୍ୟ । ମନୋରଞ୍ଜନ ମାଧ୍ୟମରେ ନୀତିଶିକ୍ଷା ଦେବା ଗଳ୍ପର ଉଦ୍ଦେଶ୍ୟ । ଏହି କଥାଗୁଡ଼ିକ ମଧ୍ୟରେ କଳୁରି ବେଣ୍ଟ, କୁହୁକ ମଣ୍ଡଳ, ମଉନାବତୀ, କେଶବତୀ କନ୍ୟା, ଚକୁଳିଆ ପଣ୍ଡା, ସାହାଡ଼ା ସୁନ୍ଦରୀ ଆଦି ଅଦ୍ୟାପି ଜନଜୀବନକୁ ସଂଗଠିତ କରିବାରେ ଯଥେଷ୍ଟ ଉପାଦାନ ଯୋଗାଇ ଆସୁଛି ।

* 'କଲ୍ୟାଣ-ଗୁରୁବାର' Or. pr/18(A) ରାଜ୍ୟ ସଂଗ୍ରହାଳୟ ପୋଥି ।

Digitized by PPRACHIN, SOA

ପଞ୍ଚଦଶ ଶତାବ୍ଦୀର ଶେଷାର୍ଦ୍ଧ ଓ ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ ଓଡ଼ିଆ ସାହିତ୍ୟରେ ଅନେକ ଗଦ୍ୟକାବ୍ୟ ରଚିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ଅତିବଡ଼ ଜଗନ୍ନାଥ ଦାସଙ୍କ ତୂଳାଭିଣା, ବଳରାମ ଦାସଙ୍କ ବ୍ରହ୍ମଗୀତା, ପ୍ରଣବସାର ଗୀତା ଓ ଅମରକୋଷ ଗୀତା (ଗ୍ରନ୍ଥ ବିବରଣୀର ୪୩ ପୃଷ୍ଠାରେ ବର୍ଣ୍ଣିତ) ଆଦିରେ ଥିବା ଗଦ୍ୟାଂଶର ଭାଷା ପରବର୍ତ୍ତୀକାଳର ଭାଷା ଅପେକ୍ଷା ମାର୍ଜିତ ତଥା ବ୍ରହ୍ମଜ୍ଞାନ ଓ ଶରୀରତତ୍ତ୍ୱ ସମ୍ବନ୍ଧୀୟ ବିଷୟବସ୍ତୁର ଅବଲମ୍ବନରେ ରଚିତ ହୋଇଥିବାରୁ ତତ୍କାଳୀନ ଧର୍ମପ୍ରାଣ ପାଠକମାନଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇଥିଲା ।

ଏହି ସମୟର ଅବ୍ୟବହିତ କାଳପରେ ଅର୍ଥାତ୍ ଓଡ଼ିଶାର ଭୋଇବଂଶର ରାଜତ୍ୱ ସମୟରେ ରଚିତ 'ମାଦଳାପାଞ୍ଜି' ଓଡ଼ିଆ ଗଦ୍ୟ-ସାହିତ୍ୟର ଏକ ଉନ୍ନତ ନିଦର୍ଶନ । କେତେକ ଆଲୋଚକଙ୍କ ମତରେ 'ମାଦଳାପାଞ୍ଜି'ର ଭାଷା ଅତି ପ୍ରାଚୀନ ଅର୍ଥାତ୍ ଗଙ୍ଗବଂଶ ସମୟର ବୋଲି କଥିତ ହେଉଥିଲେ ହେଁ, ପାଞ୍ଜିର ଘଟଣାବଳୀରେ ଅତିମାତ୍ରାର ଅସ୍ୱାଭାବିକତା ତାର ପ୍ରାଚୀନତାର ପରିପନ୍ଥୀ ବୋଲି ପ୍ରମାଣିତ ହୁଏ । ଭୋଇବଂଶର ପ୍ରତିଷ୍ଠାତା ଗଜପତି ରାମଦେବ ଦେବ (ଖ୍ରୀ. ଅ. ୧୫୬୮—୧୬୦୦)ଙ୍କ ଠାରୁ 'ପାଞ୍ଜି'ର ଘଟଣାବଳୀ ସହିତ ସମସାମୟିକ ସାହିତ୍ୟ ଓ ଐତିହାସିକ ତଥ୍ୟର ଯେପରି ସାମଞ୍ଜସ୍ୟ ରହିଛି, ତତ୍‌ପୂର୍ବବର୍ତ୍ତୀ ଘଟଣାରେ ସେପ୍ରକାର ସାମଞ୍ଜସ୍ୟ ଥିବାର ପରିଲକ୍ଷିତ ହୁଏ ନାହିଁ । ତେଣୁ ଖ୍ରୀଷ୍ଟାବ୍ଦ ଷୋଡ଼ଶ ଶତାବ୍ଦୀରୁ ଆରମ୍ଭ କରି ଖ୍ରୀଷ୍ଟାବ୍ଦ ଊନବିଂଶ ଶତାବ୍ଦୀ ମଧ୍ୟରେ ମାଦଳାପାଞ୍ଜିର ରଚନା କରାଯାଇଛି । ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ 'ମାଦଳାପାଞ୍ଜି'ର ଅଧ୍ୟୟନ କଲେ ଉକ୍ତ ପାଞ୍ଜିରେ ଥିବା ଭାଷାଗତ ତାରତମ୍ୟ ସହଜରେ ଦୃଷ୍ଟିଗୋଚର ହୁଏ । ଆହୁରି ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କ ଦ୍ୱାରା ସମସାମୟିକ ଘଟଣା, 'ମାଦଳାପାଞ୍ଜି'ରେ ଲିପିବଦ୍ଧ ହେଉଥିଲା ।

କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳରୁ ସଂଗୃହୀତ 'ମାଦଳାପାଞ୍ଜି'ର ଏକ ନକଲରୁ ପାଞ୍ଜିରେ ଥିବା ଭାଷାଗତ ତାରତମ୍ୟ ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା ।

"ରାମଚନ୍ଦ୍ର ଦେବ— ଏ ଉତ୍ତାରୁ ଏହାଙ୍କ ସାନଭାଇ କେଶବ ରାଏ ଗୋସାଇଙ୍କ ରଜାକଲେ । ଏହାଙ୍କ ନାଆ ରାମଚନ୍ଦ୍ରଦେବ ହୋଇଲେ ।

Digitized by PPRACHIN, SOA

ମେଷ ଦ ୨୮ ନେ ଖୁରୁଧା କଟକେ ଅଭିଷେକ ହୋଇ ରଜା ହୋଇଲେ । ଏହିନେ ଅ ୨ ଙ୍କ ହୋଇଲା । ଏ ମହାରାଜାଙ୍କ ଅଂକେ ଖୋଜା ବକ୍‌ସି ବେଣୁ ଭ୍ରମରବର ରାଏ ଗୁଣ୍ଡିଚାଘର ଜଗମୋହନ ଗଢ଼ାଇଲେ ।

× × ×

ଏ ମହାରାଜାଙ୍କ ଅ ୮ ଙ୍କ ଧନୁ ଦ ୨୨ ନେ କଟକ ସୁବା ସୁଜା ଖାଂ ପୁଅ ମହମ୍ମଦ ତକି ଖାଂ ନସ୍କରସେନ ଶିଶୁପାଳ-ଗଡ଼ ଖେଳାଇଦେଲା । ଧଉଳୀଗଡ଼ ସେନ ରଥିପୁର ସେନଲା । ଖୋଜା ବକ୍‌ସି ବେଣୁ ଭ୍ରମରବର ରାଏଙ୍କୁ ଏହାଙ୍କ ପୁଅ ଦିଆନ ମାଳାମ୍ବର ହରିଚନ୍ଦନଙ୍କୁ ସିପାହି ପାଇକେ ମେଳିଆ ହୋଇଲେ । କେହି ଲଢ଼େଇ ନକଲେ । ବକ୍‌ସି ଦିଆନ ରଥିପୁର ଠାରୁ ପଳାଇଗଲେ । ଶ୍ରୀ ଠାକୁରେ ଖୁରୁଧା ବିଜେ କରିଥିଲେ । ଏ ପଳାଇଯିବା ବାରତା ପାଇ ଶେକ୍ ଅବଦୁଲ୍ ସଲମ ସାନପୁଅ ଲୋଧୁ ମିଆଁଙ୍କୁ ଦିଆନ କଲେ । ଖଲିଫା ଗଦାଧର ମଙ୍ଗରାଜଙ୍କୁ ବକ୍‌ସି କଲେ ।" *

"ରାମଚନ୍ଦ୍ର ଦେବ— ଗୋପୀନାଥ ଦେବେ ଭୋଗକଲେ ୮ ବରଷ । ଏଥୁ ଅନ୍ତେ ଦୋହିତ୍ର କେଶବ ଦେବ ରାଜା ହେଲେ । ରାଜା ହୋଇ ରାଜଚନ୍ଦ୍ର ଦେବେ ବୋଲାଇଲେ । ବକ୍‌ସି ବେଣୁରାୟ ଖୁରୁଦା ଗଡ଼ରେ ଥାଇ ଗୋପୀନାଥ ଦେବ ମାରିଥିଲେ ପୁଣ ଦୋରହା ହୋଇଲେ । ଅ ୮ ଙ୍କ ଧନୁ ୨୨ ଦିନ କଟକରୁ ସୁଜା ଖାଁ ପୁତ୍ର ଅହମଦ ବେଗ ତକି ଖାଁ ଶିଶୁପାଳ ଗଡ଼ ଭାଗିଲା । ବକ୍‌ସି ପାତ୍ର ମେଳ ହୋଇଲାରୁ ଏମନ୍ତେ ହେଲା ରାଜା ଲୋଧୁ ମିଆଁଙ୍କୁ ଦିବାନ କଲେ ପୁଣ ତକି ଖାଁ ରଥିପୁର ଗଡ଼ ଧଉଳ ଗଡ଼ ଆକଟନ୍ତେ ରାଜା ଅ ୧୦ ଙ୍କେ ମେଷ ୧୩ ଦିନ ଗଙ୍ଗପଡ଼ାଠାରେ ଜୁଝିଲେ । ରାଜା ଲଢ଼େଇକୁ ଗଲାବେଳେ ଖଲିଫା ଗଦାଧର ମଙ୍ଗରାଜଙ୍କ ଭୁଲେ ହଂସପୁର ଗ୍ରାଡ଼ କୋଦଳାକୁ ନେବାକୁ ଆଜ୍ଞାକଲେ ।"**

ଏହି ସମସ୍ତ ମଧ୍ୟରେ ସୋମନାଥ ବ୍ରତ, ଅନନ୍ତ ବ୍ରତ, ସୁଦଶା ବ୍ରତ, କାଞ୍ଜିଓଳା ବ୍ରତ ପ୍ରଭୃତି ଗଦ୍ୟ ରଚନା ଆରମ୍ଭ ହୋଇଥିଲା । ଏହି ବ୍ରତଗୁଡ଼ିକ ସମ୍ଭବତଃ ସଂସ୍କୃତର ବ୍ରତକଥାରୁ ଅନୁବାଦ ବା ଅବଲମ୍ବନରେ

* ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ (ପ୍ରାଚୀ)—ପୃ. ୫୪

** ମାଦଳାପାଞ୍ଜି, Orms/178, ପୃ. ୧୫-୧୭

Digitized by PPRACHIN, SOA

ରଚିତ ହୋଇଛି, ତଥାପି ଗଦ୍ୟରଚନା ଦୃଷ୍ଟିରୁ ଏଗୁଡ଼ିକର ମୂଲ୍ୟ ଯଥେଷ୍ଟ ବୋଲି ଅନୁମାନ କରାଯାଏ । ସ୍ଥଳ-ବିଶେଷ ଓ ଅନୁବାଦକ-ବିଶେଷରେ ବ୍ରତକଥା ଗୁଡ଼ିକର ଭାଷାରେ ସାମଞ୍ଜସ୍ୟ ରହିନାହିଁ । ତଥାପି ପ୍ରାଚୀନ ଓଡ଼ିଆ ଗଦ୍ୟର ରୂପସଜ୍ଜା ପୂର୍ବୋକ୍ତ ବ୍ରତକଥା ଗୁଡ଼ିକରୁ ଯଥେଷ୍ଟ ମିଳିଥାଏ । (ଗ୍ରନ୍ଥ ବିବରଣୀର ପୃଷ୍ଠା ୨୨ରୁ ୩୦ ମଧ୍ୟରେ ଅନନ୍ତ ବ୍ରତ ଓ ପୃଷ୍ଠା ୧୩୯ରୁ ୧୪୧ ମଧ୍ୟରେ କାଞ୍ଜିଓଳା ବ୍ରତର ଉଦାହରଣ ଦ୍ରଷ୍ଟବ୍ୟ) ।

ସପ୍ତଦଶ ଶତାବ୍ଦୀରେ ନାରାୟଣ ଅବଧୂତ ସ୍ୱାମୀଙ୍କ ରଚିତ 'ରୁଦ୍ର-ସୁଧାନିଧି' ଓଡ଼ିଆ ଗଦ୍ୟସାହିତ୍ୟର ଏକ ପ୍ରକୃଷ୍ଟ ନମୁନା । ନାରାୟଣ ସ୍ୱାମୀ ଅକ୍ଲିଷ୍ଟ ଗଦ୍ୟରଚନାରେ ନିତାନ୍ତ ପ୍ରବୀଣ ଥିଲେ । ତାଙ୍କ ଶୈଳୀରେ ମାଧୁର୍ଯ୍ୟ ଓ ପ୍ରସାଦ ଗୁଣ ପୂରି ରହିଛି ଏବଂ ତାଙ୍କ ଗଦ୍ୟରେ ସୂକ୍ଷ୍ମ ନିରୀକ୍ଷଣ ଶକ୍ତି, ଚମତ୍କାର ବର୍ଣ୍ଣନା ପ୍ରଣାଳୀ, ଅକ୍ଷୟ ଶବ୍ଦରାଶି, କଳ୍ପନା-ବିଳାସ ଏବଂ ବହୁ ଶାସ୍ତ୍ରଜ୍ଞାନ ବିଶେଷ ଭାବରେ ଉପଲବ୍ଧ ହୁଏ । ରୁଦ୍ରସୁଧାନିଧି ଏବଂ ମୃତସଞ୍ଜୀବକରଣୀ କନ୍ୟାର ବିବାହ ଓ ମିଳନ ହେଉଛି—ରୁଦ୍ରସୁଧାନିଧି କାବ୍ୟର ପ୍ରତିପାଦ୍ୟ ବିଷୟ । ଅର୍ଥର ନବୀନତା, ସ୍ୱଭାବୋକ୍ତି, ରସର ସ୍ଫୁଟତା, ବର୍ଣ୍ଣବିନ୍ୟାସରେ ଏକାନ୍ତ କୋମଳତା ରୁଦ୍ରସୁଧାନିଧି ଗ୍ରନ୍ଥକୁ ମଞ୍ଜୁଳ, ରସାଳ, ରସପେଶଳ ଏବଂ ମନୋମୋହକର କରିପାରିଛି । ରୁଦ୍ରସୁଧାନିଧିରେ ଛ'ଟିଯାକ ଦର୍ଶନର ମତବାଦ ତାନ୍ତ୍ରିକ କାପାଳିକ ମତ, ପାଶୁପତ ମତ ଏବଂ ବୌଦ୍ଧ ମତ ମଧ୍ୟ ପ୍ରସଙ୍ଗକ୍ରମେ ପ୍ରଦତ୍ତ ହୋଇଛି । ବିଶେଷଭାବରେ ଅଦ୍ୱୈତ ମାୟାବାଦ ଏବଂ ଉପନିଷଦର ତତ୍ତ୍ୱ ଏଥିରେ ଆଲୋଚିତ ହୋଇଛି । *

ଖୋର୍ଦ୍ଧା ବାଜପୁର ଅଞ୍ଚଳରୁ ପ୍ରାପ୍ତ ଖଣ୍ଡିଏ ତାଳପତ୍ର ସନନ୍ଦର ଭାଷା ଓଡ଼ିଆ ଗଦ୍ୟସାହିତ୍ୟର ତାତ୍କାଳୀନ ବିକାଶ ଦୃଷ୍ଟିରୁ ଅତ୍ୟନ୍ତ ଉନ୍ନତ କୋଟିର ବୋଲି ବିବେଚିତ ହୁଏ । ସନନ୍ଦଟି ସନ୍ ୧୦୬୫ ସାଲ ମୁକୁନ୍ଦଦେବ ମହାରାଜାଙ୍କ ୩୩ ଅଙ୍କ ବା ୧୬୫୯ ଖ୍ରୀଷ୍ଟାବ୍ଦ ଓଡ଼ିଶା ମୋଗଲବନ୍ଦୀ ସୁବାଦାର ଜାହାନ ମୀରନ୍‌ଙ୍କ ଅମଳରେ ପ୍ରଦତ୍ତ ହୋଇଛି । ଉକ୍ତ ସନନ୍ଦରେ ପ୍ରାଚୀନ ଓଡ଼ିଆ ଶବ୍ଦର ପ୍ରୟୋଗ ଥିବା ସଙ୍ଗେ ସଙ୍ଗେ ହାକମ, ନବାବ, ଜାଗିର, ପୋସ୍ତାନ (ପୁରୁଷାନୁକ୍ରମେ), ତାବେଦାର,

* ରୁଦ୍ରସୁଧାନିଧି—ସମ୍ପାଦକ, ଡକ୍ଟର କରୁଣାକର କର, ମୁଖବନ୍ଧ

Digitized by PPRACHIN, SOA

ସାବକ୍, ଦାଖିଲ, ରକବା, ତଲବ, ଜଗ୍ରପୂତ, ସୋବା, ମାହାଲ, ଜମିଦାର, ହୁକୁମାତ୍ ଆଦ ପାର୍ଶୀ ଓ ଆରବୀ ଶବ୍ଦ ବ୍ୟବହାର କରାଯାଇଛି । ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ କାବ୍ୟକ ଭାଷାରେ ପାର୍ଶୀ ଓ ଆରବୀ ଶବ୍ଦର ବ୍ୟବହାର ପ୍ରାୟ ହେଉ ନ ଥିଲେ ହେଁ ଶାସନ ବ୍ୟବସ୍ଥାର କାଗଜପତ୍ରରେ ଉକ୍ତ ଶବ୍ଦର ପ୍ରୟୋଗ ବହୁଳ ମାତ୍ରାରେ କରାଯାଉଥିଲା । ଉଦାହରଣସ୍ୱରୂପ କେତେକାଂଶ ନିମ୍ନରେ ପ୍ରଦତ୍ତ ହେଲା—

"ବୀର ଗଜପତି ଗଉଡ଼େଶ୍ୱର ନବକୋଟୀ କର୍ଣ୍ଣାଟ କଲବର୍ଗେଶ୍ୱର ବୀରାଧିବୀରବର ପ୍ରତାପଣ ମୁକୁନ୍ଦ ଦେବ ମାହାରାଜାଙ୍କ ବୀଜେ ସୁଭରାଜ୍ୟେ ବର୍ଦ୍ଧନେ ସମସ୍ତ ୩ ଅଙ୍କ ସନ ୧୦୦୭୫ ସାଲେ ଡୀଲେ ହେକ (?) ୭ ଡାରଖେ ଜଲେ କଟକ ଜାତ (?) ସରକାର ଓଡ଼ୀସା ମାହାରାଜାଙ୍କ ସଂବେଦାର ଓଡ଼ୀସା ମୁଗଲବନ୍ଦୀଂ ହାକାମ ଓଡ଼ୀସା ସୋବା ନବାବ ଯାହାନମିରାନ ଖାଉଂଙ୍କର ଦକ୍ଷିଣ ଖୁରୁଂଦା ବାଜପୁର ରହଣିକାର ସବାଦାର ଦର୍‌ବାର ମାଆୟେପତି ପହୃଜା ସେବାକାରୀ ଓ ଖେର୍ଦ୍ଦାୟୁ ଖଣ୍ଡାଇତ ଯୋଧାସୁର ବୀର ମହାରାଜାଙ୍କ ଖଟଣିକାର ଯଗବୀସୟେକ ମହାପାତ୍ରଙ୍କୁଂ ଦଆହୋଇଲା ଓଡ଼ୀଆ ନବୀସରୁଂ ଓଡ଼ୀଆ ସନନ୍ଦଂ ଆଗେ ଯେମତେ ଓଡ଼ୀଆ ସନନ୍ଦଂ ଦଆହୋଇଲା ଯେହ୍ନେଂ ଅଙ୍କରେ ଭୂହିଂ ଯଣାଇଂଲୁ ଗୃମୁରେ ଓଡ଼ୀସା ରାଜ୍ୟରୁଂ ଭୂମି ନେବାପାଇଂ ଯାଗରଂଆନ ଭୂହିଂ ଜଜାଇବାରେ ମାହାରାଜାଓ ଖୁସୀ ଦୃଷ୍ଟିରେ ଓଡ଼ୀସା ରାଜ୍ୟରୁଂ ଯାଗର ଦେଲେ ଉଦରଖ ଦଣ୍ଡ ସେନାଉଛି ·ବାସେରୁଂ ପରମାନନ୍ଦଂ ଭୂଇଆରାୟେ ମୂଲକରୁଂ ଓ ସାମଳୀ ପଧାନ ବୁଡ଼ୀ ଗଳଗଣ୍ଡପଡ଼ା ଯଗୁ ପଧାନ ବୁଡ଼ୀ ଲଯାଂପଡ଼ା ଓ କରୁଂଣି ପଧାନ ବୁଡ଼ୀ ଓ ବାଲଣାପଡ଼ା ଗ୍ରାମ ପଧାନକଂ ବୁଡ଼ୀ ଗ୍ରାମ ପଧାନକୁଂ ଖାରଜାକର ଯେହ୍ନେ ଗ୍ରାମ ପଡ଼ା ଯାଗର ଜେ······ଦେଇ······ କାରୁଂ ପୂଲ ପାନ ଦେଇଂ ସାଁରୋପା ଦେଇଂ ମହାପାତ୍ର ପଦବୀ ଦେଇଂ ଓଡ଼ୀସା ବା (?) ଗ୍ରଡ଼ କରଦେଲେ ଓ ଗହଣରେ ଯାଗର ତୋ········ ଦେଇ ଓ ଆମ୍ଭେ. ଯେ ଓଡ଼ୀସା ହାକମ ଆମ୍ଭଠାକୁ ମୁଠା ଆଗ୍ୟାଂଆ ହୋଇଲା ଜେଜେ ଗ୍ରାମପଡ଼ା ଯାଗର ସନନ୍ଦଂ କରଦେବା ପାଂଇ ।" †

---

† ଖୋର୍ଦ୍ଧା (ବାଜପୁର) ଅଞ୍ଚଳରୁ ମିଳିଥିବା ସନନ୍ଦ, Or.ms/193, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ, ପୃ. ୪ ।

Digitized by PPRACHIN, SOA

ଅଷ୍ଟାଦଶ ଶତାବ୍ଦୀର ତୃତୀୟ ଦଶକରେ ରଚିତ (୧୬୪୩ ଶକାବ୍ଦ ବା ୧୭୨୧ ଖ୍ରୀ. ଅ.) ନୃସିଂହଦେବଙ୍କ 'ସୂର୍ଯ୍ୟ-ସିଦ୍ଧାନ୍ତ'ର ଟୀକା ଓଡ଼ିଆ ଗଦ୍ୟର ଏକ ପ୍ରକୃଷ୍ଟ ନମୁନା । 'ସୂର୍ଯ୍ୟ-ସିଦ୍ଧାନ୍ତ' ନାମକ ଏକ ଜ୍ୟୋତିଷ ଗ୍ରନ୍ଥର ଅନୁବାଦ ହୋଇଥିଲେ ହେଁ ଅନୁବାଦକ ନୃସିଂହଦେବ ବହୁ ପ୍ରାଚୀନ ପଦ ଓ ପ୍ରାଚୀନ ବାକ୍ୟଗଠନ ରୀତିର ପ୍ରୟୋଗ କରି ଗଦ୍ୟ ଟୀକାଟି ରଚନା କରିଛନ୍ତି । ଗଦ୍ୟର କାଳନିରୂପଣସୂଚକ ଗ୍ରନ୍ଥର ଶେଷରେ ଥିବା ଶକାବ୍ଦଟି ଓଡ଼ିଆ ଗଦ୍ୟ ସାହିତ୍ୟ ଧାରାର ଏକ ଆଲୋକସ୍ତମ୍ଭ ରୂପେ ଗ୍ରହଣ କରାଯାଏ । ଉଦାହରଣସ୍ୱରୂପ ପ୍ରଥମ ଶ୍ଳୋକର ଅନୁବାଦଟି ନିମ୍ନରେ ପ୍ରଦତ୍ତ ହେଲା—

"ସେ ବ୍ରହ୍ମ ଜେ ବେଦାନ୍ତ ପ୍ରତିପାଦ୍ୟ ଜେ ବାସୁଦେବ ତାହାଙ୍କୁ ନମସ୍କାର । ସେ କେମନ୍ତ ଅଟନ୍ତି । ଅଚିନ୍ତ୍ୟ ବୋଇଲେ ମନୋ-ବୁଦ୍ଧ୍ୟାଦିରେ ଅଜ୍ଞେୟ ଅଟନ୍ତି । ଅବ୍ୟକ୍ତ ବୋଇଲେ ଅପ୍ରକାଶ ରୂପ ଜାହାଙ୍କର ଏମନ୍ତ ଅଟନ୍ତି । ପୁଣି କେମନ୍ତ ଅଟନ୍ତି ନିର୍ଗୁଣାୟ ସତ୍ତ୍ୱ ରଜସ୍ତମ ଏ ଗୁଣମାନଙ୍କରୁ ବାହ୍ୟ ଅଟନ୍ତି । ପୁଣି କେମନ୍ତ ଅଟନ୍ତି ଗୁଣାତ୍ମନେ ବୋଇଲେ ବ୍ରହ୍ମ ବିଷ୍ଣୁ ଶିବ ରୂପ ଅଟନ୍ତି । ପୁଣି କେମନ୍ତ ଅଟନ୍ତି ସମସ୍ତ ଜଗଦାଧାର ମୂର୍ତ୍ତୟେ ସମସ୍ତ ବୋଇଲେ ସ୍ଥାବର ଜଂଗମରୂପ ଜେ ଜଗତ ତାହାର ଆଧାର ମୂର୍ତ୍ତି ଅଟନ୍ତି ।" *

ଟୀକାକାର ନୃସିଂହଦେବ 'ସୂର୍ଯ୍ୟ-ସିଦ୍ଧାନ୍ତ' ପରି ଏକ ପ୍ରଖ୍ୟାତ ସଂସ୍କୃତ ଗ୍ରନ୍ଥର ଗଦ୍ୟାନୁବାଦ କରିଥିବାରୁ ତାଙ୍କ ଭାଷାରେ ମୂଳ ସଂସ୍କୃତ ଗ୍ରନ୍ଥର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ ।

ଓଡ଼ିଆ ଗଦ୍ୟ ସାହିତ୍ୟର ଏକ ଅନୁପମ ଉଦାହରଣ ହେଉଛି ମହାନ୍ତ ବିପ୍ରଯମେଶ୍ୱର ଦାସଙ୍କ 'ପ୍ରଣବ ବ୍ୟାହୃତି ଗୀତା' । ଗ୍ରନ୍ଥଟିର ସଂସ୍କୃତ ଶ୍ଳୋକ ଓ ତାହାର ଗଦ୍ୟାନୁବାଦ ପ୍ରଦତ୍ତ ହୋଇଛି ଏବଂ ବ୍ରହ୍ମଜ୍ଞାନ, ପରମହଂସ, ପ୍ରଣବ, ଓଁକାର, ମହାମନ୍ତ୍ରାଦିର ନିର୍ଣ୍ଣୟ ହେଉଛି—ଗ୍ରନ୍ଥର ଆଲୋଚ୍ୟ ବିଷୟ । ଗ୍ରନ୍ଥରେ ପ୍ରଦତ୍ତ ସଂସ୍କୃତ ଶ୍ଳୋକ-ଗୁଡ଼ିକର ରଚନା ସମୟ ହେଉଛି ଯୁଗାବ୍ଦ ୪୭୪୭ ବା ଖ୍ରୀ. ଅ. ୧୬୪୬ । ମହାନ୍ତ ଯମେଶ୍ୱର ଦାସ ମୂଳ ସଂସ୍କୃତର ରଚୟିତା ଓ ତାହାର ଅନୁବାଦକ ଥିବାର ଅନୁମାନ କରାଯାଏ । ଅନ୍ୟ ଏକ ଆଲୋଚନାରୁ

* ସୂର୍ଯ୍ୟ-ସିଦ୍ଧାନ୍ତ Jy/48, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି, ପତ୍ର-୧

Digitized by PPRACHIN, SOA

ଜଣାଯାଏ ଯେ, ସେ ଓଡ଼ିଆ ନୃସିଂହ ପୁରାଣର ପ୍ରଣେତା ପୀତାମ୍ବର ଦାସଙ୍କ ପିତାମହ ଥିଲେ । * ପ୍ରଣବବ୍ୟାହୃତ ଗ୍ରନ୍ଥର ଗଦ୍ୟାଂଶରୁ କେତେକାଂଶ ଏଠାରେ ପ୍ରଦତ୍ତ ହେଲା—

"ହେ ବ୍ରହ୍ମା ପ୍ରଣବରେ ଆସି ଶବଦ ରହିଲା, ଶବଦରୁ ବେଦଶାସ୍ତ୍ରମାନେ ପ୍ରବର୍ତ୍ତିଲେ । ପ୍ରଣବ ଜେଉଁମାନେ ଜାଣନ୍ତି ଶବଦକୁ ଜରୂପେ ଜାଣିବ, ଶବଦରୁ ବେଦଶାସ୍ତ୍ରମାନେ ପ୍ରବର୍ତ୍ତିଲେ । ଜେତେ ଦେବତା ସର୍ବଦେହରେ ପ୍ରବର୍ତ୍ତି ଅଛନ୍ତି ଯେମନ୍ତ ଜେ ଓଁକାର ଜେଉଁମାନେ ଜାଣିଲେ ତେଣୁକରି ଅଗୋଚର—ଜାକ ଖ୍ୟାତକଲେ । ଓଁକାର ଯେଉଁମାନେ ଜାଣିଲେ ସେ ଜନ୍ମା ହିଁ ନୋହନ୍ତି । ବଇଷ୍ଣବ ହିଁ ନୋହନ୍ତି ।

× × ×

ସେ ବ୍ରହ୍ମନାଦ ବନ୍ଦୁ ସଯୁକ୍ତରୁ ବିକୁଣ୍ଠ ସ୍ଥାନର ସବଦ ହୋଉଛି । ସେ ସବଦକୁ ଶୁଣୁବେଦ କହି । ସେ ବେଦର ଅନେକ ବର୍ଣ୍ଣର । ଶୁଶୁମ୍ଣାଦ୍ୱାରେ ସଦାସର୍ବଦା ଛନ୍ତି । ତହିଂରୁହିଁ ବେଦମାନେ ହୋଇଲେ । ବେଦମାନଙ୍କୁ ସେ ସବଦ ବର୍ଣ୍ଣର ଅଗୋଚର ଗୋଚର ନ ଜାଇ ।" * *

ପ୍ରଣବବ୍ୟାହୃତଗୀତାରେ ପ୍ରଦତ୍ତ ଗଦ୍ୟାଂଶର ଭାଷା ଅପେକ୍ଷାକୃତ ଅର୍ବାଚୀନ ବୋଲି ମନେ ହୁଏ । ତେଣୁ ଖୁବ୍ ସମ୍ଭବତଃ ଲେଖନକାଳ ଭେଦରେ ଭାଷାର ପ୍ରାଚୀନରୂପ ପରିବର୍ତ୍ତିତ ହୋଇଛି କିମ୍ବା ଅନୁବାଦକ ପରମେଶ୍ୱର ଦାସ ସଂସ୍କୃତ ଭାଷାରେ ଜଣେ ଅଭିଜ୍ଞ ବିଦ୍ୱାନ୍ ଥିବାରୁ ତାଙ୍କ ରଚନାରେ ଭାଷାର ଅପେକ୍ଷାକୃତ ବିଶୁଦ୍ଧତା ଓ ଅର୍ବାଚୀନତା ପରିଲକ୍ଷିତ ହେଉଛି ।

ସ୍ୱର୍ଗତଃ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ପ୍ରାଚୀନ ଗଦ୍ୟପଦ୍ୟାଦର୍ଶର ମୁଖବନ୍ଧରେ 'ବତିଂଶ-ସିଂହାସନ'ର ପ୍ରଣେତା ଶିବ ଦାସଙ୍କୁ ସପ୍ତଦଶ ଶତାବ୍ଦୀର ଶେଷଭାଗ କିମ୍ବା ଅଷ୍ଟାଦଶ ଶତାବ୍ଦୀର

---

* ଓଡ଼ିଆ କବି ଓ କାବ୍ୟ—ପୃ. ୧୮୭—୧୮୯

** ପ୍ରଣବବ୍ୟାହୃତ ଗୀତା, Or.pr/13, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି—ପୃ. ୫୭-୫୮ ।

Digitized by PPRACHIN, SOA

ପ୍ରଥମ ଭାଗର ଲେଖକରୂପେ ଗ୍ରହଣ କରାଯାଇଛି । * କିନ୍ତୁ ଏସ୍. କେ. ଦେଙ୍କର ସଂସ୍କୃତସାହିତ୍ୟର ଇତିହାସ ପୁସ୍ତକରୁ ଜଣାଯାଏ ଯେ, ଶିବ ଦାସଙ୍କ ରଚିତ ସଂସ୍କୃତ ବତ୍ରିଂଶସିଂହାସନ ପୁସ୍ତକ ହେନ୍‌ରିଚ୍ ଉହ୍ଲେ ଲିପ୍‌ଜିଗ୍ (Heinrich Uhle Leipzig) ଖ୍ରୀ. ଅ. ୧୯୧୪ରେ ପ୍ରକାଶ କରିଥିଲେ । ସେ ଖ୍ରୀ. ଅ. ୧୪୮୭ରେ ଲିଖିତ ଖଣ୍ଡିଏ ପୋଥିରୁ ମୂଳ ବିବରଣୀ ସଂଗ୍ରହ କରିଥିଲେ । ** ଆହୁରି ମଧ୍ୟ ଗ୍ରୀଅରସନ୍ (Grierson)ଙ୍କ, 'The Modern Vernacular Literature of Hindusthan' ପୁସ୍ତକରୁ ଜଣାଯାଏ ଯେ, ଶିବ ଦାସଙ୍କ 'ବେତାଳ ପଞ୍ଚବିଂଶତି' ବିଭିନ୍ନ ପ୍ରାଦେଶିକ ଭାଷାରେ ଅନୁବାଦିତ ହୋଇଥିଲା । ତେଣୁ ପ୍ରାଚୀନ ଗଦ୍ୟପଦ୍ୟାଦର୍ଶରେ ପ୍ରଦତ୍ତ ଶିବ ଦାସଙ୍କ ସମୟ ଅଷ୍ଟାଦଶ ଶତାବ୍ଦୀ ଓ ସେ ଓଡ଼ିଶାର ଲେଖକ ବୋଲି ଯୁକ୍ତିକୁ ସମର୍ଥନ କରାଯାଇ ପାରିବ ନାହିଁ । ଖୁବ୍ ସମ୍ଭବତଃ ଓଡ଼ିଆ 'ବତ୍ରିଂଶ-ସିଂହାସନ' ପୋଥି-ମାନଙ୍କରେ 'ଇତି ଶ୍ରୀ ଶିବ ଦାସ ବିରଚିତ·····କଥା ସମ୍ପୂର୍ଣ୍ଣ' ଦେଖି ଗଦ୍ୟପଦ୍ୟାଦର୍ଶରେ ତାଙ୍କୁ ଅଷ୍ଟାଦଶ ଶତାବ୍ଦୀର କବି ଓ ସେ 'ବତ୍ରିଂଶ-ସିଂହାସନ'ର ଓଡ଼ିଆ ଅନୁବାଦକ ବୋଲି ଅନୁମାନ କରାଯାଇଛି । କିନ୍ତୁ ବସ୍ତୁତଃ ଶିବ ଦାସ ହେଉଛନ୍ତି ମୂଳ ସଂସ୍କୃତ ଗ୍ରନ୍ଥର ଲେଖକ ଏବଂ ତା'ର ଓଡ଼ିଆ ଗଦ୍ୟାନୁବାଦକଙ୍କ ନାମ ଅଦ୍ୟାପି ଜଣାଯାଇନାହିଁ, କିନ୍ତୁ 'ବତ୍ରିଂଶ-ସିଂହାସନ' ପୁସ୍ତକ ଆଲୋଚନାରୁ ଏହାର ଭାଷା ଅଷ୍ଟାଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ବୋଲି ମନେହୁଏ ନାହିଁ । ସ୍ଥଳବିଶେଷ ଓ ନକଲକାରଙ୍କ ଭେଦରେ 'ବତ୍ରିଂଶ-ସିଂହାସନ'ର ଭାଷାରେ ଅନେକ ପାର୍ଥକ୍ୟ ଥିବାର ଦେଖାଯାଏ ।

"ଆରଦିନ ଦେବତାମାନେ ସମ୍ଭବ ହୋଇ ବେହରଣରେ ପ୍ରବେଶ ହୋଇଲେ । ବ୍ରହ୍ମା ବୋଇଲେ ଆହେ କୋବେର, କି ଜଣାଉଅଛ । ଇନ୍ଦ୍ର ବୋଇଲେ ମୋହାପ୍ରଭୁ କାଲି ଯେ ନୃତ୍ୟ ଆରମ୍ଭରେ ରମ୍ଭା ମେନକାର ବିବାଦ ଆରମ୍ଭ ହୋଇଲା । ଏ ନୃତ୍ୟରେ କାହାର ଅଧିକ ହୋଇଲା । ଏହା ମୋତେ ଆଜ୍ଞା ହୋଉ । ଇନ୍ଦ୍ର ଏମନ୍ତଂ କହନ୍ତେ ବ୍ରହ୍ମା ଆଜ୍ଞା ଦେଲେ । ବୋଇଲେ ହୋ ଇନ୍ଦ୍ର ରମ୍ଭା ମେନକା ହୋଇଂ

* ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ, ମୁଖବନ୍ଧ, ପୃ. ୯

** History of Sanskrit Literature, by S. K. De, P. 421.

Digitized by PPRACHIN, SOA

ଯଉଂ ଦୁଇଗୋଟି ସେ ଦୁହେ ସମାନ ମୋହୋବେଳେ ସାନ ବଡ଼ କରି ନ ପାରିବ । ଇନ୍ଦ୍ର ସୁଣି ହୃଷ୍ଟଏ ହୋଇଲେ । ବୋଇଲେ ହେ ମୋହାପ୍ରଭୁ ସୃଷ୍ଟିକରତା ପୁରୁଷ ଅଟ । ଏକଥା ତୁମ୍ଭ ମୁଖରୁ ଶୁଣିଲେ ମନରୁଂ ଦୁଗୁଧା ଗୁଡ଼ିବ । ବ୍ରହ୍ମା ବୋଇଲେ ରମ୍ଭା ମେନକା ହୋଇଂ ତ କଥାସ୍ୱେ । ସ୍ୱେ ଦୁହେ ସମାନ । ଆମ୍ଭେ କାହାକୁ ବଡ଼ ସାନ କରିବା ।" *

"ଆରଦ୍ଦନ ଦେବତାମାନେ ସର୍ବସମ୍ଭବ ହୋଇ ବେହରଣେ ପ୍ରବେଶ ହୋଇଲେ । କାଲକଥା ବେହରଣରେ ଭ୍ରଷ୍ଟ ହୋଇଲା । ସ୍ୱେମନ୍ତ ସମସ୍ୱେ ଦେବତାମାନେ ବେହରଣୁ ଉଂଠିଲେ । ବ୍ରହ୍ମାଂକଂ ମୁଖକୁ ଗୃହି କରପଦ୍ମଯୋଡ଼ି ରହିଲେ । ବ୍ରହ୍ମାଂ ବଇଲେ ଆହେ କୋବେର କି ଘଣାଇବ ଘଣାଅ । ସ୍ୱେମନ୍ତ ସୁଣି ବ୍ରହ୍ମାଂ (ଇନ୍ଦ୍ର) ବଇଲେ ମୋହାପ୍ରଭୁ କାଲି ସେଉଂ ନୃତ୍ୟ ଆରମ୍ଭରେ ରମ୍ଭା ମେନକାଂର ବିବାଦ ହୋଇଲା କାହାର ଉଂଣା ହୋଇଲା । ସ୍ୱେମନ୍ତ ଆଗ୍ୟାଂ ହଉଂ । ଇନ୍ଦ୍ର ସ୍ୱେମନ୍ତ କହନ୍ତେ ପିତାମହ ଆଗ୍ୟାଂ କଲେ ବୋଇଲେ ହୋଇକ ରମ୍ଭାଂ ମେନକାଂର ଯେ ଦୁଇଗୋଟି ଦୁହେ ସମାନ । ମୋହୋବେଳେ ସାନ ବଡ଼ କରି ନ ପାରିବ । ଇନ୍ଦ୍ର ଶୁଣି ବଡ଼ ହର୍ଷସ୍ୱେ ହୋଇଲେ । ବୋଇଲେ ହେ ମାହାପ୍ରଭୁ ତୁମ୍ଭେ ସୃଷ୍ଟିକରତା ଅଟ । ସ୍ୱେକଥା ତୁମ୍ଭ ମୁଖରୁ ଶୁଣିଲେ ମନରୁ ଦୋଗଧା ଗୁଡ଼ିବ । ସ୍ୱେମନ୍ତ ଶୁଣି ବ୍ରହ୍ମାଂ ବଇଲେ ରମ୍ଭା ମେନକାଂ ଦୁହିଙ୍କଂ କଥାସ୍ୱେ । ସେ ଦୁହେ ସମାନ । ଆମ୍ଭେ କାହାକୁ ସାନ ବଡ଼ କରିବା ।" †

ଉପରୋକ୍ତ ପୋଥି ଦୁଇଟିର ଦ୍ୱିତୀୟ କଥାର ଆରମ୍ଭରୁ ଦେଖିଲେ ଜଣାଯାଏ ଯେ, ଉଭୟ ପୋଥିର କଥା ପ୍ରାୟ ସମାନ । କେବଳ ସ୍ଥଳବିଶେଷ ଓ ନକଲକାରଙ୍କ ବିଶେଷରେ ଭାଷାର ସାମାନ୍ୟ ତାରତମ୍ୟ ରହିଛି । କିନ୍ତୁ ପ୍ରାଚୀନ ଗଦ୍ୟପଦ୍ୟାଦର୍ଶରେ ପ୍ରଦତ୍ତ ବତ୍ରିଂଶ-ସିଂହାସନର

---

* ବତିଶ ସିଂହାସନ, Or.pr/9, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି (ବଲାଙ୍ଗୀର ଜିଲ୍ଲାରୁ ସଂଗୃହୀତ)

† ବତିଶ ସିଂହାସନ, Or.pr/58, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି (ଫୁଲବାଣୀ ଜିଲ୍ଲାରୁ ସଂଗୃହୀତ)

Digitized by PPRACHIN, SOA

ଦ୍ୱିତୀୟ କଥାଟି ପୂର୍ବୋକ୍ତ ଦୁଇଟି ପୋଥିର କଥା ଅପେକ୍ଷା ସମ୍ପୂର୍ଣ୍ଣ ପୃଥକ୍ । * ଆନ୍ଧ୍ରୀୟ ମଧ୍ୟ 'ବିଶ୍ୱଭାରତୀ'ରେ ସଂରକ୍ଷିତ ଖଣ୍ଡିଏ 'ବତିଶି ସିଂହାସନ' କଥାର କଥାବସ୍ତୁ ମଧ୍ୟ ପ୍ରଥମରୁ ପୂର୍ବୋକ୍ତ ତିନିଟି ପୋଥିର ଭାଷା ସହିତ ମିଳୁ ନାହିଁ । **

ଏହି ସମସ୍ତ ମଧ୍ୟରେ ପଞ୍ଚତନ୍ତ୍ରର ଅବଲମ୍ବନରେ ଲିଖିତ ହିତୋପଦେଶ, କାଳିଦାସ ଚମ୍ପୂନଙ୍କ ଶୁଦ୍ଧିଚନ୍ଦ୍ରିକା ଓ ଶ୍ରୀନିବାସଙ୍କ ଶୁଦ୍ଧିଦୀପିକା ଗ୍ରନ୍ଥର ଓଡ଼ିଆ ଗଦ୍ୟାନୁବାଦ କରାଯାଇଛି । ଉକ୍ତ ତିନିଖଣ୍ଡି ପୁସ୍ତକର ଗଦ୍ୟାନୁବାଦସମ୍ବଳିତ ପୋଥି ରାଜ୍ୟ ସଂଗ୍ରହାଳୟରେ ଏକାଧିକ ରହିଛି । ସେଗୁଡ଼ିକରେ ମଧ୍ୟ ବତିଶି-ସିଂହାସନ ପରି ସ୍ଥାନ ଓ ଅନୁବାଦ ଭେଦରେ ଭାଷାର ତାରତମ୍ୟ ଥିବାର ପରିଲକ୍ଷିତ ହୁଏ ।

ଖ୍ରୀ. ଅ. ଅଷ୍ଟାଦଶ ଶତାବ୍ଦୀରେ ରଚିତ ଚମ୍ପୂମାଚକଡା (ଖୋରଧା ରାଜାଙ୍କ ବଂଶାବଳୀର କପୂରଂଶ), ମୟୂରଭଞ୍ଜ ରାଜବଂଶାବଳୀ, ଘୁମୁଷର ରାଜବଂଶାବଳୀ, କଳାହାଣ୍ଡି ମାଦଳା ଆଦି ଓଡ଼ିଆ ଗଦ୍ୟ ରଚିତ ହୋଇ ଓଡ଼ିଆ ଗଦ୍ୟ ସାହିତ୍ୟର ଶ୍ରୀବୃଦ୍ଧି ସାଧନ କରିଛି । ଏହି ପୁସ୍ତକ-ଗୁଡ଼ିକର ଭାଷା ପ୍ରାୟ ସମାନ ଧରଣର । କେବଳ ସ୍ଥାନବିଶେଷରେ ବାକ୍ୟଗଠନ ସ୍ତରର କେତେକ ତାରତମ୍ୟ ପରିଦୃଷ୍ଟ ହୁଏ ।

ପାରଳାଖେମୁଣ୍ଡି ଅଞ୍ଚଳରୁ ସଂଗୃହୀତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବର ସମ୍ବନ୍ଧରେ ଲିଖିତ 'ଶବର ଗୀତା' ନାମକ ଦୁଇଟି ପୋଥିର ନକଲ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି । ଉକ୍ତ ପୋଥି ଦୁଇଟିର ଲେଖକ ଓ ଲେଖାର ସମୟ ସମ୍ବନ୍ଧରେ କୌଣସି ସୂଚନା ନ ଥିଲେ ହେଁ, ଭାଷା ଓ ଶୈଳୀ ପ୍ରଭୃତିରୁ ଏଗୁଡ଼ିକୁ ଅଷ୍ଟାଦଶ ଶତାବ୍ଦୀରେ ଲିଖିତ ବୋଲି ଅନୁମାନ କରାଯାଏ ।

"ନୀଳମାଧବ ରୂପରେ ହଳଧର ବେିଂଶି ଶତ୍ରୁସଲ ଶବର ପୂଜା କରୁଥିଲେ । ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମ ଲୋଡ଼ା କରିବାକୁ ସୈନ୍ୟ ସଜକରି ପୁରୁଷୋତ୍ତମିପୁ, ହୋହିତାପତିଆ ନଳିତାକନ୍ୟାର ପୁତ୍ରକୁ

---

* ବତିଂଶ-ସିଂହାସନ କଥା—ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ (ପ୍ରାଚୀ), ପୃ. ୫୭

** Notices of palm-leaf mss (visvabharati mss) page—20, no. 42.

Digitized by PPRACHIN, SOA

ଧରିଗଲେଛି । ମହୀନ୍ଦ୍ରଗିରିଆ ଶବର ପଲ୍ଲୀରେ ରହି । ହଳଧର ବୈଂଶୀ । ଶତ୍ରୁସଲ ଶବର ଯେ ମାଳମାଧବ ପୂଜାକରିକ ଧରିପକାଇଲେ । ମହାଭୟରେ ଜଗନ୍ନାଥଙ୍କୁ ହୃଦପଦ୍ମରେ ଧ୍ୟାନ କରିବାରୁ ଶୂନ୍ୟରେ ଶ୍ରୀଜଗନ୍ନାଥ ଶ୍ରୀମୁଖ ବଚନ କହିଲେ । ହେ। ଇନ୍ଦ୍ରଦ୍ୟୁମ୍ନ ସ୍ୱେ ଶବର ଶତ୍ରୁସଲଙ୍କୁ ଛାଡ଼ିଦିଅ । ମାଳକନ୍ଦରରେ ଦୋଳଠେକାଅ, ତେବେ ଯେବେ ଲୋଡ଼ା କରିବୁ ତେବେ ଭେଟହେବ । ଶୂନ୍ୟରୁ ଏ ବଚନ ଶୁଣି ଇନ୍ଦ୍ରଦ୍ୟୁମ୍ନ ଶବରକୁ ଛାଡ଼ିଦେଲେ ।"*

"କଳାପାଡ଼ ଉପରେ ଜେ ଜୋଆଡ଼େ ପଳାଇଲେ, ସେଠାକୁ ମୁକୁନ୍ଦଦେବ ଆଣି ଜଗନ୍ନାଥଙ୍କଠାରେ ସାତଦିନ ଦିବସ ଜଳସରିହାନ କରିବାରୁ ସପ୍ନ ଦେଖିଲେ । ସୀମାଦେଶକୁ ଯାଇ କଳପୁରୁଷ ଆଣି ରଖିଲେ । ରଖିପାରିବୁ ବୋଲିବାରୁ ମୁକୁନ୍ଦଦେବ ରଜା ସୀମାକୁ କଟକାଇ କରିବା ବଳୁର ଲକ୍ଷ୍ମୀ ମହାଦେଈ, ପଦ୍ମାମାତ, ଚମ୍ପାସରସ୍ୱରିଆଣୀ, ମୁକୁତାନାମ ସୁଆରୁଣୀ, ବନମାଳୀ ଗନ୍ତାଇତ, ଶବର ସାତଜଣ ଧରି ସୀମାଗଲେ । ପୂର୍ବ ସମୁଦ୍ରରେ ମନୋହର ବୋଇତରେ ଛମାସର ବାଟ ସତର ଦିନ ଓଳକ ଯାଇ ସୀମା ହୋ ଲୋକକୁ ସାଥୀରେ ଧରି କଳାପାଡ଼କୁ ନଷ୍ଟେକରି ମରାଇ ବଡ଼ଦେଉଳ ସୀମା ବନ୍ଧାଣୀ ଠେକାଇଲେ ।"**

ସନ୍ ୧୧୩୩ ସାଲ ବା ଖ୍ରୀ. ଅ. ୧୭୨୭ ସାଲରେ ମଧ୍ୟ ଖଣ୍ଡିଏ ସନନ୍ଦ ଖୋର୍ଦ୍ଧା (ବାଜପୁର) ଅଞ୍ଚଳରୁ ମିଳିଛି । ଉକ୍ତ ସନନ୍ଦଟି ନବାବ ସରଦୌଲ୍ଙ୍କ ଅମଳରେ ପ୍ରଦତ୍ତ ହୋଇଛି । ଉକ୍ତ ସନନ୍ଦଟିର ଭାଷାରେ ମଧ୍ୟ ପୂର୍ବୋକ୍ତ ସନନ୍ଦପରି ଦେଶଜ ଶବ୍ଦ ସହିତ ଆରବୀ ପାର୍ଶୀ ଶବ୍ଦର ପ୍ରୟୋଗ ବହୁଳ ଭାବରେ କରାଯାଇଛି ।***

ଓଡ଼ିଆ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ମହାକାବ୍ୟର ଅନେକ ଓଡ଼ିଆ ଗଦ୍ୟାନୁବାଦ ଥିବାର ଦେଖାଯାଏ । ତନ୍ମଧ୍ୟରେ ଅନେକ ଅନୁବାଦକଙ୍କ ନାମ ଜଣାପଡ଼ୁନାହିଁ, କେବଳ ଜଗନ୍ନାଥ ମିଶ୍ର, ବାସୁଦେବ ମିଶ୍ର, ବାଣୀଭୂଷଣ ଅନନ୍ତ ରଥଙ୍କ ଗଦ୍ୟାନୁବାଦ ଅଷ୍ଟାଦଶ ଶତାବ୍ଦୀରେ

---

* ଶବରଗୀତା, Cy/89, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ, ପୃ. ୩-୪

** ଶବରଗୀତା, Cy/90, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ, ପୃ. ୧୪-୧୫

*** ସନନ୍ଦ, Or.ms/193, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ ଦ୍ରଷ୍ଟବ୍ୟ

Digitized by PPRACHIN, SOA

ରଚିତ ହୋଇଥିବାର ଅନୁମାନ କରାଯାଏ । ଉକ୍ତ ତିନିଜଣ ଅନୁବାଦକଙ୍କ ଭାଷାରେ ସଂସ୍କୃତ ଶବ୍ଦ ଭରପୂର ହୋଇ ରହିଛି ଏବଂ ସ୍ଥଳବିଶେଷରେ ମଧ୍ୟ ଅନୁବାଦକମାନେ ଗୀତଗୋବିନ୍ଦରେ ପ୍ରୟୋଗ କରାଯାଇଥିବା ସଂସ୍କୃତ ଶବ୍ଦକୁ ଅବିକଳ ଭାବରେ ଅନୁବାଦରେ ସ୍ଥାନ ଦେଇଛନ୍ତି—

"ଜୟଦେବ ନାମା ଯେଉଂ କବି ଯେ ସେ ଏତଂ ପ୍ରବନ୍ଧଂ ଏହିଯେଉଂ ପ୍ରବନ୍ଧ ଯେ ଗୀତ ଏହାକୁ କରୁଅଛନ୍ତି, ଜୟଦେବ କବି ଯେ ସେ କେମନ୍ତ ଅଟନ୍ତି । ବାଗ୍‌ଦେବତା ଯେ ସରସ୍ୱତୀ ତାହାଙ୍କର ଯେଉଂ ଚରିତ ଯେ ଶାସ୍ତ୍ର ତେଣେକରି ଚିହ୍ନିତ ହୋଇଅଛି ଚିତ୍ତସଦ୍ମ ଗୃହ ଯାହାଙ୍କର ଏବଂଭୂତା ଯେ, ପଦ୍ମାବତୀ ଲକ୍ଷ୍ମୀ ତାହାଙ୍କର ଚରଣ ଯେ ପାଦପଦ୍ମ ତାହାର ଯେଉଁ ସ୍ମରଣ ଯେ, ସେବା ତହିଂରେ ଚକ୍ରବର୍ତ୍ତୀ ଅଟନ୍ତି କି ଯୋଗ୍ୟ ଅଟନ୍ତି । ଅଥବା ବାଗ୍‌ଦେବତା ଯେ ଶ୍ରୀକୃଷ୍ଣ ତାହାଙ୍କର ଯେଉଂ ଚରିତ ଯେ ଗୁଣାନୁବାଦ ତେଣେକରି ବିଚିହ୍ନ ହୋଇଛି । ଚିତ୍ତସଦ୍ମ ଯାହାଙ୍କର ଏବଂଭୂତା ଯେ, ଶ୍ରୀରାଧା ପଦ୍ମାବତୀ ତାହାଙ୍କର ଯେଉଂ ପାଦପଦ୍ମସେବା ତେଣେ କରି ଚକ୍ରବର୍ତ୍ତୀ ହୋଇଅଛନ୍ତି ନୃତ୍ୟକାର ହୋଇଅଛନ୍ତି । ପ୍ରବନ୍ଧ ଯେ ସେ କେମନ୍ତ ଅଟେ । ଶ୍ରୀ ବାସୁଦେବ ଯେ ଶ୍ରୀକୃଷ୍ଣ ତାହାଙ୍କର ଯେ ରତି ତାହାର ଯେଉଂ କେଳିକଥା ଯେ ପରିହାସାଦି କଉତୁକ କଥା ତେଣେକରି ସମେତ ହୋଇଛି କି ସହିତ ହୋଇଛି ଏମନ୍ତ ଯେ ଗୀତଗୋବିନ୍ଦ ଗ୍ରନ୍ଥ ତାକୁ ଜୟଦେବ କବି ସେ ସେ କରୁଅଛନ୍ତି ।"**

"ଶ୍ରୀ ବାସୁଦେବ ରତିକେଳି କଥାମାନଙ୍କରେ ସଙ୍ଗତ ହୋଇଅଛି । ଏମନ୍ତ ପ୍ରବନ୍ଧ ଯେ ଗୀତ ତାହା ଜୟଦେବ କବି କରୁଅଛନ୍ତି । ସେ ଜୟଦେବ କବି କେମନ୍ତ ଅଟନ୍ତି । ବାଗ୍‌ଦେବତା ଚରିତ ଚିହ୍ନିତ ଚିତ୍ତସଦ୍ମା । ବାଗ୍‌ଦେବତା ଯେ ସରସ୍ୱତୀ ତାହାର ଚରିତ ଚିତ୍ତସଦ୍ମ ଯେ ହୃଦୟ ସେ ଘର ହୋଇଲା । ସେ ଘର ଚିତ୍ତ ହୋଇଁଅଛି । ପଦ୍ମାବତୀ ଯେ ଲକ୍ଷ୍ମୀ ତାହାଙ୍କର ଚରଣ ସେବକ ଯେ ତାହାଙ୍କ ମଧ୍ୟରେ ସେ ଜୟଦେବ କବି ମୁଖ୍ୟ ସେବକ ଅଟଇ ।"*

** ବାଣୀଭୂଷଣ ଅନନ୍ତ ରଥଙ୍କ ଗୀତଗୋବିନ୍ଦର ଗଦ୍ୟାନୁବାଦ—ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ, Vol. I. ପୃ. ୧-୨ ।

* ବାସୁଦେବ ମିଶ୍ରଙ୍କ ଗୀତଗୋବିନ୍ଦର ଗଦ୍ୟାନୁବାଦ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ, ପୃ. ୨ ।

Digitized by PPRACHIN, SOA

ଏହି ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଜ୍ୟୋତିଷ, ଆୟୁର୍ବେଦର ବହୁ ଅନାମଧେୟ ଗ୍ରନ୍ଥର ଓଡ଼ିଆ ଅନୁବାଦ ହୋଇଥିଲା । ସେଗୁଡ଼ିକର ଆଲୋଚନା କରିବା ଏହି ସୀମିତ ନିବନ୍ଧ ମଧ୍ୟରେ ସମ୍ଭବ ନୁହେଁ ।

ଅନ୍ୟାନ୍ୟ ଶାସ୍ତ୍ର ମଧ୍ୟରେ ଶୃଙ୍ଗାର ରସମୂଳକ 'ରସିକ ସର୍ବସ୍ୱ', ଭକ୍ତିମୂଳକ 'ହରିଭକ୍ତି କଳ୍ପଲତା', ନୀତିମୂଳକ 'ଚାଣକ୍ୟ ନୀତି' ଓ ଲୀଳାବତୀଙ୍କ 'ବୀଜଗଣିତ'ର ଓଡ଼ିଆ ଗଦ୍ୟାନୁବାଦ ଅତି ଉପାଦେୟ ବୋଲି ମନେହୁଏ ।

ସେହି ସମୟ ମଧ୍ୟରେ ପାରଳାଖେମୁଣ୍ଡିର ରାଜା ଗଜପତି ନାରାୟଣ ଦେବଙ୍କ ରଚିତ 'ସଙ୍ଗୀତ-ନାରାୟଣ' ଗ୍ରନ୍ଥର ଗଦ୍ୟାନୁବାଦ, ସଦାଶିବ ନାମକ ଜନୈକ ବ୍ୟକ୍ତି କରିଛନ୍ତି । ଗଦ୍ୟର ଶୈଳୀ ଓ ପଦଯୋଜନା ଆଦିରୁ ତାହା ଅଷ୍ଟାଦଶ ଶତାବ୍ଦୀରେ ରଚିତ ଏବଂ ଅନୁବାଦକ ସଦାଶିବ ଦକ୍ଷିଣ ଓଡ଼ିଶାର ଅଧିବାସୀ ବୋଲି ଅନୁମାନ କରାଯାଏ ।

"ଏ ପୃଥିବୀରେ ଗଙ୍ଗବଂଶରେ ଅବତଂସ ଅଟନ୍ତି ଜେ ନୃପମାନେ ସେମାନେ ହେଲେ କେମନ୍ତ କି, ସେମାନେ ଅଧି ଧରଣୀମଣ୍ଡଳରେ ଦୀପାନୁରୂପ ବୋଲନ୍ତେ ଦୀପପରି ଅଟନ୍ତି । ପୁଣି କଂସଧ୍ୱଂସ ଯାହାଙ୍କ ହେତୁରୁ ଏମନ୍ତ ଜେ ଶ୍ରୀକୃଷ୍ଣ ତାହାଙ୍କର ଦଶାବତାର ଅଟନ୍ତି । ନିଜ ଭୁଜ ଯେ ଆପଣାର ବାହୁ । ତେଣେକରି ବିଜିତ ବୋଲନ୍ତେ ଜିଣି ଅଛନ୍ତି । କ୍ଷୋଣୀ ଶକ୍ର ବୋଲନ୍ତେ ପୃଥ୍ୱୀରେ ଇନ୍ଦ୍ରପ୍ରାଏ । ଏପରି ଜଙ୍ଗ ଅରିମାନେ ଜେ ଶରମାନେ ତାହାଙ୍କର ଚକ୍ର ଜେ ଦ୍ୱାଦଶ ରୂପମଣ୍ଡଳ ଏହାଙ୍କୁ ଜଙ୍ଗମାନେ ପୁଣି କେମନ୍ତ ଜଙ୍ଗମାନେ, କ୍ରମରେ ଉଦ୍ଭଟ ବୋଲନ୍ତେ ଉତ୍କଟ ହୋଇଥିଲି । ସୁଭଟ ଯେ ଉତ୍ତମ ଯୋଦ୍ଧାମାନେ ସେମାନଙ୍କର ଜଙ୍ଗ କୋଟୀ ଜେ ସମୂହ, ତାହାର ଆଟୋପ ଜହିଂରି ଏପରି ଜଙ୍ଗ କର୍ଣ୍ଣାଟ ଲାଟ ଇତ୍ୟାଦି ଦେଶ କ୍ଷୋଣୀଶମାନେ ଜେ ରଜାମାନେ ତାହାଙ୍କର କ୍ଷୋଭଦୀକ୍ଷା ଜେ ତାହାଙ୍କୁ ଚଳାଚଳ କରିବାର, ତାହାଙ୍କୁ ଆଗମ ବୋଲନ୍ତେ ଆସି ଦେଉଅଛନ୍ତି, ଯେମନ୍ତ ଜଙ୍ଗ ଲବରକ ଯେ ଓଡ୍ରଦେଶ, ସେହି ସେ କେଦାରକ, କସ୍ତୂରିଟିଏ ହେଲା । ତାହାକୁ ଆକ୍ରମିଲେ । ସେ କସ୍ତୂରିକାରକ, ସାରକେ ତଣ୍ଡୁଳାଦି ସେଥିବା ଧାନ୍ୟାଦିପରି ହେଲେ । ଜୋ ବଳବନ୍ତ ରଜାମାନଙ୍କର, କଲବରକେଶ୍ୱର ହେବାରୁ କର୍ଣ୍ଣାଟାଦି ଦେଶମାନଙ୍କୁ

Digitized by PPRACHIN, SOA

ପଛେ କଣିମାରୁ ଏଦେଶ ସେ ଜୟୁର ପ୍ରାପତ ହେଲା । ଏମନ୍ତ ସେ ଗଙ୍ଗବଂଶର ରଜାମାନେ ହେଲେ ।" *

ଏତଦ୍‌ବ୍ୟତୀତ ରଘୁନାଥ ରଥଙ୍କ ବିରଚିତ ସଙ୍ଗୀତଶାସ୍ତ୍ର 'ନାଟ୍ୟ ମନୋରମା' ପୁସ୍ତକର ଓଡ଼ିଆ ଗଦ୍ୟାନୁବାଦ ଉପଲବ୍ଧ ହୁଏ ।

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ରଚିତ ବ୍ରଜନାଥ ବଡ଼ଜେନାଙ୍କ ଚତୁର ବିନୋଦ ଓଡ଼ିଆ କଥା ସାହିତ୍ୟର ଏକ ଦୁର୍ଲ୍ଲଭ ଗ୍ରନ୍ଥ । ହାସ୍ୟରସାତ୍ମକ ଏହି ପୁସ୍ତକଟି ଭାଷା, ଭାବ ଓ ଶୈଳୀ ଦୃଷ୍ଟିରୁ ସରସ, ସୁନ୍ଦର, ହୃଦ୍ୟ ତଥା ପ୍ରତ୍ୟେକ ଧରଣର ପାଠକମାନଙ୍କ ପକ୍ଷରେ ଆମୋଦଦାୟକ ହୋଇଛି । କବି ବ୍ରଜନାଥ ବଡ଼ଜେନା ସଭା, ରସ, ନୀତି ଓ ପ୍ରୀତିବିନୋଦ ନାମରେ ଚତୁରବିନୋଦ ପୁସ୍ତକଟିକୁ ଭାଗଭାଗ କରିଛନ୍ତି । ଗ୍ରନ୍ଥକାର କଠିନ ସଂସ୍କୃତ ଶବ୍ଦ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ଦେଶଜ ଓଡ଼ିଆ ଶବ୍ଦର ସନ୍ନିବେଶରେ କଥାସାହିତ୍ୟଟିକୁ ରସାଣିତ କରିଛନ୍ତି ।

ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଲିଖିତ କେନ୍ଦୁଝର ରାଜବଂଶର 'ଗଣସମ୍ମତି' ବା ବିଭିନ୍ନ ରାଜବଂଶ ଓ ବ୍ୟକ୍ତିମାନଙ୍କ ନିକଟକୁ ପଠାଇଥିବା ପତ୍ରାଦିର ଭାଷା ଓ ଲେଖନ ଶୈଳୀ ଗତ ଶତାବ୍ଦୀର ଓଡ଼ିଆ ଗଦ୍ୟର ପ୍ରକୃଷ୍ଟ ଉଦାହରଣ । ଖ୍ରୀ. ଅ. ୧୮୦୩ରୁ ଆରମ୍ଭ କରି ପ୍ରାୟ ୧୮୩୬ ମଧ୍ୟରେ ବିଭିନ୍ନ ବ୍ୟକ୍ତି ଓ ରାଜଦରବାରକୁ ଭିନ୍ନ ଭିନ୍ନ କାର୍ଯ୍ୟୋପଲକ୍ଷେ କେନ୍ଦୁଝର ରାଜଦରବାରରୁ ଅନେକ ପତ୍ର ତଥା 'ଏକ୍‌ରାର୍‌ନାମା' ଆଦି ପଠାଯାଇଛି ଓ କେତେକ ସ୍ଥାନରୁ ମଧ୍ୟ ଅନୁରୂପ ପତ୍ରାଦି ଆସିଛି । ସନ୍ ୧୨୧୧ ଅମଲ ରମ୍‌ଜାନ୍ ୧ ତାରିଖ ବା ଡିସେମ୍ବର ୧୭ ତାରିଖ ୧୮୦୩ ସାଲରେ ଇଂରେଜ-ମାନଙ୍କଠାରୁ କେନ୍ଦୁଝର ରାଜଦରବାରକୁ ଆସିଥିବା ଗୋଟିଏ 'ଏକରାର୍‌ନାମା'ର କେତେକାଂଶ ଉଦାହରଣସ୍ୱରୂପ ନିମ୍ନରେ ପ୍ରଦତ୍ତ ହେଲା—

"ଆମ୍ଭେମାନେ ଲେଫଟେନେଣ୍ଟ କରନେଲ ଜାରଜ ହରକଟ୍ ସାହେବ ବାହାବ ବାହାଦୁର ସରଗରେହ ଅଫୁଆଜ ଜଫର ଅମୁଆଜ କୁମ୍ପାଣୀ ଇଙ୍ଗ୍ରେଜ ବାହାଦୁର ଓ କମସନର ସୁବେ ଓଡ଼େସା କାମରଓମାସ୍ତ

* ସଙ୍ଗୀତ-ନାରାୟଣ, Mus/9, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି, ପ. ୩-୪

Digitized by PPRACHIN, SOA

ଋଜାବ୍ ମାଲଆଲ ସାହେବ କମସନର ସୁବାମଜକୁର କାମରଜେ ନବାବ ମୁସ୍ତତାବମାଲ ଅଲକାବ ଅସଗ୍ରପଲ ଅସଗ୍ରପମାର ସଓଲଜଲ ଗୌର ନରଞ୍ଜନ ରଲ ବାହାଦୁର ଦାମ ଅକବାଲହଠୁକୁ ହୁଂକୁ ହୁକୁମର ଏ ସୁବାକାମର ବନ୍ଦୋବସ୍ତ ଓ ସାଜଲ କରିବା ନମନ୍ତେ ମୁକରର ହୋଇଅଛୁଁ । ଶ୍ରୀ କୁମ୍ପନୀ ଇଙ୍ଗରେଜ ବାହାଦୁରଙ୍କ ସରକାର ତରଫରୁ ଏକ ଭଲ ନାସାଗ୍ରଜେ ଜନାର୍ଦ୍ଦନ ଭଞ୍ଜରାଜେ କଲେ କେଉଁଝର ମୁଗଲୁକେ ସୁବା ମଜକୁରକୁ ଲେଖିଦେଲୁଂ ଜେ କଛୁ ଆରାଜ ମୁଗଲବନ୍ଧ ନାମର ଆଉ ତୁମର ନାମର ହେଉ ମରହଟ୍ଟାଙ୍କ ଅମଳରୁ ତୁମ୍ଭ ଅମଳ ଦଖଲରେ ଥିଲା । ସେ ସବୁ ଜମୀ ହମେସା ତୁମ୍ଭ ରାଜଗୀରେ ହେବାର ଆମ୍ଭମାନଙ୍କୁ ମଞ୍ଜୁର ହୋଇଲା ଓ ପେସ୍କେସ୍ ଟଙ୍କା ଜାହା ଏକରାର୍‌ନାମାରେ ଲେଖାଜାଇଅଛି ତାହା ସିବାଏ କଛୁ ଯାଦା ତଲବ ନ ହେବ ଓ ନ ନଆଜବ ।

× × ×

୧୭ ତାରଖ ମାହ ଡସେମ୍ବର ସନ ୧୮୦୩ ଇଙ୍ଗରେଜ ମୁତାବକ ୧ ତାରଖ ରମଜାନ ସନ ୧୨୧୧ ସାଲ ଅମଲ ।" *

ଏହି ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ରଚିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପୂଜାବିଧି ବିବରଣୀ ଓଡ଼ିଆ ଗଦ୍ୟସାହିତ୍ୟର ଅନ୍ୟତମ ଉଦାହରଣରୂପେ ଗ୍ରହଣ କରାଯାଇପାରେ । ଉକ୍ତ ବିବରଣୀର ଆରମ୍ଭରୁ ଯେଉଁ ଗଦ୍ୟର ପ୍ରୟୋଗ କରାଯାଇଛି ସାହିତ୍ୟିକ ମୂଲ୍ୟବୋଧ ଦୃଷ୍ଟିରୁ ତା'ର ମହତ୍ତ୍ୱ ଯଥେଷ୍ଟ । ଉଦାହରଣସ୍ୱରୂପ ଉକ୍ତ ପୁସ୍ତକରୁ କେତେକାଂଶ ଏଠାରେ ପ୍ରଦତ୍ତ ହେଲା—

"ଏ ଉତାରେ ସ୍ୱୟଂଭୁବ ମନୁଙ୍କର ପଞ୍ଚମ ଯୁଗରେ ପ୍ରଥମ ସତ୍ୟଯୁଗର କଛୁ ବରସ୍ ଅଭ୍ୟନ୍ତରେ ସ୍ୱେତ ବାରାହ କଳ୍ପରେ ଭୁଲୋକରେ ଯମ୍ବୁ ଦିପରେ ମାଳବ ଦେସରେ ଅବନ୍ତୀନାମ କଟକରେ ସୁର୍ଯ୍ୟ ବସଂରେ ରାଯଇନ୍ଦ୍ରଦ୍ୟୁମନ ମାହାରାଜାକାଳେ ଶ୍ରୀର ପୁରୁଷୋତ୍ତମ କ୍ଷେତ୍ରେ ନଳମାଧବ ମୁର୍ତ୍ତି ଅନ୍ତର୍ଦ୍ଧ୍ୟାନରେ ଦାରୁବ୍ରହ୍ମଂ ମୁର୍ତ୍ତି ଅବତାରେ

* ଗଣସମ୍ପ୍ରଦ, Orms/134, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, କଟକ, ପୃ. ୧୬୧-୧୬୨ ।

Digitized by PPRACHIN, SOA

ହୋଇଲାକୁ ଏ ଅବତାରେ ଯେଉପ୍ରକାରେ ହୋଇଲେ ଏଥକୁ ସର୍ବ ମୁନିଋଷି ସୂର୍ଯ ପୁରାଣରେ ଶ୍ରୀପୁରୁଷୋତ୍ତମ ମାହାତ୍ମରେ ନମିଷା ଅରନ୍ୟରେ ସୌନକାଦି ଋଷିମାନଙ୍କୁ ଯେମନ୍ତ କହିଲେ ଏଥିର ବେବସ୍ଥା ଇନ୍ଦ୍ରଦ୍ରୁମନ ମାହାରାଯାନ୍ତ ଗଗାଂବଳରେ ଦର ବସ୍ତୁ କେମନ୍ତ ସ୍ୟରୂପ ବସ୍ତୁ ପ୍ରତମା କାହ୍ନି ଦେଖିବା ଏମନ୍ତ ବୋଲି ବଚୃରୁଥାନ୍ତି ।" *

ଏହିପରି ଭାବରେ ଦେଖିବାକୁ ଗଲେ ଖ୍ରୀ. ଅ. ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରୁ ଆରମ୍ଭକରି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧସୁଦ୍ଧା ପ୍ରାଚୀନ ଓଡ଼ିଆ ଗଦ୍ୟସାହିତ୍ୟର ବିକାଶ ସମ୍ଭବ ହୋଇଛି ।' ପ୍ରସ୍ତୁତ ଆଲୋଚନାରେ ପ୍ରଦତ୍ତ ପ୍ରକାଶିତ ଓ ଅପ୍ରକାଶିତ ଗ୍ରନ୍ଥଗୁଡ଼ିକ ବ୍ୟତୀତ ଆହୁରି ଅନେକ କାବ୍ୟ, ପୁରାଣ, ନାଟକ ପ୍ରଭୃତି ଗ୍ରନ୍ଥର ଓଡ଼ିଆ ଅନୁବାଦ ଦେଖିବାକୁ ମିଳେ ଏବଂ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ବହୁ ତାଳପତ୍ର ପୋଥିରେ ଲେଖନକାରମାନେ ନିଜ ନିଜର ବିବରଣୀ ଦେଇ ଯେଉଁ ପୁଷ୍ପିକାମାନ ରଚନା କରିଛନ୍ତି, ସେଗୁଡ଼ିକୁ ମଧ୍ୟ ଓଡ଼ିଆ ଗଦ୍ୟସାହିତ୍ୟର ପ୍ରକୃଷ୍ଟ ଉଦାହରଣରୂପେ ଗ୍ରହଣ କରାଯାଇପାରେ । କିନ୍ତୁ ଏହି ସୀମିତ ଆଲୋଚନା ମଧ୍ୟରେ ସେ ସବୁର ବିସ୍ତୃତ ବିବରଣୀ ଦେବା ଆଦୌ ସମ୍ଭବ ନୁହେଁ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଆ ଗଦ୍ୟସାହିତ୍ୟ ନବଯୁଗରେ ପଦାର୍ପଣ କଲା ଏବଂ ଭିନ୍ନ ଭିନ୍ନ ସ୍ତର ଦେଇ ତାହା ଆଜି ଉନ୍ନତ ସ୍ତରରେ ଆସି ଉପନୀତ ହେବା ସଙ୍ଗେ ସଙ୍ଗେ ଉଚ୍ଚକୋଟୀର ପ୍ରବନ୍ଧ, ତଥ୍ୟପୂର୍ଣ୍ଣ ସମାଲୋଚନା ତଥା କାହାଣୀ, ଉପନ୍ୟାସ, ନାଟକ ଓ ଏକାଙ୍କିକା ଆଦିର ସୃଷ୍ଟିହୋଇ ଓଡ଼ିଆ ଗଦ୍ୟ ବିଭାଗଟିକୁ ସମୃଦ୍ଧ କରିପାରିଛି ।

---

* ପୁରୁଷୋତ୍ତମଦେବାଳସ୍ଥ କାର୍ଯ୍ୟବିଧି, Orh/13, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପୋଥି, ପ. ୨-୩ ।

Digitized by PPRACHIN, SOA

ଓଡ଼ିଆ ଗୀତସାହିତ୍ୟ :—

ଓଡ଼ିଶାରେ ଗୀତସାହିତ୍ୟର ପ୍ରଥମ ପ୍ରବର୍ତ୍ତକ ହେଉଛନ୍ତି ଉତ୍କଳୀୟ ସଂସ୍କୃତ କବି ପଣ୍ଡିତ ଜୟଦେବ । ସେ କାନ୍ତ, କୋମଳ, ସରସ ପଦାବଳୀର ବିନ୍ୟାସରେ 'ଗୀତଗୋବିନ୍ଦ' ନାମକ ଯେଉଁ ବିଶ୍ୱବିଖ୍ୟାତ ଗ୍ରନ୍ଥ ରଚନା କରି ଯାଇଛନ୍ତି, ତା ଫଳରେ ସଂସ୍କୃତ ସାହିତ୍ୟରେ ଯେ ଏକ ନୂତନ ଯୁଗର ଅଭ୍ୟୁଦୟ ହେଲା ଏଥିରେ ସନ୍ଦେହ ନାହିଁ । ଆଚାର୍ଯ୍ୟ ଜୟଦେବଙ୍କ ପର୍ଯ୍ୟନ୍ତ ସଂସ୍କୃତ କାବ୍ୟମାନଙ୍କରେ ଆର୍ଯ୍ୟା, ମନ୍ଦାକ୍ରାନ୍ତା, ଶାର୍ଦ୍ଦୂଳବିକ୍ରୀଡ଼ିତ, ଉପଜାତି, ସ୍ରଗ୍‌ଧରା, ବସନ୍ତତିଳକ, ପୃଥ୍ୱୀ, ଦ୍ରୁତବିଲମ୍ବିତ ଆଦି ବହୁ ଛନ୍ଦର ବ୍ୟବହାର କରାଯାଉଥିଲା, କିନ୍ତୁ ଗୀତିଛନ୍ଦର ବ୍ୟବହାର କେବଳ ଅଳଙ୍କାର ଗ୍ରନ୍ଥମାନଙ୍କରେ ରହିଥିଲେହେଁ, ତାହା କାବ୍ୟରେ ବ୍ୟବହୃତ ହୋଇ ନ ଥିଲା । ଓଡ଼ିଆ ଜନନୀଙ୍କର ସୁଯୋଗ୍ୟ ସନ୍ତାନ, ବଡ଼ଠାକୁରଙ୍କର ପରମଭକ୍ତ ଜୟଦେବ ଆଚାର୍ଯ୍ୟ ପୁଣ୍ୟସଲିଳା ଗୁପ୍ତସରସ୍ୱତୀ ପ୍ରାଚୀନଦୀ କୂଳର କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଗ୍ରହଣ କରି ଶ୍ରୀ ଜଗନ୍ନାଥଙ୍କ ସେବାରେ ଆତ୍ମନିୟୋଗ ପୂର୍ବକ, ତାଙ୍କର ଆଶୀର୍ବାଦରେ 'ଗୀତଗୋବିନ୍ଦ' କାବ୍ୟରେ ଗୀତିଛନ୍ଦର ଯୋଜନା କରିବାରେ ସମର୍ଥ ହୋଇଥିଲେ । ସେ ଉକ୍ତ କାବ୍ୟରେ ମାଳବ, ବସନ୍ତ, ରାମକେରୀ, ଗୋଣ୍ଡକିରୀ, ଭୈରବ, ଗୁର୍ଜରୀ, କର୍ଣ୍ଣାଟକ, ଦେଶୀବରାଡ଼ି, ବରାଡ଼ି ଓ ବିଭାସ ଆଦି ରାଗର ପ୍ରୟୋଗ କରିବାରେ ସଫଳକାମ ହୋଇଥିଲେ ।

ଜୟଦେବଙ୍କର ବିଶ୍ୱବିଶ୍ରୁତ ଗ୍ରନ୍ଥର ରଚନା ପରେ ଓଡ଼ିଆ ବିଦ୍ୱାନ୍ କବିଚନ୍ଦ୍ରରାୟ ଦିବାକର ମିଶ୍ରଙ୍କ ଦ୍ୱାରା 'ଅଭିନବ ଗୀତଗୋବିନ୍ଦ' (କିନ୍ତୁ ଗ୍ରନ୍ଥଟି ଗଜପତି ପୁରୁଷୋତ୍ତମଦେବଙ୍କ ନାମରେ ଭଣିତ) ନାମକ ଅନ୍ୟ ଏକ ସଂସ୍କୃତ ଗୀତିକାବ୍ୟ ରଚିତ ହୋଇଥିଲା । କବି ଦିବାକର ମିଶ୍ର ଆଚାର୍ଯ୍ୟ ଜୟଦେବଙ୍କ ପଦାଙ୍କ ଅନୁସରଣ କରିଥିଲେହେଁ, ସେପରି ଅମୃତନିସ୍ୟନ୍ଦିନୀବାଣୀ ସୃଷ୍ଟିରେ ଚମତ୍କାରିତା ପ୍ରଦର୍ଶନ କରି ପାରିନାହାନ୍ତି । ତଥାପି ସେ ଗୀତିଛନ୍ଦର ପ୍ରୟୋଗରେ ଅନେକ ଗୀତ ରଚନା କରି 'ଅଭିନବ ଗୀତଗୋବିନ୍ଦ'ଟିକୁ ଅଭିନବ ସାଜସଜ୍ଜାରେ ସଜ୍ଜିତ କରିଛନ୍ତି । କବିଚନ୍ଦ୍ରରାୟ ଦିବାକର ଗୀତଗୋବିନ୍ଦରେ ବ୍ୟବହୃତ ବିଭିନ୍ନ ଗୀତିଛନ୍ଦର ଅନୁକରଣରେ 'ଅମର ପଞ୍ଚମ', ଆଭିରୀ, କଳ୍ୟାଣ,

Digitized by PPRACHIN, SOA

କର୍ଣ୍ଣାଟ, କେଦାରଗୌଡ଼ା, କୋଳାହଳ, ଗାନ୍ଧାର, ଗୁର୍ଜରୀ, ଘଣ୍ଟାରବ, ଗୋଣ୍ଡକରୀ, ଧନାସୀ, ବସନ୍ତ, ଶଙ୍କରାଭରଣ, ପୂରବୀ ପ୍ରଭୃତି ପ୍ରାୟ ପଚିଶରୁ ଅଧିକ ଗୀତଛନ୍ଦ ବ୍ୟବହାର କରିଛନ୍ତି । ଗଜପତି ପ୍ରତାପରୁଦ୍ରଙ୍କ ଅଧୀନରେ ଗୋଦାବରୀ ନିକଟବର୍ତ୍ତୀ ରାଜମହେନ୍ଦ୍ରୀର ଶାସନକର୍ତ୍ତା ପଦରେ ଅଧିଷ୍ଠିତ ରାୟ ରାମାନନ୍ଦ ସ୍ୱକୃତ 'ଜଗନ୍ନାଥବଲ୍ଲଭନାଟକ' ରେ 'ଶ୍ରୀ ଗୀତଗୋବିନ୍ଦ'ର ଗୀତଗୁଡ଼ିକ ଅନୁକରଣରେ ଏକବିଂଶତି କ୍ଷୁଦ୍ର ଗୀତ ସନ୍ନିବିଷ୍ଟ କରିଛନ୍ତି । କବିଚନ୍ଦ୍ରରାୟ ଓ ରାୟ ରାମାନନ୍ଦଙ୍କ ଆଦର୍ଶ ଅବଲମ୍ବନରେ ସଂସ୍କୃତ ଭାଷାରେ ବାଣପୁରର କବି ରଘୂତ୍ତମତୀର୍ଥ 'ମୁକୁନ୍ଦବିଳାସ' ମହାକାବ୍ୟ ଶିବନାରାୟଣତୀର୍ଥ 'କୃଷ୍ଣଲୀଳାତରଙ୍ଗିଣୀ', କବି ନିତ୍ୟାନନ୍ଦ 'ଶିବଲୀଳାମୃତ' ଓ 'ଶ୍ରୀକୃଷ୍ଣଲୀଳାମୃତ' ନାମକ ଦୁଇଟି ମହାକାବ୍ୟରେ ଅନେକ ଗୀତିକବିତା ରଚନା କରି ଜୟଦେବ ଆଚାର୍ଯ୍ୟଙ୍କ ପରମ୍ପରାକୁ ଅକ୍ଷୁଣ୍ଣ ରଖିବାରେ ସମର୍ଥ ହୋଇଥିଲେ ।

କ୍ରମବର୍ଦ୍ଧମାନ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାବର ସମୁନ୍ନତି ସହିତ ସମାନ ଭାବରେ ତାଳଦେଇ ଓଡ଼ିଆ ସାହିତ୍ୟର ଗୀତିକାବ୍ୟ, ଖୁବ୍ ସମ୍ଭବତଃ, ପ୍ରଥମେ ଗ୍ରାମ୍ୟଗୀତ, ଚଉପଦୀମାଳୀ ଓ ମଧ୍ୟଯୁଗୀୟ ଓଡ଼ିଆଘର ଝିଅବୋହୂଙ୍କ କାନ୍ଦଣା ମାଧ୍ୟମରେ ଆରମ୍ଭ ହୋଇଥିବ । କାରଣ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ଭାଷାରେ ମଧ୍ୟ ଗୀତିକାବ୍ୟର ଆରମ୍ଭ ଠିକ୍ ସେହିପରି ଲୋକଗୀତରୁ ଆରମ୍ଭ ହୋଇଛି । ତେଣୁ ସର୍ବପ୍ରଥମେ ଲୋକଗୀତ ଓ କାନ୍ଦଣା ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା ଏଠାରେ କରାଗଲା ।

ଗ୍ରାମ୍ୟଗୀତିକା ବା ଗାଉଁଲି ଗୀତ ଓ କାନ୍ଦଣାର ରଚୟିତା-ରୂପେ କାହାର ନାମ କୌଣସି କବିତାରେ ମିଳେ ନାହିଁ । କିନ୍ତୁ ରଚନାଶୈଳୀ, ଭାବ, ଭାଷା ଦୃଷ୍ଟିରୁ ସେଗୁଡ଼ିକ ଓଡ଼ିଆ ନାରୀମାନଙ୍କ ଦ୍ୱାରା ବିଭିନ୍ନ ବ୍ରତ, ବାର, ଓଷା, ପୂନେଇଁ, ବିବାହ, ଉପନୟନ, ଝିଅ ବିଦାୟ ଆଦି ସମୟରେ ରଚିତ ହୋଇଛି । ତାର ଇତିହାସ ଖୋଜିବସିଲେ ଆଦି ଅନ୍ତ ମିଳେ ନାହିଁ । କେବଳ ତାହା ଗାଁ ଗହଳର ଝିଅ-ବୋହୂମାନଙ୍କ ତୁଣ୍ଡରୁ ଆବଶ୍ୟକବେଳେ ଶୁଣିବାକୁ ମିଳିଥାଏ । କିନ୍ତୁ ଧୀରେ ଧୀରେ ଦେଶରେ ପାଶ୍ଚାତ୍ୟ ଶିକ୍ଷାଦୀକ୍ଷାର ଚାକଚକ୍ୟ ଓ ତଥାକଥିତ ସଭ୍ୟତାର ବଶବର୍ତ୍ତୀ ହୋଇ ଗାଁଗହଳର 'ମାଇପି'ମାନେ

Digitized by PPRACHIN, SOA

ଅନ୍ୟର ଉପହାସରୁ ନିଜକୁ ରକ୍ଷା କରିବାଲାଗି ପରମ୍ପରାକ୍ରମେ ଚଳି-ଆସୁଥିବା ଗାଉଁଲି ଗୀତକୁ ଭୁଲିଯିବାକୁ ବସିଲେଣି । ଗାଉଁଲି ଗୀତଗୁଡ଼ିକର ଜଣେ ପ୍ରଧାନ ସଂଗ୍ରାହକ ଓ ସଂକଳକ ଶ୍ରୀଯୁକ୍ତ ଚନ୍ଦ୍ରଧର ମହାପାତ୍ରଙ୍କ ଭାଷାରେ କହିବାକୁ ଗଲେ—"ଆଦିମ ଯୁଗରେ ମନୁଷ୍ୟର ଯେଉଁ ଶ୍ରୁତିଧର କ୍ଷମତା ଥିଲା, ତାହା ପଛକୁ ଲୁପ୍ତହୋଇ ଆସିବାରୁ ଅତି ପୁରୁଣା ଗାଉଁଲି ଗୀତମାନ ବିସ୍ମୃତିର ଗର୍ଭରେ ବିଲୀନ ହୋଇଗଲା । ଲକ୍ଷ ଲକ୍ଷ ନୁହେଁ, କୋଟି କୋଟି ଗୀତ ଗୃହୁଁ ଗୃହୁଁ ହଜିଗଲା ! ଇଂରାଜୀ ଶିକ୍ଷା ଫଳରେ ଜାତିର ପ୍ରାଣ ମଧ୍ୟରୁ ଏ କବିତାମାନ ନିଗାଡ଼ି ପୋଛି ବାହାର କରି ଦିଆଗଲା ।" *

ଆଜିସୁଦ୍ଧା ଉତ୍କଳର ପ୍ରତ୍ୟେକ ଅଞ୍ଚଳରେ କ୍ରମବର୍ଦ୍ଧମାନ ପାଶ୍ଚାତ୍ୟ ସଭ୍ୟତାରୂପକ ବହ୍ନିର ଘୃତ୍ତ୍ୱାରେ ତଥାକଥିତ ପୁରୁଣାକାଳିଆ ରୀତିମାନ୍ଧ ସହିତ ; ସଞ୍ଜବେଳେ, ଦ୍ୱିପହରେ, ପର୍ବପର୍ବାଣୀ ଦିନରେ ଗାଁ ଦାଣ୍ଡ ଉଚ୍ଛୁଳି ପଡ଼ୁଥିବା ପଲ୍ଲୀଗୀତ ବା ଗାଉଁଲି ଗୀତ ବିଲୋପ ହୋଇଯାଉଛି । ପ୍ରସ୍ତୁତ ଆଲୋଚନାର ପରିସର ଅତ୍ୟନ୍ତ ସୀମିତ ହୋଇଥିବାରୁ ଅଳ୍ପ କେତୋଟି 'ଗାଉଁଲି ଗୀତ'ର ଉଦାହରଣ ଏଠାରେ ପ୍ରଦତ୍ତ ହେଲା—

"ବାଉଁଶ ପତର କେଉଁ କେଉଁ
ପୁଚି ଖେଳିଗଲା ଛେଉଁ ଛେଉଁ,
ହଟେଇଲି, ହଟେଇଲି,
ପୁଚି ଖେଳ ହଟେଇଲି,
ବାର ବରଷର ପୁରୁଣା ମହୁ, ଟିକିଏ ଟିକିଏ ଚଟେଇଲି ।
କଇଁଆ ପତର ସରୁ ସରୁକା,
ତା ଫଳଟା ବଙ୍କା ।
ମୁଁ ଯେତେବେଳେ ପୁଚି ଖେଳୁଥିବି
ଦେଖି ମରୁଥିବ ରଙ୍କା ॥
ହଟେଇଲି, ହଟେଇଲି,
ପୁଚି ଖେଳ ହଟେଇଲି,
ବାର ବରଷର ପୁରୁଣା ଗୁଡ଼, ଟିକିଏ ଟିକିଏ ଚଟେଇଲି ।" **

× × ×

---

* 'ଉତ୍କଳ ଗାଉଁଲି ଗୀତ', ପୃ. ୫
** 'ଉତ୍କଳ ଗାଉଁଲି ଗୀତ', ପୃ. ୨୧୪

Digitized by PPRACHIN, SOA

ଇଟିକଲ ମିଟିକଲ ଫୁଟିଗଲ୍ କାଇଁଚ,
ଭୁମର ଆମର ନାଲ ବାଇଁଶ ।
ନାଲ ପେଏଁ ପେଏଁ ବାଜଇ ଘ୍ରାଣ୍ଟ,
କେଉଁବାଟେ ଗଲ୍ ବେଟାକ ଗୈର ॥

× × ×

ଚକା ଚକା ଭଉଁଣ୍ଟା, ଚକା ଚକା ଭଉଁଣ୍ଟା
ମାମୁଁଘର ଚଉଁଣ୍ଟା,
ମୋ ନାମ ନାଁ ଗଉଣ୍ଟା, ତୋ ନାମ ନାଁ ଶଉଣ୍ଟା,
ନାଇଁ, ତୋ ନାମ ନାଁ ଶଉଣ୍ଟା, ମୋ ନାମ ନାଁ ଗଉଣ୍ଟା ।
ଆମେ ନଇରେ ଯିବା ପହଁରି
ଚେଙ୍ଗ ଧରିବ ନାଉଣ୍ଟା ।
ଚକା ଚକା ଭଉଁଣ୍ଟା ॥
(ଉତ୍କଳ ଗାଉଁଲି ଗୀତ)

× × ×

"ଉଦୁଉଦୁମା
ଡାଳ ଗୋଛମା, ଲୁହା ମାହୁଲିଣି ପିତଳ ସମା ।
ଆଇକ, ଘାଇକ,
ବଡ଼ ଜେନା ମଲ୍ଲକ,
ରକତ ପିଣ୍ଡୁଳା ଦେଲ୍ ନ ॥
କୂଅ ମୂଳେ ତେଲଘଡ଼
ବାଘ ନେଲ୍ ଗେଲ୍ କର,
ଆମ୍ବ ଗୋଟି ଖାଉ ଖାଉ
କୋଇଲ ଗୋଟି କଷା ।
କ ମାଡ଼ ମାଇଲୁ ଘଇ,
ଘୁଂରକୋଷିଆ ପଶା ॥"
(ଉ: ଗା: ଗ୍ରୀ:)

Digitized by PPRACHIN, SOA

"ଆକାଶୁ ଖସଇ ତାର ଗୋ ଫୁଲ ବଉଳ ବେଣୀ ।
ଭାଇ କହିଥିଲେ ଖଡ଼ୁ ଦେବା ପାଇଁ, ନାହିଁ କଲେ ନୂଆ ବୋହୂ ଗୋ,
ଫୁଲ ବଉଳ ବେଣୀ ।
ଭାଇ ତ ଆମର ଚନ୍ଦ୍ର ବଦନ ଭାଉଜ ମନ୍ଥରକାଣ୍ଡ ଗୋ,
ଫୁଲ ବଉଳ ବେଣୀ ।
(ପଲ୍ଲୀଗୀତ ସଞ୍ଚୟନ)

× × ×

ମେଘ ପକାଉଛି ଦୁମୁ ଦୁମୁକ ଲୋ ଦୁମୁକା ପୁଷୁରୀ ଡେଇଁ,
ରାଣୀ କାନ୍ଦୁଥିଲେ ଫୁଲ ଗଛମୂଳେ ସୁଆର ଚଢ଼ିବା ପାଇଁ ।
ଆମର ସୁଆର ଦରବାରିଆ ଲୋ ଗଲାଣି କଣ୍ଟକ ଡେଇଁ ।
କଣ୍ଟକ ଭିତରେ ସୁନୁସୁନିଆ ଲୋ ବରଜ ଭିତରେ ପାନ ।
ପାନ ଖାଇ ପିକ ଢାଳି ଦେଉଛି ଲୋ ଚନ୍ଦନ ଯାତର ଦିନ ॥
ଚନ୍ଦନ ଚାଟିଆ ଗୃହେ ଖୋସିଲି ଲୋ ଗୃହେ ଗୃହେ ମହକିଲା ।
ଶିବ ଦେଉଳକୁ ବନ୍ଦଉ ବନ୍ଦଉ କାନ୍ତ ଆସି ପହଞ୍ଚିଲା ॥"
(ପଲ୍ଲୀଗୀତ ସଞ୍ଚୟନ)

× × ×

"ପାର୍ବତୀ ଆଗେ ମହାଦେବ ବଏଲେ ରାମ ରାବନର କାହାଣୀ ।
ସମୁଦର୍ ତୀରେ ରାମର ଦୂତେ କେନ୍ତା କରୁଛନ୍ତି ଭାଲ୍ନା ।
ଜାମ୍ବେବ ବଏଲା ଶୁନ୍ ହନୁମାନ୍ ଆଗର ସମିସ୍ୟା ଗଲା ।
ବୁଢ଼ା ବେଲେ ରାବନ୍ ଚପୋ ଏଡ଼୍କି କରମ କଲା ॥

× × ×

ଶୁଇନ୍ ଆକାଶୁ ଖସି ହନୁମାନ୍ ପାଏନ୍ ଭିତରେ ପଶ୍ଲା ।
ପଦମ୍ ଫୁଲ ବାଗିର୍ ପାନ ଅଧା ଧୂରୁଁ ଦିଶ୍ଲା ॥
ଭୁରତେ ଗଲା ଚହ୍ଟି,
ବାଟେ ଥିଲା ଲଙ୍କ ଦେଖା ପଛେ ଦେଖ୍ଲା ଲେହେଁଟି ।
ଦେଖା ବଏଲା କାହାର୍ ଗୁଟେ ହାତେ ଲେଞ୍ଜ୍ ଲମ୍ବିଛେ ।
ହାଡ୍‌ଗୋଡ଼୍ ଡେଙ୍ଗ୍ ଡେଙ୍ଗ୍ ମୁହେଁଟା ମାକର୍ ଦିଶୁଛେ ॥
ବନା ହାକେ ମର୍ସି,
ଇପାରେ ସେପାରେ ଡୁଙ୍ଗାଡୁଙ୍ଗି ଖୁଜ୍ଲା ମିତାର କର୍ସି ॥

× × ×

Digitized by PPRACHIN, SOA

ହନୁମାନ୍ ବୀର୍ ହେଲେ ବାବା, ବଏଲେ ଇଟା ଅଡ଼ୁଆ ବାବା,
କେନ୍ତା ବୁଦ୍ଧି କର୍‌ସି,
ପରର୍ କାମେ ଆଏଲ୍ ବାଟେ ମାହାଲଆ ମର୍‌ସି ॥"

(ପଲ୍ଲୀଗୀତି ସଞ୍ଚୟନ)

ପଲ୍ଲୀ ଅଞ୍ଚଳର ଗୀତ, ଢଗ, ଢମାଳି, ବାରମାସୀ, କୋଇଲି ଆଦି ସମ୍ବନ୍ଧରେ ସମାଲୋଚକ ଶ୍ରୀ ଚକ୍ରଧର ମହାପାତ୍ର 'ଉତ୍କଳ ଗାଉଁଲି ଗୀତ' ଓ ଅଧ୍ୟାପକ ଡକ୍ଟର କୁଞ୍ଜବିହାରୀ ଦାଶ 'ପଲ୍ଲୀଗୀତି ସଞ୍ଚୟନ' ନାମକ ପୁସ୍ତକ ପ୍ରକାଶ କରି ତାଙ୍କରେ ବିଭିନ୍ନ ଅଞ୍ଚଳର ଗୀତିକା ସଂଗ୍ରହ କରିବାରେ ସଫଳତା ହାସଲ କରିଛନ୍ତି । ତଦ୍‌ବ୍ୟତୀତ ଆହୁରି ହଜାର ହଜାର ସଂଖ୍ୟାରେ ପଲ୍ଲୀଗୀତ ଯେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରିହେବ, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ଝିଅର କାନ୍ଦଣା ମଧ୍ୟ ଗ୍ରାମ୍ୟଗୀତିର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ଅସମୀଚୀନ ନୁହେଁ । ଖୁବ୍ ସମ୍ଭବତଃ 'ମୋଗଲ ଗୋଳ' ଆରମ୍ଭ ହେବା ପରେ ପରେ, ଅର୍ଥାତ୍ ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧଠାରୁ ଓଡ଼ିଶାରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ହୋଇଥିଲା । ସେତିକିବେଳେ କନ୍ୟାଦାୟରୁ ମୁକ୍ତି ପାଇବା ଉଦ୍ଦେଶ୍ୟରେ କନ୍ୟାପିତାମାନେ ଯେକୌଣସି ଘରେ ଘର ଓ ବରର ଯୋଗ୍ୟତା ପ୍ରତି ବାଛବିଚାର ନ କରି କନ୍ୟାଦାନ କରୁଥିଲେ । ଝିଅ ଯୁବତୀ ହୋଇ ଶାଶୁ ଘରକୁ ଯିବା ପୂର୍ବରୁ ଶ୍ୱଶୁର ଘର ତଥା ନିଜର ସ୍ୱାମୀଙ୍କ ସମ୍ବନ୍ଧରେ ଅନେକ ଖବର ଶୁଣି ପିତାମାତାଙ୍କୁ ଧରି ଛନ୍ଦୋବଦ୍ଧ କାନ୍ଦଣା କାନ୍ଦି ତାର ମନୋଭାବ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ତୀବ୍ର ପ୍ରତିବାଦ ଜଣାଏ । ନିରମାଖୀ ପଲ୍ଲୀବାଳା ପିତାମାତାଙ୍କ ଅବିଚାର ବିରୁଦ୍ଧରେ ପ୍ରତ୍ୟକ୍ଷ ବିଦ୍ରୋହ ନ କରି କାନ୍ଦଣା ମାଧ୍ୟମରେ ତାର ଜ୍ଞାତି, ଭାଇ, କୁଟୁମ୍ବ ତଥା ପରିବାରବର୍ଗଙ୍କ ଠାରେ ନିଜର ମନୋଭାବ ଜଣାଇ-ଥାଏ । ତେଣୁ କାଳକ୍ରମେ ଭିନ୍ନ ଭିନ୍ନ ଛନ୍ଦ, ଭାବଧାରା ଓ ବ୍ୟକ୍ତି-ବିଶେଷରେ କାନ୍ଦଣାର ଶୈଳୀ ଓ ଭାଷା ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଉଦାହରଣ ସ୍ୱରୂପ କେତୋଟି କାନ୍ଦଣା ଏଠାରେ ପ୍ରଦତ୍ତ ହେଲା—

"ବାପା ବସିଥିଲେ ଗମ୍ଭୀର ଘରେ ବୋଉ କଲେ ।
ଟଙ୍କା ପଡ଼ିଥିଲା ଦ'ପଦରେ ବୋଉ କଲେ ।

Digitized by PPRACHIN, SOA

ମୋହର ଯେମନ୍ତ ନିଶ୍ୱାସ ଥିବ   ବୋଉ କହେ ।
ଟଙ୍କା ବାରକୋଡ଼ି ଅଙ୍ଗାର ହେବ   ବୋଉ କହେ ।

× × ×

ଗାଈ ମୂଲେଇଲ ସଭାରେ ବସି ………
ଝିଅ ମୂଲେଇଲ କୋଠାରେ ବସି ………
ଗାଈ ମୂଲେଇଲ ଟଙ୍କା ଧଇଲ ………
ଝିଅ ମୂଲେଇ କି ଫଳ ପାଇଲ ………

(ଓ: ଗା: ଗୀ:)

ଆଇଲାଣି କଂସ ବାଜା ବଜେଇ ଲୋ, ମୋ ମାତାମାନେ
ମୋ ମାତା କୋଳରୁ ନେବ ଛଡ଼ାଇ ଲୋ, ,,
ଆଉ ପଡ଼ିଶିଆ ମହତା ପାନ ଲୋ, ,,
ଆଉ କି ଦେଖିମି ଜନମ ଥାନ ଲୋ, ,,

× × ×

କହୁଥିଲ କଲକତିଆ ଜୋଇଁ ଲୋ, ,,
ପାନକ ଆଣିଛୁ ଛଡ଼ିଶି ନାହିଁ ଲୋ, ,,

× × ×

ବନସ୍ତ ଭିତରେ ଗୋଟିଏ ଘର, ଲୋ ମା !
କେହି ନ ପଶନ୍ତି ବାଘ ଭୟର, ଲୋ ମା !
ପଶିଗଲେ ବାପା କେଉଁ ଲୋଭର, ଲୋ ମା !”

ଗାଁଗହଳର ଅଶିକ୍ଷିତା ଝିଅବୋହୂଙ୍କ ରଚନା ହୋଇଥିଲେହେଁ, ସାହିତ୍ୟିକ ମୂଲ୍ୟବୋଧ ଦୃଷ୍ଟିରୁ ‘କାନ୍ଦଣା’ ଗୁଡ଼ିକର ସ୍ଥାନ ଯେ ଯଥେଷ୍ଟ ଉଚ୍ଚରେ, ଏହା ଅସ୍ୱୀକାର କରାଯାଇପାରିବ ନାହିଁ । ବିବାହ ସମ୍ବନ୍ଧରେ ସମାଜର ଦୃଷ୍ଟିକୋଣ ବଦଳିବା ସଙ୍ଗେ ସଙ୍ଗେ ‘କାନ୍ଦଣା’ ଧୀରେ ଧୀରେ ଲୋପ ପାଇଯାଉଛି ଏବଂ ଏପରିକି ସହର ଅଞ୍ଚଳରେ କାନ୍ଦଣାର ପ୍ରଚଳନ ଆଉ ଆଦୌ ଶୁଣିବାକୁ ମିଳୁନାହିଁ । ସେହି ଦୃଷ୍ଟିରୁ ‘କାନ୍ଦଣା’ ଗୁଡ଼ିକର ସଂଗ୍ରହ ଯେ ସାହିତ୍ୟ ପକ୍ଷରେ ଅତ୍ୟନ୍ତ ମୂଲ୍ୟବାନ୍ ଏଥିରେ କୌଣସି ସନ୍ଦେହ ନାହିଁ ।

Digitized by PPRACHIN, SOA

ପଲ୍ଲୀଗୀତ ଓ 'କାନ୍ଦଣା'ପରେ 'ଗୀତସାହିତ୍ୟ'ର ଅତ୍ୟନ୍ତ ଆବଶ୍ୟକୀୟ ଅଙ୍ଗରୂପେ ଚଉତିଶା, ଚଉପଦୀ, ପୋଇ, ଚମ୍ପୂ, ବୋଲି, ପଦଅା, କୋଇଲି, ଭଜନ ଓ ମାଳଶ୍ରୀ, ମଙ୍ଗଳଗୀତ ତଥା ପାଲି ଆଦିକୁ ଗ୍ରହଣ କରାଯାଇପାରେ । ଆଲୋଚନା ପ୍ରସଙ୍ଗରେ ଯଥାକ୍ରମେ ସେଗୁଡ଼ିକ ସମ୍ବନ୍ଧରେ ସଂକ୍ଷିପ୍ତ ସମୀକ୍ଷା ନିମ୍ନରେ ପ୍ରଦତ୍ତ ହେଲା—

ଚଉତିଶା :—

କ ଠାରୁ କ୍ଷ ପର୍ଯ୍ୟନ୍ତ ଚଉତିରିଶଟି ଅକ୍ଷରକୁ ଆଦ୍ୟାନୁପ୍ରାସ ରୂପେ ବ୍ୟବହାର କରି ଓଡ଼ିଆ ସାହିତ୍ୟରେ ଶହ ଶହ ଚଉତିଶା ରଚନା କରାଯାଇଥିବାର ପ୍ରମାଣ ମିଳୁଛି । ଏହି ଚଉତିଶାର ପ୍ରଥମ ପ୍ରବର୍ତ୍ତକ କିଏ, ସେ ସମ୍ବନ୍ଧରେ ସବିଶେଷ ପ୍ରମାଣ ମିଳି ନ ଥିଲେହେଁ ଖ୍ରୀ. ଅ. ପଞ୍ଚଦଶ ଶତାବ୍ଦୀର ପୂର୍ବରୁ ଏହାର ପ୍ରଚଳନ ଦେଶରେ ହୋଇଥିବାର ଅନୁମାନ କରାଯାଇପାରେ ।

ପ୍ରାଚୀନ ସାହିତ୍ୟର ପ୍ରସିଦ୍ଧ ସମାଲୋଚକ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ "ଓଡ଼ିଆ ଗଦ୍ୟ ପଦ୍ୟାଦର୍ଶ"ରୁ ଜଣାଯାଏ ଯେ, ବଚ୍ଛାଦାସଙ୍କ 'କଳସା ଚଉତିଶା' ଓଡ଼ିଆ ସାହିତ୍ୟରେ ପ୍ରାଚୀନତମ ଚଉତିଶା ରୂପେ ପ୍ରଖ୍ୟାତ । ବଚ୍ଛାଦାସଙ୍କ 'କଳସା ଚଉତିଶା'ରେ ପାର୍ବତୀଙ୍କ ବିବାହ ବେଳେ ଶିବଙ୍କ ମାୟାବୃଦ୍ଧବେଶ ଦେଖି, ଦେବୀଙ୍କ ସଖୀ ଓ ହିମାଳୟ-ପତ୍ନୀଙ୍କ ମନୋଭାବ ତଥା ତା ପରେ ଶିବଙ୍କ ଦିବ୍ୟରୂପ ଦେଖି ସମସ୍ତଙ୍କ ଆନନ୍ଦ ସମ୍ବନ୍ଧରେ ଏକ ଖଣ୍ଡକାବ୍ୟର ଅବତାରଣା କରାଯାଇଛି ।

"ସକଳେ ଚଉଠି ସାରି କାଦଖେଳି କଲେ ।
ଛ ସାତ ଅଷ୍ଟମଙ୍ଗଳା ଉଛବ ସାରିଲେ ॥
କ୍ଷିତିପତି ଠାକୁର ସେ କପିଳାସେ ସ୍ଥିତ ।
କ୍ଷୁଦ୍ର ବୁଦ୍ଧି ବଚ୍ଛାଦାସ କଳସା ପଢ଼ନ୍ତ ॥" *

କିନ୍ତୁ ରାଜ୍ୟ ସଂଗ୍ରହାଳୟରେ ବଂଶୀଦାସଙ୍କ ପ୍ରଣୀତ 'ଗଉରୀ କଳସା' ନାମରେ ଖଣ୍ଡିଏ ଅପ୍ରକାଶିତ ଖଣ୍ଡକାବ୍ୟ ସଂରକ୍ଷିତ ହୋଇଛି । ବଚ୍ଛାଦାସଙ୍କ 'କଳସା ଚଉତିଶା' ଓ ବଂଶୀଦାସଙ୍କ 'ଗଉରୀ କଳସା'

* ଓଡ଼ିଆ ଗଦ୍ୟ ପଦ୍ୟାଦର୍ଶ, ପ୍ରାଚୀ ସଂସ୍କରଣ ପୃ. ୮୦

Digitized by PPRACHIN, SOA

ମଧ୍ୟରେ କୌଣସି ବିଷୟଗତ ପାର୍ଥକ୍ୟ ଥିବାର ଦେଖାଯାଏ ନାହିଁ । କେବଳ ସ୍ଥାନେ ସ୍ଥାନେ କେତେକ ପଦର ପରିବର୍ତ୍ତନ ହୋଇଛି ମାତ୍ର ।

"ସ୍ୱଚ୍ଛନ୍ଦେ ଚଉତି ସାରୁ କାଦ ହାଣ୍ଡି କଲେ
× × ×
ଛିଡ଼ ପଡ଼ ଠାକୁରେ ସେ କପିଳାସବାସୀ ।
ଛିଡ଼ ପଡ଼ ବଂଶୀଦାସ କଳସା ଗୀତେ ଭାଷି ॥ ✳

ଖୁବ୍ ସମ୍ଭବତଃ ବଂଶୀଦାସ ଓ ବଚ୍ଛାଦାସ ଏକ ବ୍ୟକ୍ତି ହୋଇପାରନ୍ତି ଏବଂ ନକଲକାରଙ୍କ ଭେଦରେ ଭାଷାର ସାମାନ୍ୟ ପରିବର୍ତ୍ତନ ସମ୍ଭବ ହୋଇଛି । ଓଡ଼ିଆ ସାହିତ୍ୟରେ ବଂଶୀଦାସଙ୍କ ନାମରେ 'ଉଦ୍ଧବ ଚଉତିଶା' ନାମକ ଅନ୍ୟ ଏକ କବିତା ମଧ୍ୟ ମିଳୁଛି ।

ବଂଶୀଦାସ ଓ ବଚ୍ଛାଦାସ ଏକ ବ୍ୟକ୍ତି ହୁଅନ୍ତୁ ବା ନ ହୁଅନ୍ତୁ, 'କଳସା ଚଉତିଶା' ଯେ ଏକ ପ୍ରାଚୀନ ଚଉତିଶା ଏଥିରେ ସନ୍ଦେହ ନାହିଁ ।

'କଳସା ଚଉତିଶା'ର ରଚନା ପରେ ଓଡ଼ିଆ ସାହିତ୍ୟରେ 'ଚଉତିଶା' ଲେଖନର ଧାରା ଅବିଚ୍ଛିନ୍ନ ଭାବରେ ବହିଚାଲିଲା । କବିମାନେ ହରପାର୍ବତୀଙ୍କ ଚରିତ ବର୍ଣ୍ଣନାତ୍ମକ 'କଳସା'ର ପ୍ରଭାବରେ ଅନୁପ୍ରାଣିତ ହୋଇ 'ରାମସୀତା' ଓ 'ରାଧାକୃଷ୍ଣ'ଙ୍କ ଚରିତ ଅବଲମ୍ବନରେ ଅନେକ ଚଉତିଶା ଲେଖିବାରେ ମନ ବଳାଇଲେ । ରାମକୃଷ୍ଣଙ୍କ ଲୀଳାର ଅବଲମ୍ବନରେ ଯେତେ ଚଉତିଶା ଓଡ଼ିଆ ସାହିତ୍ୟରେ ଲେଖାଯାଇଛି—ତାର ସଂଖ୍ୟା ଗଣନା କରିବା ଆଦୌ ସମ୍ଭବ ନୁହେଁ । କାରଣ ବହୁ ଅପ୍ରକାଶିତ ଚଉତିଶା ମଧ୍ୟ ଧୀରେ ଧୀରେ ଲୋକଲୋଚନର ଗୋଚରକୁ ଆସୁଛି । ତଦ୍‌ବ୍ୟତୀତ ବିରହୀ ନାୟକ ଓ ବିରହିଣୀ ନାୟିକାଙ୍କ ସନ୍ଦେଶମୂଳକ ଚଉତିଶା ମଧ୍ୟ ଓଡ଼ିଆ ସାହିତ୍ୟରେ ଅନେକ ଦେଖାଯାଏ । ନାୟିକା କିମ୍ବା ନାୟକ ମେଘ, କୋକିଳ ଆଦି ଆଲମ୍ବନଠାରେ ସନ୍ଦେଶ ବାହକତ୍ୱ ଆରୋପଣ କରି ବିଦେଶସ୍ଥିତ ପ୍ରାଣପ୍ରିୟ ଓ ପ୍ରାଣପ୍ରିୟାଙ୍କ ନିକଟକୁ ସନ୍ଦେଶ ପଠାଇଥା'ନ୍ତି ।

✳ ଓଡ଼ିଶା ମିଉଜିୟମ୍ ପୋଥି, OL/674—D

Digitized by PPRACHIN, SOA

ଚଉତିଶା ମାଧ୍ୟମରେ 'ଚିଠାଉ' ପ୍ରେରଣ ମଧ୍ୟ ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟରେ ଆଉ ଏକ ବିଶେଷତ୍ୱ । ସଂସ୍କୃତ ସାହିତ୍ୟର ପତ୍ରପ୍ରେରଣ ଓ ଦୂତ ମାଧ୍ୟମରେ ସନ୍ଦେଶ ପ୍ରେରଣର ଶୈଳୀକୁ ଅନୁକରଣ କରି ଓଡ଼ିଆ କବିମାନେ 'ଚିଠାଉ' ଲେଖନ ଆରମ୍ଭ କଲେ । କିନ୍ତୁ ସେଗୁଡ଼ିକର ଆଲୋଚନା କଲେ, 'ଚିଠାଉ' ଗୁଡ଼ିକ ଗୋଟିଏ ପ୍ରକାର ଶୈଳୀର ଅନୁକରଣରେ ଲେଖାଯାଇଥିବାର ଜଣାଯାଏ । ପ୍ରତ୍ୟେକ 'ଚିଠାଉ'ରେ 'ନାୟକ' କିମ୍ବା 'ନାୟିକା' ମିଳନ-କାଳୀନ ଅବସ୍ଥାର ବର୍ଣ୍ଣନାପୂର୍ବକ ପତ୍ରପ୍ରେରଣ କରିବା ବ୍ୟତୀତ ଅନ୍ୟ କୌଣସି ଶୈଳୀର ଅନୁକରଣ କରିନାହାନ୍ତି । ତନ୍ମଧ୍ୟରେ ନାୟକନାୟିକାଙ୍କ ସୁରତକାଳୀନ ହାବଭାବ, କେଳି, ଆଲମ୍ବନ ତଥା ଉଦ୍ଦୀପନ ବିଭାବର ସ୍ମରଣପୂର୍ବକ ପତ୍ରପ୍ରେରଣ ହିଁ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । କୃଷ୍ଣ, ରାମ ତଥା କାଳ୍ପନିକ ଚଉତିଶାରୁ ଯଥାକ୍ରମେ କେତୋଟି ଉଦାହରଣ ଏଠାରେ ପ୍ରଦତ୍ତ ହେଲା—

ଗୁପତ ରତି ସିଂଘାର କାଳେ ଗଣ୍ଡେ ଚୁମ୍ବନ ଦେଲି ।
ଗଳାର ମୋତିହାର ଖସିଣ ମୋ ହୃଦେ ଖେଳୁଥିଲି ॥
ଗୁଣମଣିର ମୁକୁତା ହାର ଗୁପତେ ରଖିଥିଲି ।
ଗଲି କେତେହେଁ ଦିନ ଅନ୍ତରେ ପୁଣି ପିନ୍ଧାଇ ଦେଲି ॥

× × ×

ଝୀନବସନୀ କୁନ୍ଦଦଶନୀ ଝିଗଡ଼ି ଯେତେ କଲି ।
ଝିମଣ୍ଟେ ମୁଖ ବିରଙ୍ଗ କରି ଗବାକ୍ଷୁ ଓହ୍ଲାଇଲି ॥

× × ×

ଠୁଳେ ଜାଣିଲି ମୋଠାରେ ତାର ଏଡ଼େ ସୁଦୟା ଚିତ୍ତ ।
ଠିକେ ସେ ହରିଦାସ ଭଜଇ ଉଦ୍ଧର ରାଧାକାନ୍ତ ॥

(ହରିଦାସଙ୍କ 'କୃଷ୍ଣ ଭାଳେଣି' ଚଉତିଶା)

× × ×

ସରସ ବୟସ ରସେ   ରସିବେ ତା ସଙ୍ଗେ ରସେ
ଭାବରେ ସେ ଅତି ସ୍ନେହ ହୋଇ ।
ଶ୍ରମଝାଳେ ଜରଜର   ଶରୀର ହୟା କାତର
ଏତେ ବୋଲି ବାହାର ସେ ହୋଇ ରେ ପୀକବର !

× × ×

Digitized by PPRACHIN, SOA

(ଚଉସ୍ତର)

"ଷୋଭ ବାଣୀ ଗୋପୀଙ୍କର ଶୁଣି ତରଙ୍ଗ ସାଗର
ଛ ଛନ୍ଦେଣ ପିକ ଚଳିଗଲ ।
ଷେମାନଳ ପାଶେ ଯାଇ, କହିଲେ ଦୁଃଖ ମଣାଇଂ
ଛ ଛନ୍ଦେ ଗୋବର୍ଦ୍ଧନ କହିଲ ରେ ପିକବର ।"

(ପିକବର ଚଉତିଶା—କବି ଗୋବର୍ଦ୍ଧନ)

× × ×

ଝାଡ଼ ବନୋଦଆ ନାମ ତାର ଝାଡ଼େ କରଥିଲେ ଖେଡ଼ଘର
ଝୁଲ ହେଉଥିଲେ ଶିଆଳୀ ଲତାରେ
ଶବର ମାଇଲ ତାଙ୍କୁ ଶର, ମୋ କୁନ୍ଦଫୁଲ !

× × ×

ଷଣେ ଦଣ୍ଡେ କର ନାମ ଧର ଛ ଛନ୍ଦେ ସଂସାରୁ ହୁଅ ପାର
ଘୁର ଭଗବାନ ଦାସ ଯେ କହଇ
ଷଣେ ଶରଣ କୃଷ୍ଣପାଦର, ମୋ କୁନ୍ଦଫୁଲ !

(ଭଗବାନ ଦାସଙ୍କ କୁନ୍ଦଫୁଲ ଚଉତିଶା)
ଗ୍ରନ୍ଥ ବିବରଣୀ ପୃ. ୧୬୦

× × ×

ଘନ ପୀନ ଉଚ୍ଚ କୁଚ ଗିରି ଶିଖେ ମଦନ କରୁଛି କେଳି
ଘନ ପଦାବଳୀ କୁଞ୍ଚଲତା ଦେଖି ଆକାଶୁ ଏ ଘନ ମିଳି ଗୋ
ଘନ ଜଘନ ଆରେ,
ଘେନ ବିନତି କରୁଛି ତୋରେ ଗୋ
ଘୋର ଦୁଃଖ ନ ଦିଅ ତୁ ମୋରେ ॥

× × ×

ଠାଣି ଗୁଣସାର ମାରୁଅଛି ବାଣ ଶୁଣରେ ବୀଣାବଚନା
ଠାଣେ ତୋ ନୟନ ପ୍ରାନ୍ତ କୁନ୍ତମାର ରଖ ବାରେ ମୁଂ ତୋ କଣାରେ
ଠାଣି ମଦନ ଶର,
ଠିକଠିକ କରୁଛି ଶରୀର ମୋ,
ଠେକ ରଖ ତୋ କୁଚ ମଧ୍ୟର ଗୋ ।

(ଅଜ୍ଞାତନାମା କବିଙ୍କ 'ଗୃଠୁ ତରଙ୍ଗ' ଚଉତିଶା)

Digitized by PPRACHIN, SOA

କୃଷ୍ଣଲୀଳାମୂଳକ ଚଉତିଶା ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ଶ୍ରୀକୃଷ୍ଣ ବାଳଲୀଳା, ରାସକ୍ରୀଡ଼ା, ମଥୁରାବିଜେ, ଗୋପୀରନ୍ଧ୍ରା, କୃଷ୍ଣ ରାଜେଣି, ଗୋପୀ ବିରହବିରନ୍ଧ୍ରା ତଥା ଭଜନ, କୀର୍ତ୍ତନ ଓ ଜଣାଣ ଆଦି ଭେଦରେ ଶତ ଶତ ଚଉତିଶା ରଚିତ ହୋଇଛି । ତନ୍ମଧ୍ୟରେ ବଂଶୀଦାସଙ୍କ 'ଉଦ୍ଧବ ଚଉତିଶା' (ଗ୍ରନ୍ଥ ବିବରଣୀ ପୃ. ୧୧୦), ଶିଶୁ ଯଦୁଦାସଙ୍କ 'ହଂସଦୂତ ଚଉତିଶା', ପତିତପାବନଙ୍କ 'କମଳବଦନୀ ଚଉତିଶା' (ଗ୍ରନ୍ଥ ବିବରଣୀ ପୃ. ୧୧୯), ଧୀବର ନାୟକଙ୍କ 'ରସକୁମୁଦ ଚଉତିଶା', ଦନାଇ ଦାସଙ୍କ 'ବଡ଼ ଉଦ୍ଧବ ଚଉତିଶା', କବି କୁଅଁରଙ୍କ 'କମଳକାନ୍ତ ଚଉତିଶା', ହରିଦାସଙ୍କ 'ମଥୁରାବିଜେ ଚଉତିଶା', କୃଷ୍ଣ ଦାସଙ୍କ 'ମନବୋଧ ଚଉତିଶା', 'ବଉଳ ଚଉତିଶା', 'ରାଧାକୃଷ୍ଣ ଚଉତିଶା', 'ବିପ୍ରସିଂଘା ଚଉତିଶା', 'ଗୃହିତ୍ରରଙ୍ଗ ଚଉତିଶା' (କବି ଅଜ୍ଞାତ), ବଲ୍ଲଭ ଦାସଙ୍କ 'ରସକଳା ଚଉତିଶା', ଜଗନ୍ନାଥ ଦାସଙ୍କ 'ସଂସାର ମନବୋଧ ଚଉତିଶା', ସଦାନନ୍ଦଙ୍କ 'ଦୂତୀ ଚଉତିଶା', ଗୃନ୍ଦ ଦାସଙ୍କ 'ଗୋପଜୀବନ ଚଉତିଶା', 'କୃଷ୍ଣବିରହ ଚଉତିଶା' (କବି ଅଜ୍ଞାତ), ଦୀନବନ୍ଧୁରାଜ ହରିଚନ୍ଦନ ଓ ଗଜପତି ଗୋପୀନାଥ ଦେବଙ୍କ 'ଜଣାଣ ଚଉତିଶା', ଦୈବଜ୍ଞ ବଳରାମଙ୍କ 'କୋଳାହଳ ଚଉତିଶା' (ଗ୍ରନ୍ଥ ବିବରଣୀ ପୃ. ୨୦୨), ଶ୍ୟାମଘନ ହରିଚନ୍ଦନଙ୍କ 'ହଂସହତ ଚଉତିଶା', ଲୋକନାଥ ବିଦ୍ୟାଧରଙ୍କ 'ଗୋପଲୀଳା ସପ୍ତରାଗ ଚଉତିଶା', 'କୃଷ୍ଣବିଳାପ ଚଉତିଶା' ପ୍ରମୁଖ ଚଉତିଶାଗୁଡ଼ିକ ଓଡ଼ିଆ ସାହିତ୍ୟର ଚଉତିଶା ବିଭାଗରେ ବିଶିଷ୍ଟ ସ୍ଥାନ ଅଧିକାର କରେ ।

ଠିକ୍ ସେହିପରି ରାମ ଚଉତିଶା ମଧ୍ୟ ରାମଜନ୍ମ, ଧନୁଭଙ୍ଗ, ବନବାସ, ବିରହକାଳୀନ ଅବସ୍ଥାରେ ରାମ ଓ ସୀତାଙ୍କ ସନ୍ଦେଶ ପ୍ରେରଣମୂଳକ, କୌଶଲ୍ୟା ଶୋକ, ସୀତା ବନବାସ, ଆଦି ବିଷୟ ଉପରେ ବିଭିନ୍ନ କବିଙ୍କ ଦ୍ୱାରା ଚଉତିଶାର ଅବତାରଣା କରାଯାଇଛି । ଉଦାହରଣ-ସ୍ୱରୂପ କେତୋଟି ଚଉତିଶାର ପଦ୍ୟାଂଶ ଏଠାରେ ଉଦ୍ଧୃତ ହେଲା—

ଖେଳୁ ହସ୍ତୁ ଜାନକୀ ଦେଖିଲେ ମାୟାମୃଗ
ଖଣ୍ଡିଲା ବିଧାତା ମୋତେ କଲା ଏତେ ଯୋଗ,
ଖଟି ଥିଲୁ ଭାଇ ଏକା,
ଖୋଇ ଦେଉ କନ୍ଦମୂଳ କେ ହୋଇବ ଶାଖା ।

× × ×

Digitized by PPRACHIN, SOA

(ଛଅସ୍ତର)

ଛୁଡ଼ିଲୁ ତୁ ମାୟା ମୋହ ଅଇଲୁ ଗୋଡ଼ାଇ
ଛୁଡ଼ିଲୁ ସଂଗ୍ରାମେ ପ୍ରାଣ ତୋର ପ୍ରାୟେ ଯାଇ
ଛନ୍ଦୀ ରବତଳେ ନାହିଂ,
ଛଣେ ନ ରହିଲୁ ଯାଇ ଧନୁରେ ଗୁଣ ଦେଇ ॥

(ଜନାର୍ଦ୍ଦନ ଦାସଙ୍କ 'ରାମ କାରୁଣ୍ୟ ଚଉତିଶା')

ଛଟକ ଦଇବର ଛୁଆ ହରଣୀ, ଛ ଛନ୍ଦ୍ରେ ରାମଚନ୍ଦ୍ର ସୀତା ଘରଣୀ ଯେ ।
ଛଇଳ ଦ୍ୱିଜରାଜ ଖାରକୁ ମଣି, ଛଡ଼ାଇ ସଙ୍ଗୁ ମୋତେ ଦଇବ ଆଣି ଯେ ॥

× × ×

ଝୁରୁ ଯେ ଥିବେ ରାମ ସଙ୍ଗେ ଲକ୍ଷ୍ମଣ,
ଝୁରି ଝୁରିଣ ତନୁ କରିବେ କ୍ଷୀନ ଯେ ।
ଝିମିଣ୍ଟେ ମନ ମୋତେ ନ ପାରେ ମୃଚ୍ଛି,
ଝାଡ଼େ ବିଧାତା ବିହି ବାଦେ ଲଗିଛି ଯେ ॥

(ରାମାନନ୍ଦ ଦାସଙ୍କ 'ସୀତା କାରୁଣ୍ୟ ଚଉତିଶା')

× × ×

ଝାଡ଼ ଭିତରେ ହିନେ ଲୁଚିଲୁ ସଖି ।
ଝିମିଣ୍ଟେ ନ ଦେଖି ମୁଂ ହୋଇଲି ଦୁଃଖୀ ଗୋ ॥
ଝାଡ଼ୁଂ ବାହାର ହୋଇ ତୋଷିଲୁ ମନ ।
ଝୁରୁ ଯେ ଥିବ ସୀତା କାହା ଭୁବନ ଗୋ ॥

× × ×

ଟାଉ ଘୋରି ଟଳେକ ଦେବାର ବେଳେ,
ଟଳି ଗୃହିଂଲୁ ସଖି ପ୍ରେମର ଖେଳେ ଗୋ ॥
ଟଳଇ ମନ ମୋର ତାହା ସୁମରି,
ଟାଳେ ଗୋ ପ୍ରାଣପ୍ରିୟା କେ ନେଲା ହରି ଗୋ ॥

× × ×

ଧରଣୀ ଦଶ ଦିଶ ଅନ୍ଧାର କଲୁ,
ଧବଳ ମୁଖୀ ଯେଣୁ ଦୂର ହୋଇଲୁ ରେ ॥
ଧନୁ ଧରିଣ କମ୍ପା କ୍ଷେତ୍ରୀ ହୋଇଲି,
ଧରଣୀ ମଧ୍ୟେ ଅପକୀର୍ତ୍ତି ପାଇଲି ରେ ॥

(ବଣିଦାସଙ୍କ 'ରାମ ରୋଦନ ଚଉତିଶା')

Digitized by PPRACHIN, SOA

ଅବଶ୍ୟ କୃଷ୍ଣଲୀଳା ତୁଳନାରେ ରାମଚରିତର ଅବଲମ୍ବନରେ ଚଉତିଶା ଗୁଡ଼ିକର ସଂଖ୍ୟା ଖୁବ୍ ବେଶୀ ନୁହେଁ । କାରଣ ମଧ୍ୟଯୁଗର କବିମାନେ ଆଦିରସାତ୍ମକ କବିତା ରଚନାରେ ଯେତେ ସିଦ୍ଧହସ୍ତତା ପ୍ରଦର୍ଶନ କରିଥିଲେ, ଅନ୍ୟାନ୍ୟ ରସ; ବିଶେଷତଃ କରୁଣ ରସର ପରିବେଷଣରେ ସେତେ ନିପୁଣ ନ ଥିଲେ । ଆଦିରସର ପରିପ୍ରେକ୍ଷୀରେ ରାଧା, ଚନ୍ଦ୍ରାବଳୀ ଓ ଅନ୍ୟାନ୍ୟ ଗୋପିକାମାନଙ୍କର ପୂର୍ବରାଗ, ମାନ, ବିରହ, ଅଭିସାର, ମିଳନ ଆଦିର ବର୍ଣ୍ଣନା କରି କବିମାନେ କୃଷ୍ଣ-ଲୀଳାତ୍ମକ ଚଉତିଶାର ରଚନାରେ ଯେପରି ପାରଦର୍ଶିତା ଦେଖାଇଛନ୍ତି, ରାମଚନ୍ଦ୍ରଙ୍କର କଠୋର ଜୀବନବୃତ୍ତିର ଅବଲମ୍ବନରେ ଅନୁରୂପ କାବ୍ୟିକ ପରିପ୍ରକାଶରେ ନୈପୁଣ୍ୟ ଦେଖାଇ ପାରିନାହାନ୍ତି । ତଥାପି ଓଡ଼ିଆ-ସାହିତ୍ୟରେ ବିଷ୍ଣୁଦାସଙ୍କ 'ମାଲ୍ୟବନ୍ତ ଚଉତିଶା', 'ରଘୁବୀର ଚଉତିଶା', ନାରାୟଣ ଦାସଙ୍କ 'ମାଲ୍ୟବନ୍ତ ଚଉତିଶା', ଶ୍ରୀଧର ଦାସଙ୍କ 'ଧନୁଭଙ୍ଗ ଚଉତିଶା', ରାମାନନ୍ଦ ଦାସଙ୍କ 'ଜାନକୀ ବିଚ୍ଛେଦ ଚଉତିଶା', ଶିଶୁଶଙ୍କରଙ୍କ 'ହନୁମାନ ଚଉତିଶା', ଲୋକନାଥ ବିଦ୍ୟାଧରଙ୍କ 'ରାମବିଳାପ', 'ଜାନକୀ ସ୍ମରଣ', 'ରାମ ସ୍ମରଣ', 'ରଘୁବୀର ଓ ଧନୁଭଗ୍ନ ଚଉତିଶା', କିଶୋର ଦାସଙ୍କ 'ବୈଦେହୀ ଚଉତିଶା' ଆଦି ଓଡ଼ିଆ ସାହିତ୍ୟକ୍ଷେତ୍ରରେ ବେଶ୍ ପ୍ରଭାବ ବିସ୍ତାର କରିପାରିଛି ।

ରାମ ଓ କୃଷ୍ଣଙ୍କ ଲୀଳାମୂଳକ ଚଉତିଶାର ପରିପ୍ରସ୍ଥର ସଙ୍ଗେ ସଙ୍ଗେ କାଳ୍ପନିକ ଚରିତକୁ ଉପଜୀବ୍ୟ କରି ଶତାଧିକ ଚଉତିଶା ବିଭିନ୍ନ କବିଙ୍କ ଦ୍ୱାରା ରଚିତ ହୋଇଛି । ସେହି ଧରଣର ଚଉତିଶା ଗୁଡ଼ିକର ଆଲୋଚନା କଲେ ଜଣାଯାଏ ଯେ, ମିଳନକାଳୀନ ଚଉତିଶା ତୁଳନାରେ ବିପ୍ରଲମ୍ଭ ବର୍ଣ୍ଣନାମୂଳକ ଚଉତିଶାର ସଂଖ୍ୟା ବେଶ ଅଧିକ । କାରଣ ମିଳନକାଳୀନ ଚଉତିଶାରେ ନାୟକନାୟିକାଙ୍କର ହାବ, ଭାବ, ହାସ୍ୟ, ବିଳାସ ଆଦିର ପ୍ରାଞ୍ଜଳ ବର୍ଣ୍ଣନାରେ କବି ଯେପରି ଭାବରେ ନିଜର କବିତ୍ୱ ପ୍ରକାଶରେ ଅବକାଶ ପାଇପାରିବେ, ବିପ୍ରଲମ୍ଭକାଳୀନ ଅବସ୍ଥାର ବର୍ଣ୍ଣନାବେଳେ ସ୍ମରଣ ମାଧ୍ୟମରେ ମିଳନକାଳୀନ ସମସ୍ତ ଘଟଣାର ଆଲେଖ୍ୟ; ତତୋଽଧିକ ସ୍ୱତନ୍ତ୍ରତାର ସହିତ ସହଜରେ ଅଙ୍କନ କରିବାର ସୁଯୋଗ ଲାଭ କରିବେ । ଆଜ ମଧ୍ୟ କବିଗୁରୁ କାଳିଦାସଙ୍କ "କାମାର୍ତ୍ତା ହି ପ୍ରକୃତିକୃପଣା ଚେତନାଚେତନେଷୁ" ଶ୍ଳୋକରେ ଯେକୌଣସି

Digitized by PPRACHIN, SOA

ତଥାକଥିତ ଅଶ୍ଳୀଳ ବର୍ଣ୍ଣନା କରି ଆଳଙ୍କାରିକମାନଙ୍କ ନିକଟରୁ କ୍ଷମା ପାଇପାରିବେ । ଏହି ଧରଣର କେତୋଟି ଚଉତିଶାରୁ ଉଦାହରଣ-ସ୍ୱରୂପ କେତେକାଂଶ ଏଠାରେ ଉଦ୍ଧୃତ ହେଲା ।

ଥିର ଗମନା ଧନେ ମୋ କର ଧରିରେ ପଲଙ୍କ ଅଙ୍କରେ ବସିଲା,
ଥିର କରି କର୍ଣ୍ଣରେ ରସନା ଗୃଳ ବେଗେ ଅଧର ପରେ ଚୁମ୍ବ ଦେଲା ରେ
ବିଦ୍ୟୁଲ୍ଲତା,
ଥନ ଲଦଣ ହୃଦପର
ଥରୁ ଯେ ଥିଲା ଗ୍ରମାବର ।
ଥିର କରଣ ଅଙ୍ଗେ ନଖକ୍ଷତ ଦିଅନ୍ତେ ଚମକ ହୋଇଲା କାତର ରେ ॥

× × ×

ନବ ସୁରତ କାଳେ କୋଳେ ଧରନ୍ତେ ବଳେ ଅଧରପାନେ କମ୍ପି ଥାଇ
ନୀବି ଧରନ୍ତେ କରେ ନରୋଧିବାରେ ଧୀରେ ଚୁମ୍ବନେ ମୁଖ ନ ରଖଇ ରେ,
ବିଦ୍ୟୁଲ୍ଲତା,
ନବଢ଼େ ଭିଡ଼ିଧରି ଗଳା,
ନୟନ ବୁଜି ପ୍ରେମଶୀଳା,
ନଖଦନ୍ତ ଘାତରେ ଚମକି ତନୁ ମୋଡ଼ି ଅଜ୍ଞାନ ହୁଅଇ ଅବଳାରେ ॥

(ନାରାୟଣ ଭଞ୍ଜଙ୍କ 'ବିଦ୍ୟୁଲ୍ଲତା ଚଉତିଶା')

× × ×

ମଦାଳସି ଧନେ ବସିଥିଲୁ ମୋର ପାଶେ,
ମଦନସଦନ ଫୁଟି ଦିଶୁଥିଲା ବାସେ ।
ପ୍ରାଣମଣିରେ
ମନ ହେଲା ଯାହା,
ମଦନ ବାହାରେ ଆଉ କେ ଜାଣିବ ତାହା ॥

(ନୃସିଂହ ଭ୍ରମରବରଙ୍କ 'ପ୍ରିୟାବିଚ୍ଛେଦ ଚଉତିଶା')

× × ×

ଚନ୍ଦ୍ରଶେଖର ରିପୁ ବହୁତ ଶ୍ରମ କରି ବିଷ ପୀୟୂଷ ଏକ କଲା,
ଚତୁରୀ ମଣି ଚନ୍ଦ୍ରମୁଖୀ ଚମ୍ପକଗୋରୀ ନୟନ ଅନ୍ତରେ ଥୋଇଲା ରେ,
କଳକଣ୍ଠ,
ଚତୁରୀ ସ୍ୱେଦେରେ ସୁକେଶୀ
ଚେନ୍ଦ୍ରି ଗୃହାଣି ସଙ୍ଗେ ହସି ।
ଚୁମ୍ବଂ ଚୁମ୍ବଂ ଶତକୁ ମୀନ କରି ଲଗାଇ ଚଞ୍ଚଳ ନୟନ ବଡ଼ଶୀରେ ॥

(ବାଣପୁର ହରିଚନ୍ଦନଙ୍କ 'କଳକଣ୍ଠ ଚଉତିଶା')

Digitized by PPRACHIN, SOA

ଏହାପରେ ଖବରରେ ଦେଖିବାକୁ ଗଲେ କାଳ୍ପନିକ ଚଉତିଶା ଗୁଡ଼ିକ ମଧ୍ୟରେ ବିଷ୍ଣୁ ଦାସଙ୍କ ପ୍ରବାସ ବାହୁଡ଼ା ଚଉତିଶା, ମନ୍ଦାକିନୀ ଚଉତିଶା, କ୍ଷତ୍ରିପ୍ରବର ରଘୁନାଥଙ୍କ ସୁମୁଖୀ ଚଉତିଶା, ଗୋକୁଳ ଦାସଙ୍କ ବିଯୋଗିନୀ ଚଉତିଶା, ଶ୍ୟାମଘନ ହରିଚନ୍ଦନଙ୍କ କୋକିଳ ଚଉତିଶା, ଗୋପୀନାଥଙ୍କ ଚମ୍ପତି ଚଉତିଶା, ଉଦ୍ଧବ ଦାସଙ୍କ କଳାଗମନ ଚଉତିଶା, ରାୟସିଂହ ଜ୍ୟେଷ୍ଠରାୟଙ୍କ ରସକାହାଣୀ ଚଉତିଶା, ବଡ଼ଜେନା ହରିଶରଣ ଭଞ୍ଜଙ୍କ ନୀଳକଣ୍ଠ ଚଉତିଶା, ମୁକୁନ୍ଦଦେବଙ୍କ ବା ଚଉତିଶା, ବିପ୍ର ଦାଶରଥି ଦାସଙ୍କ ଅଭିନ (ଅଭିନ୍ନ) ଚଉତିଶା, ନୃସିଂହ ଭ୍ରମରବରଙ୍କ ପ୍ରିୟାବିଚ୍ଛେଦ ଚଉତିଶା, ବଂଶୀ ଦାସଙ୍କ କୋକିଳ ଚଉତିଶା, ଲୋକନାଥ ଦାସଙ୍କ ଯମକସାର ଚଉତିଶା, ନୃପ ଧନଞ୍ଜୟଙ୍କ ପଣ୍ଡିତବୋଧ ଚଉତିଶା, ମରୁଡ଼ି ଚଉତିଶା, ସାମନ୍ତସିଂହାର ମହାପାତ୍ର ଚକ୍ରଧର ଭଞ୍ଜଙ୍କ ନବଘନ, ପ୍ରାଣମଣି, ଜଳଦ, ବନପ୍ରିୟ, ରସିକପ୍ରିୟ, ରସବାରିଧି ଚଉତିଶା ଆଦି ସହୃଦୟ ପାଠକପାଠିକାଙ୍କ ପ୍ରାଣରେ ରସର ଅପୂର୍ବ ହିଲ୍ଲୋଳ ଖେଳାଇଦିଏ ।

ଏତଦ୍‌ବ୍ୟତୀତ ବିରହକାଳରେ ପ୍ରବାସୀ ନାୟକ ନିକଟକୁ ବିରହିଣୀ ନାୟିକାର ପତ୍ର, କିମ୍ବା ନାୟକର ନାୟିକା ନିକଟକୁ ପତ୍ରଲେଖନକୁ 'ଚିଠାଉ ଚଉତିଶା' ନାମରେ ନାମିତ କରାଯାଇ-ପାରେ । ଏପରି ରଚନାରେ ବୃନ୍ଦାବନ ପଟ୍ଟନାୟକ, ତିଗିରିଆ ମାନଧାତା, ନାରାୟଣ ଖରସୁଧା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ବାମଦେବ ପଟ୍ଟନାୟକ, ବିପ୍ର ଦାଶରଥି ଦାସ, ରାମଚନ୍ଦ୍ର ଦାସ, ଗୋପୀନାଥ ହରିଚନ୍ଦନ, ଲୋକନାଥ ବିଦ୍ୟାଧର ଆଦି କବିଙ୍କ ପ୍ରଣୀତ ଅନେକ ଚିଠାଉ ଥିବାର ଦେଖାଯାଏ । ଅବଶ୍ୟ ଚିଠାଉ ଲେଖନ ପଦ୍ଧତି ସାରଳାଦାସଙ୍କ ଯୁଗରୁ ସାହିତ୍ୟରେ ପ୍ରବେଶ କରି ଧୀରେ ଧୀରେ କାବ୍ୟର ନାୟକନାୟିକାଙ୍କ ମଧ୍ୟରେ ପତ୍ରବିନିମୟର ରୀତି ପ୍ରଚଳନ ହେଲା ଏବଂ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଚିଠାଉ ରଚନାର ସ୍ୱତନ୍ତ୍ର ପଦ୍ଧତି ଅନୁସୃତ ହେଲା ।

ଓଡ଼ିଆ ସାହିତ୍ୟରେ ମଧ୍ୟ ଅନେକ ଭକ୍ତ କବିଙ୍କର ଜଣାଣ ଚଉତିଶା, ଭଜନ ଚଉତିଶା ଆଦିର ସ୍ଥାନ ଅତ୍ୟନ୍ତ ଉନ୍ନତବୋଲି କହିଲେ ଅସମୀଚୀନ ହେବ ନାହିଁ । ଏହି ବିଗ୍ରହରେ ଆର୍ତ୍ତତ୍ରାଣ,

Digitized by PPRACHIN, SOA

ମନବୋଧ, ସୋମେଶ୍ୱର ଜଣାଣ, ବାଲୁଙ୍କେଶ୍ୱର ଜଣାଣ, ଲିଙ୍ଗରାଜ ଜଣାଣ, ଲୋକନାଥ ଜଣାଣ, ଶିବ ଆରତିଜଣାଣ, ଭଗବନ୍ତ ଜଣାଣ, ସତ୍ୟ ମହିମା ଧର୍ମ ଆଦି ଚଉତିଶା ବିଭିନ୍ନ ଭକ୍ତକବିଙ୍କ ରଚନାରୁ ନିର୍ଗତ ହୋଇ ସାହିତ୍ୟକ୍ଷେତ୍ରରେ ଭକ୍ତିର ନିସ୍ୟନ୍ଦିଣୀ ଛୁଟାଇବାରେ ସମର୍ଥ ହୋଇଛି ।

ଏହା ବ୍ୟତୀତ କବି ବଳରାମଙ୍କ 'ଗୌର ବିଷ୍ଣୁପ୍ରିୟା ଚଉତିଶା'ରେ ଶ୍ରୀଚୈତନ୍ୟ ଦେବ ଓ ବିଷ୍ଣୁପ୍ରିୟାଙ୍କ ବର୍ଣ୍ଣନା, 'ନିତ୍ୟାନନ୍ଦ ଜଣାଣ ଚଉତିଶା'ରେ ଶ୍ରୀନିତ୍ୟାନନ୍ଦଙ୍କ ବର୍ଣ୍ଣନା ତଥା 'ଗଣେଶସ୍ତୁତି ଚଉତିଶା' ଓ 'କାଳିନ୍ଦୀ ଜଣାଣ ଚଉତିଶା'ରେ ଯଥାକ୍ରମେ ଗଣେଶ ଓ ଲକ୍ଷ୍ମୀଙ୍କ ସ୍ତୁତି ବର୍ଣ୍ଣନା କରାଯାଇଛି । *

କ ଠାରୁ କ୍ଷ ପର୍ଯ୍ୟନ୍ତ ବ୍ୟଞ୍ଜନକୁ ଆଦ୍ୟାନୁପ୍ରାସରୂପେ ବ୍ୟବହାର କରି କେବଳ ଯେ ଚଉତିଶା ରଚିତ ହୁଏ ତା ନୁହେଁ; ଅନେକ କବି ଗୋଟିଏ ପାଦରେ ଅନେକ ବର୍ଣ୍ଣ ବ୍ୟବହାର କରି (କଳାବତୀ ଖଞ୍ଜନାକ୍ଷୀ ଗରୁ ନିତମ୍ବିନୀ), ଗୋଟିଏ ପାଦର ପ୍ରଥମାର୍ଦ୍ଧରେ କ ଓ ଦ୍ୱିତୀୟାର୍ଦ୍ଧରେ ଖ ବର୍ଣ୍ଣର ବିନ୍ୟାସ (କମଳ ନେତ୍ର ହରି ଖଣ୍ଡ ଦୁଃଖ ମୋହରି) ପୂର୍ବକ ଓ ଅନ୍ୟ କେତେକ କବି ପଦର ପ୍ରଥମ ପାଦରେ କ ଓ ଦ୍ୱିତୀୟ ପାଦରେ ଖ କୁ ଆଦ୍ୟାନୁପ୍ରାସ (କାଳିନ୍ଦୀ ମଧ୍ୟେ କମଳ ଫୁଟିଛି, ଖିନିନାକେ ନିରଞ୍ଜନ ଖେଳୁଛି) ଗ୍ରହଣ କରି ଚଉତିଶା ରଚନାରେ ସିଦ୍ଧହସ୍ତତା ଦେଖାଇଛନ୍ତି ।

କେତେକ କବି କ୍ଷ ଠାରୁ କ ପର୍ଯ୍ୟନ୍ତ ଓଲଟ ରୀତିରେ ଓଲଟ ଚଉତିଶା ଗୋମୂତ୍ର ରୀତିରେ (କ, ଛ, ଖ, ହ, ଗ, ସ, ଘ) କ୍ରମରେ, ମେଷଯୁଦ୍ଧ କ୍ରମରେ (କ, କ୍ଷ, ଖ, ହ, ନିୟମରେ,) ଅନ୍ୟ କେତେକ କବି ପଦର କ ଠାରୁ କ୍ଷ ପର୍ଯ୍ୟନ୍ତ ଅକ୍ଷରଗୁଡ଼ିକୁ ଅନ୍ତ୍ୟାନୁପ୍ରାସ ଓ ଆଦ୍ୟପ୍ରାନ୍ତାନୁପ୍ରାସରୂପେ ବ୍ୟବହାର କରି ବର୍ଣ୍ଣବିନ୍ୟାସର କୌଶଳ ପ୍ରଦର୍ଶନ କରିଛନ୍ତି ।

---

* ଓଡ଼ିଆ ଗୀତିକାବ୍ୟ, ଲେଖକ—ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ପୃ. ୧୫୬-୫୭ ।

Digitized by PPRACHIN, SOA

ସାଧାରଣତଃ ଚଉତିଶାରେ ଗୋଟିଏ ରାଗ ବ୍ୟବହୃତ ହୋଇଥିବାର ଦେଖାଯାଏ । କିନ୍ତୁ କେତେକ କବି ଚଉତିଶା ମଧ୍ୟରେ ସାତୋଟି ରାଗ ବ୍ୟବହାର କରି ଚଉତିଶାର ନାମ 'ସପ୍ତରାଗ ଚଉତିଶା' ଦେଇଛନ୍ତି ।

ଏହିପରି ଭାବରେ ଦେଖିବାକୁ ଗଲେ ଓଡ଼ିଆ କବିମାନେ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀଠାରୁ ଆରମ୍ଭ କରି ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚଉତିଶା ରଚନାକ୍ଷେତ୍ରରେ ଅପୂର୍ବ କବିତ୍ୱ ପ୍ରଦର୍ଶନ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ସମର୍ଥ ହୋଇଛନ୍ତି ।

ଚଉପଦୀ :—

ଭାରତୀୟ ଗୀତିସାହିତ୍ୟରେ ଚୌପଦୀ ବା ଚଉପଦୀର ସ୍ଥାନ ଅତି ଉନ୍ନତ । ଖୁବ୍ ସମ୍ଭବତଃ ଓଡ଼ିଆର ଏହି 'ଚୌପଦୀ' ଶବ୍ଦ ସଂସ୍କୃତର 'ଚତୁଷ୍ପଦୀ' ଓ ହିନ୍ଦୀର 'ଚୌପାଈ' ଶବ୍ଦର ଅନୁକରଣରେ ଗଠିତ ହୋଇଛି ।

ସଂସ୍କୃତ, ହିନ୍ଦୀ ଓ ଓଡ଼ିଆରେ ବ୍ୟବହୃତ ଚତୁଷ୍ପଦୀ, ଚୌପାଈ ଓ ଚଉପଦୀ ନାମରେ ନାମିତ ସଙ୍ଗୀତ କେବଳ ଚାରିପଦବିଶିଷ୍ଟ ରଚନା ବୋଲି ବୁଝାଉଥିଲେ ହେଁ ପ୍ରାଦେଶିକ ସାହିତ୍ୟରେ ଏହା ଗୋଟିଏ ଛନ୍ଦବୋଲି ଜଣାଯାଏ । କାରଣ ସ୍ଥଳବିଶେଷରେ ଚାରିପଦରୁ ଅଧିକ ପଦ ଏଥିରେ ସନ୍ନିବେଶିତ ହୋଇଥାଏ । *

ଓଡ଼ିଆରେ 'ଚଉପଦୀ'ର ରଚନା ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରୁ ବ୍ୟବହୃତ ହୋଇଆସୁଛି । ପ୍ରାଚୀନ କବିମାନେ ନିଜ ନିଜର କ୍ଷୁଦ୍ର ସଙ୍ଗୀତଗୁଡ଼ିକୁ ଚଉପଦୀ ନାମରେ ଅଭିହିତ କରିଛନ୍ତି ।**

ଶ୍ରୀଚୈତନ୍ୟ ଦେବଙ୍କ ଓଡ଼ିଶା ଆଗମନ ପରେ ପରେ ରାୟ ରାମାନନ୍ଦ ପଟ୍ଟନାୟକ ପ୍ରଭୃତି କେତେକ କବି ବଙ୍ଗଳା ମିଶା ଓଡ଼ିଆରେ ସଙ୍ଗୀତ ରଚନା କରିଛନ୍ତି ।

"ଛୟେ ଦଣ୍ଡ ବେଲ ଯେବେ ପ୍ରବେଶ ହଇଲ ।
ସ୍ନାହାନ କରିଲ ସାରି କିଷ୍ଣୁ ମନ୍ଦରେ ମିଳିଲ ॥ ୧ ॥

* ଓଡ଼ିଆ ଗୀତିସାହିତ୍ୟ, ଲେଖକ—ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ପୃ. ୭୦
** ତତ୍ରୈବ... ... ..., ପୃ. ୭୧

Digitized by PPRACHIN, SOA

ତବେ କିଷ୍ଣ ସଖାଗନେ ବୋଲେନ ବଚନ ।
ତୁମି ସବ ସ୍ନାନ ସାର ଆସିବ ଅଖନ ॥ ୨ ॥
ଅତ ବୋଲି ଶ୍ୟାମଗୃନ୍ଦ ସୁକୁଞ୍ଚିତ ବାସେ ।
ପିନ୍ଧଲ ସୁଛନ୍ଦତ ନଟବର ବେଶେ ॥ ୩ ॥
ପୁଷ୍ପ ଚନ୍ଦନାଦ୍ଦ ସବ ଶ୍ରୀଅଙ୍ଗେ ମଣ୍ଡିଲ ।
ଘଏ ଘମାନନ୍ଦ ମନ ସେ ପାଦେ ରହିଲ ॥ ୪ ॥ *

ତତ୍ପରବର୍ତ୍ତୀ କାଳରେ କବିମାନେ ଯଥା ଧନଞ୍ଜୟ ଭଞ୍ଜ, ବିଷ୍ଣୁ ଦାସ, ବନମାଳୀ ଦାସ, ଦୀନବନ୍ଧୁ ରାଜ ହରିଚନ୍ଦନ, ରଘୁନାଥ ରାଜ ହରିଚନ୍ଦନ ଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପ୍ରଭୃତି ଶତାଧିକ କବି ସ୍ୱତନ୍ତ୍ରଭାବରେ ବହୁ 'ଚଉପଦୀ' ରଚନା କରି ଓଡ଼ିଆ ସାହିତ୍ୟ 'ଚଉପଦୀ' ବିଭାବଟିକୁ ସମୃଦ୍ଧ କରିଛନ୍ତି । ଉକ୍ତ ଚଉପଦୀଗୁଡ଼ିକ ସ୍ଥଳବିଶେଷରେ ଖଣ୍ଡିଏ ଖଣ୍ଡିଏ ପୋଥିରେ ସଙ୍ଗୃହୀତ ହୋଇ ଚଉପଦୀ ଚନ୍ଦ୍ରୋଦୟ, ଚଉପଦୀମାଳା, ଚଉପଦୀ କଳାପ, ଚତୁର୍ଦ୍ଦଶ ଦୋହଦ ଚଉପଦୀ, ନଖଷତାଷ୍ଟ ଲକ୍ଷଣ ଚଉପଦୀ, ଚଉପଦୀ ଚନ୍ଦ୍ର, ଚଉପଦୀ ଲହରୀ, ଚଉପଦୀ ସାଗର, ଚଉପଦୀ ସଂସାର, ଚଉପଦୀ ସାରସଂଗ୍ରହ, ଚଉପଦୀ ଚିନ୍ତାମଣି, ଚଉପଦୀ ଭୂଷଣ, ଆଦି ନାମରେ ଲୋକସମାଜରେ ପ୍ରଖ୍ୟାତ ହୋଇଥିଲା । ଚଉପଦୀର ରଚନାକ୍ଷେତ୍ରରେ ପୂର୍ବୋକ୍ତ କେତେଜଣ ସୁଖ୍ୟାତ କବିମାନଙ୍କ ବ୍ୟତୀତ ଦୀନକୃଷ୍ଣ ଦାସ, ନାରାୟଣ ଦାସ, କ୍ଷିତୀନ୍ଦ୍ର ବାଲୁଙ୍କେଶ୍ୱର ଜଗଦେବ, ଅଷ୍ଟଦୁର୍ଗ ନାଥ (କବିସୂର୍ଯ୍ୟ ବଳଦେବ ରଥ), ବାଲଜୀ ପଟ୍ଟନାୟକ, ସାଲବେଗ, ଦ୍ୱିଜ ପଦ୍ମନାଭ, ଗଜପତି ଜଗନ୍ନାଥ ନାରାୟଣ ଦେବ, ଦ୍ୱିଜ ରଘୁନାଥ, ନୀଳାମ୍ବର ଭଞ୍ଜ, ଚଣ୍ଡୀ ଦାସ (ବଙ୍ଗୀୟ ନୁହେଁ), ଭଗୀରଥି ରଣା, ଗୌରଚନ୍ଦ୍ର (ପଟ୍ଟନାୟକ ?), ଗୋପାଳକୃଷ୍ଣ (ପଟ୍ଟନାୟକ ?), ନାରାୟଣ ବକ୍‌ସି, ଯଦୁମଣି, ଗଜପତି ମୁକୁନ୍ଦଦେବ, କୃଷ୍ଣଚନ୍ଦ୍ର ନରେନ୍ଦ୍ର, କୃଷ୍ଣ ପଟ୍ଟନାୟକ, ବାମଦେବ ପଟ୍ଟନାୟକ, ଜାନକୀଶରଣ ଭଞ୍ଜ, ବ୍ରଜସୁନ୍ଦର ଦେବ (ଧବଳକୋଟ), ବିଶ୍ୱମ୍ଭର ରାଜେନ୍ଦ୍ର ଦେବ, ନୃସିଂହ ପଟ୍ଟନାୟକ, ଲୋକନାଥ ବୀରବର, ରତ୍ନ ପଟ୍ଟନାୟକ, ମଦନଗୋପାଳ ମହୀପାଳ, ନୃସିଂହ ନରେନ୍ଦ୍ର,

* ବ୍ରଜବୁଲି ଗୀତ, କବି—ରାୟ ରାମାନନ୍ଦ, Cy/112, ପୃ. ୪, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ନକଲ ।

Digitized by PPRACHIN, SOA

ରାମକୃଷ୍ଣ କବିଚନ୍ଦ୍ର, କୁଳମଣି ରାଜେନ୍ଦ୍ର, ନୃପ ପୁରୁଷୋତ୍ତମ ଅନଙ୍ଗଭୀମ, ତ୍ରିଲୋଚନ ରାୟସିଂହ, ଦ୍ୱିଜ ଶ୍ରୀଧର, ପ୍ରଭାକର ମହାପାତ୍ର, ଆନନ୍ଦକନ୍ଦ ଭୀମଦେବ, ପ୍ରେମାନନ୍ଦ ଦାସ, ଚନ୍ଦ୍ରଶେଖର ଗଜେନ୍ଦ୍ର, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଲୋକନାଥ ବିଦ୍ୟାଧର, ବୈଦ୍ୟ ବନମଣି, ସାଧୁଚରଣ ପଟ୍ଟନାୟକ, ବିନାୟକ ସିଂହ, ହରିସାନନ୍ଦ ଗୋସ୍ୱାମୀ ପ୍ରଭୃତି ଶତ ଶତ କବି ଚଉପଦୀ ରଚନାକ୍ଷେତ୍ରରେ ଲେଖଣୀ ଚାଳନା କରି ସୁରସିକ ସଙ୍ଗୀତପ୍ରେମୀ ଓ ସାଧାରଣ ପାଠକଙ୍କ ମହଲରେ ଅମର ହୋଇଛନ୍ତି ।

ସ୍ୱତନ୍ତ୍ର ଭାବରେ ଚଉପଦୀ ରଚନା କରିବା ବ୍ୟତୀତ 'ପାଲି' ଓ 'ପୋଈ' ସାହିତ୍ୟର, 'ଘୋଷା' ବା 'ଡଣ୍ଡକ' ନାମରେ ଅନେକ କବି 'ଚଉପଦୀ' ରଚନା କରିଛନ୍ତି ।

ପୋଈ :—

ଓଡ଼ିଆ ଗୀତିସାହିତ୍ୟର ଅନ୍ୟାନ୍ୟ ବିଭବପରି 'ପୋଈ' ଗୀତିକା ଗୁଡ଼ିକର ସ୍ଥାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହି 'ପୋଈ' କବିତା-ଗୁଡ଼ିକ ସଂସ୍କୃତ 'ପଦୀ'ର ଅପଭ୍ରଂଶବୋଲି ମନେହୁଏ । 'ପଦୀ'ରୁ 'ପଈ' ଓ କାଳକ୍ରମେ ତାହା 'ପୋଈ'ରେ ପରିଣତ ହୋଇଥିବା ଅସମ୍ଭବ ନୁହେଁ ।

ଓଡ଼ିଆ ସାହିତ୍ୟରେ ମିଳୁଥିବା 'ପୋଈ' ଗୁଡ଼ିକରେ ଦୁଇ ପ୍ରକାର ଛନ୍ଦ ଥିବାର ଦେଖାଯାଏ । ଉଭୟ ପ୍ରକାର ଛନ୍ଦକୁ ପରବର୍ତ୍ତୀ କବିମାନେ 'ପୋଈ ଛନ୍ଦ' ନାମରେ ନାମିତ କରିଛନ୍ତି । ତନ୍ମଧ୍ୟରେ ଗୋଟିଏ ଚତୁର୍ବିଂଶ ଅକ୍ଷରବିଶିଷ୍ଟ ତଥା ଦ୍ୱିତୀୟ, ଅଷ୍ଟମ, ଚତୁର୍ଦ୍ଦଶ ଓ ଚତୁର୍ବିଂଶ ଅକ୍ଷରରେ ବିରାମ ବା ଯତିପାତ ହୁଏ ଏବଂ ଅନ୍ୟ ପୋଈଟିର ସ୍ୱର ବିରାମ ଷଷ୍ଠ, ଦ୍ୱାଦଶ ଓ ଦ୍ୱାବିଂଶ ଅକ୍ଷରରେ ହୋଇଥାଏ ।

"ମହୀ, ମହିଳା ପ୍ରଭୃତି, ଇନ୍ଦ୍ର ଗୋପବାର,
ସିନ୍ଦୂର ବନ୍ଧୁକ ବରିଚଲି ।
କହେ, ଯୁଗ ଭଞ୍ଜ ଭୂପ, କସ୍ତୁରୀ କଳାପ,
ପଙ୍କ ଋତୁବର ପ୍ରକାଶିଲି ॥"

(ଯୁଗ ଭଞ୍ଜ ବା ଉପେନ୍ଦ୍ର ଭଞ୍ଜଙ୍କ ବାର ପୋଈ)

Digitized by PPRACHIN, SOA

"ନାନାଛନ୍ଦ ହୋଇ, ମୋହମା ଲଗାଇ
ବଳେ ହର ନେଲ୍ ପରନାରୀ ।
ପବନକୁ ଫାନ୍ଦି, ଗଗନରୁ ଗନ୍ଧ,
ଯେହ୍ନା ନେଉଅଛୁ କରେ ଧରି ॥"

(କଣ୍ଠ ଦାସଙ୍କ 'ନ' ପୋଇ)

ଅଦ୍ୟାପି ପ୍ରାପ୍ତ 'ପୋଇ'ଗୁଡ଼ିକ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧରୁ ଆରମ୍ଭ କରି ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ମଧ୍ୟରେ ପ୍ରାୟ ରଚିତ ହୋଇଥିଲା ଏବଂ ଅନୁସନ୍ଧାନରୁ ଜଣାଯାଏ ଯେ, ଏମାନଙ୍କ ମଧ୍ୟରେ କଣ୍ଠ ଦାସ ବା ନୀଳକଣ୍ଠ ଦାସଙ୍କ 'ନ' ପୋଇ ଖଣ୍ଡିକାବ୍ୟଟି ପ୍ରାଚୀନତମ । ବିଭିନ୍ନ ଅପ୍ରତ୍ୟକ୍ଷ ପ୍ରମାଣ ବଳରେ କବି କଣ୍ଠ ଦାସଙ୍କ ସମୟ ଖ୍ରୀ. ଅ. ୧୬୫୦—୧୭୨୦ ମଧ୍ୟରେ ହୋଇଥିବାର ଅନୁମାନ କରାଯାଏ । †

କବି କଣ୍ଠ ଦାସଙ୍କ ପଦାଙ୍କ ଅନୁସରଣ କରି ଅରକ୍ଷିତ ଦାସଙ୍କ 'ପଚିଶ ପୋଇ', ଉପେନ୍ଦ୍ର ଭଞ୍ଜଙ୍କ 'ଷୋଳ ପୋଇ' (ଉଭୟ ରାମଲୀଳା-ମୂଳକ), କୃଷ୍ଣ କରଙ୍କ 'ପନ୍ଦର ପୋଇ', ସ୍ୱର୍ଣ୍ଣପୁର ଭୂପଙ୍କ ନାମରେ ଭଣିତ 'ଚଉଦ ପୋଇ', ଗିରଧର ଦାସଙ୍କ 'ବାର ପୋଇ', ଯୁଗଭଞ୍ଜ ବା ଉପେନ୍ଦ୍ର ଭଞ୍ଜଙ୍କ 'ବାର ପୋଇ' ଓ 'ଦଶ ପୋଇ', ବ୍ରଜନାଥ ବଡ଼ଜେନାଙ୍କ 'ଦଶ ପୋଇ', ସୁଦର୍ଶନ ଗୁରୁଙ୍କ 'ବାର ପୋଇ' ଓ 'ସାତ ପୋଇ', ଅଚ୍ୟୁତ ଦାସଙ୍କ 'ଛ' ପୋଇ', (ସବୁଗୁଡ଼ିକ କୃଷ୍ଣଲୀଳା-ମୂଳକ) ଓ ଭ୍ରମରବରଙ୍କ 'ସାତ ପୋଇ' ଓ 'ଛ' ପୋଇ', ସତ୍ୟବାଦୀ ଦାସଙ୍କ 'ସାତ ପୋଇ' (ଭଜନ) ଆଦି ରଚିତ ହୋଇଥିଲା ।

ଏତଦ୍‌ବ୍ୟତୀତ 'ରସ ପୋଇ', 'ରାଧାକୃଷ୍ଣ ପୋଇ' ଆଦି କେତେ-ଖଣ୍ଡି ପୋଇ ମଧ୍ୟ ରଚିତ ହୋଇଥିଲା । କିନ୍ତୁ ସେଗୁଡ଼ିକ ସଂଖ୍ୟାବାଚକ ନୁହନ୍ତି । ଉପରୋକ୍ତ ସଂଖ୍ୟାବାଚକ ପୋଇଗୁଡ଼ିକର ବିଶେଷତ୍ୱ ହେଉଛି—ଯେଉଁସଂଖ୍ୟକ ପୋଇ, ସେଥିରେ ସେତିକସଂଖ୍ୟକ ଛାନ୍ଦ ବା ଅଧ୍ୟାୟ ଓ ପ୍ରତ୍ୟେକ ଛାନ୍ଦରେ ସେତିକସଂଖ୍ୟକ ପଦ ଥାଏ । ଅର୍ଥାତ୍ 'ଦଶ ପୋଇ'ରେ ଦଶଟି ଅଧ୍ୟାୟ ଓ ପ୍ରତ୍ୟେକ ଅଧ୍ୟାୟରେ ଦଶଟି ପଦ ରହିଛି ।

---

† 'ଓଡ଼ିଆ କବି ଓ କାବ୍ୟ' ପୃ. ୫୧
ଏବଂ
'ଓଡ଼ିଆ ଗୀତକାବ୍ୟ' ପୃ. ୨୦୯

Digitized by PPRACHIN, SOA

ଓଡ଼ିଆ ଗୀତି କାବ୍ୟଗୁଡ଼ିକ ମଧ୍ୟରେ 'ପୋଇ' ନିଶ୍ଚିତ ବାସ୍ତବିକ୍ ରସିକ, ପାଠକ ଓ ବିଜ୍ଞ ସମାଲୋଚକମାନଙ୍କ ପକ୍ଷରେ ଉପଭୋଗ୍ୟ ହୋଇଛି, ସନ୍ଦେହ ନାହିଁ ।

ଚମ୍ପୂ :—

ସଂସ୍କୃତ ଅଳଙ୍କାର-ଶାସ୍ତ୍ରର ନିୟମାନୁସାରେ 'ଗଦ୍ୟପଦ୍ୟମୟ କାବ୍ୟ'କୁ ଚମ୍ପୂ ନାମରେ ନାମିତ କରାଯାଏ । କିନ୍ତୁ ଉକ୍ତ ଲକ୍ଷଣଟି ପ୍ରକୃତରେ ନିର୍ଦ୍ଦୋଷ ବୋଲି କହି ହେବ ନାହିଁ । କାରଣ ଗଦ୍ୟ କାବ୍ୟ ଓ ନାଟକାଦିରେ ମଧ୍ୟ ଗଦ୍ୟ ଓ ପଦ୍ୟର ସମାବେଶ ହୋଇଛି; ତଥାପି ସେଗୁଡ଼ିକୁ ଚମ୍ପୂ ନାମରେ ନାମିତ କରାଯାଉ ନାହିଁ । ତେଣୁ 'ଚମ୍ପୂ'ର ଲକ୍ଷଣ ନିମ୍ନପ୍ରକାର ହେବା ଉଚିତ । ଜନୈକ ଗବେଷକ ମତ ଦେଇ ଲେଖିଛନ୍ତି—

ଗଦ୍ୟପଦ୍ୟମୟଂ ଶ୍ରାବ୍ୟଂ ରସାଢ୍ୟଂ ଭାବପେଶଳଂ ।
ସାଳଙ୍କୃତଂ ସବନ୍ଧଞ୍ଚ ଚମ୍ପୂକାବ୍ୟମୁଦାହୃତମ୍ ॥ *

ସଂସ୍କୃତ ସାହିତ୍ୟରେ 'ଚମ୍ପୂ'ର ଆରମ୍ଭ ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ବେଳକୁ ହୋଇ ସାରିଥିବାର ପ୍ରମାଣ ଉପଲବ୍ଧ ହୁଏ । କିନ୍ତୁ ଭୋଜଦେବଙ୍କ 'ରାମାୟଣ ଚମ୍ପୂ' ରଚନା ପରେ ପରେ ସଂସ୍କୃତରେ ତ୍ରିବିକ୍ରମଙ୍କ 'ନଳଚମ୍ପୂ', ଅଚ୍ୟୁତ ଶର୍ମାଙ୍କର 'ଭାଗୀରଥୀ ଚମ୍ପୂ' ଓ ଅନ୍ୟାନ୍ୟ ବହୁ ପଣ୍ଡିତଙ୍କ ରଚିତ 'ବିଶ୍ୱଗୁଣାଦର୍ଶ ଚମ୍ପୂ', 'ତତ୍ତ୍ୱଗୁଣାଦର୍ଶ ଚମ୍ପୂ', 'କୁମାରସମ୍ଭବ ଚମ୍ପୂ' ତଥା ଓଡ଼ିଆ କବି ବନ୍ଦିବାକ ଚକ୍ରପାଣିଙ୍କ 'ଗୁଣ୍ଡିଚାବିଜୟ ଚମ୍ପୂ', ବାସୁଦେବ ରଥଙ୍କ ପ୍ରଣୀତ 'ଗଙ୍ଗବଂଶାନୁଚରିତ ଚମ୍ପୂ', ନୀଳାମ୍ବର ଆଚାର୍ଯ୍ୟଙ୍କ 'ଚନ୍ଦନଯାତ୍ରା ଚମ୍ପୂ', କବିରାଜ ଭଗବାନ ବ୍ରହ୍ମାଙ୍କ ରଚିତ 'ଗୁଣ୍ଡିଚା ଚମ୍ପୂ' ଆଦି ପାଠକ, ସମାଲୋଚକ ଓ ଆଳଙ୍କାରିକମାନଙ୍କ ମଧ୍ୟରେ ବିଶେଷ ଲୋକପ୍ରିୟ ହୋଇପାରିଛି ।

ଓଡ଼ିଆରେ ସର୍ବପ୍ରଥମେ କେବେ 'ଚମ୍ପୂ' ରଚନାର ସୂତ୍ରପାତ ହେଲା, ତାହା ଯଥାର୍ଥ ଭାବରେ କହିବା ସମ୍ଭବ ନୁହେଁ । ଆହୁରି ମଧ୍ୟ ଓଡ଼ିଆରେ ରଚିତ 'ଚମ୍ପୂ' ଗଦ୍ୟପଦ୍ୟମୟ ନୁହେଁ; କେବଳ

* A new definition of Champū Kavyas with a critical analysis by D. Pattanayak, Ref: Vāṇivikāśa, 1968, P. 1—8.

Digitized by PPRACHIN, SOA

ପଦ୍ୟମୟ । ତେଣୁ ସେଗୁଡ଼ିକ 'ଚମ୍ପୂ' ନାମରେ ନାମିତ କରିବା ସମୀଚୀନ ନୁହେଁ । କିନ୍ତୁ 'ଚମ୍ପୂଖଣ୍ଡ ଚମ୍ପୂ' ଅର୍ଥାତ୍ ସହୃଦୟମାନଙ୍କ ହୃଦୟରେ ବିସ୍ମୟୋତ୍ପାଦକ କବିତା ହିଁ 'ଚମ୍ପୂ'ରୂପେ ଗୃହୀତ ହୋଇ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ହୋଇଥିବାରୁ ଗଦ୍ୟଭାଗ ନ ଥିଲେ ମଧ୍ୟ ତାକୁ ଚମ୍ପୂ ବୋଲି କୁହାଯାଏ ।

ପୁଣି ଦୋଳମଣ୍ଡପ ସାହିର ବନମାଳୀ ନାମକ ଜଣେ କବି ଖ୍ରୀ. ଅ. ୧୭୫୪ରେ ଭୋଜଦେବଙ୍କ 'ଚମ୍ପୂ'ଟିକୁ ଅନୁବାଦ କରିବା ସଙ୍ଗେ ସଙ୍ଗେ ସ୍ୱକୀୟ ରଚନାରେ କାବ୍ୟଟିକୁ ରସାଣିତ କରି ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । *

ଖଣ୍ଡପଡ଼ାର ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ପୁତ୍ର ମହେନ୍ଦ୍ର ସିଂହ ସାମନ୍ତଙ୍କ ନାମରେ ଭଣିତା ହୋଇଥିବା 'ବୃନ୍ଦାବନଚନ୍ଦ୍ର ବିନୋଦ ଚମ୍ପୂ' ନାମରେ ଖଣ୍ଡିଏ ଚମ୍ପୂକାବ୍ୟ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ରଚିତ ହୋଇଥିଲା । କିନ୍ତୁ ଖଣ୍ଡପଡ଼ାର ବିଦ୍ୱନ୍ମଣ୍ଡଳୀ ତଥା ରାଜବଂଶର ଶ୍ରୀ ଜଗନ୍ନାଥ ସିଂହ ସାମନ୍ତଙ୍କ ଦ୍ୱାରା ପ୍ରତିପାଦିତ ଯୁକ୍ତିରୁ ଜଣାଯାଏ ଯେ, ଉକ୍ତ ଚମ୍ପୂଟିର ପ୍ରକୃତ ପ୍ରଣେତା ହେଉଛନ୍ତି ପୀତବାସ ସିଂହ ସାମନ୍ତ । ଉକ୍ତ ଚମ୍ପୂଟିକୁ ଡକ୍ଟର ଜାନକୀବଲ୍ଲଭ ମହାନ୍ତି ଓଡ଼ିଆ ସାହିତ୍ୟର ପ୍ରଥମ ଚମ୍ପୂରୂପେ ଅଭିହିତ କରିଛନ୍ତି । †

କବିସୂର୍ଯ୍ୟ ବଳଦେବ ରଥଙ୍କ ଚମ୍ପୂଟି ପ୍ରଥମେ ସଂସ୍କୃତର ଚମ୍ପୂ ନିୟମରେ ରଚିତ ହୋଇଥିଲା । ପରେ ଚଉତିଶା ନିୟମରେ ତା'ର ରଚନା କରାଯାଇଛି । ରାଧାକୃଷ୍ଣଙ୍କ ଚରିତ ଅବଲମ୍ବନରେ ରଚିତ 'କିଶୋର ଚନ୍ଦ୍ରାନନ ଚମ୍ପୂ'ଟି ଓଡ଼ିଆ ସାହିତ୍ୟରେ ଏକ ଦୁର୍ଲ୍ଲଭ ଗ୍ରନ୍ଥ । କବିସୂର୍ଯ୍ୟଙ୍କ ପରେ ଓଡ଼ିଶାରେ ବହୁ କବି ଚଉତିଶା ନିୟମର ଅନୁସରଣ କରି 'ଚମ୍ପୂ' ନାମରେ ନାମିତ ଅନେକ ଗୀତ ରଚନା କରିଛନ୍ତି । ଆଲୋଚକମାନେ ସେଗୁଡ଼ିକ ଚଉତିଶା ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିଥାଆନ୍ତି । ଏ ସମ୍ବନ୍ଧରେ ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କ ମତ ଉଲ୍ଲେଖ କରାଯାଇପାରେ ।

---

* ଓଡ଼ିଆ କବି ଓ କାବ୍ୟ, ପୃ. ୯୬—୧୦୭

† ଓଡ଼ିଆ ଗୀତିକାବ୍ୟ, ପୃ. ୬୧୭

Digitized by PPRACHIN, SOA

"କବିସୂର୍ଯ୍ୟଙ୍କ ଚମ୍ପୂ ପ୍ରକୃତରେ ପ୍ରଥମେ ସଂସ୍କୃତରେ ଗଦ୍ୟ ପଦ୍ୟ ମିଶ୍ରିତ ହୋଇ ରଚନା କରାଯାଇଥିଲା । ପରେ 'କ' ପ୍ରଭୃତି ଚଉତିଶ ଗୋଟି ବର୍ଣ୍ଣ ଯଥାକ୍ରମେ ପାଦାଦ୍ୟରେ ବିନ୍ୟାସ କରି ପ୍ରତି ବର୍ଣ୍ଣ ପାଇଁ ପାଞ୍ଚ ଛଅଗୋଟି ପଦ ରଚନା କଲେ । × × ସୁତରାଂ କବିସୂର୍ଯ୍ୟଙ୍କ 'ଚମ୍ପୂ' ଓ ସେହି ଅନୁକରଣରେ ରଚିତ ଅନ୍ୟ କେତେକ ଓଡ଼ିଆ ଚମ୍ପୂ ଏକପ୍ରକାର ଚଉତିଶା କହିଲେ ଅତ୍ୟୁକ୍ତି ହେବ ନାହିଁ ।"*

ଏତଦ୍‌ବ୍ୟତୀତ ଓଡ଼ିଆ ସାହିତ୍ୟରେ କିଶୋରଚନ୍ଦ୍ର ରାଜେନ୍ଦ୍ରଙ୍କ 'ଝୁଲଣ ଚମ୍ପୂ,' ଗୋବିନ୍ଦ ରାଯ଼ଗୁରୁଙ୍କ 'ବୃନ୍ଦାବନ ଚନ୍ଦ୍ରାନନ ଚମ୍ପୂ', ବିଶ୍ୱନାଥ ଦେବ ବର୍ମାଙ୍କ 'ରାଧାଗୋବିନ୍ଦ ଚମ୍ପୂ', ଦାମୋଦର ପଟ୍ଟନାୟକଙ୍କ 'ଜୀବନ ଚମ୍ପୂ', ସାମନ୍ତ ଶ୍ୟାମବନ୍ଧୁ ଦାସଙ୍କ 'ଜାଗ୍ରତ ଚମ୍ପୂ', ନିତ୍ୟାନନ୍ଦ ପ୍ରକାଶ ବ୍ରହ୍ମଚାରୀଙ୍କ 'ମୋହନାନନ୍ଦ ଚମ୍ପୂ', ନବକିଶୋର ମହାନ୍ତିଙ୍କ 'କିଶୋରୀ ବିଳାସ ଚମ୍ପୂ' ତଥା ମହିମାଧର୍ମାବଲମ୍ବୀଙ୍କ 'ବ୍ରହ୍ମଜ୍ଞାନ ଚମ୍ପୂ', 'ମହିମା ଭଜନ ଚମ୍ପୂ' ଓ କାନ୍ତକବିଙ୍କ ରଚିତ ହାସ୍ୟରସାତ୍ମକ 'ଚିଟକ ଚନ୍ଦ୍ରହାସ ଚମ୍ପୂ' ଆଦି ଲେଖାଯାଇଥିବାର ଦେଖାଯାଏ ।

ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭବ ପରି 'ଚମ୍ପୂ' ବିଭବଟି ଅତ୍ୟନ୍ତ ସମୃଦ୍ଧ ହୋଇ ନ ଥିଲେ ହେଁ ନିତାନ୍ତ ଅବହେଳିତ ବୋଲି କୁହାଯାଇ ପାରିବ ନାହିଁ ।

ବୋଲି ସାହିତ୍ୟ :—

ଓଡ଼ିଆ ଗୀତି ସାହିତ୍ୟରେ 'ବୋଲି'ର ପ୍ରଚଳନ ଆଦୌ ଅର୍ବାଚୀନ ବୋଲି ମନେ ହୁଏ ନାହିଁ । ଏହି 'ବୋଲି' ରଚନା ଖ୍ରୀ. ଅ. ସପ୍ତଦଶ ଶତାବ୍ଦୀର ଶେଷଭାଗରୁ ଓଡ଼ିଆ ସାହିତ୍ୟରେ ପ୍ରଚଳିତ ହୋଇଥିବାର ପ୍ରମାଣ ମିଳୁଛି । ସେହିଦିନରୁ ଆଜିଯାଏ ଓଡ଼ିଆରେ ବହୁ 'ବୋଲି' ରଚିତ ହୋଇଛି । ସାଧାରଣତଃ ଗୋଟିଏ କ୍ଷୁଦ୍ର ବିଷୟ ବା ଘଟଣାର ଅବଲମ୍ବନରେ ରଚିତ ଖଣ୍ଡକାବ୍ୟକୁ ଓଡ଼ିଆ ସାହିତ୍ୟରେ 'ବୋଲି' ଆଖ୍ୟା ଦିଆଯାଇଛି । ଖୁବ୍ ସମ୍ଭବତଃ ଏହା ସହଜରେ ବୋଲି (ଗାନ) ଯାଇ ପାରୁଥିବାରୁ ଏ ଧରଣର କବିତାଗୁଡ଼ିକୁ 'ବୋଲି' ନାମରେ ନାମିତ କରାଯାଇଛି । ଆଜିଯାଏ ଓଡ଼ିଆ ସାହିତ୍ୟରେ

* ଚଉତିଶା ନୟମର ବିବିଧ ପ୍ରୟୋଗ, ଲେଖକ—ଅଧ୍ୟାପକ ଗୌରୀକୁମାର ବ୍ରହ୍ମା, 'ସମାଜ' ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା, ୧୯୬୯ ।

Digitized by PPRACHIN, SOA

ଯେତେଗୋଟି 'ବୋଲି' ଉପଲବ୍‌ଧ ହୋଇଛି, ତନ୍ମଧ୍ୟରେ ଅଧିକାଂଶ ଶ୍ରୀକୃଷ୍ଣ ଲୀଳାମୂଳକ ଏବଂ ଅଳ୍ପ କେତୋଟି ମାତ୍ର ସାମୟିକ ଘଟଣାବଳୀ ସମ୍ବନ୍ଧରେ ଲିଖିତ ହୋଇଛି ।

ରସସାଗର ଶ୍ରୀକୃଷ୍ଣ ଲୀଳାମୟୀ ଶ୍ରୀରାଧାଙ୍କ ସହିତ ମିଳିତ ହେବା ଲାଗି ନାନାପ୍ରକାର ବେଶ ସାଜି ଗୋପଦାଣ୍ଡରେ ବୁଲିଥିବାର ଘଟଣା-ବଳୀକୁ ନେଇ ବିଭିନ୍ନ ଲେଖକ ଭିନ୍ନ ଭିନ୍ନ 'ବୋଲି'ର ଅବତାରଣା କରିଛନ୍ତି ।

ସାଧାରଣତଃ 'ବୋଲି'ଗୁଡ଼ିକର ଭାଷା ଅନ୍ୟ କାବ୍ୟକବିତା ତୁଳନାରେ ସରଳ, ସାବଲୀଳ ତଥା ଭାବଗର୍ଭକ ହୋଇଥାଏ । ଅନେକ କ୍ଷେତ୍ରରେ କବିମାନେ ମଧ୍ୟ ପ୍ରାଚୀନ ପଦର ପ୍ରୟୋଗ କରି 'ବୋଲି'ର ମହତ୍ତ୍ୱ ବଢ଼ାଇଛନ୍ତି ।

"ପରିଖା, ଶୋହିବ, ବାହୁନମା, କୁମ୍ଭାଇ, ଜଗୁଜନ, ନବାଣ, ଝୀକାଯୋ, ଧାଉଡ଼, ଧଉର୍ଯ୍ୟ, ଶୋଭିବନ୍ତ, ତରସ୍ତ ଆଦି ।"

ବୋଲିଗୁଡ଼ିକରେ ଭାଷାଦୃଷ୍ଟିରୁ ବିଚାର କରିବା ବ୍ୟତୀତ ବଳରାମ ଦାସଙ୍କ 'ଛତିଶ ଗୁପ୍ତଗୀତା'ରେ 'ଭାରତ ବୋଲି'ର ନାମୋଲ୍ଲେଖ ତଥା ନରସିଂହ ସେଣଙ୍କ 'ଅଜବିଳାପ ବୋଲି' ଉକ୍ତ ବିଷୟକୁ ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ବୋଲି ଧାରଣା ଜନ୍ମାଏ । ମାତ୍ର ସୁଧୀସମାଜ ସମ୍ମୁଖରେ 'ଭାରତ ବୋଲି'ର ସ୍ୱରୂପ ପ୍ରକାଶ ପାଇବା ପୂର୍ବରୁ ସେ ସମ୍ବନ୍ଧରେ କୌଣସି ମତ ଦେବା ଆଦୌ ସମୀଚୀନ ହେବ ନାହିଁ ।

ଆହୁରି ମଧ୍ୟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ 'ବୋଲି'ର ନାମୋଲ୍ଲେଖ ଉକ୍ତ ସାହିତ୍ୟର ପ୍ରାଚୀନତା ସମ୍ବନ୍ଧରେ ସୂଚନା ଦିଏ । ଯାହାହେଉ, ସାମୟିକ ଘଟଣାବଳୀ ମାଧ୍ୟମରେ ରସ ପରିବେଷଣ କରି ସୁରସିକ ପାଠକମାନଙ୍କ ମନରେ ଆନନ୍ଦ ସଞ୍ଚାର କରାଇବା ଉଦ୍ଦେଶ୍ୟରେ 'ବୋଲି' ସାହିତ୍ୟର ଅବତାରଣା କରାଯାଇଛି । ଆଜିସୁଦ୍ଧା ଯେତେଗୁଡ଼ିଏ ବୋଲି ସମାଲୋଚକମାନଙ୍କ ହସ୍ତଗତ ହୋଇଛି ସେଗୁଡ଼ିକୁ ପୌରାଣିକ, କାଳ୍ପନିକ, ବର୍ଣ୍ଣନାତ୍ମକ, ତତ୍ତ୍ୱ ଓ ଉପଦେଶାତ୍ମକ ଏବଂ ଆତ୍ମାନୁଭୂତି-ମୂଳକ ଭେଦରେ ଡକ୍ଟର ଜାନକୀବଲ୍ଲଭ ମହାନ୍ତି ପାଞ୍ଚ ଭାଗରେ ବିଭକ୍ତ କରିଛନ୍ତି ଏବଂ ଅଦ୍ୟାପି ବଳରାମ ଦାସଙ୍କ ପଣସ ବୋଲି, ଶ୍ରୀପଞ୍ଚମୀ

Digitized by PPRACHIN, SOA

ବୋଲ, ମହାଦେବ ଦାସଙ୍କ କାଞ୍ଚନ ବୋଲ ବା କାଚ ବୋଲ (ଗ୍ରନ୍ଥ ବିବରଣୀ ପୃ. ୧୩୩), ଘନକୃଷ୍ଣ ଦାସଙ୍କ ଜ୍ଞାନ ଚୂଡ଼ାମଣି ବୋଲ, ଅଳଙ୍କାର ବୋଲ, ସଂସାରବୋଧନ ବୋଲ, ରଥି ଦାସ ବା ଦାଶରଥି ଦାସଙ୍କ ଅଳଙ୍କାର ବୋଲ (ଗ୍ରନ୍ଥ ବିବରଣୀ ପୃ. ୫୭—୫୯), ସଜ ବୋଲ, ଦାମୋଦର ଦାସଙ୍କ କର୍ଣ୍ଣ ବୋଲ (ଗ୍ରନ୍ଥ ବିବରଣୀ ପୃ. ୧୬୧), ବ୍ରଜ ଦାସଙ୍କ ଘାଟ ବୋଲ, ରାମ ଦାସଙ୍କ ବଳଭଦ୍ର ବୋଲ, ନିଧି ଦାସଙ୍କ ବ୍ୟାଘ୍ର ବୋଲ, ଦ୍ୱିଜ ବନମାଳୀଙ୍କ ରାଧିକା ବୋଲ, ହରେକୃଷ୍ଣ ଦାସଙ୍କ କଂସ ବୋଲ (ଗ୍ରନ୍ଥ ବିବରଣୀ ପୃ. ୨୦୫), ନୃସିଂହ ଭ୍ରମରବରଙ୍କ ଦଣ ବୋଲ, ବାଲୁକେଶ୍ୱର ଦାସଙ୍କ ବସନ ବୋଲ ଓ ରମଣୀ ବୋଲ, ହର ଦାସଙ୍କ ଗୃହ ବୋଲ, ଉପେନ୍ଦ୍ର ଭଞ୍ଜଙ୍କ ବଜାର ବୋଲ, ବ୍ରଜନାଥ ବଡ଼ଜେନାଙ୍କ ଗୋପୀ ବୋଲ ବା ଗୋପୀ କଳାପ ବୋଲ, ଭଗବାନ ଦାସଙ୍କ କୋଳ ବୋଲ (ଗ୍ରନ୍ଥ ବିବରଣୀ ପୃ. ୨୦୪), ଅନନ୍ତ ଦାସଙ୍କ ଗୃହ ବୋଲ, ଗୋପୀନାଥ ନୃପଙ୍କ ଗୋପବାଳୀ ବୋଲ, ଅର୍ଜୁନ ଦାସଙ୍କ ଦଧିମନ୍ଥନ ବୋଲ, ଦେବ ଦାସଙ୍କ ଅନ୍ଧ ବୋଲ, ଦନାଇ ଦାସଙ୍କ ଲଭ ବୋଲ, ଦୈବଜ୍ଞ ଶ୍ରୀକୃଷ୍ଣଙ୍କ ଶ୍ରୀପଞ୍ଚମୀ ବୋଲ, କହ୍ନାଇ ଦାସଙ୍କ ଶ୍ରୀ ବୋଲ, ଗୋବିନ୍ଦ ଦାସଙ୍କ ପୁର ବୋଲ, ମଧୁ ଦାସଙ୍କ ଖୋଷାକଣ୍ଟା ବୋଲ, କେଶବ ଦାସଙ୍କ ବଣିକେଶନ ବୋଲ, ପୁରୁଷୋତ୍ତମ ଦାସଙ୍କ ବାଳଧୂପ ବୋଲ, ନାଥ କବି ଗଙ୍ଗାଙ୍କ ଧୂପ ବୋଲ ତଥା ଅଜ୍ଞାତନାମା କବିଙ୍କ ସଞ୍ଜ ବୋଲ, ସୁବର୍ଣ୍ଣ କେତକୀ ବୋଲ, ଅକ୍ରୁର ବୋଲ, (ଗ୍ରନ୍ଥ ବିବରଣୀ ପୃ. ୫), ଯଦୁ ବୋଲ, ମୁକୁତା ବୋଲ, ଜେମା ବୋଲ, ମର୍କଟ ବୋଲ, ବାନର ବୋଲ, ଶୃଗାଳ ବୋଲ, ଶାଢ଼ୀ ବୋଲ, ରସ ବୋଲ, କର୍କଟ ବୋଲ, ହଂସ ହଂସୁଲି ବୋଲ ପ୍ରଭୃତି ବୋଲ ସାହିତ୍ୟ ସମ୍ବନ୍ଧରେ ପ୍ରକାଶିତ, ଅପ୍ରକାଶିତ ପୁସ୍ତକ ତଥା ବିଭିନ୍ନ କାବ୍ୟରୁ ଉଦ୍ଧୃତମାନ ମିଳୁଛି । ଏତଦ୍‌ବ୍ୟତୀତ ଆମର ଜ୍ଞାନସୀମାର ବାହାରେ ଆହୁରି ଯେ ଅନେକ 'ବୋଲି' ନ ଥିବ, କିଏ କହିପାରିବ ?

ପଦୀ ଓ ପଦିଆ :—

ସଂସ୍କୃତ ସାହିତ୍ୟର 'ପଦ୍ୟ' ଶବ୍ଦରୁ ଓଡ଼ିଆରେ 'ପଦିଆ'ର ସୃଷ୍ଟି ହୋଇଥିବା ଅସମ୍ଭବ ବୋଲି ମନେ ହୁଏ ନାହିଁ । ଅଧ୍ୟାପକ ଡକ୍ଟର ଜାନକୀବଲ୍ଲଭ ମହାନ୍ତିଙ୍କ ଭାଷାରେ କହିବାକୁ ଗଲେ—"ବିଭିନ୍ନ ପଦ

Digitized by PPRACHIN, SOA

ବିଶିଷ୍ଟ ସ୍ୱୟଂସମ୍ପୂର୍ଣ୍ଣ ଛନ୍ଦୋବଦ୍ଧ ରଚନାକୁ ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'ପଦିଆ ଗୀତ' ନାମରେ ନାମିତ କରାଯାଉଥିଲା ।' 'ପୋଇ' ସାହିତ୍ୟ ପର 'ପଦିଆ'ର ବିଶେଷତ୍ୱ ହେଉଛି—ଯେତୋଟି ପଦରେ କବିତାଟି ସମାପ୍ତ ହୋଇଥାଏ, ତଦନୁସାରେ 'ପଦିଆ'ର ନାମକରଣ କରାଯାଏ । ଯଥା 'ଶତେ ପଦିଆ', 'ପଚିଶ ପଦିଆ', 'ଛପନ ପଦିଆ' ଆଦି ।

ସେହିପରି କ୍ଷୁଦ୍ର କବିତାକୁ ମଧ୍ୟ 'ପଦ୍ମ' ନାମରେ ନାମିତ କରାଯାଉଥିଲା । ଓଡ଼ିଆ ସାହିତ୍ୟରେ 'ପଦ୍ମ ଓ ପଦିଆ'ର ପ୍ରଚଳନ ସପ୍ତଦଶ ଶତାବ୍ଦୀ ପୂର୍ବରୁ ହୋଇଥିବାର ଅନୁମାନ କରାଯାଏ ନାହିଁ । ଏହି 'ପଦ୍ମ ଓ ପଦିଆ'ର କବିମାନେ ସାଧାରଣତଃ ବିଦେଶୀ ନାୟକର ଅନୁଚିନ୍ତାକୁ ଉପଜୀବ୍ୟ କରି କବିତା ରଚନା କରିଛନ୍ତି । ନାୟକ ବିଦେଶରେ ଥିବା ସମୟରେ ବିଭିନ୍ନ ଋତୁକାଳୀନ ହାବଭାବରେ ବିମୁଗ୍ଧ ହୋଇ ନାୟିକାକୁ ସ୍ମରଣ କରି ମିଳନକାଳୀନ ରସମୟ ଜୀବନକୁ ମନେ ପକାଇ ବିରହରେ ଅଧୀର ହୋଇପଡ଼ିବା ସଙ୍ଗେ ସଙ୍ଗେ କବିତା ରଚନା କରିଥାଏ । ସେହି ସମୟରେ କେତେବେଳେ ନାୟକ ନାୟିକାର ସହଚରୀ ସମ୍ମୁଖରେ, ଆଉ କେତେବେଳେ ନାୟିକାର ଛବି ଚିତୋଇ (ଚିନ୍ତାକରି) ମନେ ମନେ ପୂର୍ବ ସ୍ମୃତିକୁ ଜାଗ୍ରତ କରାଏ । ଉଦାହରଣସ୍ୱରୂପ କେତୋଟି 'ପଦ୍ମ ଓ ପଦିଆ'ରୁ ଉଦ୍ଧୃତାଂଶ ଏଠାରେ ପ୍ରଦତ୍ତ ହେଲା—

"ପ୍ରଣୟୁ ମନେ କାନ୍ତ ଦୁଃଖୀ ହୋଇ ।
ପ୍ରିୟା ଛବି ପ୍ରତିଦିନ ଚିତୋଇ ॥
ପୁରତେ ଦୂତୀକି କହେ ଏ ଭାଷା ।
ପ୍ରାଣ ପ୍ରଭୁ ମୋର ସେ ମୃଗଦୃଶା ॥
ପଚାରିବୁ ତାକୁ,
ପରାଣ ଗଲେ ରୁଷିବ କାହାକୁ ॥"

(ଅଜ୍ଞାତନାମା କବିଙ୍କ ଛତିଶପଦିଆ)

"ଅଳକାବଳୀର ଶ୍ରୀମୁଖ ଗୃହଂ ।
ଅଳକା ସମ୍ପତ୍ତି ରୁଚଇ ନାହିଂ ॥
ଅଳୀକ ବଚନ ପଦେ ନ କହେ ।
ଅଭିମାନ ଏବେ କମାଇ ବହେ ॥

Digitized by PPRACHIN, SOA

(ଏକାନବେ)

ଅମୃତକାଳ ହେଲେ ଜଗତର ।
ଆବେଦନ କରେ ମୁଁ ଜଗନ୍ନାଥ ॥
ଆଉଜଣ ଉପରେ ଘନସ୍ତମ୍ଭ ତ ।
ଆକର୍ଷଣ କର ଘନ ସ୍ତନତ ॥”
(ଅ ଆ ଆଦ୍ୟାନୁପ୍ରାସରେ ରଚିତ ବ୍ରଜସୁନ୍ଦର
ପଟ୍ଟନାୟକଙ୍କ ଛପନ ପଦଆ)

“ମେଘାଛନ୍ନେ.ଦନେ ସ୍ଵତ ପାହିଲା ।
ବାସରପ୍ରସର ଜଣା ନ ଗଲା ॥
ସେକାଳେ ମୁଁ ସ୍ମରଣର ଆକୁଳେ ।
କର ଯୋଡ଼ଇ ବନ୍ଧୁ ଶ୍ରୀଗୁମୁରେ ॥
ମୋ କଣ୍ଠ କୋମଳା,
ହସି ମୋତିମାଳା ପକାଇଦେଲା ॥”
(ବାଲ୍ମଣରେଣଙ୍କ ପଦ ବା ଗୀତିକା)

“ଅଧୋମୁଖ ଯଦ୍ଧୁଂ ହୋଇଲା ବାଳା ।
ଥକତ ନୋହଇ ନୟନ ଡୋଳା ॥
ମଦନ ପଞ୍ଜରେ ମତ୍ତହେଲ ।
ଗଣ୍ଡେ ଚୁମ୍ବଦେବ ଧନ ବୋଇଲ ॥
ଉହୁଂ ଉହୁଂ କଲା,
କୁସୁମା ପିନ୍ଧା ଶାଢ଼ୀ ମୁଖେ ଦେଲା ॥
ବସନ ଉହାଡ଼େ ଦନ୍ତ ଭିଡ଼ିଲା ।
ମାଣିକ୍ୟ ଆଭାପ୍ରାୟେ ପ୍ରକାଶିଲା ॥
ଚନ୍ଦ୍ରମା ମୁଖରେ ହାସ ପ୍ରକାଶ ।
ଅଧର ପାନକୁ ହେଲ ପ୍ରବେଶ ॥
ଉହୁଂ ଉହୁଂ କଲା,
କୁସୁମା ପିନ୍ଧା ଶାଢ଼ୀ ମୁଖେ ଦେଲା ॥”
(କବି ଗ୍ରାମଦେବଙ୍କ ପଦ ବା ଗୀତିକା)*

---

* ‘କୋଣାର୍କ’, ପ୍ରଥମ ବର୍ଷ, ଚତୁର୍ଥ ସଂଖ୍ୟାରେ ପ୍ରକାଶିତ ସ୍ୱର୍ଗତଃ ବଳ୍ଲଭ ଚରଣ ପଟ୍ଟନାୟକଙ୍କ ‘ଓଡ଼ିଆ ପଦ ସାହିତ୍ୟ’ ଶୀର୍ଷକ ପ୍ରବନ୍ଧରୁ ସଂଗୃହୀତ ।

Digitized by PPRACHIN, SOA

ଏହିପରି ଭାବରେ ଦେଖିବାକୁ ଗଲେ ଓଡ଼ିଆ ସାହିତ୍ୟରେ ବହୁ ଖ୍ୟାତନାମା, ଅଖ୍ୟାତନାମା ତଥା ଅଜ୍ଞାତନାମା କବିଙ୍କର ଅନେକ 'ପଦୀ ଓ ପଦିଆ' ରଚନା ମିଳିପାରିବ । ତନ୍ମଧ୍ୟରେ ନୀଳକଣ୍ଠ ଖାଡ଼ିଙ୍ଗାଙ୍କ ଶହେପଦିଆ, ଭରତ କବିଙ୍କ ଷାଠିଏପଦିଆ, କୃଷ୍ଣସିଂହଙ୍କ ଛପନପଦିଆ, ବାମଦେବ ପଟ୍ଟନାୟକଙ୍କ ଛପନପଦିଆ ଓ ପଚିଶ-ପଦିଆ, କୃପାସିନ୍ଧୁଙ୍କ ଛପନପଦିଆ ଓ ଛତିଶପଦିଆ, ବ୍ରଜସୁନ୍ଦର ପଟ୍ଟନାୟକଙ୍କ ଛପନପଦିଆ, ବୀରବର ମଙ୍ଗରାଜଙ୍କ ଶହେପଦିଆ, ବାସୁଦେବ ଦାସଙ୍କ ପଚିଶପଦିଆ, ବ୍ରଜନାଥଙ୍କ ଛପନପଦିଆ ଆଦି ଓଡ଼ିଶାରେ ଲୋକପ୍ରିୟ ଗୀତିକା ରୂପେ ପ୍ରସିଦ୍ଧି ଲାଭ କରିଛି ।

କୋଇଲି :—

ଓଡ଼ିଆ ସାହିତ୍ୟରେ 'କୋଇଲି'ର ପ୍ରଚଳନ ପୂର୍ବରୁ ସଂସ୍କୃତ ସାହିତ୍ୟରେ 'ଦୂତକାବ୍ୟ' ଅଶେଷ ଖ୍ୟାତି ଅର୍ଜନ କରିଛି । କବିକୁଳ-ଗୁରୁ କାଳିଦାସ ରାମଗିରିରେ ଅଭିଶପ୍ତ ଜୀବନ ଯାପନ କରୁଥିବା ବିରହୀ ଯକ୍ଷର ସନ୍ଦେଶକୁ ଅଳକା ପୁରୀକୁ ପଠାଇ ମେଘଦୂତ ଖଣ୍ଡକାବ୍ୟ ରଚନା କରିଛନ୍ତି । ଖୁବ୍ ସମ୍ଭବତଃ 'ମେଘଦୂତ' ହିଁ ହେଉଛି— ଭାରତୀୟ ସାହିତ୍ୟର ପ୍ରଥମ ସନ୍ଦେଶ ଗୀତିକା । ଏହାର ଅନୁକରଣରେ ସଂସ୍କୃତ ସାହିତ୍ୟରେ ଜମ୍ବୁ କବିଙ୍କ ଚନ୍ଦ୍ରଦୂତ, ଧୋୟୀ କବିଙ୍କ ପବନ-ଦୂତ, ରୂପଗୋସ୍ୱାମୀଙ୍କ ହଂସଦୂତ, ବାଦୀଚନ୍ଦ୍ର ସୂରୀଙ୍କ ପବନଦୂତ, କୃଷ୍ଣ ସାର୍ବଭୌମଙ୍କ ପଦାଙ୍କ ଦୂତ, ବ୍ରଜନାଥ (ଖୁବ୍ ସମ୍ଭବତଃ ବ୍ରଜନାଥ ବଡ଼ଜେନା)ଙ୍କ ମନୋଦୂତ, ବିଷ୍ଣୁଦାସଙ୍କ ମନୋଦୂତ, ହରିଦାସଙ୍କ ହୃଦୟ-ଦୂତ, ବିକ୍ରମଙ୍କ ନେମିଦୂତ, ଲକ୍ଷ୍ମୀଧରଙ୍କ ଶୁକଦୂତ, ଭୋଳାନାଥଙ୍କ ପାନ୍ଥଦୂତ ଏବଂ ଓଡ଼ିଆ କବି ଶ୍ରୀକୃଷ୍ଣ ଶ୍ରୀଚନ୍ଦନଙ୍କ ଅଳିଦୂତ ଆଦି ସନ୍ଦେଶମୂଳକ କାବ୍ୟ ରଚିତ ହୋଇଥିଲି ।

ଓଡ଼ିଆ ସାହିତ୍ୟରେ ପ୍ରଚଳିତ 'କୋଇଲି' ମଧ୍ୟ ସନ୍ଦେଶ ଗୀତିକା । ଏହାର ପ୍ରଚଳନ କବି ମାର୍କଣ୍ଡ ଦାସ (ଆନୁମାନିକ ସମୟ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ)ଙ୍କ ସମୟରୁ ଆରମ୍ଭ ହେଲାଣି । ତେଣୁ କବି ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି'କୁ ଓଡ଼ିଆ 'କୋଇଲି' ସାହିତ୍ୟର ଆଦି ରଚନା ବୋଲି ଅନୁମାନ କରିବା ଅସମୀଚୀନ ନୁହେଁ ।

Digitized by PPRACHIN, SOA

ସଂସ୍କୃତ ସାହିତ୍ୟର ଦୂତକାବ୍ୟଗୁଡ଼ିକରେ ଯେପରି ଆଦିରସର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ, ଓଡ଼ିଆ 'କୋଇଲି' ସାହିତ୍ୟର ଅଧିକାଂଶ ରଚନା କରୁଣରସରେ ରସାଣିତ ହୋଇ ପାଠକମାନଙ୍କ ହୃଦୟରେ ଶୋକର ଏକ କରୁଣ ମୂର୍ଚ୍ଛନା ତୋଳିଦିଏ । ମାର୍କଣ୍ଡ ଦାସଙ୍କ କେଶବ କୋଇଲିରେ ବର୍ଣ୍ଣିତ—

କୋଇଲି, ଖଣ୍ଡକ୍ଷୀର ଦେବି ମୁଁ କାହାକୁ ।
ଖାଇବାର ପୁଅ ଗଲା ମଥୁରାପୁରକୁ ଲୋ,
କୋଇଲି,

× × ×

କୋଇଲି, ଘର ମୋର ନ ମଣନ୍ତି ନନ୍ଦ,
ଘଟଣି ନ ଦିଶେ ପୁର ନ ଥିଲେ ଗୋବିନ୍ଦ ଲୋ,
କୋଇଲି,

କେଉଁ ପାଠକ ହୃଦୟକୁ ଶୋକାଭିଭୂତ ନ କରାଏ ? ସେହିପରି ଶଙ୍କର ଦାସଙ୍କ 'ବାରମାସୀ କୋଇଲି'ରେ କୌଶଲ୍ୟାଙ୍କ ମାତୃହୃଦୟର କରୁଣ ଉକ୍ତି ତଥା ବଳରାମ ଦାସଙ୍କ 'କାନ୍ତ କୋଇଲି'ରେ ଅପହୃତା ସୀତାଙ୍କର କାରୁଣ୍ୟ ପାଠକର ହୃଦୟ ଦ୍ରବୀଭୂତ କରିଦିଏ । କରୁଣରସର ପରିବେଷଣ ଫଳରେ ଦୀର୍ଘ ଚାରି ଶହ ପାଞ୍ଚ ଶହ ବର୍ଷ ତଳର 'କୋଇଲି' କବିତା ଆଜିସୁଦ୍ଧା ରନ୍ଧନଶାଳାର ଓଡ଼ିଆଣୀଙ୍କଠାରୁ ଆରମ୍ଭ କରି ପଣ୍ଡିତ ସଭାର ପ୍ରଗଳ୍ଭ ବକ୍ତାମାନଙ୍କ କଣ୍ଠରେ ନନାଦିତ ହୋଇ-ଉଠୁଛି । ଭାଷାର ସାବଲୀଳତା, ଛନ୍ଦର ସୁଗେୟତା ଏବଂ ପଦ-ଯୋଜନାର ଲାଳିତ୍ୟ 'କୋଇଲି' କବିତାକୁ ଚିରସବୁଜ କରି ରଖିଛି ।

ଓଡ଼ିଆ କୋଇଲି ସାହିତ୍ୟ ମଧ୍ୟରେ ମାର୍କଣ୍ଡ ଦାସଙ୍କ କେଶବ କୋଇଲି (ଗ୍ରନ୍ଥ ବିବରଣୀ ପୃ. ୧୮୭), ବଳରାମ ଦାସଙ୍କ କାନ୍ତ କୋଇଲି (ଗ୍ରନ୍ଥ ବିବରଣୀ ପୃ. ୧୪୩), ଶଙ୍କର ଦାସଙ୍କ ବାରମାସୀ କୋଇଲି, ରାମ ଦାସଙ୍କ କୋଇଲି, ଜଗନ୍ନାଥ ଦାସଙ୍କ ଅର୍ଥ କୋଇଲି, ବୈରାଗୀ ଦାସଙ୍କ ଶିଶୁବେଦ କୋଇଲି, ରଘୁନାଥ ଦାସଙ୍କ କାନ୍ତ କୋଇଲି, କାଶୀ ବସନ୍ତଆଙ୍କ କୋଇଲି (ଗ୍ରନ୍ଥ ବିବରଣୀ ପୃ. ୧୮୮), ଜଗନ୍ନାଥଙ୍କ ଅକ୍ରୂର କୋଇଲି (ଗ୍ରଂ ବିଂ ପୃ. ୧୮୯), ରାମକୃଷ୍ଣଙ୍କ ଯଶୋଦା କୋଇଲି (ଗ୍ରଂ ବିଂ ପୃ. ୧୯୦), ନାଥିଆ ବା ଲୋକନାଥଙ୍କ ଜ୍ଞାନୋଦୟ କୋଇଲି (ଗ୍ରନ୍ଥବିବରଣୀ ପୃ. ୧୯୦),

Digitized by PPRACHIN, SOA

ଦନେଇ ଦାସଙ୍କ ଯଶୋଦା କୋଇଲି, ବିପ୍ର ନରହରିଙ୍କ ରାମମଣ୍ଡ କୋଇଲି, ସଦାନନ୍ଦ ବ୍ରହ୍ମାଙ୍କ ଗୋପିକା କୋଇଲି, ଗୋପାଳକୃଷ୍ଣଙ୍କ ଯଶୋଦା କୋଇଲି, ହନୁମାନ କବିଚନ୍ଦ୍ରଙ୍କ ରାମଶ୍ୟାମ କୋଇଲି ଓ କିଶୋର କୋଇଲି, ସୁଲକ୍ଷଣା ପଟ୍ଟନାୟକଙ୍କ ଧନବନ୍ଧୁ କୋଇଲି, ଅଗଣି ନାୟକଙ୍କ ବାଳବୋଧ କୋଇଲି, ଧନକୃଷ୍ଣଙ୍କ ବସନ୍ତ କୋଇଲି, ଅନନ୍ତଙ୍କ ଅଲେଖ କୋଇଲି, ବଂଶୀଧରଙ୍କ ଅଦ୍ଭୁତ କୋଇଲି, ବେଣୁଧରଙ୍କ ସୁନାପୁଅ କୋଇଲି, କୃଷ୍ଣଚନ୍ଦ୍ରଙ୍କ ରାମକୃଷ୍ଣ କୋଇଲି, ତଥା ବହୁ ଅଜ୍ଞାତନାମା କବିଙ୍କ କୋଇଲି ଆଦି ସୁରସିକ ଓଡ଼ିଆ ପାଠକ ଓ ବିଜ୍ଞସୁ ସମାଲୋଚକମାନଙ୍କ ହସ୍ତଗତ ହୋଇଛି । ପରବର୍ତ୍ତୀ ଅନୁସନ୍ଧାନ ଫଳରେ ଆହୁରି ଅନେକ 'କୋଇଲି' ମିଳିବାର ସମ୍ଭାବନା ରହିଛି ।

ଜଣାଣ ବା ଭଜନ ଓ ମାଳଶ୍ରୀ :—

ବହୁ ପ୍ରାଚୀନ କାଳରୁ ଓଡ଼ିଶା ଏକ ସର୍ବଧର୍ମସମନ୍ୱୟର ପୀଠରୂପେ ଖ୍ୟାତିଲାଭ କରିଆସୁଛି । ସମୟାନୁକ୍ରମେ ଓଡ଼ିଶା ଜୈନ, ବୌଦ୍ଧ, ଶୈବ, ଶାକ୍ତ ତଥା ବୈଷ୍ଣବମାନଙ୍କର ଏକ କ୍ରୀଡ଼ାସ୍ଥଳୀରୂପେ ପରିଚିତ । ଗୋଟିଏ ଗୋଟିଏ ଧର୍ମମତବାଦ ପରେ ଆଉ ଗୋଟିଏ ଗୋଟିଏ ଧର୍ମମତର ପ୍ରାଧାନ୍ୟ ବଢ଼ି ଉଠିଥିବା ଏ ଦେଶର ବିଶେଷତ୍ୱ । ଏ ଦେଶର ପରମାରାଧ୍ୟ ଶ୍ରୀଜଗନ୍ନାଥଙ୍କୁ କାଳକ୍ରମେ ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବମାନଙ୍କର ଦେବତାରୂପେ ସମସ୍ତେ ଦାବି କରି ଆସିଛନ୍ତି ଏବଂ ବିଭିନ୍ନ ରାଜବଂଶର ଉତ୍‌ଥାନ ପତନ ସଙ୍ଗେ ସଙ୍ଗେ ଓଡ଼ିଶାରେ ଭିନ୍ନ ଭିନ୍ନ ମତବାଦ ମୁଣ୍ଡଟେକି ଉଠିଛି । ସେଥିସହିତ ତାଳଦେଇ ସେହି ସେହି ଧର୍ମମତବାଦର ଭକ୍ତମାନେ ଶ୍ରୀଜଗନ୍ନାଥଙ୍କୁ ସ୍ତୁତି ବା ଭଜନ କରି ଆସୁଛନ୍ତି । ତେଣୁ ଏ ଦେଶରେ ବିଭିନ୍ନ ଭକ୍ତଙ୍କ ଦ୍ୱାରା ଭିନ୍ନ ଭିନ୍ନ ସମୟରେ କାଳର ଗତି ଅନୁସାରେ ବିଭିନ୍ନ ପ୍ରକାର ସ୍ତୁତିସ୍ତୋତ୍ର ବା ଭଜନ ଜଣାଣ ରଚିତ ହୋଇଛି । ସେହି ଭଜନ ବା ଜଣାଣ ପ୍ରଥମେ ସଂସ୍କୃତରେ ରଚିତ ହେବାପରେ ତାର ସ୍ଥାନ ପ୍ରାଦେଶିକ ଭାଷା ଅଧିକାର କରିବା ସ୍ୱାଭାବିକ ।

ଓଡ଼ିଆ ବୈଷ୍ଣବମାନେ ବିଷ୍ଣୁଙ୍କର ବିଭିନ୍ନ ଅବତାର ଯଥା ରାମ, କୃଷ୍ଣ, ଜଗନ୍ନାଥ ଆଦି ଦେବଙ୍କ ଉଦ୍ଦେଶ୍ୟରେ ଭଜନ ଗାନ କରିଥିବାବେଳେ ଶୈବମାନେ ଲୋକନାଥ, ଲିଙ୍ଗରାଜ, କପିଳେଶ,

Digitized by PPRACHIN, SOA

ସିଂହନାଥ, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର, ଧବଳେଶ୍ୱର, ଗ୍ରାମଲିଙ୍ଗେଶ୍ୱର ଆଦି ଶିବଙ୍କର ବିଭିନ୍ନ ନାମଭେଦର ଭଜନ ଗାନକରିଛନ୍ତି । ଠିକ୍ ସେହିପରିଭାବେ ଶାକ୍ତମାନେ କାଳୀ, ତାରା, ଲକ୍ଷ୍ମୀ, ଦୁର୍ଗା, ଚଣ୍ଡୀ, ମଙ୍ଗଳା, ଭଗବତୀ, ଭଦ୍ରକାଳୀ, ସମଲେଶ୍ୱରୀ, ଚର୍ଚ୍ଚିକା, ସାରଳା, ବିମଳା ଓ ଗ୍ରାମଚଣ୍ଡୀ ଆଦି ଦେବୀଙ୍କୁ ସ୍ତୁତି କରି ଅଭୀଷ୍ଟ ପ୍ରାର୍ଥନା କରିଛନ୍ତି । ଅବଶ୍ୟ ଶେଷୋକ୍ତ ଦେବୀ ଭଜନଗୁଡ଼ିକୁ କେତେକ ସ୍ଥଳରେ ଭକ୍ତମାନେ ମାଳଶ୍ରୀ ନାମରେ ନାମିତ କରିଥିବାର ଦେଖାଯାଏ ।

ଆହୁରି ମଧ୍ୟ ଜ୍ଞାନମିଶ୍ରା ଭକ୍ତିର ଉପାସକ ତଥା ଅଲେଖ ବା ବୌଦ୍ଧତାନ୍ତ୍ରିକମାନେ ନିରାକାର ପୁରୁଷଙ୍କୁ ନିର୍ଗୁଣ ଉପାସନାରେ ପ୍ରତ୍ୟକ୍ଷ କରିବା ଅଭୀଷ୍ଟପ୍ରାପ୍ତି, ତଥା ସ୍ୱମତବାଦର ପରିପ୍ରଚାର ଉଦ୍ଦେଶ୍ୟରେ ଶରୀର ଅର୍ଥ ଭଜନର ଅବତାରଣା କରିଛନ୍ତି ।

ଏହି ଭଜନ ଜଣାଣ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଯେତେ ଭଜନ ବା ଜଣାଣ ରଚିତ ହୋଇଛି ତା'ର ସଂଖ୍ୟା ସ୍ଥିର କରିବା କେବଳ ଦୁରୂହ ନୁହେଁ, ଅସମ୍ଭବ ମଧ୍ୟ । ଏହି ଭଜନ ବା ଜଣାଣର ପ୍ରଚାର ଓଡ଼ିଶାରେ ଖ୍ରୀ. ଅ. ୧୫ଶ ଶତାବ୍ଦୀରୁ ଆରମ୍ଭ କରି ଅଦ୍ୟାପି ଜନଜୀବନରେ ଅପୂର୍ବ ସ୍ଫୂର୍ତ୍ତି ପ୍ରଦାନ କରୁଛି ।

କେବଳ ହିନ୍ଦୁଭକ୍ତ କାହିଁକି, ମୁସଲ୍‌ମାନ କୁଳରେ ଜାତ ହୋଇଥିବା ଭକ୍ତ ସାଲବେଗ ମଧ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁ ତଥା ଶ୍ରୀକୃଷ୍ଣଙ୍କ ଭଜନ ଗାନରେ ତଲ୍ଲୀନ ହୋଇ ଉଠିଛନ୍ତି । ତାଙ୍କର କଣ୍ଠରୁ ନିସୃତ ହୋଇଛି—

"ମୋତେ ସେହିରୂପ ଦେଖାଅ ହରି,
ଜୟଶ୍ରୀ ରାଧେ ରାଧେ ବୋଲି ଡାକେ ବାଂଶୁରୀ

× × ×

ଡାହାଣେ ଶ୍ରୀ ହଳପାଣି ମଧ୍ୟେ ସୁଭଦ୍ରା ଭଉଣୀ ।
ବାମପାଶେ ବସିଛନ୍ତି ଶଙ୍ଖ ଚକ୍ର ଗଦାଧାରୀ ॥
କହେ ସାଲବେଗ ହୀନ ଜାତିରେ ଅଟେ ଯବନ
କଂସ ଅସ୍ତ୍ରମଲ୍ଲ ମାରି କାହାକୁ ନ ଅଛି ତାରି" ॥ *

* ରତ୍ନରେଖା ଜୟନ୍ତୀ ଗ୍ରନ୍ଥ—ପୃ. ୧୫୧

Digitized by PPRACHIN, SOA

କେବଳ ପୁରୁଷମାନେ ନୁହନ୍ତି, ନାରୀଭକ୍ତମାନେ ନିଜର ଦୁଃଖ ଜଣାଇ ପରମେଶ୍ୱର ଶ୍ରୀଜଗନ୍ନାଥ ଆଦି ବହୁ ଦେବଦେବୀଙ୍କ ସ୍ତୁତି କରିଛନ୍ତି । ସେହି ମହୀୟସୀ ନାରୀମାନଙ୍କ ମଧ୍ୟରେ ନାରୀକବି ମାଧବୀ ଦାସୀ (ଶ୍ରୀଚୈତନ୍ୟ ଦେବଙ୍କ ସମକାଳୀନା)ଙ୍କ କଣ୍ଠରୁ ଭକ୍ତିଭାବର ନିର୍ମଳଧାରା ନିର୍ଗତ ହୋଇ ଭକ୍ତମାନଙ୍କ ପ୍ରାଣରେ ଅପୂର୍ବ ଶିହରଣ ଆଣିଦେଇଛି ।

"ଚକାନୟନ ହେ ଜଗୁଜୀବନ ଶ୍ରୀହରି,
କାତରେ ଜଣାଣ କରୁଛି ଛାମୁରେ,
ଶୁଣ ପ୍ରଭୁ ଶ୍ରୁତି ଡେରି ॥
କେତେ ସଙ୍କଟୁ କାହାକୁ ରଖିନାହିଁ,
ଦୟାଳୁ ସାରଙ୍ଗ ଧାରୀ ।
ତା' ବାର୍ତ୍ତି ବସିଲେ ପୋଥିକର ପାଠ
କି ବର୍ଣ୍ଣିବ ଏ ପାମରୀ ॥

× × ×

ମୁ ଛାର ନିର୍ମାଖୀ ତୁମର ସେବକୀ –
ପଣକୁ ଅଯୋଗ୍ୟ ନାରୀ ।
କରୁଛି ବିଇନ ଯୋଡ଼ି କର ବେନି,
ଶୁଣ ମାଧବୀ ଗୁହାରୀ" ।*

ଓଡ଼ିଆ ସାହିତ୍ୟରେ ଜଣାଣ ବା ଭଜନ ତଥା ମାଳଶ୍ରୀ ରଚୟିତା ମଧ୍ୟରେ ଗୋରେଖନାଥ—

(କହନ୍ତି ଗୋରେଖ ଶୁଣ ହେ ସୁଜନେ ସାଧୁଚରଣରେ ଲୋଟି ।
ହରିନାମକୁ ଯେ ଖଣ୍ଡିର କରଇ ମୁଧୁନାଂ ଯାଏ ତା ଫାଟି ॥
O.L./1270 ବ୍ରହ୍ମଜ୍ଞାନଭଜନ, ଓଡ଼ିଶା ମ୍ୟୁଜିଅମ୍ ପୋଥି)

ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ (ଭଜନତତ୍ତ୍ୱ ଓ ଅନ୍ୟାନ୍ୟ) ଯଶୋବନ୍ତ ଦାସ (ଆଗତସାର ଭଜନ ଓ ଅନ୍ୟାନ୍ୟ) ବାଳଙ୍ଗା ଦାସ, ବାରଙ୍ଗ ଦାସ, କୃଷ୍ଣଦାସ, ଗୋବିନ୍ଦ ଭଞ୍ଜ, ଦ୍ୱାରକା ଦାସ, କୃପାସିନ୍ଧୁ ଦାସ, କବି ନୀଳକଣ୍ଠ,

* ରାସ୍ତ୍ରଭାଷା ଜୟନ୍ତୀ ଗ୍ରନ୍ଥ,—ପୃ. ୧୪୭

Digitized by PPRACHIN, SOA

ନିତ୍ୟାନନ୍ଦ ଦାସ, ବଲ୍ଲଭ ଦାସ, ପୁରୁଷୋତ୍ତମ ଦାସ, ସାଲବେଗ, ରସାନନ୍ଦ ଦାସ, ଦୀନବନ୍ଧୁ ରାଜ ହରିଚନ୍ଦନ, ଗୋପୀନାଥ ତ୍ରିଲୋଚନ ସୁର, ବୀରକିଶୋରଦେବ, ଜୟକୃଷ୍ଣ ଦାସ, ଚଣ୍ଡୀଦାସ (କେହେ ଚଣ୍ଡୀ ଦାସ କହିଛନ୍ତି ଆସ ସାଧୁ ସନ୍ଥଙ୍କର ପାଦ ରଜକୁ), ଆରତି ଦାସ, ରାମଦାସ, ବାମଦେବ (ପଟ୍ଟନାୟକ ?) ଗଜପତି ମୁକୁନ୍ଦଦେବ, ସ୍ୱପ୍ନାନନ୍ଦ, ଭଗୀରଥି, ପୁରୁଷୋତ୍ତମ ଦାସ, ନାଥିଆ, ମାଗୁଣି ଦାସ, ନରୋତ୍ତମ ଦାସ—

(ବୈଷ୍ଣବ ଗୋସାଇଁ ଗୁରୁ ପୂରଅ ମନେ ଆଶ,
ପ୍ରାର୍ଥନା କରଇ ସଦା ନରୋତ୍ତମ ଦାସ) ।

ଦ୍ୱିଜ ବିଶ୍ୱନାଥ, ରଘୁ ଅରକ୍ଷିତ, ବନମାଳୀ ଦାସ, ଖଡ଼ସୋଧା (ପଟ୍ଟନାୟକ ?) ପରମାନନ୍ଦ ଦାସ, ବିପ୍ର ନରହରି (ଭଗବତୀ ଠାକୁରାଣୀ ଜଣାଣ O.L./531 ଓଡ଼ିଶା ମ୍ୟୁଜିଅମ୍ ପୋଥି), ଜନାର୍ଦ୍ଦନ, ସାରଙ୍ଗ ଦାସ, ରାମାନୁଜ ଦାସ, ଯଦୁମଣି ପ୍ରହରାଜ, କାହ୍ନୁ ପାଣି, ଲକ୍ଷ୍ମଣ ଦାସ, ନାରାୟଣ ସୁର, କୁଞ୍ଜବିହାରୀ ନୃପ, ବ୍ରାହ୍ମଣ ନିମାଇ, ବ୍ରଜଦାସ, ଗୋବିନ୍ଦ ଦାସ, ଶ୍ୟାମାନନ୍ଦ, ସାମନ୍ତ ସିଂହାର (ଅଭିମନ୍ୟୁ ?) ଢେଙ୍କାନାଳ ରାଜା ବଳରାମ, ବୈରାଗୀ ଦାସ, ଗଦାଧର, ଖିମା ଭୋଇ, ଗୋପୀନାଥ ଦାସ, ରାଜା ବିଶ୍ୱନାଥଦେବ, କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ଓ ଗୌର ଗଜପତି ଆଦି ଶତାଧିକ କବି ବିଭିନ୍ନ ଦେବ ଦେବୀଙ୍କ ଭଜନ ଓ ଜଣାଣରେ ଓଡ଼ିଆ ସାହିତ୍ୟକୁ ଭକ୍ତି ନିସ୍ୟନ୍ଦିନୀରେ ଆପ୍ଲୁତ କରିଛନ୍ତି ।

ଏତଦ୍‌ବ୍ୟତୀତ ଦେବୀସ୍ତୁତି ବା ମାଳଶ୍ରୀ ରଚନା ମଧ୍ୟରେ ସାରଳା ଦାସଙ୍କ ଦୁର୍ଗା, ମଙ୍ଗଳା, କାଳିକା ଓ ସାରଳା ସ୍ତୁତି, ବଳରାମ ଦାସଙ୍କ ରଙ୍ଗମାଳଶ୍ରୀ, ଜୟଦୁର୍ଗା ଜଣାଣ, ଦୁର୍ଗା ସ୍ତୁତି, ବୃନ୍ଦାବନ ଦାସଙ୍କ ସର୍ବମଙ୍ଗଳା ଜଣାଣ, ବିପ୍ର ବନମାଳୀଙ୍କ ଦେବୀ ସ୍ତୁତି, ଗୋବିନ୍ଦ ଦାସଙ୍କ ଭଗବତୀ ମାଳଶ୍ରୀ, ବିପ୍ର ହାଡ଼ିବନ୍ଧୁଙ୍କ କାଳିକା ମାଳଶ୍ରୀ, କୃଷ୍ଣସିଂହଙ୍କ ହିମବନ୍ତୀ ସ୍ତୁତି, ଦୀନକୃଷ୍ଣ ଦାସଙ୍କ ହିମବନ୍ତୀ ସ୍ତୁତି, ନାରାୟଣ ମର୍ଦ୍ଦରାଜଙ୍କ ଦୁର୍ଗା ମାଳଶ୍ରୀ, ଜଗଦମ୍ବା ସ୍ତୁତି, ହରିହର ମର୍ଦ୍ଦରାଜଙ୍କ ସର୍ବମଙ୍ଗଳା ମାଳଶ୍ରୀ, ଦୁର୍ଗା ମାଳଶ୍ରୀ, ଶୂଳ ମାଳଶ୍ରୀ (ଦୁର୍ଗାସ୍ତୁତି), ମଙ୍ଗଳା ମାଳଶ୍ରୀ, ଉଗ୍ରତାରା ସ୍ତୁତି, ବୃନ୍ଦାବନ ଦାସଙ୍କ ମଙ୍ଗଳା ସ୍ତୁତି, ଗୋଲକ ଦାସଙ୍କ ବୃନ୍ଦାବତୀ ସ୍ତୁତି ଆଦି ରଚନା ଥିବାର ପ୍ରମାଣ ମିଳେ ।*

---

* ମାଳଶ୍ରୀ O.L./494 ଓଡ଼ିଶା ମ୍ୟୁଜିଅମ୍ ପୋଥି

Digitized by PPRACHIN, SOA

ଭଜନ ରଚନାରେ ନାୟିକବିମାନଙ୍କ ଯେଉଁ କେତୋଟି ଜଣାଣ ବା ସ୍ତୁତିମୂଳକ କବିତା ମିଳେ, ତନ୍ମଧ୍ୟରେ ମାଧବୀ ଦାସୀଙ୍କ ଜଣାଣ, ହରପ୍ରିୟା ଦାସୀଙ୍କ ରାମ ଜଣାଣ (O.L./660, ଓଡ଼ିଶା ମ୍ୟୁଜିଅମ୍ ପୋଥି), ସୂର୍ଯ୍ୟମଣି ଜେମାଙ୍କ ଜଣାଣ (O.L./1013, ଓଡ଼ିଶା ମ୍ୟୁଜିଅମ୍ ପୋଥି) ଆଦି ଅଳ୍ପ କେତୋଟି କବିତା ଓଡ଼ିଆ ସାହିତ୍ୟର ଅନନ୍ତ ସାଗର ମଧ୍ୟରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇଛି ।

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଗୌଡ଼ୀୟ ମତବାଦର ସାଂଗଠନିକ ପ୍ରଚାର ଫଳରେ ବଙ୍ଗଳା ଓଡ଼ିଆ ପଦାବଳୀର ସମ୍ମିଶ୍ରଣରେ ସଂକୀର୍ତ୍ତନ ତଥା ହୋରି ସଂକୀର୍ତ୍ତନର ରଚନା ହୋଇଥିଲା । ସେହି ଧରଣର ରାସ ରସାମୃତ ରସିକ କବିମାନଙ୍କ ମଧ୍ୟରେ ବୈଷ୍ଣବ ଦାସ, ରାଧାମୋହନ ଦାସ, ଗୋବର୍ଦ୍ଧନ ଦାସ, ଲୋଚନା ଦାସ, ଦୁଃଖିଶ୍ୟାମ ଦାସ, ଗୋବିନ୍ଦ ଦାସ, ଗୌରଚରଣ ଆଦି କବି ଉତ୍କଳର ପୁରପଲ୍ଲୀରେ ସୁଖ୍ୟାତ ।

ଓଡ଼ିଶାର ପୁରପଲ୍ଲୀରେ ଅଦ୍ୟାପି ସହସ୍ର ସହସ୍ର ତାଳପତ୍ର ପୋଥି ଅପ୍ରକାଶିତ ଅବସ୍ଥାରେ ରହିଛି । ସେହି ପୋଥିଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରାଚୀନ ତଥା ଅର୍ବାଚୀନ କବିମାନଙ୍କ ରଚିତ ଭଜନ ଓ ଜଣାଣ ଆଦି ଭକ୍ତିଭାବାତ୍ମକ କବିତା ଶତ ସହସ୍ର ସଂଖ୍ୟାରେ ପୂରି ରହିଛି । ଓଡ଼ିଶାର ବିଭିନ୍ନ ପ୍ରକାଶନସଂସ୍ଥାଗୁଡ଼ିକ ପକ୍ଷରୁ ବହୁ ଭଜନ ସଂଗ୍ରହ ପୁସ୍ତକ ପ୍ରକାଶିତ ହୋଇଛି । ସେ ସମସ୍ତ ଭଜନର ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଏହି ସୀମିତ ଭୂମିକାର ପରିସର ମଧ୍ୟରେ ଆଦୌ ସମ୍ଭବ ନୁହେଁ ।

ମଙ୍ଗଳଗୀତ : –

ମଙ୍ଗଳକୃତ୍ୟ କହିଲେ ସାଧାରଣତଃ ବ୍ରତ, ବିବାହ, ସୁନକ୍ଷତ୍ର ତଥା ବନ୍ଦାପନା ଆଦି ଉତ୍ସବକୁ ବୁଝାଇଥାଏ । ଓଡ଼ିଆ ଘରେ ଏହି ମଙ୍ଗଳ ଉତ୍ସବରେ ମାଙ୍ଗଳିକ ଗୀତ ଗାନ କରାଯିବାର ପ୍ରଥା ପୂର୍ବାପର ଲୋପ ପାଇଯାଇଥିଲେ ହେଁ, ପ୍ରାଚୀନ କାଳର ରାଜା, ମହାରାଜା ତଥା ସମ୍ଭ୍ରାନ୍ତ ପରିବାରରେ 'ମଙ୍ଗଳଗୀତ' ଗାଇବାର ପ୍ରଥା ଥିଲା । ଏହି ବିଲୁପ୍ତପ୍ରାୟ

Digitized by PPRACHIN, SOA

'ମଙ୍ଗଳଗୀତ' ଗୁଡ଼ିକୁ ସଂଗ୍ରହ କରି ନରସିଂହପୁରର ରାଜା ସାଧୁଚରଣ ମାନସିଂହ ହରିଚନ୍ଦନ ମହାପାତ୍ର 'ମଙ୍ଗଳ ସଙ୍ଗୀତ' ନାମରେ ଦୁଇଖଣ୍ଡି ପୁସ୍ତକ ପ୍ରକାଶ କରିଛନ୍ତି ।* ଏତଦ୍‌ବ୍ୟତୀତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ତାଳପତ୍ର ପୋଥି ବିଭାଗରେ ତିନିଖଣ୍ଡି ମଙ୍ଗଳ କାବ୍ୟ ସଂଗୃହୀତ ହୋଇ ସଂରକ୍ଷିତ ହୋଇଛି । ଏହି ମଙ୍ଗଳ କାବ୍ୟରେ ବିଶେଷତଃ ରାମଚନ୍ଦ୍ର ଓ କୃଷ୍ଣଚନ୍ଦ୍ରଙ୍କର ବିବାହକାଳୀନ ମଙ୍ଗଳଗୀତ ସନ୍ନିବେଶିତ ହୋଇଛି । ବିବାହ ଉତ୍ସବରେ ବରକୋଇଲିବୁଡ଼ା, ବରକ୍ଷୀରଅଞ୍ଜଳି, ବର ପାଆଫିଆ, ବର ବରଣ, ·ବର ମୁଗ ବିଷ୍ଠା ଚୂରା, ବର ଗନ୍ଧସରଷଣ, ଜାତକଗଣା, ବରବେଶ, ଧନୁଉତ୍ସବ, ସ୍ୱୟଂବର, କନ୍ୟା କୋଇଲବୁଡ଼ା, ଖଇଅଞ୍ଜଳି, ଲବଣଚଉଁରା, ଜୁଆକଉଡ଼ି ଖେଳ, ଚଉଠୁରାତି, ରାମ କର୍ଣ୍ଣବେଧ, ସୀତା ବନ୍ଦାପନା, ଗୋବନ୍ଦମଙ୍ଗଳ ଓ କୃଷ୍ଣମଙ୍ଗଳ ଆଦି କୃତ୍ୟ ସମ୍ବନ୍ଧରେ ବିଭିନ୍ନ କବିଙ୍କ ରଚିତ ଗୀତ ସ୍ଥାନ ପାଇଛି । ଏହି ଗୀତଗୁଡ଼ିକ ମଧ୍ୟରେ ଶିବପ୍ରିୟା ଜେମାଦେଈ, ଚିତ୍ରମାଳୀ ଜେମାଦେଈ, ରତ୍ନମାଳୀ ଜେମାଦେଈ, ମନୋରମା ଜେମାଦେଈ, କୃଷ୍ଣପ୍ରିୟା ଜେମାଦେଈ ପ୍ରଭୃତି ପାଞ୍ଚଜଣ ନାରୀକବିଙ୍କ ରଚିତ ଗୀତସମେତ ବିଶ୍ୱମ୍ଭର ନୃପତି, ବିରୋଳି ସାଆନ୍ତ, ବାଲୁଙ୍କୀଶ ନୃପ, ଅରକ୍ଷିତ ରଘୁ, ପୀତାମ୍ବର ଭଞ୍ଜ, କୃପାସିନ୍ଧୁ ସିଂହଦେବ, ଚନ୍ଦ୍ରଶେଖର, ରାମଚନ୍ଦ୍ର ଭୂୟାଁ, ବାଣପୁର ହରିଚନ୍ଦନ· କୁଞ୍ଜବିହାରୀ, କ୍ଷିତିପୁବର ଭଞ୍ଜ (ଘନଭଞ୍ଜ ?), ପଦ୍ମନାଭ ଭଞ୍ଜ, ନୃପ ଧନଞ୍ଜୟ ଭଞ୍ଜ· କୃପାସିନ୍ଧୁ ଗ୍ରେଷ୍ଠରାୟ, ଚକ୍ରଧର ଭଞ୍ଜ· ଯଦୁମଣି ଭୃଙ୍ଗ, ଗୋପୀନାଥ ଭୃଙ୍ଗ, ଗୌରଚନ୍ଦ୍ର ଭ୍ରମରବର ମାନସିଂହ ମର୍ଦ୍ଦରାଜ ଆଦି ବହୁ କବିଙ୍କ ଗୀତ ସ୍ଥାନ ପାଇଛି ।

ଏତଦ୍‌ବ୍ୟତୀତ ଆଲୋଚକ ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ପ୍ରଣୀତ 'ଓଡ଼ିଆ ଗୀତିକାବ୍ୟ'**ରେ ରାଜମଣି ଜେମାଦେଈ, ମୀନମଣି ଜେମାଦେଈ, ମରକତମଣି ଜେମାଦେଈ, ନୟନମାଳୀ ଜେମାଦେଈ, ମର୍ଦ୍ଦରାଜ ଜେମାଦେଈ ଆଦି ନାରୀକବିଙ୍କ ରଚିତ ମଙ୍ଗଳଗୀତ-ସମେତ ଏକତିରିଶ ଜଣ ପୁରୁଷ କବିଙ୍କ ମଙ୍ଗଳ ଗୀତର ସୂଚନା ଦେଇଛନ୍ତି ।

---

* ଓଡ଼ିଆ ଗୀତିକାବ୍ୟ, ଲେଖକ—ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ପୃ. ୧୩୧

** ଓଡ଼ିଆ ଗୀତିକାବ୍ୟ, ପୃ. ୧୩୧-୩୩

Digitized by PPRACHIN, SOA

ଖ୍ରୀଷ୍ଟୀୟ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ବଙ୍ଗଳା ସାହିତ୍ୟରେ ଅନେକ ମଙ୍ଗଳଗୀତ ରଚିତ ହୋଇଥିଲା । ସେହି ବଙ୍ଗଳା ମଙ୍ଗଳଗୀତ-ଗୁଡ଼ିକ ମଧ୍ୟରେ ଦୁଃଖିଶ୍ୟାମ ଦାସଙ୍କ ଗୋବିନ୍ଦ ମଙ୍ଗଳ, ତ୍ରିଲୋଚନ ଦାସଙ୍କ ଚୈତନ୍ୟ ମଙ୍ଗଳ, ଦାରିକା ଦାସଙ୍କ ମନସା ମଙ୍ଗଳ, ଭାରତ-ଚନ୍ଦ୍ରଙ୍କ ଅନ୍ନପୂର୍ଣ୍ଣା ମଙ୍ଗଳ, କବି କଙ୍କଣଙ୍କ ଚଣ୍ଡିକା, ଅଭୟା ଓ କାଳିକା ମଙ୍ଗଳ, ନିତ୍ୟାନନ୍ଦଙ୍କ ଶୀତଳା ମଙ୍ଗଳ ଆଦି ପ୍ରଧାନ । ତେଣୁ ଅନୁମାନ କରାଯାଏ ଉଭୟ ରାଜ୍ୟରେ ଏକକାଳୀନ ମଙ୍ଗଳ କାବ୍ୟର ପ୍ରଚଳନ ଥିଲା ଏବଂ ପରସ୍ପରର ସାହଚର୍ଯ୍ୟରେ ଉଭୟ ବଙ୍ଗ ଓ ଉତ୍କଳ ଦେଶର ସାହିତ୍ୟରେ ମଙ୍ଗଳଗୀତ ରଚିତ ହୋଇ ଉଭୟ ଭାଷାର ସାହିତ୍ୟକୁ ସମୃଦ୍ଧ କରିଛି ।

ପାଲା :—

ପାଲା କହିଲେ ସାଧାରଣତଃ ସତ୍ୟନାରାୟଣ ପାଲାକୁ ବୁଝାଇ-ଥାଏ । ଏହି ସତ୍ୟନାରାୟଣଙ୍କର ପୂଜା 'ସ୍କନ୍ଦ ପୁରାଣ'ର ଅବନ୍ତୀ ଖଣ୍ଡର ରେବା ଉପଖଣ୍ଡରେ ଋଣଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।※ ଏତଦ୍-ବ୍ୟତୀତ ପାଲା ସମ୍ବନ୍ଧରେ 'ଭବିଷ୍ୟ ପୁରାଣ'ରେ ସାମାନ୍ୟ ଭୂମିକା ରହିଛି । ଭାରତରେ ମୁସଲ୍‌ମାନ୍‌ମାନଙ୍କ ରାଜତ୍ୱକାଳରେ ସେମାନଙ୍କର ଦୁର୍ଦ୍ଧର୍ଷ ଆକ୍ରମଣରୂପକ ଆଶୁ ବିପଦରୁ ହିନ୍ଦୁ ଧର୍ମକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜର ଦେବଦେବୀମାନଙ୍କୁ ଆସନ୍ନ ଧ୍ୱଂସମୁଖରୁ ରକ୍ଷା କରିବା ଉଦ୍ଦେଶ୍ୟରେ ହିନ୍ଦୁ ଧର୍ମର ସଂରକ୍ଷକମାନେ ଇସ୍‌ଲାମ୍ ଧର୍ମର ସତ୍ୟପୀରଙ୍କୁ ସତ୍ୟନାରାୟଣ ଆଖ୍ୟାଦେଇ ସତ୍ୟନାରାୟଣ ପାଲାର ପ୍ରଚଳନ କରାଇଥିଲେ ।

ଖୁବ୍ ସମ୍ଭବତଃ ବଙ୍ଗଦେଶରେ ଏହି ପାଲା ବା ସତ୍ୟନାରାୟଣ ପାଲାର ଆରମ୍ଭ ଓଡ଼ିଶା ତୁଳନାରେ ପ୍ରାଚୀନ ବୋଲି ମନେହୁଏ । ଅବଶ୍ୟ 'ପଞ୍ଚପୀର' ପୂଜାର ପ୍ରଚଳନ ପଞ୍ଜାବରେ ପ୍ରଥମେ ସୂତ୍ରପାତ ହୋଇଥିଲା; ତତ୍ପରେ ଖ୍ରୀ. ଅ. ୧୪ଶ ଶତାବ୍ଦୀର ଶେଷଆଡ଼କୁ

※ ଓଡ଼ିଶାର ଲୋକନୃତ୍ୟ ପାଲା, ଲେଖକ—ଶ୍ରୀ ରବିନାରାୟଣ ଦାଶ, ନବଜୀବନ, ୧୧ଶ ବର୍ଷ, ୯ମ, ୧୦ମ ସଂଖ୍ୟା, ପୃ. ୫୭୯ ।

Digitized by PPRACHIN, SOA

କିମ୍ବା ୧୫ଶ ଶତାବ୍ଦୀର ଆରମ୍ଭରେ ବଙ୍ଗଳାରେ ଏହି ପାଲ୍ ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । *

ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କର ଆକ୍ରମଣରୁ ସ୍ୱଦେଶର ଦେବଦେବୀ ତଥା ମନ୍ଦିରଗୁଡ଼ିକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଓଡ଼ିଶାର ସମାଜପତି-ମାନେ ଏହି 'ପାଲ୍'ର ପ୍ରବର୍ତ୍ତନ କରିଥିବା ଅସମ୍ଭବ ନୁହେଁ । ତେଣୁ ଓଡ଼ିଶାରେ 'ପାଲ୍'ର ଜନ୍ମ ଖ୍ରୀ. ଅ. ଷୋଡ଼ଶ ଶତାବ୍ଦୀର ଶେଷଭାଗ ବା ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗ ବୋଲି ଅନୁମାନ କରିବା ଅସମୀଚୀନ ନୁହେଁ ।

ବଙ୍ଗଳା ସାହିତ୍ୟରେ ପାଲ୍ ପୁସ୍ତକର ପ୍ରଣେତାରୂପେ ରାମେଶ୍ୱର, ଫକୀର ରାମଦାସ, ଦ୍ୱିଜ ବିଶ୍ୱେଶ୍ୱର, ଦ୍ୱିଜ ରାମକୃଷ୍ଣ କବିଚନ୍ଦ୍ର, ଅଯୋଧ୍ୟା ରାମରାୟ ଓ ଶଙ୍କରାଚାର୍ଯ୍ୟ ଆଦି କବିମାନଙ୍କୁ ଗୌରବ ପ୍ରଦାନ କରାଯାଏ । ସେହିମାନଙ୍କ 'ପାଲ୍' ରଚନାରେ ଉଦ୍‌ବୁଦ୍ଧହୋଇ ଖୁବ୍ ସମ୍ଭବତଃ କବି କର୍ଣ୍ଣ ସର୍ବପ୍ରଥମେ ଓଡ଼ିଆ ପାଲ୍ ପୁସ୍ତକ ରଚନା କରିଥିଲେ ।

କବି କର୍ଣ୍ଣଙ୍କ ସମ୍ବନ୍ଧରେ ସବିଶେଷ ବିବରଣୀ ମିଳୁ ନ ଥିଲେ ହେଁ ତାଙ୍କୁ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର କବି ବୋଲି ନିଃସନ୍ଦେହରେ କୁହାଯାଇପାରେ । କବି କର୍ଣ୍ଣ ଓଡ଼ିଆ ଓ ବଙ୍ଗଳା ମିଶା ଭାଷାରେ ପାଲ୍ ପୁସ୍ତକ ପ୍ରଣୟନ କରି ସମାଜରେ ପ୍ରଚଳନ କରାଇଥିଲେ । କବି କର୍ଣ୍ଣଙ୍କ ରଚନାରେ ଅନୁପ୍ରାଣିତ ହୋଇ କବି ବଲ୍ଲଭ, ଭୃଗୁରାମ, ଦ୍ୱିଜ ବିଶ୍ୱମ୍ଭର, ଦ୍ୱିଜ ବାସୁଦେବ, ଦ୍ୱିଜ ବିଶ୍ୱନାଥ ଆଦି କବିମାନେ ବଙ୍ଗଳା ଓଡ଼ିଆ ମିଶା ତଥା ବିଶୁଦ୍ଧ ଓଡ଼ିଆ ପଦାବଳୀରେ ପାଲ୍ ପୁସ୍ତକମାନ ରଚନା କରିଥିଲେ ।

ପ୍ରଥମେ ଓଡ଼ିଶାରେ 'ଷୋଳ ପାଲ୍'ର ପ୍ରଚଳନ କରାଯାଇଥିଲା । ଦ୍ୱିଜ ବିଶ୍ୱନାଥଙ୍କ ରଚିତ ସତ୍ୟନାରାୟଣ ଜନ୍ମପାଲାରେ ଷୋଳପାଲାର ନାମଗୁଡ଼ିକରୁ ଜଣାଯାଏ ଯେ ତତ୍କାଳୀନ ଓଡ଼ିଶାରେ (୧) ସତ୍ୟନାରାୟଣ ଜନ୍ମପାଲ୍, (୨) ପଦ୍ମଲୋଚନ ପାଲ୍, (୩) ଗୁଡ଼ିଆଣଙ୍କର, (୪) ବିଦ୍ୟାଧର, (୫) ମର୍ଦ୍ଦିଗାଜୀ ଜନ୍ମ, (୬) ମର୍ଦ୍ଦିଗାଜୀ ବିଭା, (୭) ମଦନସୁନ୍ଦର, (୮) ଶ୍ରୀବନ୍ତ ସୌଦାଗର, (୯) ଅଭିନ୍ନ ମଦନ, (୧୦) ଦୁର୍ଜନ ରାଜନ, (୧୧) ହେରାବୃନ୍ଦ,

* ଓଡ଼ିଶାର ଲୋକନୃତ୍ୟ ପାଲା, ନବଜୀବନ, ୧୧ଶ ବର୍ଷ, ୯ମ ସଂଖ୍ୟା, ପୃ. ୫୮୦ ।

Digitized by PPRACHIN, SOA

(୧୨) ମନୋହର ଫାଶିଆର, (୧୩) କାଠୁରିଆ, (୧୪) ଉଗ୍ରତାରା, (୧୫) କିଶୋରଚନ୍ଦ୍ର, (୧୬) ଲକ୍ଷ୍ମଣକୁମର ପାଲା ପ୍ରମୁଖ ଷୋଳ ଗୋଟି ପାଲା ପୁସ୍ତକ ପ୍ରଚଳିତ ଥିଲା । *

ଅବଶ୍ୟ ପରବର୍ତ୍ତୀ କାଳରେ ଚନ୍ଦ୍ରାଙ୍ଗଦ ପାଲା, ସଦାନନ୍ଦ ପାଲା, ଭ୍ରମରବର ପାଲା, ରଙ୍ଗଲତା ପାଲା, ଶ୍ୱେତବସନ୍ତ ପାଲା, ଜୟାନନ୍ଦ ପାଲା, ରତ୍ନଚୂଡ଼ାମଣି ପାଲା, ହରିଅର୍ଜ୍ଜୁନ ପାଲା, ଦଶାବତାର ପାଲା ଆଦି ନାମରେ ଅନେକ ପାଲା ପୁସ୍ତକ ପ୍ରଣୟନ କରାଯାଇ ସମାଜରେ ପ୍ରଚଳିତ ହେଲା ।

ପାଲାଗୁଡ଼ିକର ବିଷୟବସ୍ତୁ ପ୍ରତି ଲକ୍ଷ୍ୟ କଲେ ଜଣାଯାଏ ଯେ କୌଣସି ଏକ ଦୁଃସ୍ଥ ଲୋକର ଦୁଃଖ ଦୂର କରିବା ଉଦ୍ଦେଶ୍ୟରେ ପ୍ରଥମେ ଫକୀର ବେଶରେ ସତ୍ୟପୀର ବା ସତ୍ୟନାରାୟଣ ଆବିର୍ଭାବ ହୋଇ ତାଙ୍କୁ ସତ୍ୟନାରାୟଣ ପାଲା କରିବା ଲାଗି ପ୍ରବର୍ତ୍ତାଇଛନ୍ତି ଏବଂ ପାଲାର ବିଧିବିଧାନ ତଥା ପୂଜାସମ୍ଭାର ଆଦିର ବର୍ଣ୍ଣନା କରି ଅନ୍ତର୍ଦ୍ଧାନ ହୋଇଛନ୍ତି । ତତ୍ପରେ ସେହି ବ୍ୟକ୍ତି 'ପାଲା' ଆରମ୍ଭ କରି ତାତ୍କାଳୀନ ଦୁଃଖରୁ ମୁକ୍ତିଲାଭ କରିଛି । ପରବର୍ତ୍ତୀ କାଳରେ ପାଲାର ପ୍ରଚାର ଖୁବ୍ ବଢ଼ିଯାଇଛି ଏବଂ ଅନ୍ୟ କେହି ଉଚ୍ଚଶ୍ରେଣୀର ଧନିକ ବା ସମ୍ଭ୍ରାନ୍ତ ବ୍ୟକ୍ତି ପାଲାର ନିନ୍ଦା କରି ଦଣ୍ଡଭୋଗ କରିଛି ଅଥବା ଅନ୍ୟ କେହି ପାଲା ମାନସିକ କରି ଭୁଲି ଯାଇଥିବାରୁ ତାକୁ ଦଣ୍ଡଭୋଗ କରିବାକୁ ପଡ଼ିଛି । ସେହି ସମୟରେ ସତ୍ୟପୀର ଛଦ୍ମବେଶରେ ସେଠାରେ ଉପସ୍ଥିତ ହୋଇ ତାଙ୍କୁ ପାଲା ମାନସିକ ସମ୍ବନ୍ଧରେ ସ୍ମରଣ କରାଇ ଦେଇଛନ୍ତି । ସେ ନିଜର ଭୁଲ୍ ଲାଗି କ୍ଷମା ପ୍ରାର୍ଥନା କରିବା ମାତ୍ରେ ଦୁଃଖରୁ ମୁକ୍ତି ପାଇଛି ।

ଅନ୍ୟ କେହି ପାଲା ପ୍ରତି ଭକ୍ତି ପ୍ରଦର୍ଶନ କରି ସତ୍ୟପୀରଙ୍କ କୃପା ଲାଭ କରିଥିବାରୁ ଅକାଳମୃତ୍ୟୁ ବା ଅପମୃତ୍ୟୁ ଆଦିରୁ ରକ୍ଷା ପାଇଛି ଏବଂ ତା'ପରେ, ଧୀରେ ଧୀରେ ପାଲା ଲୋକସମାଜରେ ପ୍ରଚଳିତ ହେବା ଫଳରେ ସତ୍ୟପୀର ବା ସତ୍ୟନାରାୟଣଙ୍କ ମହିମା ବ୍ୟାପକ ହୋଇଯାଇଛି ।

* ପାଲା, O.L/418, ଓଡ଼ିଶା ମ୍ୟୁଜିୟମ୍ ପୋଥି

Digitized by PPRACHIN, SOA

ଏହି ଧରଣର କଥାବସ୍ତୁର ସାମାନ୍ୟ ପରିବର୍ତ୍ତନରେ ବିଭିନ୍ନ ପାଲାର କାହାଣୀ ଆରମ୍ଭ ହୋଇଛି ଏବଂ ସବୁ ସ୍ଥଳରେ ଶ୍ରୀ ସତ୍ୟ-ପୀରଙ୍କ ମହିମା ବ୍ୟାଖ୍ୟାନ କରାଯାଇଛି ।

ଷୋଳପାଲା ବ୍ୟତୀତ ଆଉ ଖଣ୍ଡିଏ 'ବନ୍ଦନା ପାଲା' ମଧ୍ୟ ଓଡ଼ିଶାରେ ରଚିତ ହୋଇଥିଲା । ଉକ୍ତ ପାଲାର କବି ମଧ୍ୟ କେତେକ ପୋଥିରେ ଶଙ୍କର ଆଚାର୍ଯ୍ୟ ଓ ଅନ୍ୟ କେତେକ ପୋଥିରେ କବି କର୍ଣ୍ଣ ବୋଲି ଥିବାର ପ୍ରମାଣ ମିଳୁଛି । କିନ୍ତୁ ଯାହାହେଉ, ଉକ୍ତ ବନ୍ଦନା ପାଲାରେ ଓଡ଼ିଶାର ଦେବଦେବୀମାନଙ୍କୁ ଯେପରି ଭାବରେ ବର୍ଣ୍ଣନା କରାଯାଇଛି, ସେଥିରୁ କବିଦ୍ୱୟଙ୍କୁ ନିଃସନ୍ଦେହରେ ଓଡ଼ିଆ ବୋଲି କୁହାଯାଇପାରିବ ।

"ବନ୍ଦୁଂ ଦେବ ନାରାୟଣ ଯୋଡ଼ି ଦୁଇ ହାଥ ।
ବଳଭଦ୍ର ସୁଭଦ୍ରା ବନ୍ଦୁ ଆଉ ଜଗନ୍ନାଥ ॥
× × ×
ଭଦ୍ରକେ ବନ୍ଦିଲଉଂ ଦେବୀ ଭଦ୍ରକାଳୀ ।
× × ×
ଯାଜପୁରେ ବନ୍ଦିଲଇଂ ବିରଜା ଚରନ ।
ଆଦ୍ୟଶକ୍ତି ବୋଲି ପାଦେ ପଶିଲୁ ଶରନ ॥
× × ×
ତାର ଆଗେ ଗଯ୍ଯାଳଭି କରିଲୁ ବନ୍ଦନ ।
× × ×
କଟକର ଚଣ୍ଡୀ ବନ୍ଦୁଂ ବାରବାଟୀ ଦ୍ୱାରେ ।
× × ×
କଟକରେ ବନ୍ଦିଲଉଂ ଗୋଦଡ଼ିଆ ପୀର ।
ଯାହାର ଦର୍ବାରେ ସାଜେ ଲୁହାର ଝିଞ୍ଜିରି ॥
କଇଲାସେ ବନ୍ଦୁ ଦେବ ଗିରି ଗୋବର୍ଦ୍ଧନ ।
ଚନ୍ଦ୍ରଶେଖର ପାଦେ ପଶିଲୁ ଶରନ ॥
× × ×

Digitized by PPRACHIN, SOA

(ଏକଶଦ୍ଧ ବୃଭ)

ଆବର ବନ୍ଦିଲୁଂ ଆମି ଯେକାମ୍ବର ନାଥ ।
ବାରେ ବାରେ ବନ୍ଦିଲୁଙଂ ପ୍ରଭୁ ଲୋକନାଥ ॥

× × ×

ଯମେଶ୍ୱର ପାଦେ ଆମି ପଶିଲୁଂ ଶରନ ।

× × ×

ଆବର ବନ୍ଦିଲୁଂ ଆମି ମାର୍କଣ୍ଡେଯୃଶ୍ୱର ।
ତକ୍ୱଂ ପଛେ ବନ୍ଦିଲୁଙଂ ବାଲେଙ୍କେ ଈଶ୍ୱର ॥
ବେଲେଶ୍ୱର ନାମେ ବନ୍ଦୁଂ ଯେକ ମହାଦେବ ।

× × ×

ଅଲ୍ଲେଶ୍ୱର ବନ୍ଦିଲୁଙଂ ସ୍ୱପ୍ନେଶ୍ୱର ଆଦି ।

× × ×

ଶ୍ରୀକବି କର୍ଣ୍ଣତେ ଗାଏ ସତ୍ୟପୀର ପାଏ ।

× × ×

କବି କର୍ଣ୍ଣ ବଲେ ଆମି ପଡ଼୍ୟାଛେ କାଲାମ ।
ସତ୍ୟପୀର ପାଦେ ଆମି ହାଜାରେ ସଲାମ ॥"*

ଶ୍ରୀ ଚୈତନ୍ୟଦେବଙ୍କ ସମୟରେ ଓ ପରବର୍ତ୍ତୀ ଗୌଡ଼ୀୟ କବି-ମାନଙ୍କ ପ୍ରଭାବରେ ଅନେକ ଓଡ଼ିଆ କବି ବଙ୍ଗଳା ଓ ବଙ୍ଗଳା ମିଶା ଓଡ଼ିଆରେ ପୁସ୍ତକ ରଚନା କରି ସ୍ୱପ୍ରତିଭାର ପରାକାଷ୍ଠା ଦେଖାଇ-ଥିଲେ । ସେହି ପ୍ରଭାବରେ ପ୍ରଭାବିତ ହୋଇ କବି କର୍ଣ୍ଣ ଆଦି କବିମାନେ ବଙ୍ଗଳା ମିଶା ଓଡ଼ିଆରେ ଖ୍ରୀଷ୍ଟୀୟ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ପାଲା ପୁସ୍ତକର ପ୍ରଣୟନ କରିଥିଲେ । ଅନେକ କବି ମଧ୍ୟ ବିଶୁଦ୍ଧ ଓଡ଼ିଆ ପଦାବଳୀର ପ୍ରୟୋଗରେ ପାଲା ପୁସ୍ତକ ରଚନା କରିଛନ୍ତି ।

ଏହି ପାଲା ଗୀତଗୁଡ଼ିକ ଲୋକସମାଜରେ ବହୁଳ ପ୍ରଚାର ହେବା ଫଳରେ ଏହା କାଳକ୍ରମେ ଲୋକଗୀତର ଆଖ୍ୟା ଧାରଣ କରିଛି । ଏହି 'ପାଲା' ପ୍ରଚଳନ ହେବା ପରେ ପରେ ଦକ୍ଷିଣ ଓଡ଼ିଶାରେ ଏହାର ସଂକ୍ଷିପ୍ତ ରୂପ 'ଦାସକାଠିଆ'ର ସୃଷ୍ଟିହେଲା ।

---

* ପାଲା ବନ୍ଦନା, O.L./1069, ଓଡ଼ିଶା ମ୍ୟୁଜିଅମ୍ ପୋଥି

Digitized by PPRACHIN, SOA

ଯାହାହେଉ, ବନକୁ ବନ ଅନୁସନ୍ଧାନ ଫଳରେ ଷୋଳ ଖଣ୍ଡି ପାଲା ପୁସ୍ତକର ସଂଖ୍ୟା କ୍ରମେ ବଢ଼ିଶ ପାଲା ହେବାକୁ ଯାଉଛି । ପରବର୍ତ୍ତୀ ଅନୁସନ୍ଧାନ ଆମକୁ ଆହୁରି ନୂତନ ତଥ୍ୟ ଯୋଗାଇବ ।

ଓଡ଼ିଆ ଗୀତସାହିତ୍ୟର ଆଲୋଚନା କ୍ରମେ ଯେତେଗୋଟି ବିଭାବ ସମ୍ବନ୍ଧରେ ପ୍ରସ୍ତୁତ ଭୂମିକାରେ ବିବରଣୀ ଦିଆଯାଇଛି, ତଦ୍‌ବ୍ୟତୀତ ଓଡ଼ିଶାରେ ପ୍ରଚଳିତ କେଳା କେଳୁଣୀ ଗୀତ, ଶବର ଶବରଣୀ ଗୀତ, ଧାଙ୍ଗଡ଼ା ଧାଙ୍ଗିଣୀ ଗୀତ, ବଣମଲ୍ଲୀ ଗୀତ ତଥା ଅନାମଧେୟ ବହୁ ରାଗରାଗିଣୀ ସମନ୍ୱିତ ଗୀତର ସଂଖ୍ୟା କଳନା କରାଯାଇ ପାରିବ ନାହିଁ । ଅଦ୍ୟାପି ଲୋକମୁଖରେ ପ୍ରଚଳିତ ହଳିଆ ଗୀତ, ରଜଦୋଳି ଗୀତ, କୁଆଁର ପୂର୍ଣ୍ଣିମୀ ଗୀତ, ଚଢ଼ାକୁଣ୍ଢା ଗୀତ, ସାପୁଆକେଳା ଗୀତ, ବାଉଁଶରାଣୀ ଗୀତ, ଘୋଡ଼ାନାଚ ଗୀତ ତଥା ବାରମାସୀ ଗୀତ ଆଦି ଶହ ଶହ ଲୋକଗୀତ ଶୁଣିବାକୁ ମିଳେ । କୌଣସି ସମୟରେ ସେଗୁଡ଼ିକୁ କେହି ଲିପିବଦ୍ଧ କରିବାର ଯୋଜନା କରି ନାହିଁ କିମ୍ବା ଅଧିକାଂଶ ଗୀତରେ କବି ନିଜର ନାମ ଭଣିତାରେ ଦେବାର ପ୍ରୟାସ କରି ନାହିଁ । କେବଳ ପରମ୍ପରାକ୍ରମେ ସେଗୁଡ଼ିକୁ ଶୁଣି ଶୁଣି ଆଜି ଲୋକସମାଜରେ ସେଗୁଡ଼ିକ ଶ୍ରୁତିପସରା ହୋଇ ରହିଛି । କିନ୍ତୁ ଆଧୁନିକତାର ବ୍ୟାପକ ପ୍ରଭୃତି ଫଳରେ ଲୋକଗୀତଗୁଡ଼ିକ କ୍ରମେ ଲୋପ ପାଇଯାଉଛି ଏବଂ ଖୁବ୍ ସମ୍ଭବତଃ ସେଗୁଡ଼ିକ ଆଉ ଗୋଟିଏ ଦୁଇଟି ଦଶକ ପରେ ଲୋକସମାଜରୁ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ।

ରାମ ସାହିତ୍ୟ

ପୁରାଣପୁରୁଷ ମହର୍ଷି ବାଲ୍ମୀକିଙ୍କ ଦ୍ୱାରା "ମା ନିଷାଦ ପ୍ରତିଷ୍ଠାଙ୍କ" ଆଦି ଶାଶ୍ୱତ ବାଣୀ ନିସୃତ ହେବାପରେ ପୁରାଣ ପ୍ରସିଦ୍ଧ ରାମଚନ୍ଦ୍ରଙ୍କର ଜୀବନଚରିତ ଉପରେ ଆଲୋଚନା ଆରମ୍ଭ ହେଲା । ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ଲୋକମୁଖରେ ରାମଚରିତ ଗୀତ ହୋଇ ଭାରତବର୍ଷର ପ୍ରତ୍ୟେକ ଧର୍ମପ୍ରାଣ ବ୍ୟକ୍ତିର ହୃଦୟରେ ଏକ ଅନିର୍ବଚନୀୟ ଆନନ୍ଦର ଉତ୍ସ ଖେଳିଗଲା । ପିତୃସତ୍ୟପାଳକ ରାମଚନ୍ଦ୍ର, ଆଦର୍ଶ ଭ୍ରାତୃଭକ୍ତ ଲକ୍ଷ୍ମଣ, ତ୍ୟାଗୀ ରାଜର୍ଷି ଭରତ, ସତୀ ତଥା ସାଧ୍ୱୀ ସୀତାଙ୍କ ଜୀବନଚରିତ ସାଧାରଣ ଜନତା ଉପରେ ଗଭୀର ପ୍ରଭାବ ପକାଇଲା ।

Digitized by PPRACHIN, SOA

ପୁରାଣଗୁଡ଼ିକରେ ବହୁ ଚରିତ୍ରର ଅବତାରଣା କରାଯାଇଥିଲେ ହେଁ, ଶ୍ରୀରାମଙ୍କ ପରି ନିର୍ମଳ, ନିଷ୍କାପୂର୍ଣ୍ଣ ଚରିତ୍ର କୁତ୍ରାପି ପରିଲକ୍ଷିତ ହୁଏ ନାହିଁ । ଏଣୁ ସେହି ମହନୀୟ ଆଦର୍ଶରେ ଅନୁପ୍ରାଣିତ ହୋଇ କେବଳ ଭାରତରେ କାହିଁକି, ବିଦେଶରେ ମଧ୍ୟ ରାମଭକ୍ତିର ନିର୍ମଳଧାରା ପ୍ରବାହିତ ହେବାକୁ ଲାଗିଲା ।

ପ୍ରସିଦ୍ଧ ସମାଲୋଚକ ଡକ୍ଟର ପର୍ଶୁରାମ ଚତୁର୍ବେଦୀ "ବିଦେଶରେ ବୈଷ୍ଣବମତ" ଶୀର୍ଷକ ଇଂରାଜୀ ପ୍ରବନ୍ଧରେ ଭାରତ ବାହାରେ କିପରି ରାମଭକ୍ତିଧାରା ପ୍ରବାହିତ ହୋଇଥିଲା ତାର ଏକ ବିଶଦ୍ ବିବରଣୀ ଦେଇଛନ୍ତି (*) । ସେଥିରୁ ଜଣାଯାଏ ଯେ, ଇଣ୍ଡୋଚୀନ (ଆଧୁନିକ ନାମ ଭିଏତ୍‌ନାମ)ର 'ଆନାମ୍' ନାମକ ପ୍ରଦେଶରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ବାଲ୍ମୀକିଙ୍କ କୃତ ରାମାୟଣର ପ୍ରଚାର ବିଶେଷଭାବରେ ହୋଇଥିଲା । ରାଜା 'ପ୍ରକାଶ ଧରମ୍'ଙ୍କ ରାଜତ୍ୱକାଳରେ (ଖ୍ରୀ. ଅ. ୬୫୩— ୬୭୮) ସେଠାରେ ମହର୍ଷି ବାଲ୍ମୀକିଙ୍କର ଗୋଟିଏ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ତାଙ୍କୁ ଭଗବାନଙ୍କର ଏକ ଅବତାରରୂପେ ପୂଜା କରାଯାଉଥିଲା ।

କାମ୍ବୋଡ଼ିଆର ଆଦିବାସୀମାନଙ୍କ ଭାଷାରେ ରାମାୟଣର କଥାବସ୍ତୁର ଅବଲମ୍ବନରେ ଏକ ଗ୍ରନ୍ଥ ଥିବାର ପ୍ରମାଣ ମିଳେ । ଉକ୍ତ ଗ୍ରନ୍ଥଟି 'ଖ୍ମେର୍' ନାମରେ ପ୍ରସିଦ୍ଧି ଲାଭ କରିଛି । ଶ୍ୟାମଦେଶର ଭାଷାରେ 'ରାମ କିଏନ୍' ନାମରେ ଅନ୍ୟ ଗୋଟିଏ ଗ୍ରନ୍ଥ ମଧ୍ୟ ପ୍ରଚଳିତ ହୋଇଥିଲା । ଉତ୍ତର-ପୂର୍ବ ଶ୍ୟାମର କଥିତ ଭାଷା 'ଲାଓ'ରେ ଲେଖା-ଯାଇଥିବା ରାମଚରିତ ସେଠାର ସାଧାରଣ ଜନତାଙ୍କ ଦ୍ୱାରା ଆଗ୍ରହ ସହକାରେ ପାଠ କରାଯାଏ । ଇଣ୍ଡୋଚୀନ୍, କାମ୍ବୋଡ଼ିଆ ଓ ଶ୍ୟାମ ବ୍ୟତୀତ ବର୍ମା, ଜାଭା, ମାଳୟ ଓ ତିବ୍ବତ ଆଦି ଦେଶମାନଙ୍କରେ ରାମସାହିତ୍ୟର ପ୍ରଚାର ବିଶେଷଭାବରେ ହୋଇଥିବାର ଅନୁମାନ କରାଯାଏ ।

ଆର୍ଯ୍ୟମାନଙ୍କର ଆଦିଗ୍ରନ୍ଥ ବେଦରେ ମଧ୍ୟ ରାମାୟଣର ଆଦର୍ଶ-ନାୟିକା ସୀତାଙ୍କର ବର୍ଣ୍ଣନା ଦେଖିବାକୁ ମିଳେ । 'ଋଗ୍‌ବେଦ'ର ଗୋଟିଏ ମନ୍ତ୍ରର ଅର୍ଥ ଏଠାରେ ପ୍ରଦତ୍ତ ହେଲା—

---

* 'Vaishnvism in foreign land' by Dr. Parsuram Chaturvedi, Amrit Bazar Patrika, Puja Special, 1959.

Digitized by PPRACHIN, SOA

"ହେ ସୌଭାଗ୍ୟବତି ସୀତେ ! ଆମ୍ଭେମାନେ ଆପଣଙ୍କର ସ୍ତୁତି କରୁଅଛୁଁ । ଆପଣ ଆମ୍ଭମାନଙ୍କୁ ଧନ ଓ ସୁନ୍ଦର ଫଳ ପ୍ରଦାନ କରନ୍ତୁ । ପୂଷା ସୀତାଙ୍କୁ ନିୟନ୍ତ୍ରଣ କରନ୍ତୁ (*) ।" ଆଦିପୁରାଣ ରାମାୟଣର ଲୋକପ୍ରିୟତା ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ସଂସ୍କୃତ ସାହିତ୍ୟରେ ରାମାୟଣର ଚରିତ ଅବଲମ୍ବନରେ କାବ୍ୟ, ନାଟକ ପ୍ରଭୃତି ରଚନାର ସୂତ୍ରପାତ ହୋଇଥିଲା । ସରସ୍ୱତୀପୁତ୍ର କାଳିଦାସଙ୍କର ଅମର ଲେଖନୀରୁ ନିସୃତ 'ରଘୁବଂଶ ମହାକାବ୍ୟ' ସମଗ୍ର ଭାରତବର୍ଷରେ ବିଶେଷ ଖ୍ୟାତି ଅର୍ଜନ କରିଛି । ସେହି ପରମ୍ପରାର ଅନୁସରଣ-କରି ଭବଭୂତିଙ୍କର 'ଉତ୍ତର ରାମ ଚରିତ', 'ମହାବୀର ଚରିତ' ଆଦି ଦୃଶ୍ୟକାବ୍ୟ ଲୋକସମାଜରେ ବିଶେଷ ଆଦୃତ ହୋଇଥିଲା । ଉପରୋକ୍ତ ଦୁଇଜଣ ପ୍ରଖ୍ୟାତ ବିଦ୍ୱାନ୍‌ଙ୍କର ମାର୍ଗ ଅନୁସରଣ କରି 'ଅନର୍ଘରାଘବ ନାଟକ', 'ରାମାଭ୍ୟୁଦୟ ମହାକାବ୍ୟ', 'ରାଘବନୈଷଧୀୟ ମହାକାବ୍ୟ', 'ରାଘବପାଣ୍ଡବୀୟ ମହାକାବ୍ୟ', 'ରାମଚନ୍ଦ୍ର ଯଶଃପ୍ରବନ୍ଧ', 'ରାମବିବାହ କାବ୍ୟ', 'ଶ୍ରୀରାମାବତାର ପ୍ରକୀର୍ଣ୍ଣ ପ୍ରବନ୍ଧାବଳୀ', 'ଚମ୍ପୂ ରାମାୟଣ', 'ଉନ୍ମତ୍ତରାଘବ ନାଟକ', 'ପାଦୁକା ବିଜୟ ନାଟକ' ତଥା 'ପ୍ରତିମା ନାଟକ' ଆଦି ଗ୍ରନ୍ଥ ପ୍ରଣୀତ ହୋଇ ସଂସ୍କୃତ ସାହିତ୍ୟର ବିଜୟ ବୈଜୟନ୍ତୀ ଉଡ଼ାଇବା ସଙ୍ଗେ ସଙ୍ଗେ, ଲୋକଚରିତ୍ର ନିର୍ମାଣ ଦିଗରେ ବିଶେଷ ସହାୟକ ହୋଇଥିଲା ।

ଭାରତର ବିଭିନ୍ନ ରାଜ୍ୟରେ ରାମାୟଣର ପ୍ରଚାର କେଉଁ ସମୟରୁ ଆରମ୍ଭ ହୋଇଥିଲା ତାହାର ସଠିକ ବିବରଣୀ ଦେବା ସମ୍ଭବପର ନୁହେଁ । ତଥାପି ଖ୍ରୀ. ଅ. ସପ୍ତମ-ଅଷ୍ଟମ ଶତାବ୍ଦୀ ବେଳକୁ ଦକ୍ଷିଣ ଭାରତର ପ୍ରାନ୍ତୀୟ ଭାଷାର ମାଧ୍ୟମରେ ରାମାୟଣର ରଚନା ଆରମ୍ଭ ହୋଇଥିଲା ।

ଓଡ଼ିଶାରେ ରାମଚରିତ ଅବଲମ୍ବନରେ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥମାନ ପ୍ରଣୟନ ହେବା ପୂର୍ବରୁ ଶିଳ୍ପ ଓ କଳାକ୍ଷେତ୍ରରେ ରାମାୟଣର ଅପ୍ରତିହତ ପ୍ରଭାବ ପରିଲକ୍ଷିତ ହୁଏ । (**) ବୀରକୁଳତିଳକ ମହାମେଘ

---

* ବୈଦିକ ସାହିତ୍ୟ, ଲେଖକ—ରାମଗୋବିନ୍ଦ ତ୍ରିବେଦୀ, ପୃ. ୭୬

** 'ଓଡ଼ିଶାର ଶିଳ୍ପ ଓ ସାହିତ୍ୟ କ୍ଷେତ୍ରରେ ରାମାୟଣର ପ୍ରଭାବ', ଲେଖକ—ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର, 'ଝଙ୍କାର', ନବମ ବର୍ଷ, ଏକାଦଶ ସଂଖ୍ୟା ।

Digitized by PPRACHIN, SOA

ବାହନ, ମହାରାଜ ଖାରବେଳଙ୍କ ସମୟରୁ ଅନେକଦିନ ପର୍ଯ୍ୟନ୍ତ ଓଡ଼ିଶାରେ ଜୈନ ଧର୍ମର ପ୍ରାଧାନ୍ୟ ଦେଖାଦେଇଥିଲା । ତତ୍‌ପରବର୍ତ୍ତୀ ରାଜବଂଶଗୁଡ଼ିକରେ ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ସମନ୍ୱୟ ଏପରି ଭାବରେ ଘଟିଥିଲା ଯେ, ତାହା ଆଜି ଗବେଷକମାନଙ୍କ ପକ୍ଷରେ ଏକ କୌତୂହଳ ଉଦ୍ଦୀପକ ହୋଇଛି । ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରତ୍ୟକ୍ଷ ପ୍ରଭାବ ଗଙ୍ଗବଂଶର ରାଜତ୍ୱ ପରଠାରୁ ଆରମ୍ଭ କରି ବିଶେଷ ପ୍ରତିପତ୍ତି ହାସଲ କରିଥିଲେ ହେଁ ତତ୍‌ପୂର୍ବରୁ ଓଡ଼ିଶାର ଶିଳ୍ପ ଓ କଳାକ୍ଷେତ୍ରରେ ରାମାୟଣର ପ୍ରଭାବ କୌଣସି ଗୁଣରେ କମ୍ ନ ଥିଲା । ଗବେଷକମାନଙ୍କର ଆଲୋଚନାରୁ ଜଣାଯାଏ ଯେ, ଖ୍ରୀ. ଅ. ଷଷ୍ଠ ଶତାବ୍ଦୀରୁ ଆରମ୍ଭ କରି ଓଡ଼ିଶାର ମନ୍ଦିର ଗାତ୍ରରେ ରାମାୟଣ ଦୃଶ୍ୟାବଳୀର ଅଙ୍କନ ସମ୍ଭବ ହୋଇଥିଲା ।

ଭୁବନେଶ୍ୱରର ପ୍ରାଚୀନତମ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିରତ୍ରୟରେ ଖୋଦିତ ରାମାୟଣର ଦୃଶ୍ୟାବଳୀ ଆଜିସୁଦ୍ଧା ଦର୍ଶକମାନଙ୍କୁ ଅଭିଭୂତ କରାଉଛି । ଲକ୍ଷ୍ମଣେଶ୍ୱର ମନ୍ଦିରରେ ମହାପ୍ରତାପୀ ଅସୁରରାଜ ରାବଣ ଦ୍ୱାରା କୈଳାସ ପର୍ବତର ଉତ୍‌ପାଟନ ଦୃଶ୍ୟ ଅତି ସୁନ୍ଦରଭାବରେ ଖୋଦିତ ହୋଇଛି । ସେହି ତିନୋଟି ମନ୍ଦିରର ଗାତ୍ରରେ ରାମ-ରାବଣ ଯୁଦ୍ଧର କେତେକ ଦୃଶ୍ୟ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରେ ।

ଭୁବନେଶ୍ୱରର ଅନ୍ୟତମ ପ୍ରାଚୀନ ମନ୍ଦିର ସ୍ୱର୍ଣ୍ଣଜାଳେଶ୍ୱରରେ ମଧ୍ୟ ରାମାୟଣ ବର୍ଣ୍ଣିତ ମାୟାମୃଗ ବଧ, ସପ୍ତଶାଳ ଛେଦନ, ବାଳୀବଧ ତଥା ବାନର ସୈନ୍ୟବାହିନୀର ମୁଖ୍ୟ ସଦସ୍ୟମାନଙ୍କ ସହିତ ଶ୍ରୀରାମଙ୍କର ଯୁଦ୍ଧକାଳୀନ ମନ୍ତ୍ରଣା ତଥା ଅନ୍ୟ କେତେକ ଦୃଶ୍ୟ ମଧ୍ୟ ଉତ୍କୀର୍ଣ୍ଣ ହୋଇଛି । ଏହି ମନ୍ଦିରଗୁଡ଼ିକ ବ୍ୟତୀତ, ଭୁବନେଶ୍ୱରର ଶ୍ରେଷ୍ଠ ଲିଙ୍ଗରାଜ ମନ୍ଦିରର ଜଗମୋହନ ବାଡ଼ରେ ମଧ୍ୟ ରାମାୟଣ ବର୍ଣ୍ଣିତ ଯୁଦ୍ଧ-କାଳୀନ ଦୃଶ୍ୟାବଳୀ ଖୋଦନ କରାଯାଇ ଉତ୍କଳୀୟ କଳାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଛି ।

କେବଳ ଭୁବନେଶ୍ୱରରେ କାହିଁକି, ଭୁବନେଶ୍ୱରର ଅଦୂରବର୍ତ୍ତୀ ପ୍ରାଚୀନଦୀ ତଟବର୍ତ୍ତୀ ଚଉରାଶି ଗ୍ରାମର ବାରାହୀ ଦେବୀଙ୍କ ମନ୍ଦିରରେ ମାୟାମୃଗ ବଧ, ସୀତାହରଣ, ଜଟାୟୁ ମରଣ, ସପ୍ତଶାଳ ଛେଦନ, ବାଳୀବଧ, ସେତୁବନ୍ଧନ ଆଦି ରାମାୟଣର ପ୍ରଖ୍ୟାତ ଘଟଣାବଳୀ

Digitized by PPRACHIN, SOA

ଖୋଦନ କରାଯାଇଛି । ଐତିହାସିକମାନଙ୍କ ଗବେଷଣାରୁ ଜଣାଯାଏ ଯେ, ଉପରୋକ୍ତ ମନ୍ଦିରଗୁଡ଼ିକ ଖ୍ରୀଷ୍ଟୀୟ ଷଷ୍ଠ, ସପ୍ତମ ଶତାବ୍ଦୀଠାରୁ ଆରମ୍ଭ କରି ଦଶମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିଲା । ଏହି କଳାକୃତିର ପରମ୍ପରାରେ ଅନୁପ୍ରାଣିତ ହୋଇ ଗ୍ରାମୀଣ କଳାକ୍ଷେତ୍ରରେ ମଧ୍ୟ 'ରାମାଭିଷେକ' ଆଦି ପରମ୍ପରା ଶତାବ୍ଦୀର ଏକ ଧାରାରୂପେ ଚାଲିଆସୁଅଛି ।

ଓଡ଼ିଶାର କଳା ଓ ସ୍ଥାପତ୍ୟ ବ୍ୟତୀତ ସଂସ୍କୃତଜ୍ଞ ପ୍ରସିଦ୍ଧ ଓଡ଼ିଆ ବିଦ୍ୱାନ୍‌ମାନଙ୍କ ଦ୍ୱାରା ରାମ ଚରିତର ଅବଲମ୍ବନରେ ଅନେକ ସଂସ୍କୃତ-ଗ୍ରନ୍ଥ ପ୍ରଣୀତ ହୋଇଥିଲା । ଖ୍ରୀଷ୍ଟାବ୍ଦ ଅଷ୍ଟମ-ନବମ ଶତାବ୍ଦୀର ପ୍ରଖ୍ୟାତ କବି ମୁରାରି ମିଶ୍ର 'ଅନର୍ଘ ରାଘବ' ନାମକ ଏକ ଭାରତ ବିଖ୍ୟାତ ନାଟକ ରଚନା କରି ଓଡ଼ିଶାର ବଡ଼ ଠାକୁର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର କୌଣସି ଏକ ଯାତ୍ରାରେ ପ୍ରଥମ ଅଭିନୟ କରାଇଥିଲେ । କବି ମୁରାରି ଅନର୍ଘ ରାଘବ ପ୍ରସ୍ତାବନାରେ ଲେଖିଛନ୍ତି—"ଅଳମତିବିସ୍ତରେଣ; ଭୋ ଭୋ ଲବଣୋଦବେଳାବନାଳୀତମାଳତରୁକନ୍ଦଳସ୍ୟ ତ୍ରିଭୁବନ-ମୌଳିମଣ୍ଡନମହାନୀଳମଣେଃ କମଳାକୁଚକଳସକସ୍ତୂରିକାପତ୍ରାଙ୍କୁରସ୍ୟ ଭଗବତଃ ପୁରୁଷୋତ୍ତମସ୍ୟ ଯାତ୍ରାୟାମୁପସ୍ଥାପନୀୟାଃ ସଭାସଦଃ··· ।"

ଏତଦ୍‌ବ୍ୟତୀତ ନାରାୟଣ ସତ୍ପଥୀଙ୍କ ରାମାଭ୍ୟୁଦୟ କାବ୍ୟ, ବିଶ୍ୱବିଖ୍ୟାତ ଆଳଙ୍କାରିକ ବିଶ୍ୱନାଥ କବିରାଜଙ୍କର ରାଘବ ବିଳାସ, କବିଚନ୍ଦ୍ର ରାୟ ଦିବାକର ମିଶ୍ରଙ୍କ ଜାନକୀ ବିଳାସ, କବୀନ୍ଦ୍ର ମାର୍କଣ୍ଡେୟ ମିଶ୍ରଙ୍କ ଦଶଗ୍ରୀବ ବଧ ମହାକାବ୍ୟ, କବି ବାସୁଦେବ ପ୍ରହରାଜଙ୍କ ରାଘବ—ଯାଦବୀୟ ମହାକାବ୍ୟ, ମେଘଦୂତ କାବ୍ୟର ଅବଲମ୍ବନରେ ଲିଖିତ । କବି କୃଷ୍ଣ ଶ୍ରୀଚନ୍ଦନଙ୍କ ଅବଦୂତ ନାମକ ଖଣ୍ଡକାବ୍ୟ ଆଦି ରାମଭକ୍ତି-ଭାବ-ସମ୍ବଳିତ ସଂସ୍କୃତଗ୍ରନ୍ଥର ରଚନାରୁ ସ୍ପଷ୍ଟ ଜଣାଯାଏ ଯେ, ମହାକବି କାଳିଦାସଙ୍କ ସମୟରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ଧାରାବାହିକ ଭାବରେ ଓଡ଼ିଶାର କଳା ଓ ସାହିତ୍ୟକ୍ଷେତ୍ରରେ ରାମ ଚରିତାବଳୀର ଆଲୋଚନା ଅକ୍ଷୁଣ୍ଣ ଥିଲା ।

ଓଡ଼ିଆ ସାହିତ୍ୟରେ ମହାକବି ସାରଳାଙ୍କ ଯୁଗଠାରୁ ଅଦ୍ୟାବଧି ରାମ ଚରିତାବଳୀର ଆଲୋଚନା ସାହିତ୍ୟର ବିଭିନ୍ନ ବିଭାବ ମାଧ୍ୟମରେ ହୋଇଆସୁଛି; ତେଣୁ ସେ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଆଲୋଚନା ଏଠାରେ ପ୍ରଦତ୍ତ ହୋଇଛି—

Digitized by PPRACHIN, SOA

ସାରଳା ଦାସ :—

ଉତ୍କଳର ବ୍ୟାସକବି ସାରଳା ଦାସ ଓଡ଼ିଶାର ସର୍ବପ୍ରଥମ ସୁବୃହତ୍ ଗ୍ରନ୍ଥପ୍ରଣେତା ରୂପେ ପରିଚିତ । ପଡ଼ୋଶୀ ପ୍ରାଦେଶିକ ଭାଷା ବିଶେଷତଃ ବଙ୍ଗଳା ଓ ହିନ୍ଦୀରେ ପୁରାଣ ଅନୁବାଦର ନାମଗନ୍ଧ ନ ଥିବାବେଳେ ସେ ଝଙ୍କଡ଼ ପରି ଏକ ପଲ୍ଲୀଗ୍ରାମର କୃଷକ କୁଳରେ ଜନ୍ମଗ୍ରହଣ କରି ସେଠାକାର ଅଧିଷ୍ଠାତ୍ରୀ ଦେବୀ ସାରଳାଙ୍କ ପ୍ରସାଦରୁ ମହାଭାରତପରି ଅଷ୍ଟାଦଶପର୍ବ ବିଶିଷ୍ଟ ଏକ ବିରାଟ ମୌଳିକ ଗ୍ରନ୍ଥରଚୟିତା ରୂପେ ଉତ୍କଳର ପୂରପଲ୍ଲୀରେ ଖ୍ୟାତିଲାଭ କରିଥିଲେ । ମହାକବି ସାରଳା ଦାସ ସ୍ୱୀୟ ମହାଭାରତରେ ସୂର୍ଯ୍ୟବଂଶର ଗଜପତି କପିଳେନ୍ଦ୍ରଦେବଙ୍କ ରାଜତ୍ୱକାଳର କେତେକ ପ୍ରସିଦ୍ଧ ଘଟଣା ପ୍ରସଙ୍ଗକ୍ରମେ ପୌରାଣିକ ଭାବରେ ଆଲୋଚନା କରିଥିବାରୁ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହାର ରଚନା ସମୟ ପଞ୍ଚଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବୋଲି ସ୍ଥିର କରିଛନ୍ତି (*) ।

ସାରଳା ଦାସ ସ୍ୱରଚିତ ମହାଭାରତର ବନପର୍ବରେ ରାମାୟଣ ବର୍ଣ୍ଣିତ ଭଗୀରଥଙ୍କ ଜନ୍ମ, ତାଙ୍କଦ୍ୱାରା ଗଙ୍ଗାଙ୍କ ଆନୟନ ଆଦି ବହୁ ବୃତ୍ତାନ୍ତ ବର୍ଣ୍ଣନା କରିଛନ୍ତି । ସଗର ରାଜାଙ୍କର ଦଶସହସ୍ର ପୁତ୍ର କପରି ଉଦ୍ଧତ ହୋଇ କପିଳମୁନିଙ୍କଦ୍ୱାରା ଶାପଗ୍ରସ୍ତ ହେଲେ ଏବଂ ସେହି ବଂଶରେ ଭଗୀରଥ ଜାତହୋଇ କପରି ପିତୃପୁରୁଷଙ୍କୁ ଉଦ୍ଧାର କଲେ ତାହାର ବିବରଣ ଏଥିରେ ମିଳେ ।

ସେହି ପ୍ରକରଣରେ, ଐରାବତ ଓ ଗଙ୍ଗାଙ୍କ ମଧ୍ୟରେ ଏକ କୌତୂହଳ ଉଦ୍ଦୀପକ ଉକ୍ତିର ଅବତାରଣା, କବି ସାରଳା ଦାସ ଅତି ଚମତ୍କାରଭାବରେ କରିଛନ୍ତି । ଉକ୍ତ ପ୍ରସଙ୍ଗରୁ କେତେକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା—

"ଐରାବତଙ୍କୁ ଦେଖିଣ ବୋଲେ ଧବଳାଙ୍ଗୀ ।
ଆହେ ମହାନାଗ ତୁମ୍ଭ ଦନ୍ତମାର ବେଗି ॥

* Battle of Devarakonda as described in a story of Oriya Mahabharata, J. A. H. R. S., Vol. XXV, Page 19.

Digitized by PPRACHIN, SOA

ମୁହିଁ ଗମନ କରିବ ମଧ୍ୟ ଭୁବନକୁ ।
ଭଗୀରଥ ନେବ ପିତୃଗଣ ତାରିବାକୁ ॥

× × ×

ମୁହିଁ ମାଗିବ ପଦାର୍ଥେ ଦେବୁ ଯେବେ ମୋତେ ।
ମର୍ତ୍ତ୍ୟରେ କହ ମାଗିବ ତେବେ ତୋ ଅଗ୍ରତେ ॥

× × ×

ଗଜରାଜ ବୋଲେ ମୋତେ ଏହି ବର ଦିଅ ।
ଆଗୋ ଧବଳାଙ୍ଗି ତୁହି ମୋର ଭାର୍ଯ୍ୟା ହୁଅ ॥

× × ×

ମୋ ଦର୍ପ ସହିପାରିବୁ ଯେବେ ଗଜରାଜା ।
ଅବଶ୍ୟ ହୋଇବି ମୁହିଁ ତୋହର ଭାରିଜା ॥
ଶୁଣି ଐରାବତ ଗଜ କରି ମହାରୋଷ ।
ପଛକୁ ଘୁଞ୍ଚିଗଲ ଯେ ପୁଣ ପଞ୍ଚଦଶ ॥
କଣ୍ଠ ଗର୍ଜନ କରଣ ଧାଇଁ ମହାନାଗ ।
ଚତୁର୍ଦନ୍ତ ମେରୁପରେ ମାଇଲ ସେ ବେଗ ॥
ଷାଠିଏ ଯୋଜନ ମେରୁ ମେଖଳାରେ କଣ୍ଠି ।
ଐରାବତ ଦନ୍ତାଘାତେ ଗିରିଗଲ ଫୁଟି ॥” (*)

ଉକ୍ତ ପ୍ରସଙ୍ଗରେ ଜୟନ୍ତକ ଓ ଅଜୟନ୍ତକ ନାମକ ଦ୍ୱାରପାଳଙ୍କ ଶୂଳ ପ୍ରହାର ଫଳରେ ମେରୁଗିରିରୁ ଗଙ୍ଗାଙ୍କ ନିସ୍ତାର ଓ ପରେ ନିଧାରା ଗଙ୍ଗାଙ୍କୁ ଶୁଣ୍ଢିଆଣୀ ନିଜ ସୁରାହାଣ୍ଡିରେ ଭରିକରି ରଖିବା ବୃତ୍ତାନ୍ତ ଆଦି କବି ସାରଳା ଦାସଙ୍କ ପୂର୍ଣ୍ଣ କପୋଳକଳ୍ପିତ ବୋଲି ଜଣାଯାଏ ।

ପରବର୍ତ୍ତୀ ଅଧ୍ୟାୟରେ ତାଡ଼କାସୁରୀ ବଧ ପ୍ରସଙ୍ଗରେ କବି ସାରଳା ଅଦ୍ଭୁତ ଓ ଅବାସ୍ତବ କଳ୍ପନାମାନ କରି ଯେପରି ଭାବରେ ସ୍ୱକଳ୍ପିତ କାହାଣୀର ସଙ୍ଗତି ରକ୍ଷା କରିଛନ୍ତି ତାହା ହିଁ ତାଙ୍କ ପ୍ରତିଭାର ବିଶେଷତ୍ୱ ।

* ସାରଳା ମହାଭାରତ, ବନପର୍ବ, ରାଧାରମଣ ପୁସ୍ତକାଳୟ ସଂସ୍କରଣ

Digitized by PPRACHIN, SOA

(ଏକଶହ ବାର)

"ତ୍ରେତୟା ଯୁଗର କଥା ଶୁଣ ଯୁଧିଷ୍ଠିରେ ।
ଦଶରଥ ଲୁଚିଥିଲ ପର୍ଶୁରାମ ଡରେ ॥
ଅପୁତ୍ରିକ ଦୋଷେ ତାଙ୍କୁ ପର୍ଶୁ ନ ମାଇଲେ ।
ଯହୁଁ ତା'ର ଗୃହ ପୁତ୍ର ଜନମ ହୋଇଲେ ॥
ତାଙ୍କୁ ପର୍ଶୁରାମ ଠାରୁ କଲେକ ଗୁପତ ।
ଅନ୍ତଃପୁରୁ ବାହାର ନ କରେ ଦଶରଥ ॥
ପାତ୍ର ଅମାତ୍ୟ ଏ ଆଦି ଜାଣନ୍ତି ସକଳ ।
ଗୁପ୍ତେ ସାତ ବର୍ଷ କଲେ ତାଙ୍କୁ ମହୀପାଳ ॥"

ତତ୍ପରେ ବିଶ୍ୱାମିତ୍ର ମୁନି ସନ୍ଧ୍ୟାକରି ବସିଥିବାବେଳେ ଗୋଟିଏ ଅଦ୍ଭୁତ ଘୋଟକ ଆସି ସେଠାରେ ଉପସ୍ଥିତ ହେଲ । ସେ ଘୋଡ଼ାର ସର୍ବାଙ୍ଗରେ ଛେଲ, ନାରାଚ, ଶାବେଳୀ, ଚକ୍ର, ପଟ୍ଟିଶ, ଲଙ୍କିଆ, କୋଣ, ନବନଶିକୁନ୍ତ, ଗଦା, ମୁଦ୍‌ଗର, ଫଳା ଆଦି ଅସ୍ତ୍ରଶସ୍ତ୍ର ଖଞ୍ଜା ହୋଇଥିଲ । ସେ ଅଦ୍ଭୁତ ଘୋଟକର ବର୍ଣ୍ଣ ଧବଳ । ଏହି ସମୟରେ ଆକାଶରୁ ଏକ ଖଡ୍‌ଗ ଆସି ଉପସ୍ଥିତ ହେଲ ଏବଂ ସେହି ଘୋଟକରେ ଚଢ଼ି ନିର୍ଦ୍ଦିଷ୍ଟ ଖଡ୍‌ଗଦ୍ୱାରା ଦଶରଥ ଗୃହରେ ଜାତ ହୋଇଥିବା ରାମଲକ୍ଷ୍ମଣ ତାଡ଼କଙ୍କୁ ସଂହାର କରିବେ ବୋଲି ବିଶ୍ୱାମିତ୍ରଙ୍କୁ ନିର୍ଦ୍ଦେଶ କରି ଆକାଶବାଣୀ ହେଲ । ବିଶ୍ୱାମିତ୍ର ତତ୍ପରେ ଅଯୋଧ୍ୟାକୁ ଯାଇ ଦଶରଥଙ୍କ ଘରେ ଉପସ୍ଥିତ ହୁଅନ୍ତେ, ସେ ମିଥ୍ୟାକଥା କହି ନିଜର ପୁତ୍ର ନ ଥିବା ବିଷୟ ତାଙ୍କୁ ଜଣାନ୍ତେ ବିଶ୍ୱାମିତ୍ର ଆକାଶବାଣୀ ବିଷୟ ଦଶରଥଙ୍କୁ ଜଣାଇଲେ । ପରେ ବିଶ୍ୱାମିତ୍ର ରାମଲକ୍ଷ୍ମଣଙ୍କୁ ଅଣାଇ ଗଙ୍ଗାରେ ସ୍ନାନ କରାଇ ଶୁଣ୍ଡିଆଣୀ ହାଣ୍ଡିରେ ପଶିଥିବା ଦୋଷରୁ ଗଙ୍ଗାଙ୍କୁ ମୁକ୍ତ କରାଇଲେ ।

କବି ସାରଳା ଦାସ କେବଳ ପୂର୍ବୋକ୍ତମତେ ରାମାୟଣର ପ୍ରସଙ୍ଗ ବର୍ଣ୍ଣନା କରି କ୍ଷାନ୍ତ ହୋଇ ନାହାନ୍ତି; ସେ ପରବର୍ତ୍ତୀ ପ୍ରକରଣରେ ସମୁଦାୟ ରାମାୟଣର ମୁଖ୍ୟ ବୃତ୍ତାନ୍ତ ଅର୍ଥାତ୍ ଚମ୍ପାବତୀ ନଗରୀରେ ଅନାବୃଷ୍ଟି, ଜରତୀ ବେଶ୍ୟାଦ୍ୱାରା ବିଭାଣ୍ଡକ ସୁତ ଋଷ୍ୟଶୃଙ୍ଗଙ୍କ ଆନୟନ ଆଦି ଘଟଣାରୁ ଆରମ୍ଭ କରି ରାବଣବଧ ଓ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ବିଷୟକୁ ପ୍ରାଞ୍ଜଳରୂପେ ବର୍ଣ୍ଣନା କରିଛନ୍ତି ।

Digitized by PPRACHIN, SOA

(ଏକଶହ ତେର)

ମହାଭାରତର ବନପର୍ବରେ ରାମାୟଣର ପ୍ରସଙ୍ଗ କାଳେ ଅପ୍ରାସଙ୍ଗିକ ତଥା ଅଯୌକ୍ତିକ ହେବ ସେଥିଲାଗି କବି ସାରଳା ଦାସ ବନବାସ କାଳରେ ଯୁଧିଷ୍ଠିରଙ୍କ ଜିଜ୍ଞାସାମତେ ମାର୍କଣ୍ଡେୟ ମୁନିଙ୍କ ମୁଖରେ ରାମାୟଣର ପ୍ରତ୍ୟେକ ଘଟଣା ସଂକ୍ଷିପ୍ତରୂପେ ବର୍ଣ୍ଣନା କରିଛନ୍ତି ।

"ମାରକଣ୍ଡ ଉକ୍ତ ଧର୍ମପୁରାଣ ପ୍ରସିଦ୍ଧି ।
ଯୁଧିଷ୍ଠିର ମାଘସ୍ନାନ କଲେ ମହୋଦଧି ॥
ଚଳନ୍ତି ଧର୍ମନନ୍ଦନ ମହୋଦଧି କୂଳେ ।
ଗହନ ବନ ଦେଖିଲେ ପଶ୍ଚିମ କୋଣଲେ ॥
କରଞ୍ଜବନକୁ ଜାଣି ଚଳିଲେ ବହନ ।
ଉତ୍ତରବାହିନୀ କାମଭଦ୍ରା ନଦୀନାମ ॥
ଏହି ପଞ୍ଚବଟୀବନ ମାର୍କଣ୍ଡ ବୋଇଲେ ।
ଋଷ୍ୟଶୃଙ୍ଗମୁନି ଏଠି ଯଜ୍ଞ କରିଥିଲେ ॥
ବାବୁ ଦଶରଥ ରାଜା ଅପୁତ୍ରିକ ଥିଲା ।
ଋଷ୍ୟଶୃଙ୍ଗ ଯୋଗୁ ଚାରିପୁତ୍ର ସେ ପାଇଲା ॥"

ଏହି ପ୍ରକରଣରେ ଯୁଧିଷ୍ଠିର ଦଶରଥଙ୍କ ଅପୁତ୍ରିକ ହେବାର କାରଣ ପ୍ରସଙ୍ଗରେ ଜିଜ୍ଞାସା କରନ୍ତେ ମାର୍କଣ୍ଡେୟ ମୁଖରେ କବି ସାରଳା ଦାସ କହିଛନ୍ତି—

"ମାର୍କଣ୍ଡ ବୋଇଲେ ଶୁଣ ଯୁଧିଷ୍ଠିର ରାଣ ।
ଦଶରଥ ଅପୁତ୍ରିକ ହେବାର କାରଣ ॥
ରାଜା ଦଶରଥ ତୁଲେ ବାସବ ମଇତ୍ର ।
ଶନି ପ୍ରବେଶ ହୋଇଲେ ରୋହିଣୀ ନକ୍ଷତ୍ର ॥
ରୋହିଣୀବୃଷରାଶି ଯେ ସେ ଦଶରଥର ।
ରୋହିଣୀବୃଷଭରାଶି ପୁଣି ଇନ୍ଦ୍ରଙ୍କର ॥
ସେ କାରଣୁ ବହୁ ପ୍ରୀତି ଏ ଦୁହିଁଙ୍କ ଜାଣ ।
ନକ୍ଷତ୍ର ବନ୍ଧାପନା ଯେ କରେ ସୁରରାଣ ॥
ମାତଳୀକୁ ରାଇ ଆଜ୍ଞା ଦେଲେ ସୁରପତି ।
ରଥ ଘେନିଣ ଅଯୋଧ୍ୟା ଯାଅ ହେ ଝଟତି ॥
ଏଠା ଉତ୍ସବ କରିବ ମଇତ୍ରର ଆଗେ ।
ଦଶରଥ ରାଜାଙ୍କୁ ତୁ ଘେନ ଆସ ବେଗେ ॥

× × ×

Digitized by PPRACHIN, SOA

କଇକେୟୀଙ୍କି କହିଲେ ଯାଇ ମହୀପାଳ ।
ତୁମ୍ଭେ ରାଜ୍ୟ ସମ୍ଭାଳ ମୁଁ ଯିବ ସୁରଆଳ ॥
× × ×
ଗମନ ଦିନ ରହିଲେ ରାଜା ପାଞ୍ଚଦିନ ।
ଏଣେ ଯେ କୈକେୟୀ ରାଣୀ କଲେ ଋତୁ ସ୍ନାନ ॥
ମନ୍ଥରାକୁ ହକାରଣ ବୋଇଲେ କୈକେୟୀ ।
ସ୍ୱର୍ଗପୁରୁ ରାଜାଙ୍କୁ ତୁ ଘେନ ଆସ ଯାଇ ॥
× × ×
ବାସବ ଆଗେ କହିଲେ ଯାଇ ଦଶରଥ ।
ଅଯୋଧ୍ୟାକୁ ଯିବ ଆଜ୍ଞା ଦିଅ ସୁରନାଥ ॥
× × ×
ବିମାନେ ବସିଲେ ରାଜା ହୋଇଣ ଆନନ୍ଦ ।
ଭୋଳେ ଲମ୍ବାଇଣ ଥିଲେ ତାଙ୍କ ବେନି ପାଦ ॥"

ଏହାପରେ ରାଜା ବିମାନରେ ବସି ଆସୁଥିବା ମାର୍ଗରେ ବେଦମାତା କପିଳାକୁ ନ ଦେଖି ତାଙ୍କ ଉପରେ ଭୋଳରେ ପାଦ ପ୍ରହାର କରନ୍ତେ ସେ "ଅପୁତ୍ରିକ ହୁଅ" ବୋଲି ଅଭିଶାପ ଦେଲେ । ତହୁଁ ରାଜା ବିବ୍ରତ ହୋଇ କପିଳା ଧେନୁର ସେବାରେ ଆତ୍ମନିୟୋଗ କଲେ । ରାଜା କଠୋରବ୍ରତ ପାଳନପୂର୍ବକ କପିଳାର ସେବା କରୁଥିବା ସମୟରେ ଦିନେ ବନମାର୍ଗରେ କପିଳା ଧେନୁକୁ ଗୋଟିଏ ମାୟାବ୍ୟାଘ୍ର ଆକ୍ରମଣ କଲା । ତହୁଁ ଦଶରଥ ବ୍ୟାଘ୍ର ଉପରେ ଅସ୍ତ୍ର ପ୍ରୟୋଗ କରି ନିରସ୍ତ ହୁଅନ୍ତେ, ଧେନୁ ବିନିମୟରେ ନିଜର ଶରୀର ଦାନ କରିବା ଲାଗି ପ୍ରସ୍ତୁତ ହେଲେ । ତହୁଁ ମାୟାବ୍ୟାଘ୍ର ଅନ୍ତର୍ଦ୍ଧାନ ହୋଇଗଲା ଓ ବେଦମାତା ଦଶରଥଙ୍କ ସେବାରେ ସନ୍ତୁଷ୍ଟ ହୋଇ ତାଙ୍କୁ ପୁତ୍ରବର ଦେଲେ ବୋଲି କବି ସାରଳା ଦାସ ନିଜ ରାମାୟଣର ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ।

ପୂର୍ବୋକ୍ତ ପ୍ରସଙ୍ଗ ପ୍ରତି ଦୃଷ୍ଟି ଦେଲେ ସ୍ପଷ୍ଟ ଜଣାଯାଏ ଯେ, ବିଚକ୍ଷଣ ପ୍ରତିଭାସମ୍ପନ୍ନ ସାରଳା ଦାସ କବିଗୁରୁ କାଳିଦାସଙ୍କ 'ରଘୁବଂଶ ମହାକାବ୍ୟ'ର ଦିଲୀପ-ନନ୍ଦିନୀ ଉପାଖ୍ୟାନର ଅନୁକରଣରେ ଉକ୍ତ କଥାବସ୍ତୁର କଳ୍ପନା କରିଛନ୍ତି ।

Digitized by PPRACHIN, SOA

(ଏକଶହ ପନ୍ଦର)

'ରଘୁବଂଶ'ର ପ୍ରଖ୍ୟାତ ରାଜା ଦିଲୀପ ଏକ ସମୟରେ ଇନ୍ଦ୍ରଙ୍କ ପୂଜା କରି ଫେରି ଆସୁଥିବା ସମୟରେ କଳ୍ପବୃକ୍ଷ ଛାୟାରେ ବିଶ୍ରାମ କରୁଥିବା କାମଧେନୁ ସୁରଭିଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ନ ଥିଲେ । ତେଣୁ ସୁରଭି କ୍ରୋଧାନ୍ୱିତା ହୋଇ ରାଜାଙ୍କୁ ଅପୁତ୍ରିକ ହେବାଲାଗି ଅଭିଶାପ ଦେଇଥିଲେ । ସେହି ଅଭିଶାପରୁ ମୁକ୍ତ ହେବା-ଲାଗି ରାଜା ଦିଲୀପ ଗୁରୁ ବଶିଷ୍ଠଙ୍କ ଆଦେଶମତେ ସୁରଭିର କନ୍ୟା ନନ୍ଦିନୀଙ୍କୁ ସେବା କରିବାଲାଗି ତତ୍ପର ହୋଇଥିଲେ ଏବଂ ଉକ୍ତ ସେବାରେ ନିଯୁକ୍ତ ଥିବା ସମୟରେ ଥରେ ବନମାର୍ଗରେ ମାୟାସିଂହ ନନ୍ଦିନୀଙ୍କୁ ଆକ୍ରମଣ କରନ୍ତେ ରାଜା ପ୍ରଥମେ ଶସ୍ତ୍ର ପ୍ରୟୋଗରେ ସିଂହ ମୁଖରୁ ତାଙ୍କୁ ରକ୍ଷା କରିବା ଲାଗି ଚେଷ୍ଟା କଲେ ; ମାତ୍ର ସେଥିରେ ବିଫଳ ହୋଇ ପରିଶେଷରେ ଆତ୍ମୋତ୍ସର୍ଗ ଦ୍ୱାରା ଆରାଧ୍ୟା ଧେନୁର ପ୍ରାଣ ରକ୍ଷା କରିବାକୁ ତତ୍ପର ହେଲେ । ତହୁଁ ମାୟାସିଂହ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲା, ନନ୍ଦିନୀ ଦିଲୀପଙ୍କ ସେବାରେ ସନ୍ତୁଷ୍ଟା ହୋଇ ତାଙ୍କୁ ପୁତ୍ରପ୍ରାପ୍ତି ନିମିତ୍ତ ବର ଦାନ କଲେ ।

ଉକ୍ତ ଉପାଖ୍ୟାନଟି ରଘୁବଂଶ ମହାକାବ୍ୟର ପ୍ରଥମସର୍ଗ ଶେଷ-ଭାଗରୁ ଆରମ୍ଭ ହୋଇ ଦ୍ୱିତୀୟସର୍ଗ ଶେଷ ସୁଦ୍ଧା ବର୍ଣ୍ଣିତ ହୋଇଛି ।

"ପୁରା ଶକ୍ରମୁପସ୍ଥାୟ ତବୋର୍ବୀଂ ପ୍ରତିଯାସ୍ୟତଃ ।
ଆସୀତ୍ କଳ୍ପତରୁଚ୍ଛାୟାମାଶ୍ରିତା ସୁରଭିଃ ପଥି ॥
ଧର୍ମଲୋପଭୟାଦ୍ରାଜ୍ଞୀମୃତୁସ୍ନାତାମିମାଂ ସ୍ମରନ୍ ।
ପ୍ରଦକ୍ଷିଣକ୍ରିୟାର୍ହାୟାଂ ତସ୍ୟାଂ ତ୍ୱଂ ସାଧୁ ନାଚରଃ ॥

X X X

ଅବଜାନାସି ମାଂ ଯସ୍ମାଦତସ୍ତେ ନ ଭବିଷ୍ୟତି ।
ମତ୍ ପ୍ରସୂତିମନାରାଧ୍ୟ ପ୍ରଜେତି ତ୍ୱାଂ ଶଶାପ ସା ॥

X X X

ସୁତାଂ ତଦୀୟାଂ ସୁରଭେଃ କୃତ୍ୱା ପ୍ରତିନିଧିଂ ଶୁଚିଃ ।
ଆରାଧୟ ସପତ୍ନୀକଃ ପ୍ରୀତା କାମଦୁଘା ହି ସା ॥

X X X

ଅଥ ପ୍ରଜାନାମଧିପଃ ପ୍ରଭାତେ ଜାୟା ପ୍ରତିଗ୍ରାହିତ ଗନ୍ଧମାଲ୍ୟାମ୍ ।
ବନାୟ ପୀତପ୍ରତିବଦ୍ଧବତ୍ସାଂ ଯଶୋଧନୋ ଧେନୁମୃଷେର୍ମୁମୋଚ ॥

X X X

Digitized by PPRACHIN, SOA

(ଏକଶତ ଷୋହଳ)

ତତଃ ସମାସାଦ୍ୟ ସ ମାନଚାର୍ଥୀ
ହନ୍ତ୍ରୀ ସ୍ୱହସ୍ତାର୍ଜିତ ବୀରଶବ୍ଦଃ ।
ବଂଶସ୍ୟ କର୍ତ୍ତାରମନନ୍ତକୀର୍ତ୍ତିଂ
ସୁଦକ୍ଷିଣାୟାଂ ତନୟଂ ଯୟାଚେ ॥

(ରଘୁବଂଶ ମହାକାବ୍ୟ, ୧ମ ସର୍ଗ—୭୫, ୭୬, ୭୭ ଓ ୮୧ ଶ୍ଳୋକ ଓ ଦ୍ୱିତୀୟ ସର୍ଗ—୧ ଓ ୭୪ ଶ୍ଳୋକ)

କବି ସାରଳା ଦାସ 'ରଘୁବଂଶ ମହାକାବ୍ୟ'ର ଉକ୍ତ ଉପାଖ୍ୟାନଟିକୁ ହୃଦୟଙ୍ଗମ କରି ତାକୁ ଅବିକଳରୂପେ ଦଶରଥଙ୍କ ପ୍ରସଙ୍ଗରେ ଏପରି ଭାବରେ ବର୍ଣ୍ଣନା କରିଛନ୍ତି ଯେ 'ରଘୁବଂଶ ମହାକାବ୍ୟ' ପାଠ କରି ନ ଥିବା ଯେ କୌଣସି ବ୍ୟକ୍ତି ଘଟଣାବଳୀର ସତ୍ୟତାରେ ଆଦୌ ସନ୍ଦେହ କରିପାରିବ ନାହିଁ । ଏହା ହିଁ କବିଙ୍କର ବୁଦ୍ଧିବିଚକ୍ଷଣତାର ପୂର୍ଣ୍ଣ ପରିଚୟ ଦିଏ ଏବଂ କବି ସାରଳା ଦାସଙ୍କୁ ଏକ ପଲ୍ଲୀ ଅଞ୍ଚଳର ଅଶିକ୍ଷିତ ବ୍ୟକ୍ତିରୂପେ ଯେଉଁମାନେ ଗ୍ରହଣ କରନ୍ତି ସେମାନଙ୍କର ସନ୍ଦେହ ମୋଚନ କରେ । ଏତଦ୍‌ବ୍ୟତୀତ କବି ସାରଳା ଦାସ ରାମାୟଣର ଅନ୍ୟ କେତେକ ସ୍ଥଳରେ ମଧ୍ୟ କଳ୍ପନାର ଆଶ୍ରୟ ନେଇ ନିଜର ଅଲୌକିକ ପ୍ରତିଭାର ପରିଚୟ ଦେଇଛନ୍ତି (୫) ।

କବି ସାରଳା ଦାସ ସ୍ୱରଚିତ ମହାଭାରତର 'ବନପର୍ବ'ରେ ରାମାୟଣ ଚରିତ ସଂକ୍ଷେପରେ ବର୍ଣ୍ଣନା କରି କ୍ଷାନ୍ତ ହୋଇ ନାହାନ୍ତି । ସେ ବୋଧହୁଏ ମହାଭାରତର ରଚନା ପରେ 'ବିଲଙ୍କା ରାମାୟଣ'ର ପ୍ରଣୟନରେ ମନ ବଳାଇଥିଲେ । କବି 'ବିଲଙ୍କା ରାମାୟଣ' ଗ୍ରନ୍ଥରେ ଏକ ଅଲୌକିକ କଥାବସ୍ତୁ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତତ୍କାଳୀନ ସମାଜରେ ନାରୀମାନଙ୍କର ନିର୍ଯ୍ୟାତନା ପ୍ରତି ଲକ୍ଷ୍ୟକରି ଏକ ତୁମୂଳ ବିଦ୍ରୋହର ସୂତ୍ରପାତ କରିଛନ୍ତି । ସମାଜରେ ନାରୀର ସ୍ଥାନ ପୁରୁଷ ତୁଳନାରେ ଆଦୌ ନ୍ୟୂନ ନୁହେଁ । ନାରୀମାନେ ନିଜର ଅପୂର୍ବ ଲୋକ-ମୋହିନୀ ଶକ୍ତିଦ୍ୱାରା ଦୁନିଆର ପ୍ରବଳ ପରାକ୍ରାନ୍ତ ଦୁର୍ଦ୍ଧର୍ଷ ବ୍ୟକ୍ତିକୁ ଅନାୟାସରେ ପରାସ୍ତ କରିପାରନ୍ତି ; ଏବଂ ଯେଉଁଠାରେ ପୁରୁଷର ଶାଷଣ

(୫) ଉକ୍ତ ପ୍ରସଙ୍ଗରେ ରାଧାରମଣ ପୁସ୍ତକାଳୟ ଦ୍ୱାରା ପ୍ରକାଶିତ 'ସାରଳା ମହାଭାରତ' ବନପର୍ବ, ପୃଷ୍ଠା ୨୨—୨୫, ୧୪୪—୧୫୭ ଓ ୨୮୮—୨୩୧ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଅସି ଓ ସୁତୀକ୍ଷ୍ଣ ନାରାଚ ବ୍ୟର୍ଥ ହୁଏ ସେଠାରେ ନାରୀ ଜନତାର ମଙ୍ଗଳ ଉଦ୍ଦେଶ୍ୟରେ ନିଜର ଶାନ୍ତା ଓ କାନ୍ତା ସ୍ୱରୂପକୁ ଚଣ୍ଡୀରୂପରେ ପରିଣତ କରାଏ । ଶକ୍ତିର ପ୍ରଚଣ୍ଡ ଜ୍ୱାଳାମୟୀ ମୂର୍ତ୍ତି ସମ୍ମୁଖରେ ପୁରୁଷର ସମସ୍ତ କାୟିକ ଶକ୍ତି ବ୍ୟର୍ଥ ହୁଏ ଓ ନାରୀ ବିଜୟିନୀ ହୋଇ ଦେଶ ଓ ଦଶର ସେବାରେ ବିଜୟ ବୈଜୟନ୍ତୀ ଉଡ଼ାଏ । ଏହି ଶାଶ୍ୱତ ସତ୍ୟ ପ୍ରକାଶରେ କବି ସାରଳା ଦାସ ମନ ବଳାଇ ରାମଚନ୍ଦ୍ରଙ୍କର ଗର୍ବଗଞ୍ଜନ ଛଳନାରେ ଉଦ୍ଧତ ପୁରୁଷମାନଙ୍କର ଗର୍ବଗଞ୍ଜନ ନିମିତ୍ତ 'ବିଲଙ୍କା ରାମାୟଣ'ର ପ୍ରଣୟନ କରିଥିଲେ ।

ରାବଣକୁ ବଧକରି ରାମଚନ୍ଦ୍ର ଲଙ୍କାରୁ ଫେରିଲା ପରେ ତାଙ୍କର ରାଜ୍ୟାଭିଷେକ ହେବାର ସମସ୍ତ ଆୟୋଜନ କରାଗଲା । କିନ୍ତୁ ବିଲଙ୍କା ଦେଶରେ ଲକ୍ଷେଶିରାର ପୁତ୍ର 'ସହସ୍ରଶିରା ରାବଣ' ଜୀବିତ ଥିବାରୁ ଦେବତାମାନଙ୍କ ମନରେ ଭୟ ଲାଗିଲା ପଡ଼ିଲା । ତହୁଁ ରାମଚନ୍ଦ୍ରଙ୍କ ଅଭିଷେକ ପୂର୍ବରୁ ଇନ୍ଦ୍ରାଦି ଦେବଗଣ ଖଳ ଓ ଦୁଷ୍ଟଙ୍କୁ ଡାକି ରାମସୀତାଙ୍କ କର୍ଣ୍ଣରେ ବସି ମହୀରାବଣ ବା ସହସ୍ରଶିରା ରାବଣର ବଧ ନିମିତ୍ତ ଉଚ୍ଚାଟ କରାଇବା ଲାଗି ଅଯୋଧ୍ୟାକୁ ପ୍ରେରଣ କଲେ ।

ଅଭିଷେକ ପୂର୍ବରୁ ରାମଚନ୍ଦ୍ର ସ୍ୱ ବଳବୀର୍ଯ୍ୟର ପ୍ରୌଢ଼ି ଦେଖାଇ ଆଲୋଚନା କରନ୍ତେ ସୀତା ଦେବୀ ସେଥିରେ ପ୍ରତିବାଦ କରି ସ୍ୱଶକ୍ତିର ପରାକାଷ୍ଠା ପ୍ରଖ୍ୟାପନପୂର୍ବକ ସର୍ବସମକ୍ଷରେ ରାମଚନ୍ଦ୍ରଙ୍କ ବଳବୀର୍ଯ୍ୟର ନ୍ୟୂନତା ପ୍ରତିପାଦନ କଲେ । କେବଳ ସେତିକିରେ ସୀତା ଦେବୀ କ୍ଷାନ୍ତ ନ ହୋଇ ସହସ୍ରଶିରା ରାବଣର ପରାକ୍ରମର ବ୍ୟାଖ୍ୟା କରି ତାକୁ ବଧ କରିବାକୁ ରାମଚନ୍ଦ୍ରଙ୍କୁ ଆହ୍ୱାନ କଲେ । ତହୁଁ ରାମଚନ୍ଦ୍ର ବିଲଙ୍କା ଗମନ କରି ସହସ୍ରଶିରା ରାବଣ ଦ୍ୱାରା ପରାସ୍ତ ହେଲେ । ଅବଶେଷରେ ସୀତା ଦେବୀ ଅଯୋଧ୍ୟାରୁ ଗମନ କରି ନିଜର ଅମୋଘ ଶକ୍ତି ବଳରେ ସହସ୍ରଶିରାର ବଳବୀର୍ଯ୍ୟ ହରଣ କରି ରାକ୍ଷସକୁ ବଧ କରିଥିଲେ ।

ଆଦିକବି ସାରଳା ଦାସ 'ବିଲଙ୍କା ରାମାୟଣ' ରଚନା କରି ଜଗତ୍ ସମକ୍ଷରେ ନାରୀ ଜାତିର ଅପୂର୍ବ ଟେକ ରଖିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କବି ସାରଳା ଦାସଙ୍କ ପରେ ଓଡ଼ିଆ ପୁରାଣ ରଚନାକ୍ଷେତ୍ରରେ ମାର୍କଣ୍ଡ ଦାସ, ବଳରାମ ଦାସ ପ୍ରଭୃତି ବହୁ କବି ରାମାୟଣ ଆଖ୍ୟାନକୁ

Digitized by PPRACHIN, SOA

ପୁରାଣ ମାଧ୍ୟମରେ ପ୍ରଚାର କରି ସ୍ୱ ସ୍ୱ କବି ପ୍ରତିଭାର ପରିଚୟ ଦେଇଛନ୍ତି । ଏ ସମ୍ବନ୍ଧରେ ବିଶଦ ଆଲୋଚନା ଓଡ଼ିଆ ପୁରାଣ ଖଣ୍ଡରେ କରାଯିବ । ପ୍ରସ୍ତୁତ ଖଣ୍ଡଟି ଓଡ଼ିଆ କାବ୍ୟଖଣ୍ଡ ହୋଇଥିବାରୁ ଏଥିରେ କେବଳ ଓଡ଼ିଆ କାବ୍ୟ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯିବାର ଅବକାଶ ରହିଛି । ତେଣୁ ଏଠାରେ ଓଡ଼ିଆରେ ରଚିତ ରାମକାବ୍ୟଗୁଡ଼ିକର (ପୋଥି, ଚଉତିଶା, କୋଇଲି ଆଦି ଉପବିଭାଗ ବ୍ୟତୀତ) ଆଲୋଚନା କରାଯାଇଛି ।

ଖ୍ରୀଷ୍ଟାବ୍ଦ ପଞ୍ଚଦଶ ଶତାବ୍ଦୀଠାରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ରାମାୟଣ କଥାବସ୍ତୁର ଅବଲମ୍ବନରେ ବିଭିନ୍ନ କବିଙ୍କ ଦ୍ୱାରା ପୁରାଣ ରଚିତ ହେବା ସଙ୍ଗେ ସଙ୍ଗେ ବହୁ ଛନ୍ଦସମନ୍ୱିତ କାବ୍ୟ-କବିତା ମଧ୍ୟ ପ୍ରଣୀତ ହୋଇଥିଲା । କାରଣ କେବଳ 'ଦାଣ୍ଡି' ବୃତ୍ତରେ ରଚିତ ପୁରାଣଗୁଡ଼ିକର ପାଠଦ୍ୱାରା ସାଧାରଣ ଜନତାର ପ୍ରାଣରେ ଯେଉଁ ପ୍ରକାର ସ୍ପନ୍ଦନ ଆସି ନ ଥିଲା, ଅନେକ ଛନ୍ଦ ତଥା ବିଭିନ୍ନ ଶୈଳୀସମନ୍ୱିତ କାବ୍ୟଗୁଡ଼ିକର ପାଠଦ୍ୱାରା ତତୋଽଧିକ ଉତ୍ସାହ, ଉଦ୍ଦୀପନା ଓ ଜାଗରଣ ସୃଷ୍ଟି ହୋଇଥିଲା । ସାଧାରଣ ପାଠକମାନଙ୍କର ଏ ପ୍ରକାର ଅଭିରୁଚିର ପରିପୋଷକରୂପେ କବିମାନେ ମଧ୍ୟ ତତ୍କାଳୀୟ ଅଭିନବ କାବ୍ୟମାନ ପ୍ରଣୟନ କରିବା ଦିଗରେ ବିଶେଷ ତତ୍ପର ହୋଇଥିଲେ । ପୁରାଣବର୍ଣ୍ଣିତ ନାୟକନାୟିକା ତଥା ଘଟଣାବଳୀକୁ ଅଳଙ୍କାରଶାସ୍ତ୍ରସମ୍ମତ ନିୟମମାନ ଦ୍ୱାରା ଅଧିକ ରୋଚକ କରାଇ କବିମାନେ ସମ୍ପୂର୍ଣ୍ଣ ରାମାୟଣ ବିଷୟବସ୍ତୁ କିମ୍ବା ଆଂଶିକ ଉପାଖ୍ୟାନକୁ କାବ୍ୟର ଆଲୋଚ୍ୟ ବିଷୟରୂପେ ଗ୍ରହଣ କରି ନୂତନ ଭାବଧାରାର ଅଗ୍ରଦୂତରୂପେ ରାମକାବ୍ୟ ପ୍ରଣୟନରେ ବ୍ରତୀ ହୋଇଥିଲେ ।

ଦେଶରେ ରାମକାବ୍ୟର ପ୍ରଚାର ହେବା ସଙ୍ଗେ ସଙ୍ଗେ କୃଷ୍ଣ-କାବ୍ୟର ପ୍ରସାର ମଧ୍ୟ ହେବାକୁ ଲାଗିଲା । ଚତୁର୍ଦ୍ଦଶ ବର୍ଷ କଣ୍ଟକାବୃତ ତଥା ହିଂସ୍ରଜନ୍ତୁପୂର୍ଣ୍ଣ ନିବିଡ଼ ଅରଣ୍ୟାନୀ ମଧ୍ୟରେ ଜଟା ବଲ୍କଳ-ବିମଣ୍ଡିତ, ପିତୃସତ୍ୟ ପାଳକ ରାମଚନ୍ଦ୍ରଙ୍କ କଠୋର ଜୀବନ ବ୍ରତରୂପକ ଘଟଣାବଳୀ ପାଠକର କରୁଣରସରେ ଆପ୍ଳୁତ ହେବା ଅପେକ୍ଷା ପାଠକ ତଥା ସାମାଜିକମାନେ ଗୋପୀନାଥ, ବୃନ୍ଦାବନ, ନଟନାଗର, ବଂଶୀବଟବିହାରୀ ଶ୍ରୀକୃଷ୍ଣଙ୍କ ନାୟକ ଓ ଅନିନ୍ଦ୍ୟସୁନ୍ଦରୀ କୃଷ୍ଣଗତପ୍ରାଣା

Digitized by PPRACHIN, SOA

ବ୍ରଜବାମାଙ୍କୁ ନାୟିକାରୂପେ ପାଇ ନିଜକୁ ଆଦରସରେ ନିମଜ୍ଜିତ କରାଇବାକୁ ଅଧିକ ପ୍ରୟାସୀ ହେଲେ । ପାଠକମାନଙ୍କର ଏ ପ୍ରକାର ରୁଚିଗତ ସମସ୍ୟା ଯେ କେବଳ ଓଡ଼ିଶାରେ ଦେଖାଗଲା ତା' ନୁହେଁ, ଭାରତର ପ୍ରତ୍ୟେକ ଆଞ୍ଚଳିକ ସାହିତ୍ୟରେ ମଧ୍ୟ ଅନୁରୂପ ବିବର୍ତ୍ତନ ପରିଲକ୍ଷିତ ହେଲା । ସେହି ପରମ୍ପରା ଅନୁସାରେ ଓଡ଼ିଆ ସାହିତ୍ୟରେ ରାମକାବ୍ୟ ତୁଳନାରେ କୃଷ୍ଣକାବ୍ୟର ସଂଖ୍ୟା ଅପେକ୍ଷାକୃତ ଅଧିକ ଥିବାର ଦେଖାଯାଏ ।

ଆଜିସୁଦ୍ଧା ଓଡ଼ିଆ ସାହିତ୍ୟର ଆଲୋଚନାରୁ ଜଣାଯାଏ ଯେ ଅର୍ଜୁନ ଦାସ ହେଉଛନ୍ତି ଓଡ଼ିଆ ରାମକାବ୍ୟର ପ୍ରଥମ ରଚୟିତା ।

'ରାମବିଭା' କାବ୍ୟଟି ୧୨ଟି ଛାନ୍ଦରେ ସମ୍ପୂର୍ଣ୍ଣ ହୋଇଛି । ପାଣ୍ଡୁ-ପୁତ୍ର ଯୁଧିଷ୍ଠିର ମାର୍କଣ୍ଡେୟ ଋଷିଙ୍କୁ ରାମଚନ୍ଦ୍ରଙ୍କ ବାଲ୍ୟ ଓ ଯୌବନଲୀଳା ବର୍ଣ୍ଣନା କରିବାକୁ ଅନୁରୋଧ କରନ୍ତେ ମାର୍କଣ୍ଡେୟ ତାଡ଼କା ବଧ ନିମିତ୍ତ ଅଯୋଧ୍ୟାରୁ ରାମଚନ୍ଦ୍ରଙ୍କ ଗମନଠାରୁ ଆରମ୍ଭ କରି ସୀତା ବିବାହ ପରେ ଅଯୋଧ୍ୟାରେ ପ୍ରବେଶସୁଦ୍ଧା ରାମାୟଣର ଏକ ଆଂଶିକ କଥାବସ୍ତୁକୁ କାବ୍ୟିକ ଛଟାର ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । କବି କାବ୍ୟଟିକୁ ସୁଗେୟ କରିବା ଉଦ୍ଦେଶ୍ୟରେ ସେଥିରେ ନିମ୍ନଲିଖିତମତେ ଛାନ୍ଦଯୋଜନା କରିଛନ୍ତି ।

ପ୍ରଥମ ଛାନ୍ଦ—ମଙ୍ଗଳ ଗୁଜ୍ଜରୀ, ଦ୍ୱିତୀୟ—କେଦାର (ଚନ୍ଦ୍ରକେଳୀ-ବାଣୀ), ତୃତୀୟ—ରାମକେରୀ (କଳସାବାଣୀ), ଚତୁର୍ଥ—ମଙ୍ଗଳଧନାଶ୍ରୀ (ମେଡ଼ତୋଳାବାଣୀ), ପଞ୍ଚମ—ଗୁଜ୍ଜରୀ (ସଙ୍ଗମ ଡିଆରିବାଣୀ), ଷଷ୍ଠ—ନଳମୀଗୌଡ଼ା (ମୁନିବରବାଣୀ), ସପ୍ତମ—କେଦାର, ଅଷ୍ଟମ—ମେଡ଼ତୋଳାବାଣୀ, ନବମ—ରେଖି (ସପନ ଚେତିଆବାଣୀ), ଦଶମ—ମଙ୍ଗଳଧନାଶ୍ରୀ (ପିଅର ଗମନବାଣୀ), ଏକାଦଶ—ମଙ୍ଗଳ (ବିଭାସ କଳସାବାଣୀ), ଦ୍ୱାଦଶ—ମଙ୍ଗଳ ଗୁଜ୍ଜରୀ ।

ଅର୍ଜୁନ ଦାସ ଓଡ଼ିଆ ପ୍ରାଚୀନ କାବ୍ୟ ରଚୟିତାଙ୍କ ମଧ୍ୟରେ ଅନ୍ୟତମ ହୋଇଥିଲେ ହେଁ 'ରାମବିଭା' କାବ୍ୟର ନାୟକ ଓ ନାୟିକାଙ୍କ ବେଶଭୂଷାଦି ବର୍ଣ୍ଣନା ଅତି ଚମତ୍କାର ଭାବରେ କରିଛନ୍ତି । ଆହୁରି ମଧ୍ୟ ଘଟଣାବଳୀର ପ୍ରାଞ୍ଜଳ ଉଲ୍ଲେଖ ଦ୍ୱାରା କବି ବିଜ୍ଞ ପାଠକମାନଙ୍କ ହୃଦୟରେ ଏକ ଅପୂର୍ବ ରସର ଉତ୍ସ ଖେଳାଇବାରେ ସମର୍ଥ ହୋଇଛନ୍ତି ।

Digitized by PPRACHIN, SOA

(ଏକଶହ କୋଡ଼ିଏ)

କବି ଅର୍ଜୁନ ଦାସ 'ରାମବିଭା'ର କେତେକ ସ୍ଥଳରେ ଯେଉଁ ହୃଦୟସ୍ପର୍ଶୀ ବର୍ଣ୍ଣନା କରିଛନ୍ତି, ତାହା ଭାଷାଶୈଳୀ ଓ ରସ-ଆସ୍ୱାଦନ ପକ୍ଷରେ ଅତ୍ୟନ୍ତ ସହାୟକ ହେଉଛି । ଉଦାହରଣସ୍ୱରୂପ କେତୋଟି ଅଂଶ ଏଠାରେ ଉଦ୍ଧୃତ ହେଲା ।

"କସ କହିଲୁ ବାବୁ ରଘୁମଣି
ମୁଁ ତ କାତର ହେଉଅଛି ଶୁଣି ।

× × ×

ମୁହିଁ କେମନ୍ତେ ତୋତେ ଦେବି ଛାଡ଼ି
ମୋର ଶିରେ ଆକାଶ ପଡ଼ୁ ମାଡ଼ି ।"

(ରାମଚନ୍ଦ୍ରଙ୍କ ବନଗମନ ସମୟରେ କୌଶଲ୍ୟାଙ୍କ ଶୋକ)

ବିବିଧ କୁସୁମ ଭରି କାମିନୀ କବରୀ ଖୋସନ୍ତି ।
ମହାଦେବ ଭୟରୁ ରତିପତି ଶାୟକ ସହିତେ ଲୁଚନ୍ତି ॥
କସ୍ତୁରୀ ତିଳକ କବଳ କି ସେ କଳାନିଧି ଉପମା ।
ମୁକୁତା ଜାଲ ଶିରେ ଖଞ୍ଜିଲେ ଅନ୍ତଃପୁର ବାମା ॥
କପୋଳେ ଶୋହଇ ସୁନ୍ଦର ଶତା ହୀରମାନେ ଝଟକନ୍ତି ।
ମଧ୍ୟରେ ପଦ୍ମରାଗ ମାଣିକ୍ୟ ନବଗ୍ରହଙ୍କର ଜ୍ୟୋତି ॥
ନାସାରେ ଗଜମୋତି ଲୁଳେ ଲାବଣ୍ୟ ସୁଧା ବିନ୍ଦୁ ।
ହୀରକ ପଟଳେ ପୁରନ୍ଦର କି ସେ ଉଦୟେ କୁମାର ଇନ୍ଦୁ ॥
କର୍ଣ୍ଣେ ଅମୂଲ୍ୟ ତଡ଼କ ମଣିମୟ କରଣ ବିରାଜେ ।
ମୁନି ମନବନ୍ଧୀ ଫାଶ କି ସମ୍ପାଦିଲେ ମନ୍ମଥ ରାଜେ ॥

× × ×

କୁଞ୍ଚକାଛି ପିନ୍ଧାଇଲେ ସୁରଙ୍ଗ ପଡଣୀ ।
ନୀଳ ମେଘ ଝଟିତ ତଡ଼ିତ ଜ୍ୟୋତି ଜିଣି ॥
ବିବିଧ ତଡ଼ାଉ ଲଗି କରାଇଲେ ବାମା ।
ଯେମନ୍ତେ ଜିଣନ୍ତି ମନମଥ ରାଜ୍ୟେ ସୀମା ॥
ନାନା ରତ୍ନ ଅଳଙ୍କାର ସର୍ବ ଅଙ୍ଗେ ଖଞ୍ଜି ।
ନୟନ କଜ୍ଜଳ କି ମଦନ ଗର୍ବ ଗଞ୍ଜି ॥

(ସୀତାଙ୍କ ବେଶ ବର୍ଣ୍ଣନା)

Digitized by PPRACHIN, SOA

(ଏକଶହ ଏକୋଇଶି)

ସୀତାଙ୍କ ବେଶ ବର୍ଣ୍ଣନା ପରେ ରାମଚନ୍ଦ୍ରଙ୍କ ବେଶ ବର୍ଣ୍ଣନାରେ ମଧ୍ୟ କବି କମ୍ ସିଦ୍ଧହସ୍ତତା ଦେଖାଇ ନାହାନ୍ତି ।"

"ଜମ୍ବୁନଦ ସୁବର୍ଣ୍ଣ ଷାଠିଏ ବାନ ସୁନା ।
ଭଲ କମମାସୁ କରଅଛି ବିଶ୍ୱକର୍ମା ॥
ଅଙ୍ଗରେ ଖଞ୍ଜିଲେ ତାହା ଚଉବେଢ଼ କରି ।
ମଝିରେ ମାଣିକ୍ୟ ଫୁଲ ରତ୍ନଖଞ୍ଜା ଭରି ॥
ତହିଁର ଉପରେ ଝୋଲ୍ ପାଟ୍ଟେଢ଼ା ଦୋସଡ଼ା ।
କଟୀ ମେଖଳୀରେ ହୀରା ମୁକ୍ତାର ଝରା ॥
ଶ୍ରୀପଦ୍ମେରେ ବାଜେଣୀ ନୂପୁର ବ୍ରହ୍ମଜାତ ।
ଦୁନ୍ତି ଧନକର କି ସେ ଚରଣେ ଲୁଳନ୍ତି ॥

(ରାମଚନ୍ଦ୍ରଙ୍କ ବେଶ ବର୍ଣ୍ଣନା)

କବି ଅର୍ଜୁନ ଦାସଙ୍କର ଭକ୍ତି-ଭାବନା ସମ୍ବନ୍ଧରେ ଅନୁସନ୍ଧାନ କଲେ ଜଣାଯାଏ ଯେ, ସେ ଜଣେ ଅନନ୍ୟ ରାମଭକ୍ତ ଥିଲେ । କାରଣ ପ୍ରାୟ 'ରାମବିଭା'ର ସବୁଛାନ୍ଦ ଶେଷରେ ନିଜକୁ କାବ୍ୟର କବି ଭାବରେ ପରିଚିତ ନ କରାଇ ରାମଚନ୍ଦ୍ର ମହାପ୍ରଭୁଙ୍କର ପ୍ରତ୍ୟେକ ଲୀଳାର ଜଣେ ପ୍ରତ୍ୟକ୍ଷ ଦ୍ରଷ୍ଟା ଓ ଭକ୍ତ ଭାବରେ ବର୍ଣ୍ଣନା କରିଛନ୍ତି ।

"ବିଢ଼ଆ ଲାଗି ହୁଅନ୍ତି ମାଳଗିରି ବାସ ।
ଶିରେ କରଯୋଡ଼ି ଉଭା ଅରଜୁନ ଦାସ ॥
× × ×
ସେହି ପଦ୍ମଡ଼େ ମୃଗଛାଲ ମାଡ଼ି ।
ବସି ଅର୍ଜୁନ ଦାସ ଗୋଡ଼ ମୋଡ଼ି ॥
× × ×
ଆଚମନ ଅବକାଶ ଦର୍ଶନ କରି ।
ଶିଶୁ ଅରଜୁନ କର ଅଛଇ ଯୋଡ଼ି ॥
× × ×
ଉପରକୁ ଉଠିଣ ବସିଲେ ପିଡ଼ାକୋଳେ ।
ଅରଜୁନ ଦାସ ଦେଖି ଶିରେ କରଯୋଡ଼େ ॥
× × ×

Digitized by PPRACHIN, SOA

ଶ୍ରୀରାମ ଶୁଭେଣ ହୁଏ ଅଯୋଧ୍ୟା ପ୍ରବେଶ ।
ଆନନ୍ଦେ ଧୂଆଁ ଧୂଇଁ ଅରଜୁନ ଦାସ ॥"

କବିଙ୍କ ବାସସ୍ଥାନ ଓ ସମୟ :—

ଅର୍ଜୁନ ଦାସଙ୍କ ବାସସ୍ଥାନ ସମ୍ବନ୍ଧରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳେ ନାହିଁ । ତେଣୁ ତାଙ୍କର ବାସସ୍ଥାନ ସମ୍ପର୍କରେ କେତେକ ଅପ୍ରତ୍ୟକ୍ଷ ପ୍ରମାଣ ଉପରେ ନିର୍ଭର କରିବାକୁ ପଡ଼ିବ । କବି ସ୍ୱରଚିତ 'ରାମବିଭା' ଓ 'କଳ୍ପଲତା' କାବ୍ୟରେ ଶ୍ରୀକ୍ଷେତ୍ରର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସମ୍ବନ୍ଧରେ ଯେପରି ଭାବରେ ବର୍ଣ୍ଣନା କରିଛନ୍ତି ସେଥିରେ କବିଙ୍କୁ ଶ୍ରୀକ୍ଷେତ୍ରବାସୀ ବୋଲି ଅନୁମାନ କରିବା ଅସମୀଚୀନ ନୁହେଁ । ଅନ୍ୟଥା ଜଣେ ସାଧାରଣ ଯାତ୍ରୀ ବଡ଼ଦେଉଳର ଧୂପ ଓ ନିଯୋଗାଦି ସମ୍ବନ୍ଧରେ ସେ ପ୍ରକାର ନିଖୁଣ ଚିତ୍ର ଦେବା ଆଦୌ ସମ୍ଭବପର ନୁହେଁ । କେବଳ ସେତିକି ନୁହେଁ, କବି ଅର୍ଜୁନ ଦାସ ଶ୍ରୀ ରାମଚନ୍ଦ୍ରଙ୍କର ଭୋଜନ, ଶୟନ ଓ ନିତ୍ୟକର୍ମଗୁଡ଼ିକୁ ଶ୍ରୀ ଜଗନ୍ନାଥ ମନ୍ଦିରର ନୀତି ସହିତ ଅବିକଳ ସାମଞ୍ଜସ୍ୟ ରଖି ବର୍ଣ୍ଣନା କରିଥିବାରୁ ତାଙ୍କୁ ପୁରୀଧାମର ଅଧିବାସୀ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ବୋଲି ମନେହୁଏ ।

ଆହୁରି ମଧ୍ୟ କବି ଅର୍ଜୁନ ଦାସଙ୍କର ଦୁଇଖଣ୍ଡି କାବ୍ୟ 'ରାମବିଭା' ଓ 'କଳ୍ପଲତା' ଯଥାକ୍ରମେ ରାମଲୀଳା ଓ କାଳ୍ପନିକ ଭାବଧାରାର କାବ୍ୟ ହୋଇଥିଲେ ହେଁ ସେଥିରେ ଶ୍ରୀ ଜଗନ୍ନାଥ ମନ୍ଦିରର ନୀତି ଓ ଯାତ୍ରାଦି ବର୍ଣ୍ଣନା କରିବା ଆଦୌ ଅପ୍ରାସଙ୍ଗିକ ହେବ ବୋଲି ସେ ମନେକରି ନାହାନ୍ତି । କବି ପୁରୀଧାମର ଅଧିବାସୀ ହୋଇ ନ ଥିଲେ ଶ୍ରୀକ୍ଷେତ୍ରର ବର୍ଣ୍ଣନା ପ୍ରତି ତାଙ୍କ ମନରେ ଏତେ ସ୍ପୃହା ଆଦୌ ଜାତ ହୋଇ ନ ଥା'ନ୍ତା ।

କବି ଅର୍ଜୁନ ଦାସ ଯେଉଁ ସମୟର ବ୍ୟକ୍ତି ତାହା ନିର୍ଦ୍ଦିଷ୍ଟ ଭାବରେ କୌଣସି ସମାଲୋଚକ ଆଲୋଚନା କରିନାହାନ୍ତି । ବରେଣ୍ୟ ସମାଲୋଚକ ସ୍ୱର୍ଗତଃ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କଦ୍ୱାରା ସମ୍ପାଦିତ ରାମବିଭା କାବ୍ୟର ମୁଖବନ୍ଧ ଓ ୧୯୫୯ରେ ପ୍ରକାଶିତ 'ରାଷ୍ଟ୍ରଭାଷା ଜୟନ୍ତୀ ଗ୍ରନ୍ଥରେ (୭) ଅର୍ଜୁନ ଦାସଙ୍କ ସମୟ ସମ୍ବନ୍ଧରେ ଯଥାକ୍ରମେ 'ସାରଳା'

(୭) 'ରାମବିଭା' ପ୍ରାଚୀ ସଂସ୍କରଣର ମୁଖବନ୍ଧ, ପୃ. ୩
'ରାଷ୍ଟ୍ରଭାଷା ଜୟନ୍ତୀ' ଗ୍ରନ୍ଥ, ପୃ. ୧୩୬

Digitized by PPRACHIN, SOA

ଦାସଙ୍କଠାରୁ ପଚୂଶ ବର୍ଷ ପରବର୍ତ୍ତୀ' ଓ 'ଖ୍ରୀ. ୧୪୨୦—୩୦ ମଧ୍ୟରେ ତାଙ୍କର ଜନ୍ମ' ବୋଲି ସୂଚନା ଦେଇ ଆଲୋଚନା କରିଛନ୍ତି । କିନ୍ତୁ ଆଲୋଚନା ଫଳରେ ତାହା ଅଭ୍ରାନ୍ତ ବୋଲି ମନେ ହୁଏ ନାହିଁ ।

କବି ଅର୍ଜୁନ ଦାସଙ୍କ ଲିଖିତ 'ରାମବିଭା' ଓ 'କଳ୍ପଲତା'ରେ ତାଙ୍କ ସମୟସୂଚକ କୌଣସି ପ୍ରମାଣ ମିଳେ ନାହିଁ । ତେଣୁ ପରୋକ୍ଷ ପ୍ରମାଣ ବଳରେ ତାଙ୍କ ସମୟ ସୂଚନା ଦେବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ।

ବିଭିନ୍ନ କାବ୍ୟରେ କେତେକ ପ୍ରାଚୀନ ପଦର ବ୍ୟବହାରରୁ କବିଙ୍କ ସମୟ ନିରୂପଣ କରିବା ଆଦୌ ବିଧିବଦ୍ଧ ଆଲୋଚନା ବୋଲି ମନେ ହୁଏ ନାହିଁ । କାରଣ ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବବର୍ତ୍ତୀ କବି ନରସିଂହ ସେଣ ଓ ବିଷ୍ଣୁ ଦାସ ଯଥାକ୍ରମେ ତାଙ୍କ 'ପରିମଳା' ଓ 'ପ୍ରେମଲୋଚନା' କାବ୍ୟରେ ଯେଉଁ ଭାଷାର ବ୍ୟବହାର କରିଛନ୍ତି, ସେଥିରୁ ତାଙ୍କୁ ଭଞ୍ଜଯୁଗୀୟ କବି ବ୍ୟତୀତ ପ୍ରାଚୀନ କବି ବୋଲି ଧାରଣା କରି ହୁଏ ନାହିଁ । ତେଣୁ କେବଳ ଭାଷା ଉପରେ ନିର୍ଭର କରି ଯଦି କାବ୍ୟ ବା କବିଙ୍କର ସମୟ ନିରୂପଣ କରାଯାଏ, ସେଭଳି ଅନୁମାନସିଦ୍ଧ ପ୍ରମାଣକୁ ଐତିହାସିକମାନେ ସମର୍ଥନ ଜଣାଇବେ ନାହିଁ ।

କବି ଅର୍ଜୁନ ଦାସଙ୍କ 'ରାମବିଭା'ର ସପ୍ତମ ଛାନ୍ଦ—'ମଣୋହି ଭିଆଇ ଜନକ ରାୟେ'କୁ କବି ଧନଞ୍ଜୟ ଭଞ୍ଜ ସ୍ୱୀୟ 'ରଘୁନାଥ ବିଳାସ'ର ତ୍ରୟୋଦଶ ଛାନ୍ଦର ବୃତ୍ତିରୂପେ ଗ୍ରହଣ କରିଛନ୍ତି ।

ରାଜକବି ଧନଞ୍ଜୟଙ୍କ ପୂର୍ବବର୍ତ୍ତୀ କବି କାର୍ତ୍ତିକ ଦାସ ସ୍ୱୀୟ 'ରୁକ୍ମଣୀବିଭା'ର ଅଷ୍ଟମ ଛାନ୍ଦକୁ 'ରାମବିଭା'ର ଷଷ୍ଠ ଛାନ୍ଦ 'ମାରକଣ୍ଡ ଋଷି କହେ' ବାଣୀରେ ଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

କବି ବିଷ୍ଣୁ ଦାସ ସ୍ୱୀୟ 'ପ୍ରେମଲୋଚନା' କାବ୍ୟର ପଞ୍ଚମ ଛାନ୍ଦକୁ 'ରାମବିଭା'ର 'ମାରକଣ୍ଡ ଋଷି କହେ' ବାଣୀରେ ଗାଇବା ଲାଗି ବୃତ୍ତ ନିର୍ଦ୍ଦେଶ କରିଛନ୍ତି ।

କବି ନରସିଂହ ସେଣ ସ୍ୱରଚିତ 'ପରିମଳା' କାବ୍ୟର ପଞ୍ଚମ ଛାନ୍ଦରେ ବୃତ୍ତ ନିର୍ଦ୍ଦେଶ କରି 'ରାମବିଭା'ର ତୃତୀୟ ଛାନ୍ଦ—'ଏଥୁଅନନ୍ତରେ ଶବରୀ ଶେଷେ ପୁରେ ଶଙ୍ଖଧ୍ୱନି'କୁ ଗ୍ରହଣ କରିଛନ୍ତି ।

Digitized by PPRACHIN, SOA

ପୂର୍ବାଲୋଚିତ କବିମାନେ ଅର୍ଜୁନ ଦାସଙ୍କ 'ରାମବିଭା'ର ଲୋକପ୍ରିୟ ଛାନ୍ଦକୁ ଗ୍ରହଣ କରିଥିବାରୁ ସେମାନଙ୍କୁ ଅର୍ଜୁନ ଦାସଙ୍କ ପରବର୍ତ୍ତୀ କବି ବୋଲି ନିଃସନ୍ଦେହରେ ଗ୍ରହଣ କରିବାକୁ ହେବ । ସେମାନଙ୍କ ମଧ୍ୟରେ ରାଜକବି ଧନଞ୍ଜୟ ଖ୍ରୀ. ଅ. ୧୬୩୫ରୁ ଖ୍ରୀ. ଅ. ୧୭୦୧ ମଧ୍ୟରେ ଜୀବିତ ଥିବାର ବହୁ ପ୍ରମାଣ ମିଳିଛି । କବି ବିଷ୍ଣୁ ଦାସ ମଧ୍ୟ ସ୍ୱଗ୍ରନ୍ଥଗୁଡ଼ିକୁ ଖ୍ରୀ. ଅ. ୧୫୭୦ରୁ ଖ୍ରୀ. ଅ. ୧୬୧୦ ମଧ୍ୟରେ ରଚନା କରିଥିବାର ବହୁ ବଳବତ୍ତର ପ୍ରମାଣ ମିଳେ ଏବଂ କବି ନରସିଂହ ସେଣ ଖ୍ରୀ. ଅ. ୧୫୪୦ ପୂର୍ବରୁ 'ପରିମଳା'ର ରଚନା କରିଥିବାର ପ୍ରମାଣ ମିଳେ । ତେଣୁ ଆଲୋଚକ ଶ୍ରୀ କେଦାରନାଥ ମହାପାତ୍ରଙ୍କ ଭାଷାରେ "କବି ଅର୍ଜୁନ ଦାସଙ୍କ ଆବିର୍ଭାବ କାଳ ଖ୍ରୀ. ଅ. ୧୫୨୦—୧୫୩୦ ମଧ୍ୟରେ ନିର୍ବିବାଦରେ ନିର୍ଦ୍ଧାରିତ ହୋଇପାରେ" ବୋଲି ମତ ଦେଲେ ଅସମୀଚୀନ ହେବ ନାହିଁ । (୭)

ଧନଞ୍ଜୟ ଭଞ୍ଜ :—

ଘୁମୁସର ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ ବିଷୟରେ ଚିନ୍ତା କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ଦକ୍ଷିଣ ଓଡ଼ିଶାର ଏହି କ୍ଷୁଦ୍ର ରାଜ୍ୟର ରାଜାମାନେ ଶହ ଶହ ବର୍ଷ ଧରି ବଂଶପରମ୍ପରାକ୍ରମେ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଯଥେଷ୍ଟ କାର୍ଯ୍ୟ କରୁଥିଲେ ।

ଉକ୍ତ ରାଜବଂଶର ଧନଞ୍ଜୟ ଭଞ୍ଜ ନାମକ ଜଣେ ସ୍ୱନାମଧନ୍ୟ ରାଜା ନିଜର ପ୍ରତିଭା ବଳରେ ଇଚ୍ଛାବତୀ, ଅନଙ୍ଗରେଖା, ମଦନମଞ୍ଜରୀ, ରଘୁବ ବିଳାସ, ତ୍ରିପୁର ସୁନ୍ଦରୀ, କୃଷ୍ଣକ୍ରୀଡ଼ା ଆଦି କାବ୍ୟ, ଅଶ୍ୱଶାସ୍ତ୍ର ଆଦି ଚିକିତ୍ସାଶାସ୍ତ୍ର ତଥା ଅନ୍ୟାନ୍ୟ ଚଉତିଶା, ଚଉପଦୀ ଆଦି କବିତା ଲେଖି ଓଡ଼ିଆ ସାହିତ୍ୟ ରାଜ୍ୟରେ ଅମର ହୋଇ ରହିଛନ୍ତି ।

ସ୍ୱର୍ଗୀୟ କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ଘୁମୁସର କାବ୍ୟ' ଓ ମାଗୁଣି ଦାସଙ୍କ ସମ୍ପାଦିତ 'ଭଞ୍ଜ ବଂଶାନୁଚରିତ' ପାଠକଲେ ଜଣାଯାଏ ଯେ, ରାଜକବି ଧନଞ୍ଜୟ ଭଞ୍ଜ ଗୋପୀନାଥ ଭଞ୍ଜଙ୍କର ପୁତ୍ର ଥିଲେ ଏବଂ ସେ ଜଣେ ଆଦର୍ଶ ଶାସକ ତଥା ପ୍ରଜାପୁଞ୍ଜର ପରମ ସ୍ନେହଶୀଳ ରାଜାରୂପେ ସୁଖ୍ୟାତି ଅର୍ଜନ କରିଥିଲେ ।

---

(୭) କଳିକଳା କାବ୍ୟର ମୁଖବନ୍ଧ, ପୃ. ୭

Digitized by PPRACHIN, SOA

"ଧନଞ୍ଜୟ ଭଞ୍ଜେ ତାଙ୍କର ସୁତ ଥିଲେ ।
ତଦନ୍ତରେ ସେହୁ ରାଜତ୍ୱକୁ କଲେ ॥
× × ×
ସୁନ୍ଦର ସୁକୁମାର ବିବେକୀ ସୁଧୀର ।
ପାଳିଲେ ପରଜାଙ୍କୁ ଯଥା ଧୁରନ୍ଧର ॥
ସଙ୍ଗୀତ ବିଦ୍ୟାରେ ଅତ୍ୟନ୍ତ ଧୁରନ୍ଧର ।
ଗୀତ କବିତ୍ୱ କରିପାରନ୍ତ ମଧୁର ॥
× × ×
ବାହାରେ ସାତକୋଡ଼ି ଗୁଣୀ ଗଣି ରଖିଥାନ୍ତ ।
ଭିତରେ ସାତକୋଡ଼ି ନାଚୁଣୀ ଖଟନ୍ତ ॥ (୮)
× × ×
ଗୋପୀନାଥଙ୍କର ଧାର୍ମିକ ତନୟ ।
ଧନଞ୍ଜୟ ଭଞ୍ଜ ଯଥା ଧନଞ୍ଜୟ ॥
× × ×
ପ୍ରକୃତି ପୁଞ୍ଜର ମଙ୍ଗଳ ନିମିତ୍ତ ।
ଥିଲା ରାଜକୋଷ ଶର ମୁକୁଳିତ ॥
ମଣୁଥିଲେ ସଦା ସେ ନୃପନନ୍ଦନ ।
ନିଜ ଜୀବନକୁ ପ୍ରଜାଙ୍କ ଜୀବନ ॥
ସଙ୍ଗୀତ ସାହିତ୍ୟ ଶିଳ୍ପ ସୁନିପୁଣ
× × ×
ବିରଚିଲେ ସ୍ୱୟେ ମଦନମଞ୍ଜରୀ ।
ଶାଳିହୋତ୍ର ଗ୍ରନ୍ଥ ଅତି ଯତ୍ନକରି ॥
ପୁଣି ରଘୁନାଥ ବିଳାସ ସୁକାବ୍ୟ । (୯)

ରାଜା ଧନଞ୍ଜୟ ଅତ୍ୟନ୍ତ ବିଳାସୀ ଥିବାର ପ୍ରମାଣ କେତେକ ଆଲୋଚନାରୁ ମିଳେ । ସେ ବୃଦ୍ଧ ବୟସରେ ନୟାଗଡ଼ର ରାଜକୁମାରୀ ମଣ୍ଡାଦେଈ (କେତେକଙ୍କ ଆଲୋଚନାରେ ହାଡ଼ୁଦେଈ)ଙ୍କୁ ଅଧିକ ସ୍ନେହ କରୁଥିଲେ । ସେହି ସୁଯୋଗ ନେଇ ମଣ୍ଡାଦେଈ ନିଜ ପୁତ୍ର

(୮) ଭଞ୍ଜ ବଂଶାନୁଚରିତ, ସମ୍ପାଦକ—ମାଗୁଣି ଦାସ, ପୃ. ୧୯
(୯) ଘୁମୁସର କାବ୍ୟ, ଲେଖକ—ସ୍ୱର୍ଗତ ଚନ୍ଦ୍ରମଣି ମହାନ୍ତି, ପୃ. ୧୬-୧୭

Digitized by PPRACHIN, SOA

(ଏକଶହ ଛବିଶି)

ମାଳକଣ୍ଠ ଭଞ୍ଜ (କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ପିତା)ଙ୍କୁ ଘୁମୁସର ରାଜସିଂହାସନରେ ବସାଇବାକୁ ନାନାପ୍ରକାର ଚକ୍ରାନ୍ତ କରି ଶେଷରେ ବିଷ ପ୍ରୟୋଗ ଦ୍ୱାରା ଧନଞ୍ଜୟ ଭଞ୍ଜଙ୍କୁ ହତ୍ୟା କରିଥିଲେ । କେବଳ ସ୍ତ୍ରୀ ବଶରେ ଥିବାଯୋଗୁଁ ଘୁମୁସର ଭଞ୍ଜବଂଶର ଜନୈକ ବିଶିଷ୍ଟ ରାଜା ସୁକବି ଧନଞ୍ଜୟଙ୍କୁ ଭଞ୍ଜବଂଶର କୈକେୟୀଙ୍କ ହସ୍ତରେ ପ୍ରାଣତ୍ୟାଗ କରିବାକୁ ପଡ଼ିଥିଲା ।

ଧନଞ୍ଜୟଙ୍କ 'ରାଘବ ବିଳାସ' ବା 'ରଘୁନାଥ ବିଳାସ' ଗ୍ରନ୍ଥଟି ପଚିଶ ଛାନ୍ଦବିଶିଷ୍ଟ ଏକ ମହାକାବ୍ୟ । ଅଳଙ୍କାର ଶାସ୍ତ୍ରସମ୍ମତ ମହାକାବ୍ୟର ଲକ୍ଷଣ ଅନୁସାରେ 'ରାଘବ ବିଳାସ'ରେ ପୁଣ୍ୟଶ୍ଳୋକ ରାମଚନ୍ଦ୍ରଙ୍କୁ ନାୟକ ଓ ପ୍ରାତଃସ୍ମରଣୀୟା ସୀତାଙ୍କୁ ନାୟିକାରୂପେ ବର୍ଣ୍ଣନା କରାଯିବା ସଙ୍ଗେ ସଙ୍ଗେ ପ୍ରାତଃ, ସନ୍ଧ୍ୟା, ଷଡ଼ଋତୁ, ନଦୀ, ପର୍ବତ, ବନଶୋଭା ଆଦିର ବର୍ଣ୍ଣନା କରାଯାଇଛି । 'ରାଘବ ବିଳାସ'ରେ ଭାଷା, ଭାବ ଓ ଶୈଳୀର ସମିଶ୍ରଣରେ ଏପରି ଏକ ରସମୟ ତ୍ରିବେଣୀର ସୃଷ୍ଟି ହୋଇଛି ଯେ, ତାହା ପ୍ରତ୍ୟେକ ପାଠକ, ସମାଲୋଚକ ତଥା ରସିକ ପ୍ରାଣରେ ଅଲୌକିକ ଆନନ୍ଦ ସଞ୍ଚାର କରିବ । କବିଙ୍କର ଅଲୌକିକ ବର୍ଣ୍ଣନା ମଧ୍ୟରୁ କେତୋଟିର ଉଦାହରଣ ଏଠାରେ ପ୍ରଦତ୍ତ ହେଲା ।

"ଧନ୍ୟ ରମଣୀ କୁଟିଳ ବେଣୀ କିବା ଭ୍ରମରଶ୍ରେଣୀ ।
କି ଅବା କାମଦେବର ରମ୍ୟ ମୀନକେତନ ଜାଣି ॥
କି ଅବା ମୁଖଚନ୍ଦ୍ରକୁ ଗ୍ରାସି ରହିଛି ଘୋରତମ ।
ବେଗେ ଶେଷଣ ପୁଚ୍ଛ ଲମ୍ବାଇ ଅଛି ଦିଶଇ ଅନୁପମ ॥
କି ଅବା ନିଜ ପତି ଆଶାରେ ଅଛି ରଜନୀ ରହି ।
ତାରକା ସପତଣୀର ପାଶେ ନ ଯିବ କିଶାସାଇଂ ॥"

(ସୀତାଙ୍କ ବେଣୀ ବର୍ଣ୍ଣନା)

"ଦରମୁକୁଳିତ କୁମୁଦକୁଳ ତେଜି ଭ୍ରମର ।
ନଳିନ ନଳିନ ବିହାରେ ହୋଇ ଅତି ସତ୍ୱର ॥
କମଳମୀ ଚିତ୍ତ ଆନନ୍ଦ ହେଲା ଏଣୁ ବିସ୍ତାର ।
ଯେଣୁ ହିମ ଲବ ଲୋତକ କରେ କଲା ତା ଦୂର ॥
ଦିବା-କାନ୍ତାକୁ ଆଲିଙ୍ଗନ କରେ ସହସ୍ର କରେ ।
ଦେଖିଲାରୁ ଶଶି ପଶିଲା ଅସ୍ତଗିରି ଗହ୍ୱରେ ॥"

(ପ୍ରଭାତ ବର୍ଣ୍ଣନା)

Digitized by PPRACHIN, SOA

(ଏକଶହ ସତେଇଶି)

"ଦେଖ ରସାଳସି ରସାଳ ରସାଳ ବିଶାଳ ଶାଳ ସୁବକୁଳ ।
ଅତି ମନୋହର ହିନ୍ତାଳ ତାଳରେ ଯୁକ୍ତ ରକ୍ତମାଳ ତମାଳ ॥
ଆରେ ଗଉରି,
ଗଉରିକୁଳ ଲୁ କୁଶଳା,
ବକୁଳ କୁଳକୁ ଶୋଭାକାରୀ ଦେଖ ଦେଖରେ ନବୀନ ଅବଳା ॥"

× × ×

"ଦେଖ ଦେଖ କୋମଳାଙ୍ଗି ଏ ବନଶୋଭନ ।
ଚନ୍ଦ ଚନ୍ଦକୁଟେ ଯେହ୍ନ ହୋଇଛୁ ଶୋଭନ ॥
ଧବ ଧବ ଆଲିଙ୍ଗନ କରିଛୁ ବଲ୍ଲରୀ ।
କୂଟ କୁଟଜରେ ଏହ୍ନ ଶୋଭା ଅଛୁ ଧରି ଯେ ॥"

(ବନଶୋଭା ବର୍ଣ୍ଣନା)

"କେତେକ କୁଳ ଗନ୍ଧର ନଦୀନ । ଗୃତକ ତୃଷ୍ଣା କରଇ ଭଞ୍ଜନ ।
କଦମ୍ବ କଦମ୍ବ ଆନନ୍ଦକାରୀ । ସର୍ଜ ଅର୍ଜୁନ ରତି ସୁଖକାରୀ ।
ସେ ନବୀନ ଘନ,
ନଭେ ମଣ୍ଡଳ କରନ୍ତ ଭ୍ରମଣ ॥"

(ବର୍ଷା ବର୍ଣ୍ଣନା)

ରାଜକବି ଧନଞ୍ଜୟଙ୍କ ସମୟ ସମ୍ବନ୍ଧରେ ଆଲୋଚନା କରି ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ × ପଣ୍ଡିତ ବିନାୟକ ମିଶ୍ର † ସ୍ୱ. ଜଗବନ୍ଧୁ ସିଂହ * ତଥା ମାଗୁଣି ଦାସ + ଅନେକ ଯୁକ୍ତି ଉପସ୍ଥାପିତ କରିଛନ୍ତି । ସେହି ପ୍ରମାଣରୁ ଜଣାଯାଏ ଯେ, କବି ଧନଞ୍ଜୟ ପଞ୍ଚଷଠି ବର୍ଷ ସିଂହାସନ ଆରୋହଣ କରି ପଞ୍ଚାଅଶୀ ବା ନବେ ବର୍ଷ ବୟସରେ ଇହଲୀଳା ସାଙ୍ଗ କରିଥିଲେ । ଖ୍ରୀ. ଅ. ୧୭୦୧ (ତାଙ୍କ ମୃତ୍ୟୁ ସମୟ) ବେଳକୁ ତାଙ୍କ ବୟସ ୮୫ ବା ୯୦ ହୋଇଥିଲେ ସେ ଖ୍ରୀ. ଅ. ୧୬୦୬ରୁ ୧୬୧୧ ମଧ୍ୟରେ ଜନ୍ମଗ୍ରହଣ କରିଥିବେ । ଜୀବନର ପ୍ରଥମାର୍ଦ୍ଧରେ ଅନ୍ୟାନ୍ୟ କାବ୍ୟ କବିତାଗୁଡ଼ିକ ରଚନା କରିବା ପରେ ଶେଷ ଜୀବନରେ ଅର୍ଥାତ୍

× ଓଡ଼ିଆ ସାହିତ୍ୟର ପରିଚୟ, ୨ୟ ଭାଗ, ପୃ. ୫୪

† ଓଡ଼ିଆ ସାହିତ୍ୟ ଇତିହାସ, ପୃ. ୧୦୭

* ପ୍ରାଚୀନ ଉତ୍କଳ, ପୃ. ୨୦୮

+ ଭଞ୍ଜବଂଶାନୁଚରିତ, ସଂପାଦକ— ମାଗୁଣି ଦାସ, ପୃ. ୨୩

Digitized by PPRACHIN, SOA

ଖ୍ରୀ. ଅ. ୧୬୮୦—୧୭୦୦ ମଧ୍ୟରେ ରାମଭକ୍ତିଭାବମୂଳକ 'ରଘୁନାଥ ବିଳାସ'ର ରଚନା କରିଥିବା ଅସମ୍ଭବ ନୁହେଁ ।

କାହ୍ନୁଦାସ :—

କବି କାହ୍ନୁଦାସ ବା କହ୍ନାଇ ଖୁଣ୍ଟିଆ ଗଞ୍ଜାମ ଜିଲ୍ଲାର ଧରାକୋଟ ଅନ୍ତର୍ଗତ ଋଷିକୁଲ୍ୟା ତୀରବର୍ତ୍ତୀ ମଙ୍ଗଳପୁର ଗ୍ରାମରେ ଜନ୍ମଗ୍ରହଣ କରି 'ରାମରସାମୃତ ସିନ୍ଧୁ' ନାମରେ ଏକ ରାମକାବ୍ୟ ରଚନା କରିଥିଲେ । କବି କାହ୍ନୁଦାସ ସ୍ୱକାବ୍ୟଗ୍ରନ୍ଥଟିକୁ ଓଡ଼ିଶାର ଲୋକପ୍ରିୟ 'ଭାଗବତ ବାଣୀ'ରେ ପ୍ରଣୟନ କରି ଜନସମାଜରେ ଆଦୃତ କରାଇବାର ଯଥେଷ୍ଟ ପ୍ରୟାସ କରିଛନ୍ତି । ଗ୍ରନ୍ଥଟିର ପ୍ରଧାନ ବିଶେଷତ୍ୱ ହେଉଛି—ପ୍ରତ୍ୟେକ ଅଧ୍ୟାୟର ପଦସଂଖ୍ୟା ଏକଶତ ଆଠ ଏବଂ ସମୁଦାୟ ଗ୍ରନ୍ଥଟି ଏକଶହ ଆଠ ଅଧ୍ୟାୟରେ ସମ୍ପୂର୍ଣ୍ଣ ହୋଇଛି ।

"ଶୁଣ ହେ ଗୁଣି ସୁଜ୍ଞସାଧୁ । ଶ୍ରୀରାମ ରସାମୃତ ସିନ୍ଧୁ ॥
ପ୍ରବନ୍ଧ ପ୍ରାକୃତ ଭାଷାରେ । କରିବି ନବମ ଅକ୍ଷରେ ॥
ଅଷ୍ଟ ଉତ୍ତର ଶଏ ପଦ । ଅଧ୍ୟା ବନ୍ଧନ ଶ୍ରୁତି ସ୍ୱାଦ ॥
ଶଏ ଅଷ୍ଟମ ଅଧ୍ୟା ହେବ । ଶ୍ରୀରାମ ସୀତାରସ ଭାବ ॥"

କବି ଉତ୍ତରା କାଣ୍ଡ ଶେଷରେ ନିଜର କୁଳ, ଗୋତ୍ର, ବାସସ୍ଥାନ, ଜନ୍ମଦିବସ ତଥା ଗ୍ରନ୍ଥସମାପ୍ତିର ସୂଚନା ଦେଇ ଲେଖିଛନ୍ତି—

"ସେ ରଘୁନାଥ ମହାପାତ୍ର । ବ୍ରାହ୍ମଣ ବଂଶରେ ପବିତ୍ର ॥
ବଶିଷ୍ଠ କୁଳ-ସିନ୍ଧୁଶ୍ୟାମ । ମୁଂ ତାଙ୍କ ଅଟଇ ନନ୍ଦନ ॥
ଚିଲିକାହ୍ରଦ ପଶ୍ଚିମ ପାଶର । ଉତ୍କଳ ଦେଶେ ଜନ୍ମ ମୋର ॥
ରାଜ୍ୟର ଧରାକୋଟ ନାମ । ମଙ୍ଗଳପୁର ନାମେ ଗ୍ରାମ ॥
ଋଷିକୁଲ୍ୟା ନଦୀ ଉତ୍ତର । ତୀର ପର୍ବତ ଭୂମିବର ॥"

× × ×

"ନରେନ୍ଦ୍ର ମୁକୁନ୍ଦଦେବଙ୍କ, । କୁଶଳ ପଞ୍ଚବିଂଶ ଅଙ୍କ ॥
ଶ୍ରାବଣ ମାସାଦ୍ୟ ପକ୍ଷରେ । ଏକାଦଶୀ ରବିବାରେ ॥
ରଜନୀ ସପ୍ତଦଣ୍ଡ ପୂର୍ଣ୍ଣେ । ମୋହର ଜନ୍ମ ଶୁଭଲଗ୍ନେ ॥
ହିଦଶ ଅବଦ ବୟସ । କାଳରେ ଏ ଗ୍ରନ୍ଥ ପ୍ରକାଶ ॥"

× × ×

Digitized by PPRACHIN, SOA

"ଶ୍ରୀହରିବ୍ୟସିଂହ ଦେବରାଜେ । ଗଜପତିର ଶୁଭ ରାଜ୍ୟେ ॥
ବିଜୟ ଦଶ ତିନି ଅଙ୍କେ । ଆଷାଢ଼ ମାସ ଶୀତ ପକ୍ଷେ ॥
ଦୁତିଆ ଶ୍ରୀଗୁଣ୍ଡିଚ୍ଚ ଦିନ । ଏ ରାମ ରସାମୃତ ପୂର୍ଣ୍ଣ ॥"

ଉକ୍ତ ଉଦ୍ଧୃତାଂଶରେ ପ୍ରଦତ୍ତ କବିଙ୍କ ଜନ୍ମ ସମୟର ଗଣନା କଲେ ଜଣାଯାଏ ଯେ, ମୁକୁନ୍ଦଦେବଙ୍କ ପଞ୍ଚବିଂଶ ଅଙ୍କ ଆଦ୍ୟପକ୍ଷ ବା ଶୁକ୍ଳପକ୍ଷ ଏକାଦଶୀ ରବିବାର ଖ୍ରୀ. ଅ. ୧୭୬୮ ଅଗଷ୍ଟ ମାସ ୧୮ ତାରିଖରେ ପଡ଼ିଥିଲା । *

କବି ଉପରୋକ୍ତ ଦିନ ଜନ୍ମଗ୍ରହଣ କରି ତିରିଶି ବର୍ଷ ବୟସରେ ଗଜପତି ରାଜା ହରିବ୍ୟସିଂହ ଦେବ (୧ମ)ଙ୍କ ତ୍ରୟୋଦଶ ଅଙ୍କ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଶ୍ରୀଗୁଣ୍ଡିଚ୍ଚ ଦିନ 'ରାମରସାମୃତ ସିନ୍ଧୁ' ଗ୍ରନ୍ଥଟିକୁ ପୂର୍ଣ୍ଣ କରିଥିଲେ ।

କବି କାହ୍ନୁଦାସ ଜଗମୋହନ ରାମାୟଣର ରଚୟିତା ବଳରାମ ଦାସଙ୍କ ଅନୁକରଣରେ ସ୍ୱଗ୍ରନ୍ଥ ରଚନା କରିଥିବାର ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପୁସ୍ତକ ରଚନାରେ ଥିବା ନିଜର ଭ୍ରମପ୍ରମାଦର କ୍ଷମାଲାଗି ସୁଧୀବୃନ୍ଦଙ୍କଠାରେ ବିନମ୍ର ନିବେଦନ କରିଛନ୍ତି ।

କବି ରାମ ରସାମୃତ ସିନ୍ଧୁର ଆରମ୍ଭ ଅର୍ଥାତ୍ ମଙ୍ଗଳାଚରଣରେ ଓଡ଼ିଶାର ଅଧିକାଂଶ କବିମାନଙ୍କ ପରି ଓଡ଼ିଆର ପ୍ରାଣକେନ୍ଦ୍ର ବଡ଼ ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁ ତଥା ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଓ ମହାଲକ୍ଷ୍ମୀଙ୍କୁ ସ୍ତୁତି କରିଛନ୍ତି ।

କବି କାହ୍ନୁଦାସ ରାମାୟଣଚରିତ ଅବଲମ୍ବନରେ ଏକଶତ ଆଠ ଅଧ୍ୟାୟବିଶିଷ୍ଟ ଏକ ବିରାଟ ରାମକାବ୍ୟ ରଚନା କରିଥିବାରୁ, ପରବର୍ତ୍ତୀ କବି, ବିଶେଷତଃ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଉପରେ ତାଙ୍କର ବିଶେଷ ପ୍ରଭାବ ପଡ଼ିଥିବାର ଦେଖାଯାଏ । କବିଙ୍କ 'ରାମ ରସାମୃତ ସିନ୍ଧୁ' ଦକ୍ଷିଣ ଓଡ଼ିଶାରେ 'ସିନ୍ଧୁରାମାୟଣ' ନାମରେ ସୁଖ୍ୟାତ ।

* ଭୋଇବଂଶୀୟ ଗଜପତି ମୁକୁନ୍ଦଦେବ, ଲେଖକ – ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର, ନବଜୀବନ, ୪ର୍ଥ ବର୍ଷ, ୩ୟ ସଂଖ୍ୟା ।

Digitized by PPRACHIN, SOA

ନୀଳକଣ୍ଠ ଦାସ :—

'ରାମଚନ୍ଦ୍ରିକା' ନାମକ ଏକ ଗ୍ରନ୍ଥର ଲେଖକ ନୀଳକଣ୍ଠ ଦାସଙ୍କୁ 'ନ' ପୋଇ'ର ପ୍ରଣେତା କଣ୍ଠ ଦାସ ଓ ଶହେ ପଦଆର ପ୍ରଣେତା ନୀଳକଣ୍ଠ ଖାଡ୍ରଙ୍ଗାଙ୍କ ସହିତ ଚିହ୍ନିତ କରାଯିବାର ଅନେକ କାରଣ ଅଛି । ସେହି ଦୃଷ୍ଟିରୁ ନୀଳକଣ୍ଠ ଦାସଙ୍କ ସମୟ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ ବୋଲି ଅନୁମାନ କରାଯାଏ ।

ଭକ୍ତ ନୀଳକଣ୍ଠ ଦାସଙ୍କ 'ରାମଚନ୍ଦ୍ରିକା'ଟି ଖଣ୍ଡିଏ ଆଧ୍ୟାତ୍ମିକ ଗ୍ରନ୍ଥ । ପୁସ୍ତକର ଆରମ୍ଭରେ ପାର୍ବତୀଙ୍କ ଜିଜ୍ଞାସାମତେ ଈଶ୍ୱର ସୃଷ୍ଟିର ରହସ୍ୟ ସମେତ ରାମଚରିତର ବ୍ୟାଖ୍ୟାନ କରିଛନ୍ତି :—

"ରାମ ଭବନା ଉମା ଧାୟି । ପୁଛନ୍ତି ଈଶ୍ୱରଙ୍କୁ ଗୃହିଂ ।
ହେ ଦେବଦେବ ଶୂଳପାଣି । ସର୍ବ ଆଗମ ତତ୍ତ୍ୱ ଜାଣି ॥
× × ×
ରାମଚରିତ ସୁଧା ରସ । କହି ମୋହର ମନ ତୋଷ ।"

ଗ୍ରନ୍ଥରେ କବି ନୀଳକଣ୍ଠ ଦାସ ସୃଷ୍ଟି ଜନ୍ମ, ଗୋଲୋକ ବର୍ଣ୍ଣନ, ବୈକୁଣ୍ଠଭୁବନ ବର୍ଣ୍ଣନ, ଗୋଲୋକସ୍ଥଳର ଦିବ୍ୟ ବରଣଠାରୁ ସପ୍ତାବରଣ ବର୍ଣ୍ଣନ, ରାମ ସୁଧାଙ୍କ ବର୍ଣ୍ଣଭେଦ ବର୍ଣ୍ଣନ, ସୀତା ଅନନ୍ତ ରୂପ ବର୍ଣ୍ଣନ, ଗୋଲୋକସ୍ଥଳର କଦମ୍ବବନ, କୃଷ୍ଣଗୋପିକା ରାସକ୍ରୀଡ଼ା, ପୁରୁଷୋତ୍ତମ ବର୍ଣ୍ଣନ ଆଦିର ଆଲୋଚନା କରିବା ପରେ ସମ୍ପୂର୍ଣ୍ଣ ରାମାୟଣର ସଂକ୍ଷିପ୍ତ ବର୍ଣ୍ଣନା କରିଛନ୍ତି । ଶେଷଆଡ଼କୁ କବି ଅନନ୍ତ ସମ୍ପ୍ରଦାୟ ଉତ୍ପତ୍ତି, ରାମ ପଞ୍ଚାଙ୍ଗାଦି ମନ୍ତ୍ରଭେଦ କଥନ, ନନ୍ଦ୍ୟାଗ୍ରର ବିବରଣ, ରାମପୂଜା ବିଧି, ଅଷ୍ଟକାଳ ସେବା ବିଧି, ଦାସ୍ୟସଖ୍ୟାତ୍ମ-ନିବେଦନ କଥନ, ଜ୍ଞାନ ବୈରାଗ୍ୟ ମୁକ୍ତି ଲକ୍ଷଣ କଥନ ଓ ଶ୍ରୀରାମଚନ୍ଦ୍ରଙ୍କ ବଂଶାନୁଚରିତ ବର୍ଣ୍ଣନା କରି ବାଉନ ଛାନ୍ଦରେ ଗ୍ରନ୍ଥଟିକୁ ସମ୍ପୂର୍ଣ୍ଣ କରିଛନ୍ତି । ଓଡ଼ିଆ ରାମସାହିତ୍ୟରେ ଏଭଳି ଗ୍ରନ୍ଥ ଅଦ୍ୱିତୀୟ ବୋଲି ଜଣାଯାଏ ।

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ :—

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଘୁମୁସରର ପ୍ରସିଦ୍ଧ ରାଜା ଧନଞ୍ଜୟଙ୍କ ପୌତ୍ର ଓ ନୀଳକଣ୍ଠ ଭଞ୍ଜଙ୍କ ପୁତ୍ର ଥିଲେ । କବି ଉପେନ୍ଦ୍ର ପ୍ରାୟ

Digitized by PPRACHIN, SOA

ଖ୍ରୀ. ଅ. ୧୬୮୫ରେ ଜନ୍ମଗ୍ରହଣ କରିଥିଲେ ବୋଲି କେତେକ ଆଲୋଚକ ମତପ୍ରକାଶ କରନ୍ତି ।

ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠ ଭଞ୍ଜ ଘୁମୁସର ରାଜସିଂହାସନ ଲୋଭରେ ନିଜ ମାତା ମଣ୍ଡାଦେଈଙ୍କ ସାହାଯ୍ୟରେ ଏକ ପ୍ରଳୟଙ୍କରୀ ଝଞ୍ଜା ସୃଷ୍ଟିକରି ରାଜପଦରେ ଅଭିଷିକ୍ତ ହୋଇଥିଲେ । କିନ୍ତୁ ସେ ତିନି ବର୍ଷ ମାତ୍ର ରାଜପଣ କରି ଖ୍ରୀ. ଅ. ୧୭୦୪ରେ ଉକ୍ତ ବଂଶର ଜନୈକ ଦାୟାଦ ଘନ ଭଞ୍ଜଙ୍କ ଦ୍ୱାରା ଚିରଦିନଲାଗି ଘୁମୁସରରୁ ନିର୍ବାସିତ ହୋଇଥିଲେ । ନୀଳକଣ୍ଠଙ୍କ ପୁତ୍ର ଯୁବକ ଉପେନ୍ଦ୍ରଙ୍କୁ ମଧ୍ୟ ନିର୍ବାସନ ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ସେ ସେହିସମୟରେ ନୟାଗଡ଼ର 'ମାଳୀସାହି'ରେ ରହି 'ରାମତାରକ ମନ୍ତ୍ର' ଜପ ଦ୍ୱାରା ସିଦ୍ଧି ଲାଭ କରି ଅଦ୍ଭୁତ ପ୍ରତିଭାସମ୍ପନ୍ନ ହୋଇଥିଲେ । ତାହାର ଫଳରେ ତାଙ୍କର ଅମର ଲେଖନୀରୁ 'ବ' ଆଦ୍ୟାନୁପ୍ରାସରେ ଲିଖିତ ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ଅବନା ରସତରଙ୍ଗ, ଷୋଳ ପୋଈ, ରାମଲୀଳାମୃତ ଆଦି ବହୁ କାବ୍ୟ ନିଃସୃତ ହୋଇଥିଲା ।

"ବୀରବର ପଦ ଉପଇନ୍ଦ୍ର ମୋର ନାମ ।
ବାରେ ବାରେ ସେବାରେ ମନାଇ ସୀତାରାମ ॥

ବଚନ କବିତ୍ୱମାର୍ଗେ ପ୍ରସରିଲା ବୁଦ୍ଧି ।
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ଯେ ॥"

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଗ୍ରନ୍ଥମଧ୍ୟରୁ ବୈଦେହୀଶ ବିଳାସ, ରାମଲୀଳାମୃତ, ଅବନା ରସତରଙ୍ଗ ଓ ଷୋଳ ପୋଈ ଏହି ଚାରିଖଣ୍ଡି ରାମକାବ୍ୟରୂପେ ପରିଚିତ । ଉକ୍ତ ଚାରିଖଣ୍ଡି ଗ୍ରନ୍ଥ ମଧ୍ୟରୁ 'ଷୋଳ ପୋଈ' ନାମକ ପୁସ୍ତକରେ ଅତି ସଂକ୍ଷେପରେ ରାମାୟଣ ବର୍ଣ୍ଣିତ ହୋଇଛି । ମୋଟ ୨୫୬ ପଦରେ ସାତକାଣ୍ଡ ରାମାୟଣକୁ ବର୍ଣ୍ଣନା କରିବା ଶାବ୍ଦିକ ଉପେନ୍ଦ୍ର ଭଞ୍ଜଙ୍କ ବ୍ୟତୀତ ଅନ୍ୟ କାହାରି ପକ୍ଷରେ ଏହା ସମ୍ଭବ ହୋଇ ନଥା'ନ୍ତା ! ଉକ୍ତ କାବ୍ୟରେ ମୋଟ ଷୋଳଟି ଛାନ୍ଦ ଓ ପ୍ରତ୍ୟେକ ଛାନ୍ଦରେ ଷୋଳଟି ଲେଖାଏଁ ପଦ ରହିଛି ।

"ଶୁଣ ସୁଜନେ ବଚନ କଉତୁକ ଶାସ୍ତ୍ର ଗ୍ରନ୍ଥ ରାମାୟଣ ରାମାୟଣ ।
କଲେ ରାମ ରାମାୟଣ ନାମ ରାମାୟଣ ଶିବ କହନ୍ତି ପାର୍ବତୀ ଶୁଣ ॥

Digitized by PPRACHIN, SOA

ଶାସ୍ତ୍ର ଆଗେ ବାଲମିକ ସିଦ୍ଧ ବାଲମିକ ପୁରାଣ ପୁରାଣ ପରସିଦ୍ଧି ।
ନାମ ଅଟେ ଷୋଳ ପୋଈ ପଦ ଷୋଳ ପୋଈ
ଷୋଳ ପୋଈରେ ସମସ୍ତ ବଧି ॥
କବି କବି ବାରବର ପଦ ବାରବର ବାରବର ପଦେ ବାରବର ।
ଭଞ୍ଜ ଭଞ୍ଜ ଉପଇନ୍ଦ୍ର ଭଞ୍ଜ ଉପଇନ୍ଦ୍ର ଉପଇନ୍ଦ୍ର ଇନ୍ଦ୍ର ଇନ୍ଦ୍ର ସାର ॥"

କବି ଷୋଳ ପୋଈରେ ଋଷ୍ୟଶୃଙ୍ଗଙ୍କ ଆଗମନଠାରୁ ଆରମ୍ଭ କରି ରାମଚନ୍ଦ୍ରଙ୍କ ସ୍ୱର୍ଗଗମନ ସୁଦ୍ଧା ବର୍ଣ୍ଣନା କରିଛନ୍ତି ।

କବିସମ୍ରାଟ୍‌ଙ୍କର ରାମାୟଣ କଥାବସ୍ତୁର ଅବଲମ୍ବନରେ 'ଅବନା ରସତରଙ୍ଗ' ଏକ ଅନବଦ୍ୟ ଗ୍ରନ୍ଥରୂପେ ପରିଚିତ । ଶାବ୍ଦିକ ଭଞ୍ଜ ଅବନାଶବ୍ଦ ଯୋଜନାର ପରାକାଷ୍ଠା ଯେପରି ଭାବରେ ଉକ୍ତ କାବ୍ୟରେ ଦେଖାଇଛନ୍ତି, ତାହା ଅନ୍ୟ କୌଣସି କବିଙ୍କଠାରେ ପରିଦୃଷ୍ଟ ହୁଏ ନାହିଁ ।

"ଅସମ ଶର ଉଚ୍ଛନ୍ନ କରଇ ତ କଥନ ନୟନ
କର ଜଳଧର ସଦୟ ଉଦୟ ନ କର ବର ଗରଜନ
ଜଳଦ, ଚଳକ କନକ ନଗର,
ନକର ମୁଖ ପରଖର ପବନ ଜଳବରଷଣ ନ କର ॥

× × ×

କଷଣ ଉପର କଷଣ ନ କର ନଚଳ ବଡ଼ ପଣ ରଖ ।
ଅନଳ ଗରଳ ଜନମ କରତ ଭରତ ଅଶନର ସଖ ॥
ଏ ରସ,
ଉପଇନ୍ଦ୍ର ଭଞ୍ଜ କହଇ,
ମହଚ୍ଛନ୍ନ ଦଶରଥ ନୃପବର ତନୟ ରତନ ସରଇ ॥"

କବିସମ୍ରାଟ୍ ଭଞ୍ଜଙ୍କର କାବ୍ୟିକ ଛଟା 'ବୈଦେହୀଶ ବିଳାସ'ରେ ଯେପରି ଭାବରେ ଆତ୍ମପ୍ରକାଶ କରିଛି ତାହା ଅନ୍ୟାନ୍ୟ କାବ୍ୟ ତୁଳନାରେ ଅତିଶୟ ପାଣ୍ଡିତ୍ୟପୂର୍ଣ୍ଣ ବୋଲି ମନେହୁଏ । ପ୍ରତିଭାଶାଳୀ କବି ଦୈବୀଶକ୍ତିରେ ବଳୀୟାନ୍ ହୋଇ, 'ବୈଦେହୀଶ ବିଳାସ' କାବ୍ୟରେ ନିଜର ସମସ୍ତ ଶକ୍ତି ବିନିଯୋଗ କରି ତାଙ୍କ ରଚନା ମଧ୍ୟରେ ତାହାକୁ ଶ୍ରେଷ୍ଠ ସ୍ଥାନ ଦେଇପାରିଛନ୍ତି ।

Digitized by PPRACHIN, SOA

'ବୈଦେହୀଶ ବିଳାସ' କାବ୍ୟରେ 'ଆଶାବରୀ, କଳହଂସକେଦାର, କଲ୍ୟାଣ ଆହାରୀ ଆଦି ଏକଗୃଳିଶିଟି ରାଗରାଗିଣୀର ପ୍ରୟୋଗ କରିଛନ୍ତି । ତଦ୍‌ବ୍ୟତୀତ ଭଞ୍ଜକବି ଉକ୍ତ କାବ୍ୟରେ ଆଦ୍ୟଯମକ, ଭ୍ରାନ୍ତଯମକ, ମାଳଯମକ, ସର୍ବଯମକ, ମହାଯମକ, ବକ୍ରୋକ୍ତି, ଉତ୍ପ୍ରେକ୍ଷା, ଉପମା, ପ୍ରଶ୍ନପ, ବିରୋଧାଭାସ, ଅନ୍ତର୍ଲିପିକା, ବହିର୍ଲିପିକା ଆଦି ଶବ୍ଦାଳଙ୍କାରର ବ୍ୟବହାର କରି ଓଡ଼ିଆ ପାଠକ ଓ ସମାଲୋଚକମାନଙ୍କୁ ବିସ୍ମୟାଭିଭୂତ କରାଇଛନ୍ତି ।

'ରାମଲୀଳାମୃତ' ଗ୍ରନ୍ଥଟି ଭଞ୍ଜ କବିଙ୍କର ପ୍ରଥମ ରଚନା ବୋଲି କେତେକ ଆଲୋଚକ ମତ ପ୍ରକାଶ କରନ୍ତି । କବି କାବ୍ୟର ଶେଷରେ 'ରାମଲୀଳାମୃତ' ସମ୍ବନ୍ଧରେ କହିଛନ୍ତି—

"ମୋହି ଭୁବନ ଚଉଦ ଛନ୍ଦ ଗୀତ ରଞ୍ଜନ ପଦକୁ ପଢ଼ି,
ସୁବୁଦ୍ଧି କାବ୍ୟ ପ୍ରଶଂସା ଏଥି ନଶ୍ଚେ ସମ୍ଭବ ଯେ ॥
ଯେଣିକି ସହୃଦୟ ଭାବରେ କହିବେ ସାଧୁ କବି ମୁଖରେ,
ଏ ପ୍ରତିପଦ ଅର୍ଥ ବୁଧଙ୍କୁ ବୋଧ କରିବ ଯେ ॥
ହରିଭାବେ ଏ ଗୀତ ଚିତ୍ତ ରଞ୍ଜିବ ଯେ ॥

× × ×

ରାମଲୀଳାମୃତ ଏ ଗୀତାଭିଧାନ ଯେ ।
ଧନଞ୍ଜୟ ନୃପତି ସୁତ ନନ୍ଦନ ଯେ ।
ସୁକବି ଭଞ୍ଜ ବୀରବରର ରଚନା ହେଉ ଲୋକେ ପ୍ରଚୁର,
ଶ୍ରୁତି ଲପନେ କୋବିଦମାନେ କରନ୍ତୁ ପାନ ଯେ ॥"*

ପ୍ରସ୍ତୁତ ଭୂମିକାରେ କବି ସମ୍ରାଟ୍‌ଙ୍କର ଅନ୍ୟାନ୍ୟ କାବ୍ୟ ସମ୍ବନ୍ଧରେ ଆଲୋଚନା କରିବା ଅସମୀଚୀନ ହେବ । ତେଣୁ ତାଙ୍କର ଅନ୍ୟାନ୍ୟ କାବ୍ୟ ସମ୍ବନ୍ଧରେ ପରବର୍ତ୍ତୀ କାଳ୍ପନିକ କାବ୍ୟ ଓ କୃଷ୍ଣକାବ୍ୟ ଶୀର୍ଷକ ପ୍ରକରଣରେ ଆଲୋଚିତ ହେବ ।

ବିଶ୍ୱନାଥ ଖୁଣ୍ଟିଆ :—

ଶ୍ରୀକ୍ଷେତ୍ର ପୁରୀର କବି ବିଶ୍ୱନାଥ ଖୁଣ୍ଟିଆ 'ବିଚିତ୍ର ରାମାୟଣ' ନାମରେ ଖଣ୍ଡିଏ ସୁଗେୟ ରାମକାବ୍ୟ ରଚନା କରିଛନ୍ତି । କବି ଖୁଣ୍ଟିଆ କାବ୍ୟର ଶେଷରେ ସ୍ୱସମୟ ସୂଚକ ଦୁଇ ପଦ ଲେଖିଛନ୍ତି—

* 'ରାମଲୀଳାମୃତ', ଚତୁର୍ଦ୍ଦଶ ଛାନ୍ଦ

"ଦିବ୍ୟସିଂହ ଦେବ ନୃପ ଗଜପତି ରାଜନେ ।
ମାଳାଦ୍ରି ପତି ଦର୍ଶନେ ଦୁଷ୍ଟପାକଶାସନେ ॥
ସେ ନୃପ ପଚିଶ ଅଙ୍କେ ଜଗନ୍ନାଥ ପ୍ରସନ୍ନେ ।
ସାତକାଣ୍ଡ ରାମାୟଣ ବିଶ୍ୱନାଥ ରଚନେ ॥"

ଏହି ଉଦ୍ଧୃତିରୁ ବେଶ୍ ପ୍ରମାଣିତ ହୁଏ ଯେ, କବି ଖୋର୍ଦ୍ଧା **ଗଜପତି** ରାଜା ଦିବ୍ୟସିଂହ ଦେବଙ୍କ ୨୫ ଅଙ୍କ ଅର୍ଥାତ୍ ଖ୍ରୀ. ଅ. ୧୭୦୯-୧୦ ଖ୍ରୀଷ୍ଟାବ୍ଦରେ 'ବିଚିତ୍ର ରାମାୟଣ' ଗ୍ରନ୍ଥଟିକୁ ସମାପ୍ତ କରିଥିଲେ ।

କବି ଖୁଣ୍ଟିଆଙ୍କ ରାମକାବ୍ୟଟି ଓଡ଼ିଆ ସାହିତ୍ୟର ପ୍ରଥମ 'ଲୀଳା' ପୁସ୍ତକରୂପେ ପରିଚିତ । କାବ୍ୟଟିର ସୁଗେୟତା ତାକୁ ଜନସମାଜରେ **ବିଶେଷ** ଭାବରେ ଆଦୃତ କରାଇଛି । 'ବିଚିତ୍ର ରାମାୟଣ'ର ଅଧିକାଂଶ ଗୀତ ; **ବିଶେଷତଃ**—

"କହ ହନୁ ମୋର କାନ୍ତର କୁଶଳ
ଲକ୍ଷ୍ମଣର ସବୁ କୁଶଳ ।
ମରକତ ହେମ ବେନି କଳେବର
ହୋଇ ନାହାନ୍ତି ନା ଦୁର୍ବଳ ।
ହନୁ ହେ, ବେନି ଭାଇଙ୍କର କୁଶଳ ।
କୁଶଳ କରି ଲକ୍ଷ୍ମଣ ସେବା କରିଥାନ୍ତିଟିକି ପଦକମଳ ॥"

ତଥା "ଶିଂଶପା ବୃକ୍ଷର ଡାଳେ, ହନୁ ମନେ ମନେ ଭାଳେ" ଆଦି କେତେକ ଛାନ୍ଦ ଓଡ଼ିଶାର ଜନସାଧାରଣ ମଧ୍ୟରେ ବିଶେଷ ଆଦୃତ ହୋଇଥିବାର ଶୁଣାଯାଏ ।

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' କାବ୍ୟ ସମସ୍ତ ପ୍ରକାର ମହାକାବ୍ୟ ଲକ୍ଷଣରେ ଭୂଷିତ ହୋଇ ବିଦଗ୍ଧଜନମାନଙ୍କଠାରେ ସମାଦୃତ ହୋଇଥିଲେ ହେଁ, ବିଶ୍ୱନାଥଙ୍କ 'ବିଚିତ୍ର ରାମାୟଣ' ସାବଲୀଳ ପଦଯୋଜନା, ଶ୍ରୁତିରଞ୍ଜକ ଛନ୍ଦଯୋଜନା ତଥା ଚମତ୍କାର ବିଷୟ ବର୍ଣ୍ଣନାରେ ଜନସାଧାରଣଙ୍କର କଣ୍ଠହାରସ୍ୱରୂପ ଶୋଭାବର୍ଦ୍ଧନ କରୁଛି ।

ଦୀନବନ୍ଧୁ ଦାସ :—

ଖୁବ୍ ସମ୍ଭବତଃ କବିଙ୍କ ନାମ ବନ୍ଧୁ ଦାସ ଓ 'ଦୀନ' ଶବ୍ଦ ନମ୍ରତା ସୂଚକ । କବି ବନ୍ଧୁ ଦାସଙ୍କ ନାମରେ ଭଣିତ 'ରାମାଶ୍ୱମେଧ ଯାଗ' ବା

Digitized by PPRACHIN, SOA

'ଅଶ୍ୱମେଧ ଯଜ୍ଞ' ଶୀର୍ଷକ ଏକ ଗ୍ରନ୍ଥ ଥିବାର ଦେଖାଯାଏ । ଉକ୍ତ ଗ୍ରନ୍ଥଟି ଦୁଇ ଭାଗରେ ବିଭକ୍ତ ହୋଇଛି । ପ୍ରଥମ ଭାଗରେ ୫୫୩ (ପାଞ୍ଚ ଶହ ତେପନ) ପଦ ଓ ଦ୍ୱିତୀୟ ଭାଗରେ ୨୯୭ ପଦ ସନ୍ନିବେଶ୍ଣ ହୋଇଛି । ପ୍ରଥମ ଭାଗରେ ଏକାଦଶ ଅକ୍ଷରରେ ପ୍ରତ୍ୟେକ ପାଦ ଓ ଦୁଇ ପାଦରେ ଗୋଟିଏ ପଦ ଯୋଜନା କରାଯାଇଥିବା ସ୍ଥଳେ ଦ୍ୱିତୀୟ ଭାଗରେ 'ଭାଗବତବାଣୀ'କୁ ଛନ୍ଦରୂପେ ଗ୍ରହଣ କରାଯାଇଛି ।

ହିନେ ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ ଓ ହର ସଞ୍ଜୀବନୀପୁରରେ ପ୍ରବେଶ ହୋଇ ଶ୍ରୀରାମଚନ୍ଦ୍ରଙ୍କ ବିଷୟରେ ଚିନ୍ତାକଲେ । ଅନେକ ଦିନ ଧରି ବୈକୁଣ୍ଠ ସିଂହାସନଶୂନ୍ୟ ହୋଇଥିବାରୁ ଶୀଘ୍ର ଶ୍ରୀରାମଙ୍କ ବୈକୁଣ୍ଠ ଆଗମନ ସମ୍ବନ୍ଧରେ ଆଲୋଚନା କଲେ । ଶେଷରେ ସୀତାଙ୍କ ପ୍ରତି ଶ୍ରୀରାମଙ୍କ ମନରେ ବିରାଗ ଜାତ କରାଇ, ଶୀଘ୍ର ତାଙ୍କୁ ମର୍ତ୍ତ୍ୟଲୋକରୁ ଆଣିବା ପ୍ରସ୍ତାବରେ ସମସ୍ତେ ଏକମତ ହେଲେ ।

ଶେଷରେ ସରସ୍ୱତୀଙ୍କ ପ୍ରଚେଷ୍ଟାରେ ସୀତାଙ୍କ ପ୍ରତି ଶ୍ରୀରାମଙ୍କ ମନରେ ବିରାଗଭାବ ଜାତ ହେଲା । ତତ୍ପରେ ସୀତାଙ୍କର ମୁନି କୁମାରୀଙ୍କ ଦର୍ଶନେଚ୍ଛା, ରଜକର ଅପବାଦ ଆଦି ଛଳରେ ଶ୍ରୀରାମ ସତୀସାଧ୍ୱୀ ପତ୍ନୀଙ୍କୁ ବନବାସିନୀ କରାଇଲେ । ବାଲ୍ମୀକି ଆଶ୍ରମରେ ସୀତାଙ୍କ ଅବସ୍ଥାନ, ଲବକୁଶଙ୍କ ଜନ୍ମ, ଅଶ୍ୱମେଧ ଯଜ୍ଞର ଆୟୋଜନ, ପିତାପୁତ୍ରଙ୍କ ମଧ୍ୟରେ ଯଜ୍ଞ ଲାଗି ଯୁଦ୍ଧ, ଶ୍ରୀରାମ ପ୍ରଭୃତି ଭାଇମାନଙ୍କ ମୃତ୍ୟୁ, ବାଲ୍ମୀକିଙ୍କ ମନ୍ତ୍ରପ୍ରଭାବରେ ପୁନର୍ଜୀବନ ଲାଭ ପିତାପୁତ୍ରଙ୍କର ମିଳନ, ସୀତାଙ୍କ ଅଗ୍ନି ପରୀକ୍ଷା ଓ ପାତାଳ ଗମନ ତଥା ପରିଶେଷରେ ଶ୍ରୀରାମଙ୍କ ସ୍ୱର୍ଗାରୋହଣରେ ଗ୍ରନ୍ଥଟି ଶେଷ ହୋଇଛି ।

କବି ନିଧି ଦାସ କାବ୍ୟଟିକୁ ସର୍ବାଙ୍ଗସୁନ୍ଦର କରିବାରେ ବିଶେଷ ପ୍ରଯତ୍ନ କରିଛନ୍ତି । ବିଶେଷତଃ ପଦକୁଡ଼ିଆରେ ଲବକୁଶଙ୍କ ଜନ୍ମ ସମୟରେ ସୀତାଙ୍କ ବେଦନ ବଡ଼ ସ୍ୱାଭାବିକ ତଥା ହୃଦୟସ୍ପର୍ଶୀ ହୋଇଛି ।

"ଅଯୋଧ୍ୟାରେ ଆଜ ହୁଅନ୍ତେ ଜନ୍ମ । ଉଚ୍ଛବ କେତେ କରନ୍ତେ ଶ୍ରୀରାମ ॥
ହାଟ ଧୋବା ଜୁଠ କରନ୍ତେ ଜୂର । ଧନ ବସନ ବନ୍ଧୁତ ଭଣ୍ଡାର ॥
ପିତା ଖୁଡ଼ୁତା ମାତାଗଣମାନେ । ବଧାଇ ଦିଅନ୍ତେ ସେ ଜଣେ ଜଣେ ॥
ସେବଣ ଭୁବନେ ନେଇ ଶୁଆନ୍ତେ । ଗନ୍ଧଚନ୍ଦନ ପିଚକା ମାରନ୍ତେ ॥
ଜାଳନ୍ତେ ମାଣିକର ଦୀପାବଳୀ । ପାଡ଼ନ୍ତେ ପଲଙ୍କେ ନେତ ମୁଚୁଳୀ ॥

Digitized by PPRACHIN, SOA

ଇନ୍ଦ୍ର ଗୋବିନ୍ଦ ଗୃନ୍ଦୁଆ ଟାଣନ୍ତେ । ଅନୁଢ଼ ଚନ୍ଦନ କାଠେ ଲଗାନ୍ତେ ॥
ସେବା କରୁଥାନ୍ତେ ସହସ୍ରେ ଦାସୀ । ବିବିଧ ରଙ୍ଗେ ମୋର ମନତୋଷୀ ॥
ସେପୁଟେଢ଼ ସୁଲଭ କେଉଁଆଡ଼େ ଗଲା । ବିଧାତା ମୋତେ ଏଡ଼େ କଷ୍ଟ ଦେଲା ॥”

କବି ଘନନିଧିଙ୍କ କାବ୍ୟରେ “ପିଅର (ପିତା), ବୁଢ଼ ପରାଇଲେ (ସ୍ନାନ କରାଇଲେ), ପାଢ଼ିଲେ (ବିଛାଇଲେ), ସବୁନ୍ତ (ସମସ୍ତଙ୍କୁ), ତରିଜା (ତର୍ଜନା), ଲୁକ୍ରୁ (ନତହେଉ), ସେହୁ ଝାନ୍ତି (ସେହିକ୍ଷଣି) ଆଦି ପ୍ରାଚୀନ ଶବ୍ଦ, ସୀତା > ସୀତଯ୍ଯା, ସୀତ୍ଯା; ପ୍ରଣମିତ > ପ୍ରଲମ୍ବିତ; ବାଲ୍ମୀକି > ବାଲମ୍ବିକ; ଭରତ > ଭ୍ରଥ; ମହାସତ୍ତ୍ୱ > ମହାସ୍ୱତ୍ତ; କ୍ଷତ୍ରୀ > ଛତ୍ରୀ; ଭଲ୍ଲୁକ > ଭାଲୁକ; ସୁନ୍ଦରୀ > ସୁନ୍ଦେରୀ; ଶ୍ରବଣେ > ସବଣେ ଆଦି ପ୍ରାଚୀନ ଉଚ୍ଚାରଣ ତଥା ସନ୍ ୧୧୯୨ ସାଲ ବା ଖ୍ରୀ. ଅ. ୧୬୮୫—୮୬ରେ ପୋଥିର ଅନ୍ୟତମ ନକଲ ଆଦିରୁ କବିଙ୍କ କାବ୍ୟ ରଚନାର ସମୟ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ତୃତୀୟ ଦଶକ ମଧ୍ୟରେ ହୋଇଥିବାର ଅନୁମାନ କରାଯାଏ ।

ଏହି ସମସାମୟିକ ଯୁଗରେ ଈଶ୍ୱର ଦାସଙ୍କ ନଳରାମ ଚରିତ, ଅରକ୍ଷିତ ଗୋବର୍ଦ୍ଧନଙ୍କ ପଚଶ ପୋଈ, ବାଲୁଙ୍କେଶ୍ୱର ମର୍ଦ୍ଦରାଜଙ୍କ ରାମବିବାହ ଆଦି କାବ୍ୟ ତଥା ନରେନ୍ଦ୍ର ମଙ୍ଗରାଜ, ଭୁବନେଶ୍ୱର ଓ ମଧୁସୂଦନ ଆଦି କବିଙ୍କ ରାମାୟଣର ଅବଲମ୍ବନରେ ଲିଖିତ କବିତାବଳୀ ଲୋକସମାଜରେ ଊଣାଅଧିକେ ପ୍ରଭାବ ବିସ୍ତାର କରିଥିଲା ।

ଏହି କବିମାନଙ୍କ ବ୍ୟତୀତ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ ଗୋପୀନାଥ ପାତ୍ର କବିଭୂଷଣ, ବାଳକ ରାମଦାସ (ରାମଭକ୍ତି ରତ୍ନାବଳୀ), ବିପ୍ର ଜନାର୍ଦ୍ଦନ (ରାଘବ ଚରିତାମୃତ), ବିପ୍ର ଲକ୍ଷ୍ମୀଧର ଦାସ (ଅଙ୍ଗଦ ଶିଟାଉ), ଦ୍ୱିଜ ଈଶ୍ୱର ଦାସ (ରାମ ଲୀଳାମୃତ), ରଘୁନାଥ ଦାସ (ରାମଲୀଳା), ବନମାଳୀ ଦାସ, ସାଧୁଚରଣ ଦାସ (ରାମଗୀତା), କୃଷ୍ଣଚନ୍ଦ୍ର ରାଜେନ୍ଦ୍ର (ରାମଲୀଳା), ବିପ୍ର ରାମ ଦାସ (ରାମ ରସାମୃତ), ମାଗୁଣି ପଟ୍ଟନାୟକ, ବୈଶ୍ୟ ସଦାଶିବ (ରାମଲୀଳା), ହନୁମାନ ମିଶ୍ର (ସଂସ୍କୃତ ମହାନାଟକର ଓଡ଼ିଆ ଅନୁବାଦ) ଆଦି କବିମାନେ ଓଡ଼ିଆ ସାହିତ୍ୟରେ ରାମକାବ୍ୟ ଧାରାର ସ୍ରୋତ ବୁହାଇ ଚିନ୍ତାଶୀଳ ସମାଲୋଚକ, ସୁରସିକ ପାଠକମାନଙ୍କ ପ୍ରାଣରେ ଅପୂର୍ବ ହିଲ୍ଲୋଳ ଖେଳାଇ ପାରିଥିଲେ । ଉପରୋକ୍ତ କବିମାନଙ୍କ ମଧ୍ୟରେ ଗୋପୀନାଥ ପାତ୍ର, ବନମାଳୀ ଦାସ

Digitized by PPRACHIN, SOA

ଓ ମାଗୁଣି ପଟ୍ଟନାୟକଙ୍କ ରାମକାବ୍ୟ ଉପରେ ସଂକ୍ଷିପ୍ତ ଆଲୋଚନା ଏଠାରେ ପ୍ରଦତ୍ତ ହେଲା ।

ଗୋପୀନାଥ ପାତ୍ର :—

କବିଭୂଷଣ ଗୋପୀନାଥ ପାତ୍ର ପାରଳାଖେମୁଣ୍ଡିର ସ୍ୱନାମଧନ୍ୟ ରାଜା ଗଜପତି ଜଗନ୍ନାଥ ନାରାୟଣ ଦେବଙ୍କ ପୃଷ୍ଠପୋଷକତାରେ ରହି 'ପ୍ରବନ୍ଧ କବିତା ପ୍ରକାଶକ' ଓ 'ଭିଷଗ୍‌ବର' ରୂପେ ସମ୍ମାନିତ ହୋଇଥିଲେ । ତାଙ୍କ ପିତାଙ୍କ ନାମ ବାସୁଦେବ ପାତ୍ର ଏବଂ ସେ ମଧ୍ୟ ଜଣେ ଅସାଧାରଣ ପଣ୍ଡିତ ଥିଲେ । ତାଙ୍କ ସମ୍ବନ୍ଧରେ ଲେଖିବାକୁ ଯାଇ ଗୋପୀନାଥ ପାତ୍ର କହିଛନ୍ତି—

"ଆୟୁର୍ବେଦ ସୁଧା ସମୁଦ୍ର ବିଳସତ୍ ମଜ୍ଜଣ୍ଠଧାସେ ମହାନ୍ ।
ଧର୍ମଜ୍ଞାନ ବିବେକ-ଭୂଷଣ ପରେ ବିଦ୍ୟାରସଜ୍ଞଃ ସଦା ॥
ଶ୍ରୀମଦ୍ରାଜ ସଭା ନିଯୁକ୍ତବଚନ ବ୍ୟାପାରପାରଙ୍ଗମୋ ।
ବାଦାଢ଼୍ୟଃ କବିଭୂଷଣୋଜନିତବାନ୍ ଶ୍ରୀବାସୁଦେବଃ କବିଃ ॥"

ଗୋପୀନାଥ ପାତ୍ର ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ଅଶେଷ ଦକ୍ଷତା ଲାଭକରି କବି ଚିନ୍ତାମଣି ନାମକ ଏକ ଅଳଙ୍କାର ଗ୍ରନ୍ଥ ଲେଖିଛନ୍ତି । ତାଙ୍କର ଅମର ଲେଖନୀରୁ 'ରାମଚନ୍ଦ୍ର ବିହାର' ନାମକ ଏକ ରାମକାବ୍ୟ ନିସୃତ ହୋଇଛି ।

